ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୭/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, February 27/2026 | Page 14 | ₹ 7.00
୫୨ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 95 | ମୂଲ୍ୟ ₹୭/-



## ମୟଙ୍କ ଅଗ୍ରୱାଲଙ୍କ ଶତକ

ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ଫାଇନାଲ ମ୍ୟାଚରେ ଶତକ ହାସଲ କରି ଅପରାଜିତ ଅଛନ୍ତି କର୍ଣ୍ଣାଟକ ବ୍ୟାଟର ମୟଙ୍କ ଅଗ୍ରୱାଲ। ୧୪

୦୨

## ଅନିଲ ଅମ୍ବାନୀଙ୍କ ବିରୋଧରେ ସାନି ସିବିଆଇ ମାମଲା

୨,୨୨୦ କୋଟି ଟଙ୍କା ବ୍ୟାଙ୍କ ଦୁର୍ନୀତି ଅଭିଯୋଗରେ ସିବିଆଇ ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସ ବିରୋଧରେ ସାନି ମାମଲା ରୁଜୁ କରିଛି।





ଚେନ୍ନାଇସ୍ଥିତ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଗୁରୁବାର ଜିମ୍ବାୱେ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚରେ ରନ୍ ସଂଗ୍ରହ ଅବସରରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଳକ ବର୍ମା। **(ରିପୋର୍ଟ ଖେଳ ପୃଷ୍ଠାରେ)**

# 'ନ୍ୟାୟପାଳିକାରେ ଦୁର୍ନୀତି' ହଟାଇଲେ ସୁପ୍ରିମକୋର୍ଟ

**ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ବିଷୟ ଛାପି ହଟହଟା ହୋଇଥିବା ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)କୁ ଗୁରୁବାର ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏନ୍‌ସିଇଆର୍‌ଟିକୁ ଏହି ପ୍ରସଙ୍ଗରେ ଭର୍ତ୍ସନା କରି କହିଛନ୍ତି, ନ୍ୟାୟପାଳିକାର ମର୍ଯ୍ୟାଦା ହାନି ଓ ସାମ୍ବିଧାନିକ ସଂସ୍ଥାର ବଦ୍‌ନାମ ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି। ସେମାନେ ଗୁଳିମାଡ଼ କରିଛନ୍ତି, ଏଥିରେ ନ୍ୟାୟପାଳିକା ଲହୁଲୁହାଣ ହୋଇଯାଇଛି। ଏଥିସହ ବିବାଦୀୟ ଅଧ୍ୟାୟ ସନ୍ନିବେଶିତ ସମ୍ପୂର୍ଣ୍ଣ ପୁସ୍ତକର ପ୍ରକାଶନ, ପୁନଃ ମୁଦ୍ରଣ କିମ୍ବା ଡିଜିଟାଲ ପ୍ରସାରଣକୁ ଖଣ୍ଡପୀଠ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିଛନ୍ତି। ବିରୋଧୀ କଂଗ୍ରେସ ଏନ୍‌ସିଇଆର୍‌ଟି ପୁସ୍ତକରେ ବିବାଦୀୟ ବିଷୟବସ୍ତୁକୁ ସ୍ଥାନିତ କରାଯିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପ୍ରରୋଚିତ ବଦମାସି କହି ସମାଲୋଚନା କରିଥିବାବେଳେ ଇସ୍ରାଏଲ୍ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏସବୁ କଥା କିଏ ବୁଝୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନ୍ୟାୟପାଳିକାକୁ ଅସମ୍ମାନ କରାଯିବା ନେଇ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫେଇ ଦେଇଛନ୍ତି।**

### ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ସମ୍ପୂର୍ଣ୍ଣ ନିଷିଦ୍ଧ

- କାହା ହାତକୁ ବିବାଦୀୟ ବହି ନ ଯାଉ: ସିଜେଆଇ
- ଆର୍‌ଏସ୍‌ଏସ୍ ପ୍ରେରିତ ବଦମାସି: କଂଗ୍ରେସ
- କିଏ ଦେଖୁଛନ୍ତି ଏସବୁ: ପ୍ରଧାନମନ୍ତ୍ରୀ
- ସୁପ୍ରିମକୋର୍ଟରେ ନିଃସର୍ତ୍ତ କ୍ଷମା ମାଗିଲା ସ୍କୁଲ ଶିକ୍ଷା ବିଭାଗ
- ଉତ୍ତରଦାୟିତ୍ୱ ସ୍ଥିର କରି କାର୍ଯ୍ୟାନୁଷ୍ଠାନ ନେବୁ: ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ,୨୬।୨ (ପି.ଟି./ଲାଇଭ୍ ଲ)

ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ସୋମବାର ପ୍ରକାଶ ପାଇବା ମାତ୍ରେ ସେଥିରେ ଥିବା ଏକ ବିଷୟକୁ ନେଇ ବଡ଼ ବିବାଦ ମୁଣ୍ଡ ଟେକିଥିଲା। ନ୍ୟାୟପାଳିକାରେ ଦୁର୍ନୀତିର ଅବତାରଣା କରି ଅଧ୍ୟାୟର ନାମ ରଖାଯାଇଥିଲା 'କରପ୍ସନ ଆଟ୍ ଭେରିଅସ୍ ଲେଭେଲ୍ସ ଅଫ୍ ଦି ଜୁଡିସିଆରି'। ଏଥିରେ ବିଭିନ୍ନ କାରଣରୁ ସୁପ୍ରିମକୋର୍ଟ ଓ ରାଜ୍ୟ ହାଇକୋର୍ଟଗୁଡ଼ିକରେ ଗଦୁଥିବା ମାମଲା ସଂଖ୍ୟା ବୃଦ୍ଧି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା। ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ଭଳି ଆହ୍ୱାନ ଦେଇ ନ୍ୟାୟପାଳିକା ଗତି କରୁଥିବାରୁ ଭାରତର ସୁପ୍ରିମକୋର୍ଟ ଓ ରାଜ୍ୟଗୁଡ଼ିକର ହାଇକୋର୍ଟରେ ଏଭଳି ଅଚଳାବସ୍ଥା ଉପୁଜିଥିବା ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଥିଲା, ଯାହାକୁ ବିରୋଧୀ ଓ ବୁଦ୍ଧିଜୀବୀ ହଜମ କରିପାରି ନ ଥିଲେ। ତେବେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅଭିଷେକ ମନୁ ସିଂଘଭି ଏଥିଯୋଗୁ ନ୍ୟାୟପାଳିକାର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଥିବା ଦର୍ଶାଇ ଏହା ଉପରେ ଜରୁରୀ ଶୁଣାଣି କରାଯାଉ ବୋଲି ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସଂଜ୍ଞାନକୁ ନେଇ ବୁଧବାର ନିଜ ଆଡୁ ଶୁଣାଣି କରିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ଥିବା କହି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଷ୍ଟିସ୍ ଜୟମାଳା ବାଗ୍‌ଚୀ ଏବଂ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ☞ ପୃଷ୍ଠା-୪

# ଧାନ ବିକ୍ରି ଯନ୍ତ୍ରଣା: ଆଖିବୁଜିଲେ ଚାଷୀ

### ଜାନୁଆରୀ ୧୬ରେ ଆସିଥିଲା ଟୋକନ, ଫେବୃଆରୀ ୨୫ରେ ଦେଲେ ଧାନ



ମୃତ ତ୍ରିଲୋଚନ ନାୟକ

କେନ୍ଦ୍ରାପଡ଼ା/ରାଜନଗର,୨୬।୨ (ଜଗନ୍ନାଥ ଧଳ/ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଜୁଣଗଡ଼ି ଗାଁରେ ମଣ୍ଡି ଓ ମିଲରଙ୍କ ନିର୍ଯାତନା ସହି ନ ପାରି ଜଣେ ଚାଷୀ ଆଖିବୁଜିଛନ୍ତି। ସେ ହେଲେ ତ୍ରିଲୋଚନ ନାୟକ(୫୩)। ୪୦ ଦିନ କାଳ ମଣ୍ଡିକୁ ଦୌଡି ଦୌଡି ଅଣନିଃଶ୍ୱାସୀ ହୋଇ ପଡିଥିବା ତ୍ରିଲୋଚନ ଶେଷରେ ଆଖି ବୁଜିଥିବା ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି। ୩ ଦିନ କାଳ ମିଲ୍ ଆଗରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡ଼ିରହି ସେ ଅସୁସ୍ଥ ହୋଇପଡ଼ିଥିଲେ। ତ୍ରିଲୋଚନଙ୍କର ଜାନୁଆରୀ ୧୬ରେ ଧାନ ଦେବାକୁ ମେସେଜ ଆସିଥିଲା। ଫେବୃଆରୀ ୧୫ ଧାନ ଦେବାର ଶେଷ ତାରିଖ ଥିଲା। ସେ ଜାନୁଆରୀ ୧୬ ତାରିଖଠାରୁ ଈଶ୍ୱରପୁରସ୍ଥିତ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ବାରମ୍ବାର ଦୌଡି ଥକି ପଡିଥିଲେ ବି ଧାନ ଦେଇପାରି ନ ଥିଲେ। ଟୋକନ୍ ଅବଧି ସରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୪ ଫେବୃଆରୀରେ ସେ ଧାନ ଦେଇ ନ ଥିଲେ ମଧ୍ୟ ତାଙ୍କର ଆଖି ସ୍କାନ କରାଯାଇଥିଲା। ଫେବୃଆରୀ ୨୩ରେ ସେ ଓ ତାଙ୍କ ଭାଇ ଦୁର୍ଯ୍ୟୋଧନ ଧାନ ନେଇ ନୁରୁଗାଁସ୍ଥିତ ରାମଚଣ୍ଡୀ ମିଲ୍‌କୁ ଯାଇଥିଲେ। ସେଠାରେ ୨୩ରୁ ୨୫ ତାରିଖ ସନ୍ଧ୍ୟା ଯାଏ ପ୍ରାୟତଃ ଅଖିଆ ଅପିଆ ତ୍ରିଲୋଚନ ଓ ଦୁର୍ଯ୍ୟୋଧନ ପଡ଼ି ରହିଥିଲେ। ଖୋଲା ଆକାଶ ତଳେ ୩ ଦିନ ରହିବା ଯୋଗୁ ତ୍ରିଲୋଚନ ଅସୁସ୍ଥ ଅନୁଭବ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସୁରକ୍ଷାର କବଚ ବିକାଶ

# ନାମାଙ୍କନ ଭରିଲେ ହାଇଦ୍ରାବାଦର ସାୟାନା

### ରାଜ୍ୟ ସଭା ନିର୍ବାଚନ: ଜାରି ହେଲା ବିଜ୍ଞପ୍ତି

- ବିଜେଡି ତରଫରୁ ୬ ସେଟ୍ ଫର୍ମ ନେଲେ ଏମ୍‌ପି ସସ୍ମିତ ପାତ୍ର
- ଭାଜପା କହିଲା ୨ ଦିନ ଭିତରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା
- ପିଏସି ବୈଠକରେ ନବୀନଙ୍କୁ ପ୍ରାର୍ଥୀ ଚୟନ ଦାୟିତ୍ୱ ଦେଲେ ନେତା
- ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ୨୮ରେ କଂଗ୍ରେସର ଚୂଡ଼ାନ୍ତ ନିଷ୍ପତ୍ତି

ଭୁବନେଶ୍ୱର,୨୬।୨ (ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ଆସନ୍ତା ମାର୍ଚ୍ଚ ୧୬ରେ ନିର୍ବାଚନ ହେବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବାର ପ୍ରଥମ ଦିନ ହିଁ ଜଣେ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ତେଲଙ୍ଗାନା ହାଇଦ୍ରାବାଦର କାନ୍ତେ ସାୟାନା ମନୋନୟନ ପତ୍ର ନେଇ ନାମାଙ୍କନ କରିଛନ୍ତି। ସେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ତାଙ୍କର କେହି ପ୍ରସ୍ତାବକ ନ ଥିବା ଜଣାପଡ଼ିଛି। ନିୟମାନୁଯାୟୀ ଯିଏ ପ୍ରାର୍ଥୀ ହେବେ, ତାଙ୍କର ୧୦ ଜଣ ପ୍ରସ୍ତାବକ ରହିବା ଜରୁରୀ। ବିଧାୟକମାନେ ହିଁ କେବଳ ପ୍ରସ୍ତାବକ ହୋଇପାରିବେ। ତେଣୁ ସେହି ଦୃଷ୍ଟିରୁ ଦେଖିଲେ କାନ୍ତେ ସାୟାନାଙ୍କ ମନୋନୟନ ପତ୍ର ଯାଞ୍ଚ ସମୟରେ କଟିଯିବ ବୋଲି ନିର୍ବାଚନ ଦାୟିତ୍ୱରେ ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ହାଇଦ୍ରାବାଦ୍‌ର ଜଣେ କାହିଁକି ଓଡ଼ିଶା ରାଜ୍ୟ ସଭା ପଦ ପାଇଁ ଓଡ଼ିଶାରେ ନାମାଙ୍କନ ଦାଖଲ କଲେ ତାହା ବିଧାନସଭା ସଚିବାଳୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅନ୍ୟପଟେ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ତାଙ୍କ ଦଳ ତରଫରୁ ୬ ସେଟ୍ ମନୋନୟନ ପତ୍ର ନେଇଛନ୍ତି।

ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇଥିବା ମମତା ମହାନ୍ତ, ସୁଜିତ କୁମାର, ମୁଜିବୁଲ୍ଲା ଖାନ ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୨ରେ ଶେଷ ହେଉଛି। ଏହି ନିର୍ବାଚନ ପରିଚାଳନା କରିବା ଲାଗି ବିଧାନସଭା ସଚିବ ସତ୍ୟବ୍ରତ ରାଉତ ରିଟର୍ନିଂ ଅଧିକାରୀ ରହିଛନ୍ତି। ସେହିପରି ବିଧାନସଭାର ଯୁଗ୍ମ ସଚିବ ବିଦ୍ୟାଧର ମାଝୀ ସହାୟକ ରିଟର୍ନିଂ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ୪ ଆସନ ଲାଗି ପ୍ରାର୍ଥୀମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ମନୋନୟନପତ୍ର ନେଇପାରିବେ। ଏହି ସମୟ ଭିତରେ ପ୍ରାର୍ଥୀ ନିଜେ କିମ୍ବା ସେମାନଙ୍କ ପ୍ରସ୍ତାବକଙ୍କ ଜରିଆରେ ବିଧାନସଭାର ସମ୍ମିଳନୀ କକ୍ଷଠାରେ ରିଟର୍ନିଂ ଅଧିକାରୀଙ୍କ ନିକଟରେ ମନୋନୟନ ପତ୍ର ଦାଖଲ କରିପାରିବେ। ଏହି ସମୟ ସୁଦ୍ଧା ଯଦି ସରକାରୀ ଛୁଟି କେଉଁଦିନ ପଡ଼ିବ ସେଦିନ ଉକ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ। ଆସନ୍ତା ୬ ତାରିଖରେ ମନୋନୟନ ପତ୍ର ଯାଞ୍ଚ ହେବ। ସେହିପରି ମାର୍ଚ୍ଚ ୯ରେ ମନୋନୟନପତ୍ର ଯିଏ ପ୍ରତ୍ୟାହାର କରିବାକୁ ଚାହିଁବେ ନିଜେ ପ୍ରାର୍ଥୀ କିମ୍ବା ତାଙ୍କ ସମର୍ଥକ ବା ଏଜେଣ୍ଟ ଅପରାହ୍ନ ୩ଟା ସୁଦ୍ଧା ରିଟର୍ନିଂ ଅଧିକାରୀଙ୍କ ନିକଟରେ ନୋଟିସ ଦେଇପାରିବେ। ☞ ପୃଷ୍ଠା-୪

# ଆଜିଠାରୁ କମନ୍ ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ

ଭୁବନେଶ୍ୱର,୨୬।୨ (ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର (ପିଜି) ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଛାତ୍ରୀଛାତ୍ରଙ୍କୁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ଦେବାକୁ ପଡ଼ିବ। ଏହି ପ୍ରବେଶିକା ପରୀକ୍ଷା ପାଇଁ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ କମନ ଆପ୍ଲିକେଶନ ଫର୍ମ ପୂରଣ କରି ଆବେଦନ କରିପାରିବେ। ଏପ୍ରିଲ ୨୭ରୁ ମେ' ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସିପିଇଟି ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଠିକ୍ ସମୟରେ ସ୍ନାତକୋତ୍ତର ପାଠପଢ଼ା ଶେଷ ହେବା ସହ ପରୀକ୍ଷା ଫଳ ଘୋଷଣା କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।






# ବିବାହ ବନ୍ଧନରେ ବାନ୍ଧିହେଲେ ବିଜୟ-ରଶ୍ମିକା

ଉଦୟପୁର,୨୬।୨

ଅପେକ୍ଷାର ହେଲା ଅନ୍ତ। ଦୀର୍ଘଦିନର ଚର୍ଚ୍ଚା ଓ ପ୍ରତୀକ୍ଷାରେ ପୂର୍ଣ୍ଣଚ୍ଛେଦ ପକାଇ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ସାଉଥ ସୁପରଷ୍ଟାର୍ ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା। ଗୁରୁବାର ଏହି ଷ୍ଟାର୍ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିବା ବେଳେ ସୋସିଆଲ ମିଡିଆରେ ସେମାନଙ୍କର ପ୍ରଥମ ଫଟୋ ସାମ୍ନାକୁ ଆସିଛି।

ବିଜୟ ଏବଂ ରଶ୍ମିକାଙ୍କ ବିବାହ ଥରେ ନୁହେଁ, ବରଂ ଦୁଇଥର ହୋଇଛି। ପ୍ରଥମେ ତେଲୁଗୁ ରୀତିନୀତି ଅନୁଯାୟୀ ବିବାହ ହୋଇଥିଲା। ପରେ ରଶ୍ମିକାଙ୍କ ପରିବାରର କୋଡଭା ସମ୍ପ୍ରଦାୟର ପରମ୍ପରା ଅନୁସାରେ ଦ୍ୱିତୀୟ ଥର ବିବାହ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

ବିଗତ ଦିନରେ ନିଜ ସମ୍ପର୍କକୁ ନେଇ କେବେ ବି ସାର୍ବଜନୀନ ଭାବେ ମୁହଁ ଖୋଲି ନ ଥିବା ଏହି ଯୋଡ଼ି ବିବାହ ପରେ ପରସ୍ପର ପାଇଁ ଲମ୍ବା ପୋଷ୍ଟ ଲେଖିଛନ୍ତି। ରଶ୍ମିକା ଲେଖିଛନ୍ତି, "ମୋ ସ୍ୱାମୀ ମିଷ୍ଟର ବିଜୟ ଦେବରକୋଣ୍ଡାଙ୍କୁ ଭେଟନ୍ତୁ। ସେ ହେଉଛନ୍ତି ☞ ପୃଷ୍ଠା-୪




ପାଟନା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଗୁରୁବାର ହାତରେ ରଙ୍ଗ ଲଗାଇ ପାଟନାଠାରେ ହୋଲି ଉତ୍ସବ ମନାଉଛନ୍ତି।

# ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ଉତ୍ତରଦାୟୀ ରୁହନ୍ତୁ ଡିଜିଟାଲ ପ୍ଲାଟ୍‌ଫର୍ମ: ଅଶ୍ୱିନୀ

**ନୂଆଦିଲ୍ଲୀ,୨୬।୨(ପି.ଟି.)**

ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରକାଶ ପାଉଥିବା ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ସେମାନଙ୍କୁ ଉତ୍ତରଦାୟିତ୍ୱ ନେବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଣ୍ଟେଣ୍ଟ ବା ବିଷୟବସ୍ତୁର ପ୍ରସ୍ତୁତକର୍ତ୍ତା ଏବଂ ଖବର ପ୍ରସ୍ତୁତକାରୀ ସଂଗଠନଗୁଡ଼ିକ ମଧ୍ୟରେ ଯେପରି ରାଜସ୍ୱର ସୁଷମ ବଣ୍ଟନ ହୁଏ, ତାହା ସୁନିଶ୍ଚିତ କରିବାକୁ ହେବ। କ୍ଷତିପୂରଣ କାରଣରୁ ଯଦି ବିଷୟବସ୍ତୁ ପ୍ରସ୍ତୁତକାରୀଙ୍କୁ ଉପଯୁକ୍ତ ପ୍ରାପ୍ୟ ନ ମିଳେ ତେବେ ନୂତନତ୍ୱ ପ୍ରଭାବିତ ହେବ ବୋଲି ଅଶ୍ୱିନୀ ସତର୍କ କରାଇଦେଇଛନ୍ତି।

ନୂଆଦିଲ୍ଲୀରେ ଡିଜିଟାଲ ନ୍ୟୁଜ୍ ପ୍ରକାଶକ ସଂଘ (ଡିଏନ୍‌ପିଏ) ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଅଶ୍ୱିନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ସୃଷ୍ଟ ବିଷୟବସ୍ତୁର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଆଇ ଜେନେରେଟେଡ୍ କଣ୍ଟେଣ୍ଟ ପ୍ରସ୍ତୁତିରେ ଯେଉଁ ବ୍ୟକ୍ତିଙ୍କ ମୁହଁ, ସ୍ୱର କିମ୍ବା ବ୍ୟକ୍ତିତ୍ୱକୁ ବ୍ୟବହାର କରାଯାଉଛି, ତାଙ୍କ ବିନା ଅନୁମତିରେ ତାହା କରାଯିବା ଉଚିତ ନୁହେଁ। ପିଲାମାନେ ଓ ସମସ୍ତ ନାଗରିକଙ୍କ ଅନ୍‌ଲାଇନ ସୁରକ୍ଷା ଦାୟିତ୍ୱ ପ୍ଲାଟ୍‌ଫର୍ମର ବୋଲି ଅଶ୍ୱିନୀ କହିବା ସହ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡିକ ପ୍ରଭାବଶାଳୀ ଗଣମାଧ୍ୟମ ସଂସ୍ଥାରେ ପରିବର୍ତ୍ତିତ ହୋଇଥିବା କହିଛନ୍ତି। ବୌଦ୍ଧିକ ସମ୍ପତ୍ତିକୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟସଙ୍ଗତ ପାରିଶ୍ରମିକ ମିଳିବା ଜରୁରୀ। ବିଜ୍ଞାନ,ପ୍ରଯୁକ୍ତି, କଳା ଓ ଭାଷାରେ ସମାଜର ଅଗ୍ରଗତି ଏହା ଉପରେ ନିର୍ଭର କରୁଛି। ସେଥିପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ କେବଳ ଖବର ସଂଗଠନ ନୁହେଁ ବରଂ ଦୂରାନ୍ତ ଅଞ୍ଚଳର ସ୍ୱାଧୀନ ବିଷୟବସ୍ତୁ ପ୍ରସ୍ତୁତକର୍ତ୍ତା, ଇନ୍‌ଫ୍ଲୁଏନ୍ସର, ପ୍ରଫେସର ଏବଂ ଗବେଷକମାନଙ୍କୁ ଉପଯୁକ୍ତ ରାଜସ୍ୱ ବଣ୍ଟନ ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ କହିଛନ୍ତି।



କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ସମସ୍ତ ପ୍ଲାଟ୍‌ଫର୍ମ ସେମାନଙ୍କ ବୁଝାମଣା ନୀତିର ପୁନର୍ବିଚାର କରିବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି। ସେମାନେ ସ୍ୱେଚ୍ଛାକୃତ ଭାବେ ଏ ଦିଗରେ ପଦକ୍ଷେପ ନିଅନ୍ତୁ। ନଚେତ୍ ଅନେକ ଦେଶ ସେମାନଙ୍କୁ ବାହାରିଯିବାର ଆଇନଗତ ମାର୍ଗ ଦେଖାଇ ସାରିଥିବା ଅଶ୍ୱିନୀ କହିଛନ୍ତି। ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକୁ ଜାଗ୍ରତ ହେବାକୁ ହେବ ଏବଂ ବହୁ ହଜାର ବର୍ଷ ଧରି ମାନବ ସମାଜ ନିର୍ମାଣ କରିଥିବା ଅନୁଷ୍ଠାନଗୁଡ଼ିକରେ ଦୃଢ଼ ବିଶ୍ୱାସର ଗୁରୁତ୍ୱକୁ ହୃଦୟଙ୍ଗମ କରିବାକୁ ହେବ। ସମାଜ ଅନ୍‌ଲାଇନ ସୁରକ୍ଷା, ଖବର ଉପରେ ନିର୍ଭରଯୋଗ୍ୟତା, ପିଲାମାନଙ୍କ ସୁରକ୍ଷା, ଅଶ୍ଳୀଳତା ବିରୋଧରେ ସୁରକ୍ଷା , କୃତ୍ରିମ ଉପାୟରେ ପ୍ରସ୍ତୁତ ବିଷୟବସ୍ତୁ ଆଦି ଅନେକ ସମସ୍ୟା ସହ ଯୁଝୁଥିବାବେଳେ ଆଗାମୀ ଦଶକରେ ସେଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ ବୋଲି ଅଶ୍ୱିନୀ କହିଛନ୍ତି।

# ଏପ୍‌ଷ୍ଟିନ୍ କେଳେଙ୍କାରୀ: ବୋର୍ଜ ବ୍ରେଣ୍ଡିଂଙ୍କ ଇସ୍ତଫା

**ଜେନେଭା,୨୬।୨**

ବହୁ ଚର୍ଚ୍ଚିତ ଏପ୍‌ଷ୍ଟିନ୍ ଯୌନ କେଳେଙ୍କାରୀ ମାମଲାରେ ଛନ୍ଦି ହୋଇ ବିଶ୍ୱ ଅର୍ଥନୈତିକ ମଞ୍ଚ(ଡବ୍ଲୁଇଓ) ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ବୋର୍ଜ ବ୍ରେଣ୍ଡିଂ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି କେଳେଙ୍କାରୀର ମୁଖ୍ୟ ନାୟକ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ପ୍ରଶ୍ନ ଉଠିବା ପରେ ଆମେରିକାର ନ୍ୟାୟିକ ବିଭାଗ ଦ୍ୱାରା ଯାଞ୍ଚ କରାଯାଇଥିଲା। ବୋର୍ଜ ଜେଫ୍ରିଙ୍କ ସହିତ ଇମେଲ୍ ଏବଂ ଟେକ୍ସଟ୍ ମେସେଜ୍ ମାଧ୍ୟମରେ ସମ୍ପର୍କ ରଖିଥିଲେ ଏବଂ ୩ଥର ରାତ୍ର ଭୋଜନରେ ଯୋଗ ଦେଇଥିବା ଯାଞ୍ଚ ସମୟରେ ଜଣାପଡ଼ିଥିଲା। ଏହି ବିଷୟ ସାମ୍ନାକୁ ଆସିବା ପରେ ବୋର୍ଜ ଏହାକୁ ସ୍ୱୀକାର କରିବା ସହିତ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୋର୍ଜ ବିଶ୍ୱ ଅର୍ଥନୈତିକ ମଞ୍ଚରେ ୮ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହିତ ନରୱେ ସରକାରଙ୍କ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିସାରିଛନ୍ତି।



# ‘ଦି କେରଳ ଷ୍ଟୋରି ୨– ଗୋଜ୍ ବିୟଣ୍ଡ’ ମୁକ୍ତିଲାଭ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କୋଚି,୨୬।୨(ପି.ଟି.)**

‘ଦି କେରଳ ଷ୍ଟୋରି ୨– ଗୋଜ୍ ବିୟଣ୍ଡ’ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ କେରଳ ହାଇକୋର୍ଟ ଗୁରୁବାର ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ଉକ୍ତ ଚଳଚ୍ଚିତ୍ରକୁ ସେନ୍‌ସର ବୋର୍ଡ ସାର୍ଟିଫିକେଟ ଦେବାବେଳେ ଠିକ୍‌ଭାବେ ବିଚାର କରି ନ ଥିବାର ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଥିବା ଜଷ୍ଟିସ୍ ବେଚୁ କୁରିଅନ୍ ଥୋମାସ୍ କହିଛନ୍ତି। ଶୁକ୍ରବାର ଚଳଚ୍ଚିତ୍ର ମୁକ୍ତିଲାଭ ହେବାକୁ ଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ୨ଟି ପିଟିଶନ ଦାଏର ହୋଇଥିଲା। ଚଳଚ୍ଚିତ୍ର ଯେପରି ସାମାଜିକ ସଦ୍ଭାବନାକୁ ବ୍ୟାଘାତ ନ କରିବ ତାହା ସୁନିଶ୍ଚିତ କରିବା ପାଇଁ ଗାଇଡ୍‌ଲାଇନ ରହିଛି। କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଏହାକୁ ଅନୁପାଳନ କରି ନ ଥିବା ଜଣାପଡୁଛି ବୋଲି ଉଚ୍ଚ ଅଦାଲତ ତାଙ୍କ ରାୟରେ କହିଛନ୍ତି। କୌଣସି ବିଷୟବସ୍ତୁର ପ୍ରଚାର ପ୍ରସାର, ଯେଉଁଥିରେ ଅସମ୍ମତି ସୃଷ୍ଟି କରିବା, ଆଇନ ଶୃଙ୍ଖଳାରେ ବାଧା ସୃଷ୍ଟି କରିବା କିମ୍ବା ସାମାଜିକ ସଦ୍‌ଭାବନାକୁ ପ୍ରଭାବିତ କରିବା ପ୍ରବୃତ୍ତି ଥାଏ, ତାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ର ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ପରିସରରେ ଆସୁନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଚଳଚ୍ଚିତ୍ରକୁ ପ୍ରମାଣପତ୍ର ଦିଆଯାଇଥିବାବେଳେ ଶ୍ରୀଦେବ ନମ୍ବୁଦିରି ଆବେଦନ କରିଥିଲେ। କେନ୍ଦ୍ର ସରକାର ଏହା ଉପରେ ବିଚାର କରି ୨ ସପ୍ତାହ ମଧ୍ୟରେ ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମା ଜାରି ପୂର୍ବରୁ ସରକାର ଆବେଦନକାରୀ, ସିବିଏଫ୍‌ସି ଏବଂ ଚଳଚ୍ଚିତ୍ରର ନିର୍ମାତା ବିପୁଲ ଅମୃତଲାଲ ଶାହାଙ୍କ ମତାମତ ଶୁଣାଣି ପାଇଁ ସୁଯୋଗ ଦେବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।




# ୨୮ରୁ ଏଚ୍‌ପିଭି ଟିକାକରଣ ଅଭିଯାନ: ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୬।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ ତାରିଖ ଶନିବାର ଦେଶବ୍ୟାପୀ ହ୍ୟୁମ୍ୟାନ୍ ପାଭିଲୋମାଭାଇରସ୍ (ଏଚ୍‌ପିଭି) ଟିକାକରଣ ଅଭିଯାନ ରାଜସ୍ଥାନର ଆଜମେରରୁ ଶୁଭାରମ୍ଭ କରିବେ। ୧୪ ବର୍ଷ ବୟସର କିଶୋରୀମାନଙ୍କୁ ଏହି ଟିକା ଦିଆଯିବ। ମହିଳାଙ୍କ ମଧ୍ୟରେ ପ୍ରତିକାରଯୋଗ୍ୟ କର୍କଟ ରୋଗ ଦୂରକରିବା ପାଇଁ ଏହି ଟିକାକରଣ ଆରମ୍ଭ ହେବାକୁ ଯାଉଛି। ଏକକ ଡୋଜ୍ ବିଶିଷ୍ଟ ଗାର୍ଡାସିଲ୍ ୪ ହେଉଛି ଏକ କ୍ୱାଡ୍ରିଭ୍ୟାଲେଣ୍ଟ ଏଚ୍‌ପିଭି ଟିକା ଯାହା ଏଚ୍‌ପିଭି ଟାଇପ୍ ୧୬, ୧୮, ୬ ଏବଂ ୧୧ରୁ ସୁରକ୍ଷା ଦେବ। ଏଚ୍‌ପିଭି ଟାଇପ୍ ୧୬ ଏବଂ ୧୮ ଜରାୟୁ ଗ୍ରୀବା କର୍କଟ ରୋଗ କରାଇଥାଏ। ଟିକାକରଣ ଅଭିଯାନ ନେଇ ସମସ୍ତ ରାଜ୍ୟକୁ ଗତ ୨୫ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି। ଫେବୃଆରୀ ୨୮ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ୧୪ ବର୍ଷୀୟା ସମସ୍ତ କିଶୋରୀଙ୍କୁ ଏହି ଅଭିଯାନରେ ସାମିଲ କରାଯିବାକୁ ଯୋଜନା ହୋଇଛି। ଆଜମେରରୁ ପ୍ରଧାନମନ୍ତ୍ରୀ ଟିକାକରଣ ଅଭିଯାନର ଶୁଭାରମ୍ଭ କରିବାକୁ ଥିବାବେଳେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲି ସାମିଲ ହେବେ। ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ପ୍ରଶାସକ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଡ଼ିହେବେ।

# ସୁନେତ୍ରା ପାୱାର ଏନ୍‌ସିପି ରାଷ୍ଟ୍ରୀୟ ସଭାପତି



**ମୁମ୍ବାଇ,୨୬।୨**

ଏନ୍‌ସିପି ନେତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସ୍ତ୍ରୀ ସୁନେତ୍ରା ପାୱାର ଦଳର ରାଷ୍ଟ୍ରୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଠିକ୍ ମାସକ ତଳେ ଏକ ବିମାନ ଦୁର୍ଘଟଣାରେ ଅଜିତଙ୍କ ମୃତ୍ୟୁ ହୋଇଥିଲାବେଳେ ଗୁରୁବାର ସୁନେତ୍ରାଙ୍କୁ ଦଳର ରାଷ୍ଟ୍ରୀୟ ମୁଖ୍ୟ ଭାବେ ନିର୍ବାଚିତ କରାଯାଇଛି। ଦଳର ଅନ୍ୟତମ ବରିଷ୍ଠ ନେତା ପ୍ରଫୁଲ୍ଲ ପଟେଲ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ପୂର୍ବରୁ ପ୍ରଫୁଲ୍ଲ ପଟେଲ ଏନ୍‌ସିପିର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। କିନ୍ତୁ ଅଜିତ୍‌ଙ୍କ ମୃତ୍ୟୁ ପରେ ସେ ସୁନେତ୍ରାଙ୍କୁ ଦଳୀୟ ମୁଖ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କର ପ୍ରସ୍ତାବକୁ ଦଳର କାର୍ଯ୍ୟକାରୀ କମିଟି ଗୁରୁବାର ଅନୁମୋଦନ ଦେଇଛି।

**ଭାରତ-ଇସ୍ରାଏଲ ୨୭ ଚୁକ୍ତି ସ୍ୱାକ୍ଷର**

# ଫୋକସ୍‌ରେ ପ୍ରତିରକ୍ଷା, ପ୍ରଯୁକ୍ତି

**ଜେରୁଜେଲମ୍,୨୬।୨**

ଭାରତ ଓ ଇସ୍ରାଏଲ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ବୁଝାମଣା ହୋଇଛି। ପ୍ରତିରକ୍ଷା, ବୈଷୟିକ ଓ ପ୍ରଯୁକ୍ତି, ନବ ଉନ୍ମେଷ ଏବଂ ଆଞ୍ଚଳିକ ସୁରକ୍ଷା କ୍ଷେତ୍ରରେ ଉଭୟ ରାଷ୍ଟ୍ର ସହଯୋଗ ବୃଦ୍ଧିକରି କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତର ଦ୍ୱିତୀୟ ଦିବସରେ ଉଭୟ ପକ୍ଷର ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା କରାଯାଇ ପ୍ରମୁଖ ୨୭ଟି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିମଧ୍ୟରେ କୃଷି ଓ ବୈଷୟିକ କ୍ଷେତ୍ର ଡ୍ରୋନ୍, ସାଟେଲାଇଟ୍ ଡାଟା, ଏଆଇ, ସାଇବର ସିକ୍ୟୁରିଟି, ଜଳସେଚନ ଓ ସାର ପରିଚାଳନା, ପେଷ୍ଟ କଣ୍ଟ୍ରୋଲ, ଗ୍ରୀନ୍ ହାଉସ୍ କଲ୍ଟିଭେଶନ ଏବଂ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଓ ପ୍ରଯୁକ୍ତି ହସ୍ତାନ୍ତର ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତ ଓ ଇସ୍ରାଏଲ ମଧ୍ୟରେ ଆଗାମୀ ଦିନରେ ବାଣିଜ୍ୟ–ବ୍ୟବସାୟ କ୍ଷେତ୍ରକୁ ସମ୍ପ୍ରସାରଣ କରାଯିବା ସହ ଉଭୟ ରାଷ୍ଟ୍ର ମିଳିତ ଭାବେ ଆତଙ୍କବାଦ ବିରୋଧୀ ଲଢ଼େଇରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ପ୍ରତିରକ୍ଷା ଏବଂ ଅତ୍ୟାଧୁନିକ ବୈଷୟିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଉଭୟ ରାଷ୍ଟ୍ର ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଉଭୟ ପକ୍ଷ ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ମୋଦି ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଭାରତ ଏବଂ ଇସ୍ରାଏଲ ସମ୍ପର୍କକୁ ଏକ ନୂଆ ରୂପ ଦେବା ଲାଗି ଉଭୟ ପକ୍ଷ ସ୍ୱତନ୍ତ୍ର ରଣନୀତିକ ଅଂଶୀଦାର ରାଷ୍ଟ୍ର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଥିବା ମୋଦି କହିଛନ୍ତି। ସେହିପରି ଅର୍ଥନୀତି, ସୁରକ୍ଷା ଏବଂ ରାଜନୈତିକ ସହଯୋଗ ବୃଦ୍ଧି ପାଇଁ ଇସ୍ରାଏଲ ଭାରତ ସହ ସମ୍ପର୍କ ବୃଦ୍ଧି କରିବାକୁ ସହମତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି।



ମିଳିତ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଇସ୍ରାଏଲୀ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ।

# ଜେନେଭାରେ ଇରାନ–ଆମେରିକା ଆଲୋଚନା

**ଜେନେଭା,୨୬।୨**

ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଜେନେଭାଠାରେ ଗୁରୁବାର ଚାଲିଥିବା ଆଲୋଚନା ପୁଣି ଫସର ଫାଟିବ ବୋଲି ଆଶଙ୍କା ଦେଖାଯାଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି(ଆଇଏଇଏ) ମୁଖ୍ୟ ରାଫେଲ ଗ୍ରୋସିଙ୍କ ଉପସ୍ଥିତିରେ ଆମେରିକା ଏବଂ ଇରାନ ପ୍ରତିନିଧିମାନେ ଆଲୋଚନା କରିଥିଲେ ହେଁ ଏଥିରୁ କୌଣସି ସମାଧାନର ବାଟ ଫିଟିବ ନାହିଁ ବୋଲି କୁହାଯାଉଛି। କାରଣ ଇରାନର ଆଣବିକ କାର୍ଯ୍ୟକ୍ରମ ବନ୍ଦ ହେବା ନେଇ ଆମେରିକା ଯେଉଁ ସର୍ତ୍ତ ରଖିଛି ତାହାକୁ ଇରାନ ମାନିବାକୁ ପ୍ରସ୍ତୁତ ନୁହେଁ। ଇରାନର ଆଣବିକ କାର୍ଯ୍ୟକ୍ରମ ସାମୂହିକ ବିନାଶ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଇରାନ କହୁଥିଲାବେଳେ ଆମେରିକା ଭିନ୍ନ ସର୍ତ୍ତ ରଖୁଛି। ଯାହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି। ଏହାପୂର୍ବରୁ ମଧ୍ୟ ହୋଇଥିବା ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିଲା। ଯାହାକୁ ନେଇ ଆମେରିକା ଆକ୍ରମଣ ଧମକ ଦେଇଥିଲା। ବର୍ତ୍ତମାନ ଚାଲିଥିବା ବୈଠକରେ ଯଦି ସମାଧାନର ବାଟ ନ ବାହାରେ, ତେବେ ଆମେରିକା ଇରାନ ବିରୋଧରେ କି ଆଭିମୁଖ୍ୟ ଗ୍ରହଣ କରିବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି।




# ସୋଲାର ସାମଗ୍ରୀ ଉପରେ ୧୨୬% ଶୁଳ୍କ ଲଗାଇଲା ଆମେରିକା

**ୱାଶିଂଟନ୍,୨୬।୨**

ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ ପ୍ରଶାସନର ଟାରିଫ୍‌କୁ ଅବୈଧ ଘୋଷଣା କରିବା ପରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏହାମଧ୍ୟରେ ଆମେରିକା ପୁଣି ସୋଲାର(ସୌର) ସାମଗ୍ରୀ ଆମଦାନୀ ଉପରେ ୧୨୬ ପ୍ରତିଶତ ଶୁଳ୍କ ଘୋଷଣା କରିଛି। ଆମେରିକା ଭାରତରୁ ଆମଦାନୀ କରୁଥିବା ସୋଲାର ସେଲ୍ ଏବଂ ସୋଲାର ପ୍ୟାନେଲ୍ ଉପରେ ଏହି ପରିମାଣର ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛି।

# ଅନିଲ ଅମ୍ବାନୀଙ୍କ ବିରୋଧରେ ସାନି ସିବିଆଇ ମାମଲା

**୨,୨୨୦ କୋଟିର ବ୍ୟାଙ୍କ ଜାଲିଆତି**

**ନୂଆଦିଲ୍ଲୀ,୨୬।୨(ପି.ଟି.)**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସ (ଆର୍‌କମ୍) ବିରୋଧରେ ସାନି ମାମଲା ରୁଜୁ କରିଛି। ୨୦୧୩ରୁ ୨୦୧୭ ମଧ୍ୟରେ ଅନିଲଙ୍କ କମ୍ପାନୀ ବ୍ୟାଙ୍କ ଅଫ୍ ବରୋଦାରେ କରିଥିବା ଜାଲିଆତି ପାଇଁ ବ୍ୟାଙ୍କକୁ ୨,୨୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡ଼ିଥିବା ଅଭିଯୋଗ ହୋଇଥିଲା। ଗତ ମଙ୍ଗଳବାର ବ୍ୟାଙ୍କ ପକ୍ଷରୁ ଅଭିଯୋଗ ଦାଏର ପରେ ସିବିଆଇ ତଦନ୍ତ ଆରମ୍ଭ କରିଛି। ମାମଲା ରୁଜୁ କରିବା ପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗୁରୁବାର ଅନିଲ ଅମ୍ବାନୀଙ୍କ ବାସଭବନ ସମେତ ରିଲାଏନ୍ସ କମ୍ୟୁନିକେଶନ ଲିଃର ପଞ୍ଜୀକୃତ କାର୍ଯ୍ୟାଳୟଗୁଡ଼ିକରେ ଚଢ଼ାଉ କରିଥିଲା। ସେଠାରୁ ଋଣ କାରବାର ସହ ଜଡ଼ିତ ବିଭିନ୍ନ ଦସ୍ତାବିଜ୍ ଜବତ ହୋଇଥିବା ସିବିଆଇର ଜଣେ ମୁଖପାତ୍ର କହିଛନ୍ତି। ରିଲାଏନ୍ସ କମ୍ୟୁନିକେଶନ୍ସ ବ୍ୟାଙ୍କ ଅଫ୍ ବରୋଦାରୁ ଯେଉଁ ଉଦ୍ଦେଶ୍ୟରେ ଋଣ ନେଇଥିଲା, ସେଥିରେ ବିନିଯୋଗ ନ କରି ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ସମ୍ପର୍କୀୟ ସଂସ୍ଥା ମଧ୍ୟରେ ମନଗଢ଼ା କାରବାର ଜରିଆରେ ଦୁରୁପଯୋଗ କରିଥିଲା। ୨୦୧୭ରେ ଉକ୍ତ ଆକାଉଣ୍ଟ ଅଚଳ ଘୋଷିତ ହୋଇଥିଲା। ବମ୍ବେ ହାଇକୋର୍ଟ ଉକ୍ତ ଆକାଉଣ୍ଟକୁ ଜାଲିଆତି ଦର୍ଶାଇ ଏହା ଉପରେ ସ୍ଥଗିତାଦେଶ ଘୋଷଣା କରିଥିଲେ। ଗତ ୨୩ ତାରିଖରେ ହାଇକୋର୍ଟ ଉକ୍ତ ସ୍ଥଗିତାଦେଶ ଉଠାଇଦେବା ପରେ ବ୍ୟାଙ୍କ ଅଫ୍ ବରୋଦା ସିବିଆଇରେ ଅଭିଯୋଗ ଦାଏର କରିଥିଲା, ଯାହାକୁ ତଦନ୍ତକାରୀ ସଂସ୍ଥା ଗ୍ରହଣ କରି ତୁରନ୍ତ ମାମଲା ରୁଜୁ କରିଛି।



# ପ୍ରୟାଗ ଭ୍ରମଣ ପାଇଁ ୫୦ ଅଧିକାରୀଙ୍କୁ ଲଗାଇଥିଲେ ବିଏସ୍‌ଏନ୍‌ଏଲ୍ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୬।୨**

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ନିର୍ଦ୍ଦେଶକ ବିବେକ ବନଜଲ୍‌ଙ୍କ ପ୍ରୟାଗରାଜ ଭ୍ରମଣରେ ୫୦ ଅଧିକାରୀ ନିୟୋଜିତ ହେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ବିବେକ ଫେବୃଆରୀ ୨୫ ଏବଂ ୨୬ ଦୁଇ ଦିନ ଧରି ପ୍ରୟାଗରାଜ ଭ୍ରମଣରେ ଆସିବା ସହିତ ସଙ୍ଗମସ୍ଥଳରେ ସ୍ନାନ, ବିଭିନ୍ନ ମନ୍ଦିର ଦର୍ଶନ ଏବଂ ବୋଟ୍ ରାଇଡ୍ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ଏଥିପାଇଁ ସେ ବିଏସ୍‌ଏନ୍‌ଏଲ୍‌ର ୫୦ କନିଷ୍ଠ ଏବଂ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବା ସହିତ ବିଭିନ୍ନ ସାମଗ୍ରୀ ଆୟୋଜନ କରିବାକୁ ବରାଦ କରିଥିଲେ। ଏପରିକି ସ୍ନାନ ପାଇଁ ତଉଲିଆଠାରୁ ଆରମ୍ଭ କରି ତେଲ, ସାବୁନ ଏବଂ ଦର୍ପଣ ପାଇଁ ମଧ୍ୟ ବରାଦ କରିଥିଲେ। ଏହି ବିଷୟ ସାମ୍ନାକୁ ଆସିବା ପରେ ବିବାଦ ତେଜିବା ସହିତ ଖବର କେନ୍ଦ୍ର ମନ୍ତ୍ରଣାଳୟରେ ପହଞ୍ଚିଥିଲା। କେନ୍ଦ୍ର ଟେଲିଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବିବେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବା ପରେ ବିବେକଙ୍କ ପ୍ରୟାଗରାଜ ଯାତ୍ରା ବାତିଲ କରିଦିଆଯାଇଛି।



ଜ୍ୟୋତିରାଦିତ୍ୟ ସିନ୍ଧିଆ | ବିବେକ ବନଜଲ୍‌ଙ୍କ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ବେଳେ ପୂଜାର୍ଚ୍ଚନା କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶାର ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# ଦିଲ୍ଲୀରେ ନୂତନ ଓଡ଼ିଶା ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- **ଅନ୍ୟ ୩ ରାଜ୍ୟରେ ଓଡ଼ିଶା ଭବନ ପାଇଁ ଜମି ମିଳାଯାଇଛି**
- **ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ନିର୍ମାଣ ହେବ ଜନ ଆଶ୍ରୟ ଭବନ**

ଭୁବନେଶ୍ୱର, ୨୬।୨(ସୁଜିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ନୂତନ ଭବନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସାଙ୍ଗକୁ ୪୫ଟି ସୁଇଟ୍ କରାଯିବ। ପ୍ରଥମ ମହଲାରେ ଏକ ଏକ୍ସିବିଶନ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ୍ ୯୩.୨୭ କୋଟି ଟଙ୍କା ବ୍ୟୟ କରାଯିବ। ନୂଆଦିଲ୍ଲୀ ସହ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବାଙ୍ଗାଲୁରୁ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ଏଥିପାଇଁ ସମ୍ପୃକ୍ତ ☞ପୃଷ୍ଠା-୫

# ୪୮ ଘଣ୍ଟାରେ ଟିକେଟ ବାତିଲ କଲେ ଲାଗିବନି ଶୁଳ୍କ

**ଡିଜିସିଏ ବଦଳାଇଲା ରିଫଣ୍ଡ୍ ନିୟମ**

- **ବୁକିଂର ୨୪ ଘଣ୍ଟା ମଧ୍ୟରେ ହୋଇପାରିବ ନାଁ ସଂଶୋଧନ**
- **ରିଫଣ୍ଡ୍ ପାଇଁ ଏୟାରଲାଇନ୍ସ ହିଁ ଦାୟୀ ରହିବେ**

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ଯାତ୍ରୀମାନଙ୍କ ପାଇଁ ଟିକେଟ ରିଫଣ୍ଡ୍ ଏବଂ କ୍ୟାନ୍‌ସେଲେଶନ୍ ନିୟମରେ ବଡ଼ ପରିବର୍ତ୍ତନ କରିଛି। ଗୁରୁବାର ଜାରି ହୋଇଥିବା ନୂଆ ନିୟମ ଅନୁଯାୟୀ ଯଦି କେହି ଭୁଲ୍‌ରେ କୌଣସି ଟିକେଟ୍ ବୁକ୍ କରିଦେଇଛନ୍ତି କିମ୍ବା ପ୍ଲାନ୍ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ବୁକିଂର ୪୮ ଘଣ୍ଟା ମଧ୍ୟରେ କୌଣସି ଅତିରିକ୍ତ ଶୁଳ୍କ ନ ଦେଇ ଟିକେଟ କ୍ୟାନ୍‌ସେଲ କିମ୍ବା ପରିବର୍ତ୍ତନ କରିପାରିବେ। ଏହି ସୁବିଧା କେବଳ ସେହି କ୍ଷେତ୍ରରେ ମିଳିବ, ଯଦି ଯାତ୍ରା ତାରିଖ ବୁକିଂ ତାରିଖଠାରୁ ଘରୋଇ ଉଡ଼ାଣ ପାଇଁ ଅତିକମ୍‌ରେ ୭ ଦିନ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ୧୫ ଦିନ ପୂର୍ବରୁ ହୋଇଥିବ। ଏଭଳି ଆଉ କେତେକ ନୂଆ ନିୟମ ପାଇଁ ବିମାନ ଯାତ୍ରୀଙ୍କୁ ଅଧିକ ସୁବିଧା ମିଳିବାକୁ ଯାଉଥିବାବେଳେ ତାହା ଆସନ୍ତା ମାର୍ଚ୍ଚ ୨୬ରୁ ଲାଗୁ ହେବ। ୨୦୨୫ରେ ଭାରତରେ ୧୬.୬୯ କୋଟି ଲୋକ ବିମାନ ଯାତ୍ରା କରିଥିଲେ। ହେଲେ ଡିସେମ୍ବର ୨୦୨୫ରେ ଇଣ୍ଡିଗୋର ବିମାନ ସେବା ବ୍ୟାହତ ହେବା ପରେ ରିଫଣ୍ଡ୍ ସମସ୍ୟା ଉଗ୍ରରୂପ ନେଇଥିଲା। କେବଳ ଡିସେମ୍ବରରେ ରିଫଣ୍ଡ୍ ସମ୍ବନ୍ଧରେ ପ୍ରାୟ ୨,୨୦୦ରୁ ଅଧିକ (ମୋଟ ଅଭିଯୋଗର ୭.୫%) ଅଭିଯୋଗ ଆସିଥିଲା। ଭାରତୀୟ ବିମାନ ଚଳାଚଳ ନିୟାମକ ସଂସ୍ଥା 'ଡିଜିସିଏ'ର ଏହି ପଦକ୍ଷେପ ଏୟାରଲାଇନ୍ସଗୁଡ଼ିକର ଏକଚାଟିଆ ମନୋଭାବକୁ ରୋକିବା ସହ ସାଧାରଣ ଲୋକଙ୍କୁ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କାର ଉଚିତ ସୁରକ୍ଷା ଦେଉଛି।



ନୂଆଦିଲ୍ଲୀ,୨୬।୨ (ପି.ଟି.)

ଡିଜିସିଏର ନୂଆ ନିୟମ ଅନୁଯାୟୀ, ଯଦିଓ ବୁକିଂର ୪୮ ଘଣ୍ଟା ମଧ୍ୟରେ କ୍ୟାନସେଲ୍ଲେନ୍ ଚାର୍ଜ ଲାଗିବ ନାହିଁ, କିନ୍ତୁ ନୂଆ ଫ୍ଲାଇଟ୍‌ର ଭଡ଼ା ଯଦି ଅଧିକ ଥାଏ, ତେବେ ସେହି ଅବଶିଷ୍ଟ ଟଙ୍କା ଯାତ୍ରୀଙ୍କୁ ଦେବାକୁ ପଡ଼ିବ। ସେହିପରି ଟିକେଟ ବୁକିଂ ସମୟରେ ନାମରେ କୌଣସି ବନାନ ଭୁଲ୍ ହୋଇଥିଲେ, ବୁକିଂର ୨୪ ଘଣ୍ଟା ମଧ୍ୟରେ ଏହାକୁ ମାଗଣାରେ ସଂଶୋଧନ କରାଯାଇପାରିବ। ଏଥିପାଇଁ ଏୟାରଲାଇନ୍ସ କୌଣସି ଚାର୍ଜ ନେଇପାରିବେ ନାହିଁ। ଏହି ସୁବିଧା କେବଳ ସେତେବେଳେ ମିଳିବ, ଯଦି ଟିକେଟ ସିଧାସଳଖ ଏୟାରଲାଇନ୍ସର ୱେବ୍‌ସାଇଟ୍‌ରୁ ବୁକ୍ ହୋଇଥିବ। ଯଦି କେହି ଯାତ୍ରୀ କୌଣସି ଏଜେଣ୍ଟ ବା ପୋର୍ଟାଲ୍ ମାଧ୍ୟମରେ ଟିକେଟ୍ ବୁକ୍ କରିଛନ୍ତି, ତେବେ ରିଫଣ୍ଡ ପାଇଁ ଏୟାରଲାଇନ୍ସ ହିଁ ଦାୟୀ ରହିବେ। ଏୟାରଲାଇନ୍ସକୁ ୧୪ ଦିନ ମଧ୍ୟରେ ରିଫଣ୍ଡ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ। ଯଦି କୌଣସି ସ୍ୱାସ୍ଥ୍ୟଗତ କାରଣରୁ ଯାତ୍ରୀ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ (ସମାନ ପିଏନ୍‌ଆର୍‌ରେ ଥିବା) ଯାତ୍ରା କରିପାରୁନାହାନ୍ତି, ତେବେ ଉଚିତ୍ ପ୍ରମାଣ ଦେଖାଇଲେ ଏୟାରଲାଇନ୍ସ ରିଫଣ୍ଡ୍ କିମ୍ବା କ୍ରେଡିଟ୍ ସେଲ୍ (ପରବର୍ତ୍ତୀ ଯାତ୍ରା ପାଇଁ ଟଙ୍କା ଗଚ୍ଛିତ ରଖିବା)ର ସୁବିଧା ପ୍ରଦାନ କରିବେ। ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ବିମାନ ସଂସ୍ଥାର ବିଶେଷଜ୍ଞଙ୍କ ପରାମର୍ଶ ପରେ ନିଷ୍ପତ୍ତି ନିଆଯିବ।

ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରୀମାନଙ୍କୁ ଏୟାରଲାଇନ୍ ଟିକେଟ୍ ରିଫଣ୍ଡ ପ୍ରଦାନ କରିବା ପାଇଁ ସିଭିଲ୍ ଆଭିଏସନ ରିକ୍ୱାୟରମେଣ୍ଟସ (ସିଏଆର୍)ରେ କିଛି ସଂଶୋଧନ କରାଯାଇଛି। ଯାତ୍ରୀମାନେ ସମୟ ଅନୁସାରେ ରିଫଣ୍ଡ୍ ପାଉ ନ ଥିବା ନେଇ ବଢୁଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ୨୦୨୫ ଡିସେମ୍ବରରେ ଇଣ୍ଡିଗୋ ବିମାନ ଚଳାଚଳରେ ହୋଇଥିବା ବିଭ୍ରାଟ ସମୟରେ ଟିକେଟ ରିଫଣ୍ଡ ସମସ୍ୟା ବିଶେଷ ଭାବେ ଦୃଷ୍ଟିଗୋଚର ହୋଇଥିଲା। ସେହି ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାରଲାଇନ୍ସକୁ ଏକ ନିର୍ଦ୍ଦିଷ୍ଟ ଟାଇମ୍‌ଲାଇନ୍ ମଧ୍ୟରେ ରିଫଣ୍ଡ୍ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହି ସଂଶୋଧିତ ସିଏଆର୍ ଫେବୃଆରୀ ୨୪ରେ ଜାରି କରାଯାଇଛି। ବର୍ତ୍ତମାନ ଏୟାରଲାଇନ୍ସଗୁଡ଼ିକୁ ଟିକେଟ ବୁକିଂ କରିବା ପରେ ଯାତ୍ରୀମାନଙ୍କୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଏକ 'ଲୁକ୍-ଇନ୍ ଅପ୍ସନ' ପ୍ରଦାନ କରିବାକୁ କୁହାଯାଇଛି।

# ସିଏଜିଙ୍କୁ ମିଳୁନି ଇନ୍ସପେକ୍ସନ କମ୍ପ୍ଲାଏନ୍ସ ରିପୋର୍ଟ

**୨୬ ବିଭାଗ ଉପରେ ଗଡୁଛି ୪୮,୪୪୫ ଜବାବ**

ଭୁବନେଶ୍ୱର,୨୬।୨ (ରବିନାରାୟଣ ଜେନା)

ରାଜ୍ୟ ସରକାର ଓଡ଼ିଶାକୁ ଦେଶରେ ବିକାଶଶୀଳ ରାଜ୍ୟ ଭାବେ ଗଢ଼ି ତୋଳିବାପାଇଁ ଅହରହ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ଯୋଜନା ପରେ ଯୋଜନା ସାଙ୍ଗକୁ ବଜେଟର ଆକାର ବଢୁଛି। ହେଲେ ବଜେଟ ଅର୍ଥ କିଭଳି ଖର୍ଚ୍ଚ ହେବ ଏବଂ ଏହା ପରେ ବିନିଯୋଗ ପ୍ରମାଣପତ୍ର ଦେବା ବେଳକୁ ବିଭିନ୍ନ ବିଭାଗ କୁଣ୍ଠକୁଣ୍ଠ ହେଉଛନ୍ତି। ରାଜ୍ୟ ମହାଲେଖାକାର(ସିଏଜି)ଙ୍କ ପକ୍ଷରୁ ଯେତେବେଳେ ଖର୍ଚ୍ଚର ହିସାବ ଲୋଡ଼ା ଯାଉଛି, ସେତେବେଳେ ଅର୍ଥ ପରାମର୍ଶଦାତାମାନେ ଝୁଙ୍କି ପଡୁଛନ୍ତି। ବର୍ଷେ କି ଦୁଇବର୍ଷ ନୁହେଁ, ବର୍ଷ ବର୍ଷ ଧରି ବିଭିନ୍ନ ବିଭାଗ ମହାଲେଖାକାରଙ୍କୁ ସେମାନଙ୍କର ଇନ୍ସପେକ୍ସନ ଓ ପାରାଓ୍ୱାଇଜ୍ କମେଣ୍ଟ ରିପୋର୍ଟ ଦେଇପାରୁନାହାନ୍ତି; ଯେଉଁଥିପାଇଁ ୨୬ଟି ବିଭାଗ ଉପରେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ୪୮ହଜାର ୪୪୫ ପାରା କମେଣ୍ଟ ରିପୋର୍ଟ ସହିତ ୧୧ହଜାର ୨୧୫ଟି ଇନ୍ସପେକ୍ସନ ରିପୋର୍ଟ(ଆଇଆର୍) ଗଡୁଛି ବୋଲି ବୁଧବାର ଅର୍ଥ ପରାମର୍ଶଦାତାଙ୍କ ସମ୍ମିଳନୀରୁ ଜଣାଯାଇଛି।

ବୈଠକରୁ ଜଣାଯାଇଛି, ସିଏଜିଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଆଇଆର୍ ଏବଂ ପାରା କମେଣ୍ଟକୁ ନେଇ ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ଅର୍ଥ ପରାମର୍ଶଦାତାଙ୍କୁ ଏହା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭-୧୮ରୁ ୨୦୨୫-୨୬ ବର୍ଷ ମଧ୍ୟରେ କାହିଁକି ଏସବୁ ଗଡୁଛି ତାହା ଉପରେ ସଞ୍ଜୀବ ବିଭାଗସ୍ତରୀୟ ସମୀକ୍ଷା କରିବା ସହିତ ତ୍ୱରିତ୍ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

ସିଏଜିଙ୍କ ତଥ୍ୟ ଅନୁଯାୟୀ, ସବୁଠାରୁ ଅଧିକ ଆଇଆର୍ ଏବଂ ପାରାଓ୍ୱାଇଜ୍ କମେଣ୍ଟ ପଞ୍ଚାୟତିରାଜ ବିଭାଗ ଉପରେ ଗଡୁଛି। ୨୦୨୬ ଜାନୁଆରୀ ୩୧ ସୁଦ୍ଧା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଉପରେ ୩,୦୦୬ଟି ଆଇଆର୍ ବକେୟା ଥିବାବେଳେ ୧୦ହଜାର ୩୯୨ ପାରାଓ୍ୱାଇଜ୍ କମେଣ୍ଟ ବାକି ରହିଛି। ସେହିପରି ରାଜସ୍ୱ ବିଭାଗ ଉପରେ ୧୪୭୧ଟି ଆଇଆର୍ ଏବଂ ୪୭୨୮ଟି ପାରାଓ୍ୱାଇଜ୍ କମେଣ୍ଟ ବାକି ରହିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ଉପରେ ୧୧୨୬ ଆଇଆର୍ ଏବଂ ୩୧୧୭ ପାରା କମେଣ୍ଟ, ପରିବହନ ବିଭାଗ ଉପରେ ୭୩୧ ଆଇଆର୍ ଏବଂ ୩୯୪୧ ପାରା କମେଣ୍ଟ, ନଗର ଉନ୍ନୟନ ବିଭାଗ ଉପରେ ୬୫୮ ଆଇଆର୍ ଏବଂ ୭୬୫୨ ପାରା କମେଣ୍ଟ, ମତ୍ସ୍ୟ ଓ ପ୍ରାଣୀ ବିକାଶ ବିଭାଗ ଉପରେ ୫୫୩ ଆଇଆର୍ ଏବଂ ୨୨୯୫ ପାରା କମେଣ୍ଟ ବକେୟା ରହିଛି। ଏହାସହିତ ଶକ୍ତି, ପୂର୍ତ୍ତ, ଇସ୍ପାତ ଓ ଖଣି, ଗୃହ, ଏସ୍‌ସିଏସ୍‌ଟି, ସ୍ୱାସ୍ଥ୍ୟ, ଅବକାରୀ, ଉଚ୍ଚଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ଗଣଶିକ୍ଷା, ଆଇନ, ସମବାୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ଦକ୍ଷତା ବିକାଶ, ପର୍ଯ୍ୟଟନ, ସୂଚନା ଓ ଲୋକସମ୍ପର୍କ, ଯୋଜନା ଓ ସଂଯୋଜନା, ସାଧାରଣ ପ୍ରଶାସନ ଏବଂ ଶ୍ରମ ବିଭାଗ ଉପରେ ଅବଶିଷ୍ଟ ଆଇଆର୍ ଏବଂ ପାରା କମେଣ୍ଟ ବକେୟା ଗଡୁଛି।

# ୨୦୦ କୋଟିର ଗଞ୍ଜେଇ ତେଲ ଜବତ

**ଖେଳନା ବୋଝେଇ ପିକ୍‌ଅପ୍ ଭ୍ୟାନରୁ ୧୧୪୪ କେଜି ଗଞ୍ଜେଇ ଜବତ**

ନନ୍ଦପୁର/ ପାଡୁଆ,୨୬।୨ (ତୁଷାର କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ଉପଖଣ୍ଡ ଅଧୀନ ପାଡୁଆ ଥାନା ଅଞ୍ଚଳରୁ ଗୁରୁବାର ପ୍ରାୟ ୨ଶହ କୋଟି ଟଙ୍କାର ଗଞ୍ଜେଇ ବା ହାଶିଶ ତେଲ ପୋଲିସ ଜବତ କରିଛି। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଦୁର୍ଗମ ଜଙ୍ଗଲ ଏବଂ ଜଳଘେରି ଗ୍ରାମରେ ଚାଲୁଥିବା ଏକ ଅସ୍ଥାୟୀ କାରଖାନା ଉପରେ ଚଢ଼ାଉ କରାଯାଇ ୧୮ଶହ ଲିଟର ଗଞ୍ଜେଇ ତେଲ ଜବତ କରାଯାଇଥିବାବେଳେ ଏହି କାରବାରରେ ୫ଜଣଙ୍କୁ ଅଟକ ରଖାଯାଇଛି। ସେହିପରି ଖେଳନା ବୋଝେଇ ୨ଟି ପିକ୍‌ଅପ୍ ଭ୍ୟାନ୍‌ରେ ଚଢ଼ାଉ କରି ନନ୍ଦପୁର ପୋଲିସ ୧୧୪୪କେଜିର ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ସାଧାରଣ ଭାବେ ଗଞ୍ଜେଇକୁ ନିଶା ସେବନ ଭାବେ ବ୍ୟବହାର କରାଯାଉଥିବାବେଳେ ଏଥିରୁ ପ୍ରସ୍ତୁତ ହେଉଥିବା ତେଲର ଔଷଧୀୟ ଗୁଣ ରହିଛି। ଯନ୍ତ୍ରଣା ଉପଶମ ପାଇଁ ଲୋକେ ଏହାକୁ ଦେହରେ ଲଗାଇଥାନ୍ତି। ହେଲେ କେତେଜଣ ଚୋରା ବ୍ୟବସାୟୀ ଗଞ୍ଜେଇ ଚାଲାଣବେଳେ ଧରାପଡ଼ିଯାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ଗଞ୍ଜେଇ ତେଲ ପ୍ରସ୍ତୁତ କରି ବଜାରକୁ ଚୋରାରେ ଛାଡୁଛନ୍ତି। ଏହାର ଦାମ୍ ସାମାନ୍ୟ ଗଞ୍ଜେଇଠାରୁ ୪୦ଗୁଣ ଅଧିକ ବୋଲି କୋରାପୁଟ ଏସ୍‌ପି ରୋହିତ ବର୍ମା କହିଛନ୍ତି।

କୋରାପୁଟ ଜିଲାର ପାଡୁଆ ଥାନା ଅଧୀନ ପରଜାବଡ଼ପଡ଼ା ପଞ୍ଚାୟତର ଜୋଲାପୁଟ ଜଳଘେରି ଭିତରେ ଥିବା ଚିତଲପାଡୁ ଗ୍ରାମରେ ବେଆଇନଭାବେ ଗଞ୍ଜେଇ ତେଲ ପ୍ରସ୍ତୁତ କାରଖାନା ☞ପୃଷ୍ଠା-୫

# ମୋଦିଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ୧୦ କୋଟି ଟପିଲେ




ନୂଆଦିଲ୍ଲୀ,୨୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିଟାଲ କ୍ଷେତ୍ରରେ ଆଉ ଏକ ସଫଳତାର ସୋପାନ ଅତିକ୍ରମ କରିଛନ୍ତି। ବିଶ୍ୱର ପ୍ରଥମ ରାଜନେତା ଭାବେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଫଲୋଅର୍ସ ସଂଖ୍ୟା ୧୦ କୋଟି ଟପିଛି। ବିଶ୍ୱସ୍ତରରେ ସୋସିଆଲ ମିଡିଆରେ କୌଣସି ରାଜନେତାଙ୍କ ଫଲୋଅର୍ସ ଏତେ ସଂଖ୍ୟାରେ ପହଞ୍ଚିବା କ୍ଷେତ୍ରରେ ମୋଦି ହେଉଛନ୍ତି ପ୍ରଥମ ରାଜନେତା। ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଲୋଅର୍ସ ସଂଖ୍ୟା ତୁଳନାରେ ମୋଦିଙ୍କ ଅନୁଗାମୀ ସଂଖ୍ୟା ଦୁଇ ଗୁଣରୁ ଅଧିକ ରହିଛି। ଇନ୍‌ଷ୍ଟାଗ୍ରାମରେ ଟ୍ରମ୍ପଙ୍କ ୪ କୋଟି ୩୨ ଲକ୍ଷ ଫଲୋଅର୍ସ ରହିଛନ୍ତି। ଅନ୍ୟ ବୈଶ୍ୱିକ ନେତାଙ୍କ ମଧ୍ୟରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋ ସବିଆନ୍ତୋଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ସଂଖ୍ୟା ୧୫ ନିୟୁତ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଆ ଡାସିଲ୍‌ଭା ଲୁଲାଙ୍କ ୧୪.୪ ନିୟୁତ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୈୟିପ ☞ପୃଷ୍ଠା-୫




# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ, ସାଧାରଣ ସଭା, ସ୍ଥାନ: ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତି/ସୂଚନା ଭବନ, ସମୟ: ସକାଳ ୮ଟା ୩୦/ ସନ୍ଧ୍ୟା ୬ଟା।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମ ତିଥି ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଆଚାର୍ଯ୍ୟ ହରିହର ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସମର୍ପଣ ୨୦୨୬, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଇସ୍କନ ପକ୍ଷରୁ ସର୍ବଭାରତୀୟ ସଭାପତି ମଣ୍ଡଳୀକୁ ନିର୍ବାଚିତ ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

### ବାଲେଶ୍ୱର
- ନୂତନ ଚନ୍ଦ୍ରାଗଡ଼ି କ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆଜିମାବାଦ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍ଏମ୍ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ୨୪ ପ୍ରହର ବ୍ୟାପୀ ନାମ ସଂକୀର୍ତ୍ତନ ଶୁଭାରମ୍ଭ, ସ୍ଥାନ: ଗୁନାଇଁବସାଣ ହରିସମାଜ ମଣ୍ଡପ, ଭୋଗରାଇ, ସମୟ: ସକାଳ ୯ଟା।
- ଦୁଇ ବରପୁତ୍ର ମନ୍ମଥ-ମନୋଜ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ମନ୍ମଥ-ମନୋଜ ଐତିହ୍ୟସ୍ଥଳୀ, ଶଙ୍ଖାରି, ଭୋଗରାଇ, ସମୟ: ସକାଳ ୯ଟା ୩୦।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଖାନନଗର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ଖବରଦାତାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଯୁଗସ୍ରଷ୍ଟା ସାରସ୍ୱତ ସାଧକ ଡ. ମନୋଜ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ମନ୍ମଥ-ମନୋଜ ସ୍ମାରକୀ ସଭାଗୃହ, ଶଙ୍ଖାରି, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନୂତନ ଗୃହର ଭୂମିପୂଜା, ସ୍ଥାନ: ଗରସଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍ଘାଟନ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ସାଇ ଫେଷ୍ଟ-୨୦୨୬ ଉଦ୍ଘାଟନୀ ଉତ୍ସବ, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଶନ କ୍ୟାମ୍ପସ, ଚାନ୍ଦିପୁର ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ସପ୍ତମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ବାସୁଦେବ ବଳୟ, ମାର୍କୋଣା, ସିମୁଳିଆ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ସମାପନ ଓ ପୂର୍ଣ୍ଣାହୂତି, ସ୍ଥାନ: ଉଦପଦା ହରିସମାଜ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

### ଭଦ୍ରକ
- ଭଦ୍ରକ ଟିମ୍ବର ଓ୍ୱମର ଆସୋସିଏଶନ ପକ୍ଷରୁ ରେଳରୋକୋ, ସ୍ଥାନ: ପୀରହାଟ, ତିହିଡ଼ି, ସମୟ:ସକାଳ ୯ଟା।
- ଶ୍ରୀଶ୍ରୀ ଗୋପବନ୍ଧୁ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ସାଠିବାଙ୍କୁଡ଼ା, ଆରଡ଼ି, ସମୟ: ସକାଳ ୯ଟା।
- ଦିବ୍ୟାଙ୍ଗ ଓ ଦିବ୍ୟାଙ୍ଗଙ୍କ ଅଭିଭାବକଙ୍କ ନିମନ୍ତେ ବ୍ଲକସ୍ତରୀୟ ସଚେତନତା ଶିବିର, ସ୍ଥାନ: ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଚାଷୀ ଆନ୍ଦୋଳନ ଓ ତହସିଲ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ତହସିଲ କାର୍ଯ୍ୟାଳୟ ସାମ୍ନା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସୁନ୍ଦରପୁର ଦୋହରାପାଟଣା ଉ.ପ୍ରା. ବିଦ୍ୟାଳୟ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ଦେଉଳୀସ୍ଥିତ ଅଲେଖ ମହିମା ଆଶ୍ରମ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

### କେନ୍ଦୁଝର
- ବାବା ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ : ମୋଟରାଗଡିଆ, ହାଟଡିହୀ, ସମୟ : ସକାଳ ୬ଟା।
- ମାଣ୍ଡିଆ ଚାଷ ସମ୍ପର୍କୀତ କୃଷକ ତାଲିମ ଶିବିର,ସ୍ଥାନ: କୃଷି ପରାମର୍ଶ କେନ୍ଦ୍ର, ପାଟଣା, ସମୟ: ପୂର୍ବାହ୍ନ୧୦ଟା ୩୦।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ : ହାଟଡିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା।
- ଆନନ୍ଦପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ଖେଳପଡ଼ିଆରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଯୋଡ଼ା, ସମୟ ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଏକଲ ଶ୍ରୀ ହରି ସତ୍ସଙ୍ଗ ପ୍ରତିଯୋଗିତା, ସ୍ଥାନ: କେନ୍ଦୁଝର ସ୍କୁଲ ଅଫ ଇଞ୍ଜିନିୟରିଂ, ଡିମ୍ବୋ, ସଦର ବ୍ଲକ, ସମୟ: ଅପରାହ୍ନ ୪ଟା।
- କଣ୍ଟିପାଳ ଦୋଳ ପୂର୍ଣ୍ଣିମା ପାଇଁ ବୈଠକ, ସ୍ଥାନ: କଣ୍ଟିପାଳ ପଞ୍ଚାୟତ, ଆନନ୍ଦପୁର, ସମୟ: ସନ୍ଧ୍ୟା ୬ଟା।

### ମୟୂରଭଞ୍ଜ
- ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ମା' ଭୈରବୀ ପୀଠ ପରିସର ମଧୁବନ ବାରିପଦା,ସମୟ: ସକାଳ ୮ଟା।
- ନବନିର୍ମିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ମୁର୍ଗାବାଡ଼ି, ବାରିପଦା,ସମୟ: ସକାଳ ୮ଟା।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ବଲଦିଆ, ମୋରଡ଼ା, ସମୟ: ସକାଳ ୮ଟା।
- ଜାତୀୟ ସଂହତି ଶିବିର, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କୁ ପାଣି ପମ୍ପ ବଣ୍ଟନ,ସ୍ଥାନ:ଉଦଳା ପ୍ରକଳ୍ପ ପ୍ରଶାସକଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫଗୁ ଦଶମୀ ହୋଲି ମହୋତ୍ସବ, ସ୍ଥାନ: ଉଦଳା, ବ୍ଲକ୍ ଡିହିରାକୁଳ ଦୋଳ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ଅପରାହ୍ନ ୨ଟା।

### ବ୍ରହ୍ମପୁର
- ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

### ଗଞ୍ଜାମ
- ସାଇ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା,ସୀମାଞ୍ଚଳ ମାର୍ଗ, ସମୟ: ଅପରାହ୍ନ ୫ଟା।

### କନ୍ଧମାଳ
- କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୧ଟା ୩୦।
- ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ଉପରେ କର୍ମଶାଳା, ସ୍ଥାନ: ଫୁଲବାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୫ଟା।

### ଜଗତ୍‌ସିଂହପୁର
- ଫଗୁ ଦଶମୀ ଓ ଦୋଳ ମେଳଣ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ମନ୍ଦିର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### ଯାଜପୁର
- ୭୦ତମ ବାର୍ଷିକ ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: କଲ୍ୟାଣପୁର ଦେଓ୍ୱାନସାହି, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଏନ୍‌ସି କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲ ମ୍ୟାଚ, ସ୍ଥାନ: ମିର୍ଜାପୁର ପଞ୍ଚାୟତ ଦନା ମଠ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଛତିଆ ରଜ ଦୋଳ ମେଳଣ ମହୋତ୍ସବ ଅବସରରେ ହସ୍ତତନ୍ତ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛତିଆ ଫୁଟବଲ ପଡିଆ, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ଜାମାଲାଗି ବେଶର ୩୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ନବମ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନରେ ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ ଓ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦।
- ରଘୁନାଥଜୀଉଙ୍କର ନୂତନ ମନ୍ଦିର, ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠାର ଉଦ୍‌ଯାପନ ଦିବସରେ ସୂର୍ଯ୍ୟପୂଜା, ଧେନୁପୂଜା, ପାର୍ଶ୍ୱଦେବତା ସ୍ଥାପନା,ପୂର୍ଣ୍ଣାହୁତି ଓ ମନ୍ଦିର ଉତ୍ସର୍ଗୀ ଓ ଭଜନ ସମାରୋହ, ସ୍ଥାନ: ନୟାଗଡ଼ ବ୍ଲକ ରାଜପାଟଣା, ସମୟ:ସକାଳ ୭ରୁ ରାତ୍ର ୧୦।
- ସମୁହ ବ୍ରତୋପନୟନ, ସ୍ଥାନ: କଣ୍ଟିଲୋ ପଞ୍ଚମୁଖି ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂଜା ଓ ଆହୁତି ପ୍ରଦାନ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ପଦଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରୁ ପଠାଣୀ ସାମନ୍ତଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୌରାଣିକ ନାଟକ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨ୟ ସେମି ଫାଇନାଲରେ ପପୁଲାର କ୍ଲବ ଢେଙ୍କାନାଳ ବନାମ ଫ୍ରେଣ୍ଡସ ପାରାଡାଇଜ୍ ଜଟଣୀ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ୍, ସମୟ:ଅପରାହ୍ନ ୪ଟା।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ଦ୍ୱିତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ଢେଙ୍କାନାଳ
- ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ମହାବିଷ୍ଣୁ ଶ୍ରୀନୃସିଂହ ଯଜ୍ଞ, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡାପଡା, ସମୟ: ସକାଳ ୯ଟା।
- ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୋଟରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କାକୁଡିଭାଗ, ସଦର ବ୍ଲକ, ଢଙ୍କୋନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଓ ପେଟ୍ରୋଲ ଟାଙ୍କି ଉଦ୍‌ଘାଟନ, ସ୍ଥାନ: ବଳଦିଆବନ୍ଧ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସଫଳ ହେବେ। ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟିକଲେ ମଧ୍ୟ କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେବ। ପରିବାରର ଅତ୍ୟାବଶ୍ୟକ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** — ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ କାମରେ ସାହାଯ୍ୟ ସହଯୋଗ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। କଠୋର ଶ୍ରମ ଓ ସମୟ ବିନିମୟରେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ।

**ମିଥୁନ** — ସନ୍ତାନ ହେତୁକ ସମସ୍ୟା ଓ ଚିନ୍ତାଧାରାର ବୈଷମ୍ୟତା ମାନସିକ ଅଶାନ୍ତି ସୃଷ୍ଟିକରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏ ଦିଗରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କର୍ମକ୍ଷେତ୍ରରେ ଅର୍ଥପ୍ରାପ୍ତିର ଲାଳସା ନେଇ ସହକର୍ମୀ ଅସୁବିଧାରେ ପକାଇବେ। ବ୍ୟବସାୟ, ପରିବହନ, କାରିଗରି କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**କର୍କଟ** — କର୍ମକ୍ଷେତ୍ରର ଯେକୌଣସି ପରିସ୍ଥିତିରେ ସାମନା କରିବାର ଧୈର୍ଯ୍ୟ ଓ କୌଶଳ ଅକ୍ଷୁଣ୍ଣ ରହିବ। ଦୀର୍ଘଦିନର ଆଶା ଫଳବତୀ ହେବ। ଆବଶ୍ୟକତାନୁସାରେ ଖର୍ଚ୍ଚାନ୍ତ ହେବେ। ଅଫିସ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମିତ ହେବେ। କ୍ରନିକ୍ ରୋଗର ପ୍ରଭାବରେ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାରିବାରିକ ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମର ସୂଚନା ରହିଛି।

**ସିଂହ** — କୌଣସି ଅଭାବ ନ ଥିଲେ ମଧ୍ୟ କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିରୁ ବ୍ୟସ୍ତତା ଅନୁଭବ କରିବେ। ଆଗାମୀ କାର୍ଯ୍ୟ ସକାଶେ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ, ସାହିତ୍ୟ, ସାମ୍ବାଦିକତାକୁ ନେଇ ସମ୍ମାନ ଲାଭ କରିବେ। ଘରୋଇ କାମ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** — ଦୈହିକ ଅସୁସ୍ଥତା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ପାରିବାରିକ ସ୍ତରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ସହକର୍ମୀଙ୍କୁ ସନ୍ଦେହ କରିପାରନ୍ତି।

**ତୁଳା** — କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିଲେ ମଧ୍ୟ ଶାରୀରିକ ଅସୁସ୍ଥତା ମାନସିକ ଅଶାନ୍ତିର କାରଣ ହେବ। ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ସାଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଶୁଣା କଥାରେ ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିବେ। ସରକାରୀ ଦପ୍ତରରୁ କୌଣସି ଖବର ମନକୁ ଖୁସି କରାଇ ଦେଇପାରେ।

**ବିଛା** — ଅପୂରଣୀୟ ଆଶା ଓ ଅଭିଳାଷଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗମନାଗମନ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ରହିଥିଲେ ହେଁ ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭ କରିବେ। ଆପଣଙ୍କ ଉନ୍ନତ ଚିନ୍ତାଧାରାନୁଯାୟୀ ଯୋଜନାଟି ଫଳପ୍ରଦ ହୋଇପାରିବ।

**ଧନୁ** — ବନ୍ଧୁଙ୍କ ପ୍ରାୟୋଜିତ କାର୍ଯ୍ୟକଳାପ ପାରିବାରିକ ଅସ୍ଥିରତା ଓ କାର୍ଯ୍ୟହାନିର କାରଣ ହେବ। ସହକର୍ମୀଙ୍କ ପ୍ରତାରଣାପୂର୍ଣ୍ଣ କାର୍ଯ୍ୟ ମାନସିକ ଉତ୍ତେଜନା ସୃଷ୍ଟିକରାଇ ଅନର୍ଥ ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଗିଡି ଯାଉଥିବାରୁ ସେଥିପ୍ରତି ଧ୍ୟାନ ରଖିବା ଜରୁରୀ ହୋଇପଡ଼ିବ। ପରିବହନରେ ଝଗଡ଼ା ସ୍ଥାନୀୟ ଲୋକଙ୍କ ଦ୍ୱାରା ସମାଧାନ ହୋଇଯିବ।

**ମକର** — ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁବର୍ଗଙ୍କ ଦ୍ୱାରା ଆହୂତ ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି। ପାରିବାରିକ ସ୍ଥିତିରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବାର ସୁଯୋଗ ପାଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଯାନ୍ତ୍ରିକ ଜିନିଷ କିଣିବାକୁ ମନସ୍ଥ କରିପାରନ୍ତି।

**କୁମ୍ଭ** — ବିଭିନ୍ନ ପ୍ରକାରର ସମସ୍ୟା ବିଜଡ଼ିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ। ପାରିବାରିକ ଖର୍ଚ୍ଚର ଭରଣା ସକାଶେ ଧାରକରଜ କରିବାକୁ ପଡିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସଭାସମିତିରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** — ଉପରିସ୍ଥଙ୍କ ପୃଷ୍ଠପୋଷକତାରୁ ସମସ୍ୟା ସମାଧାନ ସକାଶେ ଫଳପ୍ରଦ ଆଲୋଚନାର ସୁଯୋଗ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସଫଳ ହେବେ। ଈର୍ଷାପରାୟଣ ବ୍ୟକ୍ତି ବିରୋଧୀ ମନୋବୃତ୍ତି ପୋଷଣକରି ସକ୍ରିୟ ହୋଇପାରନ୍ତି। ସବୁ କ୍ଷେତ୍ରରେ ଶୁଣାକଥାକୁ ଗୁରୁତ୍ୱ ଦେବା ଠିକ୍ ହେବନାହିଁ।

ଆଜି ଫେବୃଆରୀ ୨୭ ତାରିଖ, ଫାଲ୍‌ଗୁନ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ଆମଳକୀ ଏକାଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୧୦।୪୯ ମି. ଗତେ ପୁନର୍ବସୁ/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ଗୃହାରମ୍ଭ, ଗୃହ ପ୍ରବେଶ, ନବବଧୂ ଯାତ୍ରା ଓ ଦେବତା ପ୍ରତିଷ୍ଠା ସକାଶେ ଶୁଭଦିନ। ଦିବା.ଘ.୦୬।୧୧ମି. ଗତେ ଘ.୦୬।୫୮ମି. ମଧ୍ୟେ, ଘ. ୦୭।୪୪ମି. ଗତେ ଘ.୦୯।୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୨ମି. ଗତେ ଘ. ୧୧।୫ମି. ମଧ୍ୟେ ରାହୁ କାଳ।

## 'ନ୍ୟାୟପାଳିକାରେ ଦୁର୍ନୀତି'...

ପ୍ରଥମ ପୃଷ୍ଠାରୁ...

ନେଇ ଗଠିତ ତଥା ସିଜେଆଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ ଗୁରୁବାର ଏହା ଉପରେ ଶୁଣାଣି କରି ବିବାଦୀୟ ପୁସ୍ତକ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି। ଫଳରେ କେତେକ ପ୍ରସଙ୍ଗରେ କିଛିବର୍ଷ ଧରି ନ୍ୟାୟପାଳିକା ସହ ମୁହାଁମୁହିଁ ଅବସ୍ଥାରେ ଥିବା କେନ୍ଦ୍ର ସରକାରଙ୍କୁ ଝଟକା ଲାଗିଛି। ସାମାଜିକ ବିଜ୍ଞାନ ବହିକୁ ବ୍ୟାନ୍ କରାଯିବା ପରେ ସଦ୍ୟ ବିବାଦର ଆପାତତଃ ଅବସାନ ଘଟିଛି। ତେବେ ସୁପ୍ରିମକୋର୍ଟ ଏହାର ତଦନ୍ତ କରାଇବେ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସ୍ପଷ୍ଟ କରିଛନ୍ତି।

ସିଜେଆଇଙ୍କ ଖଣ୍ଡପୀଠ ଗୁରୁବାର ଶୁଣାଣି ବେଳେ କହିଛନ୍ତି, ସମ୍ପୂର୍ଣ୍ଣ ପ୍ରକରଣକୁ ଦେଖିଲେ ବୁଝାପଡୁଛି ଯେ, ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ରହିଥିଲା। ଦେଶର ସାମ୍ବିଧାନିକ ସଂସ୍ଥାକୁ ବଦନାମ କରି ନ୍ୟାୟପାଳିକାର ମର୍ଯ୍ୟାଦା ହାନି କରିବା ଭଳି ଅଭିସନ୍ଧି ଏଥିରେ କାର୍ଯ୍ୟ କରିଛି। ତେଣୁ ପ୍ରକାଶିତ ଓ ଡିଜିଟାଲ ଭର୍ସନରେ ଉପଲବ୍ଧ ଥିବା ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀର ସମସ୍ତ ସାମାଜିକ ବିଜ୍ଞାନ ପୁସ୍ତକକୁ ତତ୍କାଳ ଜବତ କରାଯାଉ। ଏହି ବହି ଯେପରି କାହା ହାତକୁ ନ ଯିବ ଅବିଳମ୍ବେ ସେନେଇ ପଦକ୍ଷେପ ନିଆଯାଉ ବୋଲି ସିଜେଆଇ କହିବା ସହ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଓ ଶିକ୍ଷା ବିଭାଗ ସମ୍ପାଦକଙ୍କୁ ନୋଟିସ କରିଛନ୍ତି। ଏଭଳି ବିବାଦୀୟ ଓ ଆପତ୍ତିଜନକ ବିଷୟ ଛାପିଥିବା ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯିବା ସହ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ବୋଲି ଉଭୟଙ୍କଠାରୁ ଖଣ୍ଡପୀଠ ଉକ୍ତ ନୋଟିସରେ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

୩ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି, ପର୍ଯ୍ୟାପ୍ତ ପ୍ରତିକାରମୂଳକ ପଦକ୍ଷେପ ସ୍ୱରୂପ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ' ପୁସ୍ତକ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଉଛି। ଆଗକୁ ଏହାର କୌଣସି ମୁଦ୍ରଣ କିମ୍ବା ପ୍ରସାରଣ ହୋଇପାରିବ ନାହିଁ। ସେମାନେ ଏକ ଗୁଳି ଫୁଟାଇଛନ୍ତି, ଯହିଁରେ ନ୍ୟାୟପାଳିକା ଲହୁଲୁହାଣ ହୋଇଯାଇଛି। ତେବେ ସାମ୍ବିଧାନିକ ସଂସ୍ଥାର ମୁଖ୍ୟ ଭାବେ ଏହି କାରସାଦି ପଛରେ ଥିବା ବ୍ୟକ୍ତିଙ୍କୁ ଖୋଜି ବାହାର କରିବା ଏବଂ ଦଣ୍ଡିତ କରିବା ତାଙ୍କ ଦାୟିତ୍ୱ। ତେଣୁ ଏହାର ଗଭୀର ତଦନ୍ତ କରାଯିବ ବୋଲି ସିଜେଆଇ ସୂର୍ଯ୍ୟ କାନ୍ତ ସ୍ପଷ୍ଟ କରିଛନ୍ତି।

କୁହାଯାଉଛି, ଗଣମାଧ୍ୟମରେ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଏନ୍‌ସିଇଆର୍‌ଟି ପକ୍ଷରୁ ବାସ୍ତବରେ ଏପରି ବହି ଛପାଯାଇଛି କି ତାହା ଯାଞ୍ଚ କରିବା ପାଇଁ ସୁପ୍ରିମକୋର୍ଟ ସେକ୍ରେଟାରି ଜେନେରାଲଙ୍କୁ ପରାମର୍ଶ ଦିଆଯାଇଥିଲା। ସେକ୍ରେଟାରି ଜେନେରାଲଙ୍କ ପ୍ରଶ୍ନର ଉତ୍ତର ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଅତି ଦାୟିତ୍ୱହୀନ ଭାବେ ଦେଇଥିଲେ। ଏଥିରୁ ତାଙ୍କ ମନ୍ଦ ଉଦ୍ଦେଶ୍ୟ ବାରି ହୋଇପଡୁଛି। ପୁସ୍ତକର ବିବାଦୀୟ ଭାଗରେ ଯେଉଁ ଶବ୍ଦ ଓ ଭାଷାର ପ୍ରୟୋଗ କରାଯାଇଛି, ତାକୁ ଦେଖିଲେ ସ୍ପଷ୍ଟ ବୁଝିହେଉଛି ଯେ, ଏହା ଅବହେଳା କିମ୍ବା ମୁଦ୍ରଣଜନିତ ତ୍ରୁଟି ନୁହେଁ। ଏହା ଉଦ୍ଦେଶ୍ୟମୂଳକ ପଦକ୍ଷେପ ବୋଲି ପ୍ରମାଣିତ ହେଲେ ନ୍ୟାୟପାଳିକାର ଭାବମୂର୍ତ୍ତି ମଳିନ କରିବା, ସ୍ୱାଧୀନତା ଓ ସ୍ୱୟଂଶାସିତ କ୍ଷମତାକୁ ଛଡ଼ାଇନେବା ପାଇଁ ଏହା ଏକ ଉଦ୍ୟମ ରୂପେ ଧରାଯିବ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଦାଲତ ଅବମାନନା ଆଇନ, ୧୯୭୧ର ଧାରା ୨(ସି) ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସ୍କୁଲ ଶିକ୍ଷା ବିଭାଗ ପକ୍ଷରୁ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ପୁସ୍ତକ ପ୍ରସ୍ତୁତିରେ ନିୟୋଜିତ ଥିବା ୨ ଜଣ ବ୍ୟକ୍ତିଙ୍କୁ ଭବିଷ୍ୟତରେ ମନ୍ତ୍ରଣାଳୟର କୌଣସି କାର୍ଯ୍ୟକଳାପରେ ସାମିଲ କରାଯିବ ନାହିଁ ବୋଲି ମେହେଟ୍ଟା କହିଛନ୍ତି। ପ୍ରକାଶିତ ବିବାଦୀୟ ପୁସ୍ତକର ୩୨ ଖଣ୍ଡ ବଜାରକୁ ଯାଇଥିଲା, ସେଗୁଡ଼ିକୁ ପ୍ରତ୍ୟାହାର କରାଯାଉଛି। ଏହା ଶୁଣିବା ପରେ ଖଣ୍ଡପୀଠ ଏହି ପ୍ରସଙ୍ଗରେ ମାର୍ଚ୍ଚ ୧୧ରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଯଥାର୍ଥ ଦର୍ଶାଇ କହିଛନ୍ତି, ୧ ଦଶନ୍ଧି ହେଲା ଏନ୍‌ସିଇଆର୍‌ଟି ପୁସ୍ତକଗୁଡ଼ିକର ପୁନଃ ଲିଖନ କରାଯାଉଛି। ଏହି ବିପଜ୍ଜନକ ଧାରା ଆର୍‌ଏସ୍‌ଏସ୍ ବିଚାରଧାରାରୁ ପ୍ରେରିତ। ଖଳ ଓ ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରାଯାଉଛି। ଏହି ରାକେଟର ତଦନ୍ତ କରାଯିବା ଜରୁରୀ ହୋଇପଡ଼ିଛି। ସେପଟେ ଇସ୍ରାଏଲରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ସହ ଏସବୁ କିଏ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିବାଦୀୟ ବିଷୟକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ନ୍ୟାୟପାଳିକାକୁ ଆମେ ଉଚ୍ଚ ସମ୍ମାନ ଦେଉଛୁ। ଅଦାଲତଙ୍କୁ ଅସମ୍ମାନ କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ନ୍ୟାୟପାଳିକା ନିଷ୍ପତ୍ତିର ସମ୍ପୂର୍ଣ୍ଣ ଅନୁପାଳନ କରାଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ମୁହାଁ, ଚୋର ମୁହାଁ,**
**ମାଇ ମୁହାଁ, ଭାତ ମୁହାଁ,**
**ଏ ନୁହନ୍ତି କାହାଁ।**

ଘର ପ୍ରତି ଅତ୍ୟଧିକ ମୋହ ବା ଆସକ୍ତି ରଖୁଥିବା ବ୍ୟକ୍ତି, ଚୋର ପ୍ରକୃତିର ବ୍ୟକ୍ତି, ପର ସ୍ତ୍ରୀ ପ୍ରତି ଆସକ୍ତ ଭାବ ରଖୁଥିବା ବ୍ୟକ୍ତି ଏବଂ ଖାଦ୍ୟ ଲୋଭୀ ବ୍ୟକ୍ତି କେବେ ଉନ୍ନତି କରିପାରି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଜୀବନରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି**
**ପୁଅ ଲିଆଖିଆ ପଣ ଛାଡ଼ିନାହିଁ।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ରହୁଥିବା ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଧାନ ବିକ୍ରି ଯନ୍ତ୍ରଣା...

କରିଥିଲେ। ବୁଧବାର ସନ୍ଧ୍ୟାରେ ତାଙ୍କୁ ଘରକୁ ପଠାଇ ଭାଇ ଦୁର୍ଯ୍ୟୋଧନ ମିଲ୍‌ରେ ଧାନ ଜଗି ରହିଥିଲେ। ତ୍ରିଲୋଚନ ଘରେ ପହଞ୍ଚିବା କ୍ଷଣି ଅସୁସ୍ଥ ଅନୁଭବ କରିଥିଲେ, ପରିବାର ଲୋକେ ତାଙ୍କୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭାଇ ତ୍ରିଲୋଚନଙ୍କ ଅସୁସ୍ଥ ଖବର ପାଇ ସେ ମିଲରଙ୍କୁ ଧାନ ତୁରନ୍ତ ନିଅନ୍ତୁ, ଭାଇ ମେଡିକାଲରେ ପଡ଼ିଛନ୍ତି ବୋଲି ବାରମ୍ବାର ନେହୁରା ହୋଇଥିଲେ। ଏହାପରେ ମିଲ୍ କର୍ମଚାରୀ ତାଙ୍କୁ ଶୋଷଣ କରିଥିଲେ। ଧାନ ଅନ୍‌ଲୋଡ କରିବା ପାଇଁ ୩ ହଜାର ଟଙ୍କା ଓ କୁଇଣ୍ଟାଲ ପିଛା ଆଉ ଅଧିକ ୩ କେଜି ଲେଖାଏଁ କାଟିବେ ବୋଲି ମୂଲଚାଲ କରିବା ପରେ ଅନ୍‌ଲୋଡ କରିଥିଲେ ବୋଲି ଦୁର୍ଯ୍ୟୋଧନ କହିଛନ୍ତି।

ଦୁର୍ଯ୍ୟୋଧନ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ସେବା ସମବାୟ ସମିତିର କର୍ମଚାରୀ ଓ ମିଲରଙ୍କୁ ଦାୟୀ କରିଛନ୍ତି। ୪୦ ଦିନ କାଳ ଦୌଡ଼ି ଶେଷରେ ସହ ସମ୍ପାଦକ ୧ ହଜାର ଟଙ୍କା ନେଇ ରାମଚଣ୍ଡୀ ମିଲ୍‌ରେ ଧାନ ଦେବାକୁ ଟୋକନ୍ ଦେଇଥିଲେ। ୨୩ରୁ ୨୫ ତାରିଖ ଯାଏ ଖରା ଓ କାକରରେ ଅଖିଆ ଅପିଆ ପଡ଼ି ରହିଥିଲୁ। କୁଇଣ୍ଟାଲ ପିଛା ୯ କେଜି ଲେଖାଏ ମିଲରେ ଧାନ କାଟି ରଖିଥିଲେ। ଅନ୍‌ଲୋଡ ପାଇଁ ମିଲର ୩ହଜାର ଟଙ୍କା ନେଇଛନ୍ତି ଓ ୨ଟି ଟ୍ରାକ୍ଟର ଭଡ଼ା ବାବଦକୁ ୧୫ ହଜାର ଟଙ୍କା ଆମେ ଦେଇଛୁ। ମିଲରଙ୍କ ନିର୍ଯ୍ୟାତନା ସହି ନ ପାରି ଭାଇଙ୍କ ଜୀବନ ଚାଲିଗଲା ବୋଲି କହିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଘଟଣା ସମ୍ପର୍କରେ ଖବର ପାଇ ରାଜନଗର ତହସିଲଦାର ଜିଶୁକୃଷ୍ଣ ଦାସ ମଣ୍ଡି ଓ ରାମଚଣ୍ଡୀ ମିଲ୍‌ରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର ଆୟାର କହିଛନ୍ତି, ଗତ ଜାନୁଆରୀ ୯ ତାରିଖରୁ ଜିଲାରେ ଧାନ ମଣ୍ଡି ଆରମ୍ଭ ହୋଇଛି। ଏହାର ସୁପରିଚାଳନା ପାଇଁ ସାପ୍ତାହିକ ସମୀକ୍ଷା ବୈଠକ ହେଉଛି। ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଚାଷୀ ତ୍ରିଲୋଚନ ନାୟକ ଗତ ୧୪ ତାରିଖରେ ୩୮.୯୦ କୁଇଣ୍ଟାଲ ଧାନ ଡାଙ୍ଗମାଳ ପାକ୍ସରେ ବିକ୍ରୟ କରିଛନ୍ତି। ୧୮ ତାରିଖରେ ଦେୟ ବାବଦ ଅର୍ଥ ତାଙ୍କୁ ଦେବାକୁ ବ୍ୟାଙ୍କକୁ ସୁପାରିସ କରାଯାଇଥିଲା। ଏହି ଟଙ୍କା ୨୩ ତାରିଖରେ ତାଙ୍କ ଆକାଉଣ୍ଟରେ ଜମା ହୋଇଛି। ଦୁଃଖର ବିଷୟ, ଗୁରୁବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି ବୋଲି ଜିଲାପାଳ ଆୟାର କହିଛନ୍ତି। ରାଜନଗର ଥାନା ଅଧିକାରୀ ନରେଶ କୁମାର ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ଅଭିଯାଗ ସମ୍ପର୍କରେ ରାମଚଣ୍ଡୀ ମିଲ୍ ମାଲିକ ସମୀର କୁମାର ସାହୁଙ୍କ ମୋବାଇଲ ନଂ. ୯୯୩୮୫୪୫୫୪୦କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ନାମାଙ୍କନ ଭରିଲେ...

ନିର୍ବାଚନ ଯଦି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ତେବେ ମାର୍ଚ୍ଚ ୧୬ରେ ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୪ଟା ମଧ୍ୟରେ ବିଧାନସଭା ସୌଧର କମିଟି ପ୍ରକୋଷ୍ଠ ନମ୍ବର ୫୪ରେ ଭୋଟ ଗ୍ରହଣ କରାଯିବ। ସେହିଦିନ ଭୋଟ ଗଣତି କରାଯାଇ ସନ୍ଧ୍ୟା ୫ଟାରେ ଫଳାଫଳ ଘୋଷଣା କରାଯିବ। ଏହାପରେ ନିର୍ବାଚିତ ବ୍ୟକ୍ତିଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ମାର୍ଚ୍ଚ ୨୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ।

ରାଜ୍ୟ ସଭା ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ସବୁ ରାଜନୈତିକ ଦଳ ନିଜର ପ୍ରତିକ୍ରିୟା ଦେବା ସାଙ୍ଗକୁ ପ୍ରାର୍ଥୀ ଚୟନ କସରତ ଜୋରଦାର କରିଛନ୍ତି। ନାମାଙ୍କନ ଦାଖଲ ଲାଗି ଆଉ ମାତ୍ର ୭ ଦିନ ସମୟ ଥିବାବେଳେ ୨ରୁ ୩ ଦିନ ମଧ୍ୟରେ ସବୁ ଦଳ ନିଜର ପ୍ରାର୍ଥୀ ଦେଇପାରନ୍ତି ବୋଲି ଶୁଣିବାକୁ ମିଳିଛି। ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଆସନ୍ତା ୨ ଦିନ ମଧ୍ୟରେ ଦଳ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ। କୋର୍ କମିଟି ବୈଠକରେ ଯେଉଁମାନଙ୍କ ନାମ ଚୂଡ଼ାନ୍ତ ହୋଇଛି ତାହା ସଂସଦୀୟ ବୋର୍ଡକୁ ଯାଇଛି। ଶୁକ୍ରବାର ସୁଦ୍ଧା ସଂସଦୀୟ ବୋର୍ଡ ବୈଠକ ବସିବ। ଏଥିରେ ହିଁ ଦଳ କାହାକୁ ରାଜ୍ୟ ସଭା ପଠାଇବ ସେକଥା ଚୂଡ଼ାନ୍ତ ହେବ। ଅବଶ୍ୟ ଏହି ସମୟରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି। ଅନ୍ୟପଟେ ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଗୁରୁବାର ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେବାକୁ ଯାଇ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ନେଇ ସମସ୍ତ ପିଏସିର ନେତାମାନେ ଏକତ୍ରିତ ହୋଇ କହିଲେ, ନବୀନବାବୁ ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୂଡ଼ାନ୍ତ। ଆଉ କିଛି ଆଲୋଚନା ହୋଇନାହିଁ। ଦଳର ସଭାପତି ଯାହାକୁ ପ୍ରାର୍ଥୀ କରିବେ ତାହା ହିଁ ଚୂଡ଼ାନ୍ତ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଆସନ୍ତା ୨୮ ତାରିଖରେ କଂଗ୍ରେସ ରାଜ୍ୟ ସଭା ବାବଦରେ ନିଷ୍ପତ୍ତି ନେବ। ନବୀନଙ୍କ ସହ ଆଲୋଚନା ପାଇଁ ସମୟ ମାଗିଥିଲେ, ହେଲେ ସେ ଏଯାଏ ଦେଇନାହାନ୍ତି। ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଭକ୍ତ କହିଛନ୍ତି।

## ବିବାହ ବନ୍ଧନରେ...

ସେହି ବ୍ୟକ୍ତି ଯିଏ ମୋତେ ପ୍ରକୃତ ପ୍ରେମ ଓ ଶାନ୍ତିର ଅନୁଭବ କରାଇଛନ୍ତି। ସେ ମୋତେ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ନିଜ ଉପରେ ବିଶ୍ୱାସ କରିବା ଶିଖାଇଛନ୍ତି। ସତ କହିବାକୁ ଗଲେ, ମୁଁ ତାଙ୍କ ଉପରେ ଗୋଟିଏ ପୂରା ବହି ଲେଖିପାରିବି।''

ଅପରପକ୍ଷେ ବିଜୟ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ''ଦିନେ ମୁଁ ତାଙ୍କୁ ଏତେ ମିସ୍ କଲି ଯେ ମୋତେ ଅନୁଭବ ହେଲା ଯଦି ସେ ମୋ ସାଥିରେ ଥାନ୍ତେ, ତେବେ ମୋର ପ୍ରତିଟି କାମ ଆହୁରି ସୁନ୍ଦର ହୋଇଥାନ୍ତା। ମୋତେ ଘର ଭଳି ଶାନ୍ତି ଅନୁଭବ କରିବା ପାଇଁ ତାଙ୍କର ଆବଶ୍ୟକତା ଥିଲା। ତେଣୁ ମୁଁ ମୋର ସବୁଠାରୁ ଭଲ ସାଙ୍ଗକୁ ନିଜର ସ୍ତ୍ରୀ କରିନେଇଛି।''

ଉଭୟଙ୍କ ପୋଷ୍ଟ ପରେ ପ୍ରଶଂସକମାନେ ଏହି ନବଦମ୍ପତିଙ୍କୁ ଶୁଭେଚ୍ଛାରେ ପୋତିପକାଉଛନ୍ତି। ଏହି ଷ୍ଟାର୍ ଯୋଡ଼ିଙ୍କ ଫଟୋ ଏବେ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହେବାରେ ଲାଗିଛି।




# ସୀମାନ୍ତରେ ୨ ମାଓବାଦୀ ନିହତ

**ମାଲକାନଗିରି,୨୬।୨(ସୁଚିତ୍ରା ଦାସ)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ୨ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ବନ୍ଧୁକ ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ସୂଚନାନୁଯାୟୀ, ଛତିଶଗଡ ବିଜାପୁର ଜିଲା ଗଙ୍ଗାଲା ଥାନା ଅଧୀନ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଖବର ପାଇ ପୋଲିସ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଥିଲା। ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ କୋମ୍ବିଂ ଅପରେଶନ ଚାଲୁଥିବା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପୋଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ମାଓବାଦୀ ପୋଲିସ ଗୁଳିର ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ଉକ୍ତ ଅଞ୍ଚଳରେ ଯାଞ୍ଚ କରିବାରୁ ୨ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଜବତ ହୋଇଥିବା ବିଜାପୁର ଏସ୍‌ପି ଡ. ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। ଏଥିସହ ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ, ଏକ ଇନ୍ସାସ ରାଇଫଲ ଏବଂ ଏକ ୧୨ ବୋର ରାଇଫଲ, ବିସ୍ଫୋରକ ଓ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ପୋଲିସ ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସି ଜାରି ରଖିଛି। ୨ ମାଓବାଦୀଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଟିମ୍ ଫେରିବା ପରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

# ମାର୍ଚ୍ଚ ୫କୁ ଘୁଞ୍ଚିଲା ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି

## ଓଟିଇଟି ପ୍ରଶ୍ନପତ୍ର ଜାଲିଆତି ଘଟଣା

**କଟକ,୨୬।୨(କାର୍ତ୍ତିକ ସାହୁ)**

ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଜାଲିଆତି ମାମଲାର ୮ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟରେ ଗୁରୁବାର ଶୁଣାଣି ହୋଇଛି। ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ଶୁକ୍ରବାର ସୁଦ୍ଧା ଲିଖିତ ଯୁକ୍ତି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ପୃଥକ ଭାବେ ଦାଖଲ କରାଯିବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୫କୁ ଧାର୍ଯ୍ୟ ହୋଇଛି। ଏହି ଜାଲିଆତି ମାମଲାରେ ଗିରଫ ଅଭିଯୁକ୍ତମାନେ ହେଲେ ଡ. ନୀହାର ରଞ୍ଜନ ମହାନ୍ତି, ଜିତନ ମହାରଣା, ରାମଜୀ ପ୍ରସାଦ ଗୁପ୍ତା, ବିଜୟ କୁମାର ମିଶ୍ର, ଜୟନ୍ତ କୁମାର ରାଉତ, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ ଓ ସନାତନ ବିଷୋୟୀ।

# ପିଏସି କାହିଁକି



ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ।

**ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)**

ବିଜେଡିର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ସମୟ ଧରି ହୋଇଥିବା ପିଏସି ବୈଠକରେ ବହୁତ ରାଜନୈତିକ ଦିଗ ଉପରେ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟ ସଭା ନିର୍ବାଚନ ଉପରେ ପିଏସିରେ ହୋଇଥିବା ଆଲୋଚନା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ପ୍ରତିକ୍ରିୟା ଶୁଣି ବିଜେଡି ଭିତରୁ ଧୀରେ ଧୀରେ ଅସନ୍ତୋଷ ବଢୁଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରମିଳା କହିଛନ୍ତି, ରାଜ୍ୟ ସଭା ନିର୍ବାଚନରେ କିଏ ପ୍ରାର୍ଥୀ ହେବେ ସେକଥା ଦଳର ସଭାପତି ନିଷ୍ପତ୍ତି ନେବେ। ସମସ୍ତ ପିଏସି ସଦସ୍ୟ ମିଳିତ ଭାବେ ଏହି ପ୍ରସ୍ତାବ ନବୀନଙ୍କୁ ଦେଇଛନ୍ତି। ସମସ୍ତେ ନବୀନଙ୍କୁ କହିଛନ୍ତି, ଯାହା ସେ ଚୂଡ଼ାନ୍ତ କରିବେ ସମସ୍ତେ ତାକୁ ମାନିନେବେ। ଦଳର କେତେଜଣ ବରିଷ୍ଠ ନେତା ନିଜ ନାମ ଗୋପନ ରଖି ପ୍ରମିଳାଙ୍କ ପ୍ରତିକ୍ରିୟାକୁ ନେଇ କହିଛନ୍ତି, କିଏ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହେବେ ସେହି ନିଷ୍ପତ୍ତି ଯଦି ପିଏସିରେ ଚୂଡ଼ାନ୍ତ ହେଲା ନାହିଁ ତେବେ ବୈଠକ ବସିଲା କାହିଁକି। ରାଜନୈତିକ ବ୍ୟାପାର କମିଟିର ତେବେ କାମ କ'ଣ ରହିଲା। ରାଜନୈତିକ ବ୍ୟାପାର କମିଟି ଥାଇ ନ ଥିଲା ଭଳି ହୋଇଯାଉଛି। ତେବେ ଆଗକୁ ଯିଏ ରାଜ୍ୟ ସଭାକୁ ବିଜେଡିରୁ ଯିବେ ତା'ର ନିଷ୍ପତ୍ତି ନବୀନ କାହା ସହ ଆଲୋଚନାକରି ନେବେ, ସେକଥା ଦଳର ସଭାପତି ସ୍ପଷ୍ଟ କରନ୍ତୁ। ପିଏସି କ'ଣ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ହୋଇଛି।

ଅନ୍ୟପଟେ ଗୁରୁବାରଠାରୁ ରାଜ୍ୟ ସଭା ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାୟୀ ଆସନ୍ତା ୫ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ। ତେଣୁ ଏହା ଭିତରେ ୪ର୍ଥ ଆସନକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଛି ସେ ବିଷୟରେ ବିଜେଡି କିଛି ନିଷ୍ପତ୍ତି ନେବ ବୋଲି ରାଜନୈତିକ ମହଲରେ ଅନେକଙ୍କ ଅପେକ୍ଷା ରହିଥିଲା। ପ୍ରତ୍ୟକ୍ଷ ବା ପରୋକ୍ଷରେ ଯେପରି ୪ର୍ଥ ଆସନ ଭାଜପାକୁ ଯିବା ଭଳି ବାଟ ତିଆରି କରା ନ ଯିବ ସେଥିପାଇଁ କିଛି ପ୍ରତିକ୍ରିୟା ବିଜେଡି ପକ୍ଷରୁ ଆସିବ ବୋଲି ଅନୁମାନ ମଧ୍ୟ କରାଯାଉଥିଲା। କାରଣ ନିକଟରେ ଦଳର ବରିଷ୍ଠ ନେତା ଅରୁଣ କୁମାର ସାହୁ ମଧ୍ୟ ଏହି କଥା ଦୋହରାଇଥିଲେ। ୪ର୍ଥ ଆସନ ଭାଜପାକୁ ନ ଯିବା ଦରକାର ବୋଲି ସେ ତାଙ୍କ ବ୍ୟକ୍ତିଗତ ମତ ଜଣାଇଥିଲେ। ଅରୁଣ ପିଏସିରେ ନାହାନ୍ତି। ଯେଉଁମାନେ ପିଏସିରେ ଅଛନ୍ତି, ସେମାନେ ଏ ବିଷୟରେ ଯଦି ନବୀନଙ୍କ ସାଙ୍ଗରେ ଆଲୋଚନା କରିଥିବେ, ତେବେ ଏହା ନିର୍ବାଚନ ଭିତରେ ନିଶ୍ଚିତ ପ୍ରତିଫଳିତ ହେବ। ଭାଜପା ପକ୍ଷରୁ ମଧ୍ୟ ୨ ଦିନ ମଧ୍ୟରେ ପ୍ରାର୍ଥୀ ଘୋଷଣା ହୋଇଯିବ ବୋଲି କୁହାଯାଇଛି। ତେଣୁ ଭାଜପା ଯଦି ୩ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରେ ତେବେ ଗୋଟିଏ କଥା ବୁଝିନେବାକୁ ହେବ, ଶାସକ ଦଳ ହାରିବା ଭଳି କିଛି ବାଟ ରଖି କାମ କରି ନ ଥିବ।

ଅନ୍ୟପକ୍ଷରେ ରାଜ୍ୟରେ ଯେହେତୁ ବିଜେଡି ମୁଖ୍ୟ ବିରୋଧୀ ଦଳ ଆସନରେ ରହିଛି ଶାସକ ଦଳକୁ ସବୁ କ୍ଷେତ୍ରରେ ଅଟକାଇବା ପାଇଁ ସେମାନେ ପ୍ରଥମ ଉଦ୍ୟମ କରିବା କଥା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ମଧ୍ୟ ରାଜ୍ୟ ସଭା ନିର୍ବାଚନ ନେଇ ନବୀନଙ୍କୁ ଭେଟିବାକୁ ସମୟ ଲୋଡ଼ିଛନ୍ତି, ହେଲେ ତାଙ୍କୁ ଏଯାଏଁ କିଛି ପ୍ରତ୍ୟୁତ୍ତର ମିଳି ନ ଥିବା ଜଣାପଡ଼ିଛି। ପୂର୍ବରୁ ଅନେକ ସମୟରେ ସମଦୂରତା କଥା କହି ବିଜେଡି ନିଜକୁ ସୁରକ୍ଷିତ ରଖିବା ପାଇଁ ଅନେକ କିଛି କାର୍ଯ୍ୟକ୍ରମ କରିଛି। ମାତ୍ର ସେଭଳି ସବୁ ନିଷ୍ପତ୍ତିରେ ଭାଜପାକୁ ପରୋକ୍ଷରେ ସୁହାଇବା ଭଳି ହୋଇଛି। ଏଥର ନବୀନଙ୍କ ଆଭିମୁଖ୍ୟ ରାଜ୍ୟ ସଭାରେ ଭାଜପାକୁ ସୁହାଇବା ଭଳି ହେବ ନା ନାହିଁ, ସେହି କଥା ଉପରେ ହିଁ ରାଜ୍ୟର ବହୁ ବିଜେଡି ନେତା ଅପେକ୍ଷା କରି ରହିଛନ୍ତି। ଆଗକୁ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ ଲାଗି କୌଣସି ଦଳ ପାଖରେ ଯଥେଷ୍ଟ ସଂଖ୍ୟା ନାହିଁ। ଯଦି ବିଜେଡି ସମଦୂରତା କଥା କହିଦିଏ, ତେବେ ଭାଜପା ସହଜରେ ୩ଟି ଆସନରେ ବିଜୟୀ ହେଇଯିବ। ନଚେତ୍ ନବୀନଙ୍କ ସମର୍ଥନରେ ୪ର୍ଥ ଆସନ ଭାଜପା ଜିତିଯାଇପାରିବ। ଏପରି ନ ହୋଇ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ମିଳିତ ପ୍ରାର୍ଥୀ ଦେଇ ଶାସକ ଦଳକୁ ରୋକିବାର ଆଉ ଏକ ରାସ୍ତା ରହିଛି। ରାଜ୍ୟର କୋଣ ଅନୁକୋଣରେ ବିଜେଡି କର୍ମୀମାନେ ଭାଜପା ସହ ତାଙ୍କ ଦଳର ସମ୍ପର୍କ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ବାରମ୍ବାର ପ୍ରଶ୍ନ ଉଠାଉଛନ୍ତି। ଅନେକଙ୍କ ଆଶା ଥିଲା, ପିଏସି ବୈଠକରେ ଏଭଳି ଏକ ବିଷୟ ଉପରେ ନିଶ୍ଚିତ ଚର୍ଚ୍ଚା ହୋଇପାରେ, ମାତ୍ର ଏମିତି କିଛି ହୋଇ ନ ଥିବା ଜଣାପଡ଼ିଛି।

# ଶୃଙ୍ଖଳା ସହ ସାଲିସ ହେବନାହିଁ:ଭକ୍ତ



ଗୁରୁବାର ପୂର୍ବାହ୍ନରେ ସୂଚନାଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ।

## ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ

**ଭୁବନେଶ୍ୱର,୨୬।୨ (ରବିନାରାୟଣ ଜେନା)**

କଂଗ୍ରେସ ସବୁବେଳେ ସତ୍ୟ ଓ ଅହିଂସା ଉପରେ ବିଶ୍ୱାସ କରେ। ଦଳରେ କର୍ତ୍ତବ୍ୟ ପରାୟଣତାକୁ ସବୁବେଳେ ଗୁରୁତ୍ୱ ଦିଆଯାଇ ଆସୁଛି। ହେଲେ ଶୃଙ୍ଖଳାକୁ କୌଣସି ପରିସ୍ଥିତିରେ ସାଲିସ କରାଯିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ସୂଚନାଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ଭକ୍ତ କହିଛନ୍ତି, ଦଳର ଦାୟିତ୍ୱ ନେବା ଦିନଠାରୁ ଦଳକୁ କିଭଳି ଆଗକୁ ସୁସଙ୍ଗଠିତ କରାଯିବ ତାହା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଦଳରେ କେହି କେନ୍ଦ୍ରୀୟ ନେତୃତ୍ୱ ଉପରେ ପ୍ରଶ୍ନ କରିବେ ତାକୁ ଛାଡ୍ ଦିଆଯିବ ନାହିଁ। ସବୁ ଦଳରେ ମତଭେଦ ରହିଛି। ଭାଜପା ଏବଂ ବିଜେଡିରେ ବହୁ ମତଭେଦ ରହିଥିଲେ ହେଁ ତାହାସବୁ ବାହାରକୁ ଆସୁନାହିଁ। ହେଲେ କଂଗ୍ରେସରେ ସବୁବେଳେ ସଙ୍ଗଠନକୁ ନେଇ ପ୍ରଶ୍ନ ଉଠୁଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କଂଗ୍ରେସ ଏକ ବିଚାରଧାରା ବୋଲି କହିଥିଲେ। ସେ କହିଥିଲେ, ଦେଶର ୯୪ ପ୍ରତିଶତ ଲୋକଙ୍କ ପାଇଁ ବ୍ୟାଙ୍କରେ ଚାବି ପଡ଼ିଛି। ଯଦି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଇ କୋଇଲା ଉପରେ ସେସ୍ ଲାଗୁ କରାଯାଆନ୍ତା ତେବେ ଓଡ଼ିଶାକୁ ପ୍ରତିବର୍ଷ ୧ଲକ୍ଷ କୋଟିରୁ ଅଧିକ ଟଙ୍କା ରାଜସ୍ୱ ମିଳିପାରନ୍ତା। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଜୟଦେବ ଜେନା ଯେଉଁ କୋଇଲା ରୟାଲଟି ପ୍ରସଙ୍ଗ ଉଠାଇଛନ୍ତି ତାକୁ ନିଶ୍ଚିତ ଭାବେ ଗୃହରେ ଉପସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ 'ହେମାନନ୍ଦଙ୍କୁ କ୍ରାଇସିସ୍ ମ୍ୟାନେଜର' ଭାବେ ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ନିରଞ୍ଜନ ପଟ୍ଟନାୟକଙ୍କ ସହ ସନ୍ତୋଷ ସିଂହ ସାଲୁଜା, ଅନନ୍ତ ସେଠୀ, ପୂର୍ବତନ ମୁଖ୍ୟଶାସନ ସଚିବ ବିଜୟ ପଟ୍ଟନାୟକ ଏବଂ ହେମାନନ୍ଦଙ୍କ ସହଧର୍ମିଣୀ ଉର୍ମିଳା ବିଶ୍ୱାଳ ପ୍ରମୁଖ ଯୋଗଦେଇ ହେମାନନ୍ଦଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭକ୍ତଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି।

# ଧାମରାରେ ନିର୍ମାଣ ହେବ ଜାହାଜ କାରଖାନା

**ଭଦ୍ରକ,୨୬।୨ (ସନାତନ ରାଉତ)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍‌ର ଧାମରାରେ ଜାହାଜ ନିର୍ମାଣ ଓ ମରାମତି କାରଖାନା ପ୍ରତିଷ୍ଠା ହେବ। ଫଳରେ ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ଆଶା ଉଜ୍ଜୀବିତ ହୋଇଛି। ନିକଟରେ ରାଜ୍ୟ ସରକାର ୨୩ଟି ଶିଳ୍ପ ପାଇଁ ୪୧୧୧ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସେଥିମଧ୍ୟରେ ଧାମରାର ଜାହାଜ ନିର୍ମାଣ କାରଖାନା ରହିଥିବା ଜଣାପଡ଼ିଛି। ଏହି କାରଖାନା ପାଇଁ ୩୩୯ କୋଟି ଟଙ୍କା ବିନିଯୋଗ ହେବ ବୋଲି ନିଷ୍ପତ୍ତି ହୋଇଛି।






## ଅବଶିଷ୍ଟାଂଶ

# ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ବିୟୋଗ



ମଲ୍ଲିକା ହରିପାଲ

**ସମ୍ବଲପୁର,୨୬।୨ (ଭବାନୀ ଶଙ୍କର ଭୋଇ)**

ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲଙ୍କ ସ୍ତ୍ରୀ ମଲ୍ଲିକା ହରିପାଲଙ୍କ ଗୁରୁବାର ଅପରାହ୍ନ ୪ଟା୩୦ରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ବର୍ଷ ହୋଇଥିଲା। ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। କିଛିଦିନ ହେବ ଖାଦ୍ୟପେୟ ବନ୍ଦ ହୋଇଯିବାରୁ ସେ ଦୁର୍ବଳ ହୋଇଯାଇଥିଲେ। ବୁଧବାର ତାଙ୍କୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ହେଲେ ଶେଷରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସନ୍ଧ୍ୟାରେ ତାଙ୍କ ମରଶରୀର ଷ୍ଟେଶନପଡ଼ାସ୍ଥିତ ବାସଭବନ ଅଣାଯାଇଛି। ଶୁକ୍ରବାର ସକାଳେ ମନ୍ଦଲିଆସ୍ଥିତ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ରଙ୍ଗବତୀ ଗୀତର ଗାୟକ ପଦ୍ମଶ୍ରୀ ହରିପାଲଙ୍କ ଜୀବନ ସଂଘର୍ଷରେ ମଲ୍ଲିକା ସବୁବେଳେ ସାଥିରେ ଛିଡ଼ା ହୋଇଥିଲେ। ଡ. ଜିତେନ୍ଦ୍ର ହରିପାଲଙ୍କ ୨ ପୁଅ ଏବଂ ୩ ଝିଅ ଅଛନ୍ତି। ମଲ୍ଲିକାଙ୍କ ପରଲୋକରେ କଳାପ୍ରେମୀ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

## ୨୦୦ କୋଟିର ...

ଚାଲୁଥିବା ନେଇ ଜିଲା ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ, ପାଡୁଆ ଥାନାଧିକାରୀ ଅଶୋକ ବିଶୋୟୀ ଗୁରୁବାର ରାସ୍ତା ମାର୍ଗ ପ୍ରୟୋଗ ନ କରି ନୌକା ଓ ପଦଯାତ୍ରା ମାଧ୍ୟମରେ ଗୁପ୍ତ ଭାବେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ସେଠାରେ ଚାଲୁଥିବା ଆନ୍ତଃରାଜ୍ୟ ଗଞ୍ଜେଇ ତେଲ ତିଆରି କାରଖାନାକୁ ଧ୍ୱଂସକରି ୧୮୦୦ ଲିଟରରୁ ଉର୍ଦ୍ଧ୍ୱ ଗଞ୍ଜେଇ ତେଲ ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଏହି ଘଟଣାରେ ୫ଜଣଙ୍କୁ ଅଟକ ରଖାଯାଇଥିବାବେଳେ ସେମାନଙ୍କଠାରୁ ୩୦ରୁ ଉର୍ଦ୍ଧ୍ୱ ପ୍ରେସର କୁକର ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରାଯାଇଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂ ସୂଚନା ଦେଇଛନ୍ତି। ଏହି ତେଲ ତିଆରିରେ ଆନ୍ତଃରାଜ୍ୟ ମାଫିଆଙ୍କ ସମ୍ପୃକ୍ତି ଥିବା ପ୍ରାରମ୍ଭିକ ପ୍ରମାଣ ମିଳିଛି। ପାଡୁଆ ପୋଲିସ ଘଟଣାର ତଦନ୍ତ କରୁଛି। ଚଢ଼ାଉ ଜାରି ରହିଥିବାରୁ ଅଧିକ ସୂଚନା ପରବର୍ତ୍ତୀ ସମୟରେ ଦିଆଯିବ ବୋଲି ଏସ୍‌ପି ବର୍ମା କହିଛନ୍ତି।

ସେହିପରି ଅନ୍ୟଏକ ଘଟଣାରେ ନନ୍ଦପୁର ପୋଲିସ ୧୧୪୪ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତକରିବା ସହ ୪ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହରିୟାଣାର ୨ ଖେଳନା ବ୍ୟବସାୟୀ ବାବା ଓ ସୁନ୍ଦର, ସେମିଲିଗୁଡ଼ାର ୨ ଗାଡ଼ି ମାଲିକ ଲୋକନାଥ ବେହେରା(୫୨) ଏବଂ କୁମାରସ୍ୱାମୀ ବେହେରା(୪୨)। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୫ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ନନ୍ଦପୁର ଭାରପ୍ରାପ୍ତ ଏସ୍‌ଡିପିଓ ସୁମିତ୍ରା ଜେନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଗ୍ରାମାଞ୍ଚଳରେ ବୁଲି ଖେଳନା ବ୍ୟବସାୟ କରୁଥିବା ୨ ବ୍ୟବସାୟୀ ୨ ପିକ୍‌ଅପ୍‌ରେ ଆନ୍ଧ୍ର ମୁଚିମପୁଟ ଅଞ୍ଚଳରୁ ୪୬ ଜରି ବସ୍ତାରେ ଗଞ୍ଜେଇ ନେଇ ହରିୟାଣା ଚାଲାଣ କରିବା ପାଇଁ ନନ୍ଦପୁର ଦେଇ ଯାଉଥିବା ବେଳେ ପୋଲିସ ମାଡ଼ି ବସିଥିଲା। ୨ ଖେଳନା ବୋଝେଇ ପିକ୍‌ଅପ୍ ଓ ଚାଳକ(ମାଲିକ)ଙ୍କ ସମେତ ୨ ଖେଳନା ବ୍ୟବସାୟୀଙ୍କୁ କାବୁ କରିଥିଲା। ଏ ନେଇ ନନ୍ଦପୁର ଥାନାରେ ଏକ ମାମଲା(ନଂ. ୨୮/୨୦୨୬) ମାମଲା ରୁଜୁ କରାଯାଇଛି। ୨ ପିକ୍‌ଅପ୍‌କୁ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟା ପାଡ଼ିଆ ସୂଚନା ଦେଇଛନ୍ତି। କୋରାପୁଟ ଅଞ୍ଚଳରେ ସମସ୍ତ ବୁଲା ବ୍ୟବସାୟୀ ଓ ପର୍ଯ୍ୟଟକ ସାଜି ଗଞ୍ଜେଇ ଚାଲାଣ କରିବାକୁ ଆସୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଇଥିବା କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟା ପାଡିଆ, ଏସ୍‌ଆଇ ଜ୍ୟୋତିର୍ମୟୀ ସାମଲ ଓ ଏସ୍‌ଆଇ ଗୁପ୍ତେଶ୍ୱର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ହୋଇଥିବା ଗଞ୍ଜେଇ ତେଲ ଓ ପ୍ରେସର କୁକର।

## ଦିଲ୍ଲୀରେ ନୂତନ ଓଡ଼ିଶା...

ରାଜ୍ୟଗୁଡ଼ିକୁ ଜମି ମଗାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକତା, ଚେନ୍ନାଇ ଓ ମୁମ୍ବାଇଠାରେ ଓଡ଼ିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି। ଏହିସବୁ ଭବନ ଓ ସଦନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ପାଖରେ ଏକ ଜନ ଆଶ୍ରୟ ଭବନ ନିର୍ମାଣ ହେବ। ଏଥିରେ ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ୩ ଦିନର ରହଣି ବ୍ୟବସ୍ଥା କରାଯିବ।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ମୋଦିଙ୍କ ଇନ୍‌ଷ୍ଟାଗ୍ରାମ୍ ...

ଏର୍ଡୋଗାନ୍‌ଙ୍କ ୧୧.୬ ନିୟୁତ ଏବଂ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇଙ୍କ ଫଲୋଅର୍ସ ସଂଖ୍ୟା ୬.୪ ନିୟୁତ ରହିଛି। ମୋଦି ୨୦୧୪ରେ ଇନ୍‌ଷ୍ଟାଗ୍ରାମ୍‌ରେ ଯୋଡ଼ି ହୋଇଥିବାବେଳେ ସମୟାନୁସାରେ ତାଙ୍କ ଫଲୋଅର୍ସ ସଂଖ୍ୟା ବଢ଼ି ଚାଲିଛି। ଅନ୍ୟ ଯେକୌଣସି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ତୁଳନାରେ ଇନ୍‌ଷ୍ଟାଗ୍ରାମରେ ମୋଦିଙ୍କୁ ସର୍ବାଧିକ ଲୋକ ଫଲୋ କରୁଥିବା ଦେଖାଯାଇଛି।


15001/3/2526



ଓଡ଼ିଶା ସରକାର

**ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

୨୭ ଫେବୃଆରୀ, ୨୦୨୬

ସକାଳ ଘ. ୮. ୩୦ ମିନିଟ୍ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା — ସାଧାରଣ ସଭା — ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଓମ୍ ପ୍ରକାଶ ମିଶ୍ର, ବିଧାୟକ, ସତ୍ୟବାଦୀ
ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ, ବିଧାୟକ, ପିପିଲି

ମୁଖ୍ୟବକ୍ତା
ଡ. ସଂଗ୍ରାମ କେଶରୀ ରାଉତ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ଆଚାର୍ଯ୍ୟ ବିହାର ପରିଷଦ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/15001/2/25-26/0003

❝ ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି– ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ–ସିଦ୍ଧ ସମାଜ ହୋଇପାରିବନି। –ଶ୍ରୀଅରବିନ୍ଦ

-ପାପ ନାଶିନୀ ଏକାଦଶୀ
ଉପବାସ ଓ ହଳ ନିଷେଧ



# ସୁରକ୍ଷାର କବଚ ବିକାଶ



ଆଲେକ୍‌ଜାଣ୍ଡର ଡି କ୍ରୁ

ଚଳିତବର୍ଷ ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଭୂରାଜନୈତିକ ସ୍ଥିତି, ପ୍ରଭାବର କ୍ଷେତ୍ର, ନାଟୋର ଭବିଷ୍ୟତ ତଥା ପ୍ରତିରକ୍ଷା ବଜେଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କିନ୍ତୁ ଏହି ଆଲୋଚନା ଯେତିକି ମହତ୍ତ୍ୱପୂର୍ଣ୍ଣ ଥିଲା, ତାହା ସେଭଳି କାର୍ଯ୍ୟକାରୀ ହୋଇନାହିଁ। ବିଶ୍ୱ ଏବେ ସମ୍ପୂର୍ଣ୍ଣ ଭାବେ ବିଭାଜିତ ଏବଂ ଏଭଳି ସ୍ଥିତିରେ ସୁରକ୍ଷା କହିଲେ କେବଳ ଟ୍ୟାଙ୍କ ଓ ଚୁକ୍ତିକୁ ବୁଝାଏ ନାହିଁ। ଦୃଢ଼ ଓ ବିଶ୍ୱସନୀୟ ଭାଗୀଦାରି, ସହନୀୟ ବ୍ୟବସ୍ଥା ତଥା କାର୍ଯ୍ୟରତ ସଂସ୍ଥାଗୁଡ଼ିକ ଉପରେ ସୁରକ୍ଷା ନିର୍ଭର କରେ। ସମାଜକୁ ଆହ୍ୱାନ ସାମ୍ନା କରିବା ପାଇଁ ଏସବୁ ଶକ୍ତି ଯୋଗାଇଦିଏ। ଏ ଦୃଷ୍ଟିରୁ ବୁଝିବାକୁ ଗଲେ, ଅନ୍ତର୍ଜାତୀୟ ବିକାଶ କେବଳ ସଫ୍ଟ ପାୱାର (ବୁଝାଶୁଝା ଓ ଆକର୍ଷଣ ମାଧ୍ୟମରେ ପ୍ରଭାବ ପକାଇବା)ର ଫର୍ମୁଲା ନୁହେଁ, ବରଂ ହାର୍ଡ ପାୱାର (ସେନା ଓ ଅର୍ଥନୀତି ଭୟ ଦେଖାଇ ପ୍ରଭାବ ବିସ୍ତାର କରିବା) ଏବଂ ଭବିଷ୍ୟତରେ ଧମକକୁ ଦୁର୍ବଳ କରିବାରେ ଏହା ହେଉଛି ସବୁଠୁ ପ୍ରଭାବୀ ପଦକ୍ଷେପ।

ବିକାଶ ହେଉଛି ସୁରକ୍ଷାର ଆଧାର ବୋଲି ଏଯାବତ୍ ସଂଖ୍ୟାଧିକ ନେତା ସ୍ୱୀକାର କରିପାରିନାହାନ୍ତି। ସେମାନେ ବିକାଶ ସହାୟତାକୁ ଦାନ ଭାବେ ଦେଖୁଛନ୍ତି। ସେମାନେ ଏହାକୁ ପ୍ରକୃତ ପ୍ରତିରକ୍ଷାର କାର୍ଯ୍ୟ ବଦଳରେ ଏକ ଲକ୍‌ଜୁରୀ ବିଷୟ ବୋଲି ଭାବନ୍ତି। ଏ ପ୍ରକାର ମାନସିକତା ସଂଘର୍ଷର ଅନେକ କାରଣ ସମ୍ପର୍କରେ ନୀତି ନିର୍ଦ୍ଧାରକଙ୍କୁ ଅଜଣା ରଖି ସ୍ଥିରତାକୁ ଦୁର୍ବଳ କରିଦିଏ। ଯେ ପର୍ଯ୍ୟନ୍ତ ଆମେ ହିଂସାର ମୂଳ କାରଣକୁ ଅଣଦେଖା କରୁଥିବା, ସେ ପର୍ଯ୍ୟନ୍ତ ଜୀବନରେ ଅଧିକ କ୍ଷତି ସହିବା ସହ ଟିକସ ଦେଉଥିବା ଏବଂ ସମୃଦ୍ଧି ହାସଲ କରିପାରିବା ନାହିଁ। ଏକ ରଣନୀତିକ ସାଧନ ଭାବେ ଆମେ ଯଦି ଫାଇଟର ଜେଟ୍ ସଂଖ୍ୟା ବୃଦ୍ଧି କରିବା ଏବଂ ଶିକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ରଦ୍ଦ କରିବା ; ଯଦି କେବଳ ମିଶାଇଲ ପାଇଁ ଅର୍ଥ ସଂଗ୍ରହ କରି ଜଳ ଓ ବିଦ୍ୟୁତ୍ ପାଇଁ ତାହା ନ କରିବା, ତେବେ ଆମେ ସମାଜକୁ ରକ୍ଷା କରିପାରିବା ନାହିଁ। ଆମେ ଏବେ ସେଗୁଡ଼ିକୁ ଦୁର୍ବଳ କରୁଛୁ।

ପ୍ରତିରକ୍ଷା ବ୍ୟୟର ଗୁରୁତ୍ୱ ରହିଛି ଏବଂ ଏବକାର ପୃଥିବୀରେ ମିଲିଟାରି କ୍ଷେତ୍ରରେ ନିବେଶ ବୃଦ୍ଧି କରିବା ଏକ ବୈଧ ନୀତି ହୋଇଯାଇଛି। କିନ୍ତୁ ବିକାଶ କ୍ଷେତ୍ରରେ ସମାନ୍ତରାଳ ଭାବେ ନିବେଶ ନ କଲେ, ଏହା ଏକ ଅଧୁରା ସୁରକ୍ଷା ରଣନୀତି ହେବ। ତେବେ ମାନବ କଲ୍ୟାଣ ବଦଳରେ ତୁମେ ବ୍ୟାବହାରିକ ରାଜନୀତି କିମ୍ବା ନୀତି ଉପରେ କେତେ ସଚେତନ ତାହା ତଥ୍ୟରୁ ସ୍ପଷ୍ଟ ହୁଏ। ନିକଟରେ ୱାନ୍ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି, ବିକାଶ ଏବଂ ଯୁଦ୍ଧ ଦୂର କରିବା ପାଇଁ ନିବେଶ କରାଯାଉଥିବା ପ୍ରତିଟି ଡଲାର ଭବିଷ୍ୟତରେ ସେନା ଆକ୍ରମଣଠାରୁ ଆରମ୍ଭ କରି ମାନବୀୟ ପଦକ୍ଷେପ ଓ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବଯାଏ, ସବୁଥିରେ



ହେବାକୁ ଥିବା କ୍ଷତିରେ ୧୦୩ ଡଲାର ବଞ୍ଚାଇପାରିବ। ଯେ କୌଣସି ବୈଶ୍ୱିକ ସୁରକ୍ଷା କ୍ଷେତ୍ରରେ ତୁମେ ବେଶି ଲାଭ ପାଇବ ଏବଂ ଏହିପରି ଭାବେ ସରକାର ଏହାକୁ ସବୁଠୁ ଯୁକ୍ତିଯୁକ୍ତ ନିବେଶ ଭାବେ ପସନ୍ଦ କରିପାରିବେ।

ମିଲିଟାରି ହସ୍ତକ୍ଷେପ ହେଉ ବା ନକାରାତ୍ମକ ଆର୍ଥିକ ପ୍ରଭାବ କିମ୍ବା ଜରୁରିକାଳୀନ ସହାୟତା, ଏସବୁକୁ ରୋକିବାରେ ବିଫଳତା ଯୋଗୁ ସବୁବେଳେ କ୍ଷତି ସହୁଛେ। ଧର୍ମୀୟ, ବିଚାରଗତ ତଥା ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ କରାଯାଉଥିବା ହିଂସା, ଅନିୟମିତ ପ୍ରବାସନ କିମ୍ବା ବ୍ୟବସ୍ଥା ଭୁଶୁଡ଼ିପଡ଼ିବା ସ୍ଥିତିକୁ ରୋକିବାରେ ଆକାଶମାର୍ଗରୁ ଆକ୍ରମଣ ଓ କଟକଣା ଏକମାତ୍ର ସମାଧାନର ବାଟ ନୁହେଁ। ଏହିସବୁ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିମାନେ ଯେତେବେଳେ ସେମାନଙ୍କ ପିଲାଙ୍କ ପାଇଁ ଶିକ୍ଷା, ବିଦ୍ୟୁତ୍, ମୌଳିକ ସେବା ଏବଂ ଚାକିରି ଭବିଷ୍ୟତକୁ ଦେଖିପାରିଛନ୍ତି, ସେତେବେଳେ ଏହିସବୁ ସମସ୍ୟା ପୂରା ନିୟନ୍ତ୍ରିତ ହୋଇଛି ଏବଂ ଶେଷରେ ଦୂର ହୋଇଛି। ଯଦି ଆମ ସୁରକ୍ଷା ସିଦ୍ଧାନ୍ତରେ ବିକାଶକୁ ଗୁରୁତ୍ୱ ଦେବା ନାହିଁ, ତେବେ ଆମେ କ୍ଷତି ସହିଚାଲିବା। ଡ୍ରୋନ୍ ସବୁ ସମସ୍ୟର ସମାଧାନ କରିପାରିବ ବୋଲି ଯେଉଁ ବାହାନା କରୁଛେ, ତାହାକୁ ବନ୍ଦ କରିବାକୁ ପଡ଼ିବ ଏବଂ ପାରମ୍ପରିକ ମିଲିଟାରି ଶକ୍ତିର କଟକଣାକୁ ବି ସ୍ୱୀକାର କରିବାକୁ ହେବ। ଲେକ୍ ଚାଦ ବେସିନ (ଏକ ମଧୁରଜଳ ହ୍ରଦର ଅବବାହିକା)ରେ ଅନେକ ବର୍ଷ ଧରି ଲାଗି ରହିଥିବା ସେନା ହସ୍ତକ୍ଷେପ ଚରମପନ୍ଥୀଙ୍କ ହିଂସା ରୋକିବାରେ ବିଫଳ ହେଲା। ସେନା ମାଧ୍ୟମରେ ଅଳ୍ପ କିଛି ହାସଲ ହେଲା, କାରଣ ବେରୋଜଗାର ଯେଭଳି ଥିଲା ସେମିତି ରହିଲା, ସେବା ବିପର୍ଯ୍ୟସ୍ତ ରହିଲା ଏବଂ ବ୍ୟବସ୍ଥା ଠିକ୍ ଭାବେ କାମ କଲା ନାହିଁ। ଝଗଡ଼ା ଥମିଗଲେ ମଧ୍ୟ ଜମି ଚାଷ ହୋଇପାରିଲା ନାହିଁ। ଯେ ପର୍ଯ୍ୟନ୍ତ ବିକାଶ ତ୍ୱରାନ୍ୱିତ ନ ହୋଇଛି, ସେ ପର୍ଯ୍ୟନ୍ତ ସେହି ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ଅନେକ ହଜାର ଲୋକ ଘରକୁ ଫେରି ସେମାନଙ୍କ ଜୀବିକା ପୁନଃ ନିର୍ବାହ କରିପାରିବେ ନାହିଁ।

ସେହିଭଳି ଇରାକର ଅନେକ ଭାଗ ଯୁଦ୍ଧରେ ବିଧ୍ୱସ୍ତ ହୋଇଯାଇଥିଲା। ଅନେକ ଲକ୍ଷ ଲୋକ ସେମାନଙ୍କ ଅଞ୍ଚଳକୁ କେବଳ ଗୁଳିଗୋଳା ଥମିଯିବା ଯୋଗୁ ଫେରିନାହାନ୍ତି, ବରଂ ବିଦ୍ୟୁତ୍ ଆସିବା ସହ ସ୍କୁଲ ଓ କଲେଜ ଖୋଲିବାରୁ ଫେରିଛନ୍ତି। ବିକାଶ ପଦକ୍ଷେପ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବା ସହ ଜୀବିକା ସମ୍ଭାବନା ସୃଷ୍ଟି ଯୋଗୁ ସମାଜଗୁଡ଼ିକର ଉନ୍ନତି ଆରମ୍ଭ ହୋଇଛି। ସେହିଭଳି ବର୍ଲିନ ୱାଲ୍ ପତନ ପରେ ଗଣତାନ୍ତ୍ରିକ ସଂସ୍ଥା ଓ ଭିତ୍ତିଭୂମି କ୍ଷେତ୍ରରେ ପାଶ୍ଚାତ୍ୟର ନିବେଶ ଏବଂ ଆର୍ଥିକ ଭରସା କମ୍ୟୁନିଷ୍ଟ ପରବର୍ତ୍ତୀ ସମାଜଗୁଡ଼ିକର ପୁନର୍ଗଠନରେ ସାହାଯ୍ୟ କରି ସମୃଦ୍ଧିର ଏକ ନୂଆଯୁଗର ମୂଳଦୁଆ ପକାଇଥିଲା। ଏହା କେତେଶୀଘ୍ର ହେବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ପର୍ଯ୍ୟାୟକ୍ରମେ ବ୍ୟବସ୍ଥିତ ଭାବେ କରାଯିବା ଦରକାର। ସଂସ୍ଥାଗୁଡ଼ିକ ଉଦାରୀକରଣକୁ ଗ୍ରହଣ କରିବା ଦରକାର, ସାମାଜିକ ସୁରକ୍ଷା ନେଟ୍‌ୱର୍କ ମାର୍କେଟକୁ ସହଯୋଗ କରିବା ଆବଶ୍ୟକ। ଏହାବ୍ୟତୀତ ଆର୍ଥିକ ସୁଧାର ଏବଂ ରାଜନୈତିକ ଏକୀକରଣକୁ ଗୁରୁତ୍ୱ ଦେବା ଉଚିତ। ଯେଉଁଠି ଏଭଳି ସମନ୍ୱୟକୁ ଗ୍ରହଣ କରାଗଲା, ସେଠାରେ ସ୍ଥିରତା ଆସିଲା। ଯେଉଁଠି ଏଗୁଡ଼ିକୁ ଅଣଦେଖା କରାଗଲା, ସେଠାରେ ସାମାଜିକ ଦୁର୍ବଳତା ପ୍ରକାଶ ପାଇଲା। ଏହିସବୁ ଶିକ୍ଷା ସବୁ ସମୟ ପାଇଁ ଉପଯୋଗୀ। ବିକାଶ ତୁଳନାରେ ମିଲିଟାରି ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଥିବା ନୀତିଗୁଡ଼ିକ ସଂଘର୍ଷକୁ ହ୍ରାସ କିମ୍ବା ଦୂର କରିପାରିବ ନାହିଁ। ବରଂ ସେସବୁ ନୀତି ସଂଘର୍ଷକୁ ପ୍ରୋତ୍ସାହିତ କରିବା ସହ ଜାରି ରଖିବ। ହାର୍ଡ ପାୱାରର ଶେଷ ଅଭିବ୍ୟକ୍ତି ହେଉଛି ବିକାଶ, ଯାହା ସଙ୍କଟ ଦୂର କରିବା ପାଇଁ ଆମକୁ ବାଟଦେଖାଏ। ଆମେ ତାହାକୁ ଗ୍ରହଣ କରିବା ଦରକାର। ବିକାଶ ହେଉଛି ବୈଶ୍ୱିକ ସମୁଦାୟ ପାଇଁ ପ୍ରମୁଖ ପ୍ରତିରକ୍ଷା କବଚ। ଯେତେବେଳେ ସରକାର ମୌଳିକ ସେବା ଯୋଗାଇଦେବେ, ଯୁବକଙ୍କ ପାଇଁ ଆର୍ଥିକ ସମ୍ଭାବନା ରହିବ ଏବଂ ସଂସ୍ଥାଗୁଡ଼ିକୁ ବୈଧ ବୋଲି ବିଚାର କରାଯିବ, ସେତେବେଳେ ହିଂସା ରହିବ ନାହିଁ।

ସୁରକ୍ଷାରେ ବିକାଶ ହୋଇ ନ ଥାଏ, ବରଂ ବିକାଶ ସୁରକ୍ଷାର ବଳୟ ସୃଷ୍ଟି କରେ। ଏବକାର ବିଶ୍ୱରେ ତତ୍କାଳ ବିପଦ ଉପରେ କେବଳ ଧ୍ୟାନ କେନ୍ଦ୍ରିତ କରାଯାଉଛି। କିନ୍ତୁ ଯଦି ସ୍ୱଳ୍ପ ମିଆଦୀରେ ସଙ୍କଟ ଟାଳିବା ଲାଗି ସଂସ୍ଥାଗୁଡ଼ିକରେ ନିବେଶ, ସୁଯୋଗ ତଥା ଶାସନରେ ଥିବା ବାଧାକୁ ଦୂର କରାଯାଏ, ତେବେ ଅସ୍ଥିରତା ଅପସରିଯିବ ଏବଂ ସ୍ଥିତି ବ୍ୟବସ୍ଥିତ ହୋଇଯିବ। ହାର୍ଡ ପାୱାରର ସଙ୍କଟ ଦୂର କରିବାର କ୍ଷମତା ଅଛି ସତ, ହେଲେ ଏବକାର ସ୍ଥିତିରେ ବିକାଶ ହିଁ ହାର୍ଡ ପାୱାର କାମ କରିବ। ଭୂରାଜନୈତିକ ବିତର୍କରେ ବିକାଶକୁ ସାମିଲ କରିବା ସହ ଏହାକୁ ଯଥାର୍ଥରେ ରଣନୀତିକ ଓ ବଜେଟ କୈନ୍ଦ୍ରିକ କରାଯିବା ଆବଶ୍ୟକ। ଏବକାର ଏକ ଅସ୍ଥିର ଓ ଅସୁରକ୍ଷିତ ପୃଥିବୀରେ ବିକାଶ ପାଇଁ ଆମେ ଆଗୁଆ ଅର୍ଥ ଦେଇପାରିବା କିମ୍ବା ପରେ ସୁଧ ସହ ତାହାକୁ ଦେବା ଜାରି ରଖିପାରିବା।

**– ଆଡ୍‌ମିନିଷ୍ଟ୍ରେଟର, ୟୁନାଇଟେଡ୍ ନେଶନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ**

## ଏଇ ଭାରତରେ

ସହରୀକରଣରେ ବ୍ୟାପକ ଭାବେ ପୁରୁଣା ଆମ୍ବଗଛ କାଟି ଦିଆଯାଉଥିବାରୁ ବହୁ କିସମର ଦେଶୀ ଓ ସ୍ୱାଦିଷ୍ଟ ଆମ୍ବ ସମୟକ୍ରମେ ଲୋପ ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ମଧ୍ୟ ଅନେକ କିସମ ଆମ୍ବ ଗଛ ଲୋପ ପାଇଗଲାଣି। ତେବେ ବିଲୁପ୍ତ ପ୍ରାୟ କିଛି ବିରଳ କିସମର ଦେଶୀ ଆମ୍ବ ସଂରକ୍ଷିତ କରି ରଖିଛନ୍ତି ଭାରତର କେତୋଟି ରାଜ୍ୟର ସ୍ଥାନୀୟ ଲୋକେ। ତାମିଲନାଡୁ ମଦୁରାଇ ଜିଲା କାରୁପଚ୍ଚି ଗାଁର ଲୋକେ କାରୁପଚ୍ଚିକାଇ କିସମ ଆମ୍ବ ସଂରକ୍ଷଣ କରି ରଖିପାରିଛନ୍ତି। ଏହାର ସ୍ୱାଦ ତାଳଗୁଡ଼ ଭଳି। ସେହିଭଳି କେରଳର ଅନେକ ଅଞ୍ଚଳରେ କାନିମାଙ୍ଗା ଆମ୍ବ ଉତ୍ପାଦନ ହେଉଛି, ଯାହା ଆଚାର ପାଇଁ ସବୁଠୁ ଭଲ। କର୍ନାଟକରେ କାଲଭାବି ମଭୁ କିସମ ଆମ୍ବକୁ ସ୍ଥାନୀୟ ଲୋକେ ସଂରକ୍ଷିତ କରି ରଖିଛନ୍ତି। ଏହାସହ ଆନ୍ଧ୍ରପ୍ରଦେଶର ଅନେକ ଅଞ୍ଚଳରେ ଆମ୍ପା ଛେତୁ ଆମ୍ବ ଏବେ ଯାଏ ଅଛି। ଏହାର ଆକାର ବଡ଼, ତନ୍ତୁଯୁକ୍ତ ଓ ରସାଳ। ପଶ୍ଚିମବଙ୍ଗର ବତାଶ୍ କିସମ ଦେଶୀ ଆମ୍ବ ଆକାରରେ ଛୋଟ ଏବଂ ବ୍ୟବସାୟ ଉପଯୋଗୀ ନ ହେଲେ ମଧ୍ୟ ଲୋକେ ଏହାକୁ ସ୍ୱାଦ ଦୃଷ୍ଟିରୁ ସଂରକ୍ଷଣ କରି ରଖି ପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୭ ଫେବୃଆରୀ ୧୯୭୭

- ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟା ପ୍ରତି ରାଜ୍ୟ ବିଦ୍ୟୁତ୍ ବୋର୍ଡ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିନଥିବାରୁ ରାଜ୍ୟର ବିଭିନ୍ନ ବିଦ୍ୟୁତ୍ ଡିଭିଜନ ଅଫିସ ଆଗରେ ପ୍ରତୀ ଧର୍ମଘଟ ହୋଇଛି।
- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି, ପୂର୍ବତନ ମନ୍ତ୍ରୀ ଏମ୍. କନ୍ନାପାନ ଓ ଅନ୍ୟ ଚାରିଜଣଙ୍କ ବିରୁଦ୍ଧରେ ଏକ ହତ୍ୟା ମୋକଦ୍ଦମା ରୁଜୁ ହୋଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | 3 | | | | | 9 |
| | 5 | | | | 7 | 8 | | 3 |
| 8 | | 2 | | 1 | 9 | | | |
| | | | 1 | | | 7 | | |
| | | | 5 | 9 | | | 4 | 6 |
| 6 | | 1 | 8 | | 4 | | 3 | 5 |
| | 8 | | | | | 2 | | |
| 2 | 9 | | | | 5 | | 6 | 1 |
| | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 8 | 3 | 7 | 6 | 2 | 4 | 5 |
| 2 | 4 | 3 | 5 | 1 | 8 | 6 | 7 | 9 |
| 5 | 7 | 6 | 9 | 2 | 4 | 3 | 1 | 8 |
| 6 | 8 | 7 | 2 | 4 | 1 | 5 | 9 | 3 |
| 3 | 2 | 4 | 7 | 5 | 9 | 8 | 6 | 1 |
| 9 | 5 | 1 | 8 | 6 | 3 | 7 | 2 | 4 |
| 4 | 6 | 2 | 1 | 3 | 5 | 9 | 8 | 7 |
| 8 | 1 | 5 | 6 | 9 | 7 | 4 | 3 | 2 |
| 7 | 3 | 9 | 4 | 8 | 2 | 1 | 5 | 6 |

ଗତକାଲିର ଉତ୍ତର

# ସମର୍ପିତ ସଙ୍ଗଠନ



ଶୁଭନାରାୟଣ ଶତପଥୀ

ଭାରତରେ, ଏନ୍‌ଜିଓ କହିଲେ ବିଭିନ୍ନ ପ୍ରକାରର ବେସରକାରୀ ସଙ୍ଗଠନକୁ ବୁଝାଏ, ଯାହା ଅଣ–ସରକାରୀ, ସ୍ୱେଚ୍ଛାସେବୀ କିମ୍ବା ଅଣ–ସ୍ୱେଚ୍ଛାସେବୀ ଇତ୍ୟାଦି ହୋଇପାରେ। ଏହି ସଙ୍ଗଠନଗୁଡ଼ିକ ସରକାରୀ ନୁହେଁ ସତ କିନ୍ତୁ ସେମାନଙ୍କର ଆଇନଗତ ସ୍ଥିତି ଅଛି ଅର୍ଥାତ୍ ; ସମାଜ ପଞ୍ଜୀକରଣ ଆଇନ, ଟ୍ରଷ୍ଟ ଆଇନ ଇତ୍ୟାଦି ନିର୍ଦ୍ଦିଷ୍ଟ ଆଇନ ଅନୁଯାୟୀ ପଞ୍ଜୀକୃତ ହୋଇଥାନ୍ତି। ଭାରତୀୟ ସମ୍ବିଧାନର ଧାରା ଏନ୍‌ଜିଓ ବିଷୟରେ ବର୍ଣ୍ଣନା କରେ ଯଥା ; ସଂଘ ଗଠନ କରିବାର ଅଧିକାର ଉପରେ ଧାରା ୧୯ (୧) (ସି), ଧାରା ୪୩ ଯାହା ଗ୍ରାମାଞ୍ଚଳରେ ସମବାୟକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରୟାସକୁ ସମୃଦ୍ଧ କରେ, ସମକାଳୀନ ତାଲିକା ପରିଶିଷ୍ଟ ୨୮ରେ ଦାନ ଏବଂ ଦାନଯୋଗ୍ୟ ଅନୁଷ୍ଠାନ, ଧାର୍ମିକ ଦାନ ଏବଂ ଧାର୍ମିକ ଅନୁଷ୍ଠାନ ବିଷୟରେ ଉଲ୍ଲେଖ ଅଛି। ତଥ୍ୟରୁ ଜଣାଯାଏ ଯେ ୨୦୨୫ ସୁଦ୍ଧା ଭାରତ ସରକାରଙ୍କ ସମକାଳୀନ ତାଲିକା ଦର୍ପଣ ପୋର୍ଟାଲରେ ମୋଟ ୩.୮୭ ଲକ୍ଷ ଅଣ–ସରକାରୀ ସଙ୍ଗଠନ ନୀତି ଆୟୋଗ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି। ଏହି ସଙ୍ଗଠନଗୁଡ଼ିକ ଦେଶ ପାଇଁ ସମ୍ବଳ । ସେ ଯାହାହେଉ, ସାମାଜିକ ବିକାଶକୁ ବୃଦ୍ଧି କରିବା ପାଇଁ ସାମାଜିକ ପରିବର୍ତ୍ତନ ଓ ବିକାଶ ଲାଗି କାର୍ଯ୍ୟ କରୁଥିବା ଏନ୍‌ଜିଓ ପଞ୍ଜୀକରଣ ପାଇଁ ସମାଜସେବୀ ବ୍ୟକ୍ତିଙ୍କର ଏକ ଗୋଷ୍ଠୀ ଆଗକୁ ଆସିଥାଏ। ପ୍ରକୃତରେ ଅଧିକାଂଶ ଏନ୍‌ଜିଓ ସମାଜ ପ୍ରତି ସମର୍ପିତ, ପ୍ରତିବଦ୍ଧ। ଅଣ–ଲାଭକାରୀ ସଙ୍ଗଠନଗୁଡ଼ିକ ସାମାଜିକ ସମସ୍ୟା ଏବଂ ଆବଶ୍ୟକତା ପ୍ରତି ଜନସାଧାରଣଙ୍କ ଧ୍ୟାନ ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏନ୍‌ଜିଓଗୁଡ଼ିକର ବିଚାରଧାରା, ଆଗ୍ରହ, ସମାନୁଭୂତ କାର୍ଯ୍ୟଶୈଳୀ ଅନନ୍ୟ ଏବଂ ମୁଖ୍ୟତଃ ସେହି ଧୂସର କ୍ଷେତ୍ରଗୁଡ଼ିକୁ ସମ୍ବୋଧିତ କରେ ଯେଉଁଠାରେ କେହି ପହଞ୍ଚି ନ ଥିବେ। ବାସ୍ତବରେ ଏହା ଲୋକଙ୍କ ସାମାଜିକ–ଆର୍ଥିକ ସ୍ୱାର୍ଥ ପାଇଁ ଅନିବାର୍ଯ୍ୟ। ସେହିପରି ଅଧିକାଂଶ ଏନ୍‌ଜିଓ କର୍ମକର୍ତ୍ତାମାନେ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ହୋଇଥାନ୍ତି।

ଏନ୍‌ଜିଓଗୁଡ଼ିକର ଉତ୍ସର୍ଗୀକୃତ ବୃତ୍ତିଧାରୀମାନେ ବିକାଶମୂଳକ କାର୍ଯ୍ୟରେ ଲୋକଙ୍କ ଅବଦାନ ସଂଗ୍ରହ କରିପାରନ୍ତି। ପ୍ରତ୍ୟେକ କାର୍ଯ୍ୟରେ ନବସୃଜନ ସହିତ ଯୋଗଦାନ କରନ୍ତି ଏବଂ ଯେଉଁଠାରେ ଚ୍ୟାଲେଞ୍ଜ ଥାଏ ସେଠାରେ ସେମାନେ କାମ କରନ୍ତି। ଦଳଗତ କାର୍ଯ୍ୟ ହେଉଛି ସେମାନଙ୍କର କ୍ଷମତା। ସମନ୍ୱୟ ମାଧ୍ୟମରେ, ଏନ୍‌ଜିଓମାନେ ଦୁର୍ବଳ କ୍ଷେତ୍ରର ବୃହତ ସ୍ୱାର୍ଥ ପାଇଁ ବିଭିନ୍ନ ଅଂଶୀଦାର ଏବଂ ଏଜେନ୍ସି ସହିତ କାର୍ଯ୍ୟ କରନ୍ତି। ସମାଜର ପ୍ରତ୍ୟେକ କୋଣରେ ଏନ୍‌ଜିଓର ଅସ୍ତିତ୍ୱକୁ ଆମେ ଅସ୍ୱୀକାର କରିପାରିବା ନାହିଁ। ଆମେ କହିପାରିବା ଯେ ସେମାନେ ଗଣତନ୍ତ୍ରର ପଞ୍ଚମ ସ୍ତମ୍ଭ।

କିନ୍ତୁ ବର୍ତ୍ତମାନ କିଛି ଲୋକଙ୍କର ଧାରଣା ଯେ ଏପରି ସଂଗଠନଗୁଡ଼ିକ ଠକେଇ, ଦୁର୍ନୀତିଗ୍ରସ୍ତ, ନକାରାତ୍ମକ ଇତ୍ୟାଦି ଉପାୟରେ ଲୋକଙ୍କୁ ସଙ୍ଗଠିତ କରୁଛନ୍ତି। କିନ୍ତୁ କୌଣସି ପ୍ରମାଣ ବିନା ଏହି ପ୍ରକାରର ମତାମତ, ଏନ୍‌ଜିଓ ଗଠନ କରି ସାମାଜିକ ବିକାଶ ପାଇଁ ଆଗକୁ ଆସୁଥିବା ଉତ୍ସର୍ଗୀକୃତ ସାମାଜିକ



ନେତାମାନଙ୍କୁ ନୈତିକତାହୀନ କରିପାରେ। ଏକ ସାଧାରଣ କାରଣ ଓ ସାମୂହିକ ବିକାଶ ପାଇଁ ବ୍ୟବସ୍ଥା ଏବଂ ଲୋକଙ୍କ ଏକତ୍ରୀକରଣକୁ ଏହା ଭାଙ୍ଗିଦେଇପାରେ। ତେବେ ବିଶୃଙ୍ଖଳିତ ଆଚରଣ ପାଇଁ ବନ୍ଦ ବଦଳରେ ଦଣ୍ଡ ବିଧାନ କରାଯାଇପାରେ। ଏତେ କମ୍ ପାରିଶ୍ରମିକ ଓ ସମ୍ମାନ ପାଇବା ପରିବର୍ତ୍ତେ, ସଂଗଠନର ସ୍ୱେଚ୍ଛାସେବୀ, କର୍ମଚାରୀମାନେ ସ୍ଥିର ଲକ୍ଷ୍ୟ ହାସଲ କରିବା ପାଇଁ ଦିନରାତି ଉତ୍ସର୍ଗୀକୃତ ପ୍ରୟାସ ସହିତ କାର୍ଯ୍ୟ କରନ୍ତି। ଭଲ ଏବଂ ଉଚ୍ଚ କ୍ୟାରିଅର ବିକାଶ ତଥା ଆତ୍ମକୌଶଳ ପାଇଁ ଏକ ସୁନ୍ଦର ଅଭିନବ ପ୍ଲାଟ୍‌ଫର୍ମ। କ୍ୟାରିଅରର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୁବକମାନେ ଏନ୍‌ଜିଓ କ୍ଷେତ୍ରରେ କାମ କରିଥିବା ଏବଂ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଥିବା ଅନେକ ଉଦାହରଣ ଅଛି ଯେଉଁଠାରେ ବ୍ୟକ୍ତି ଭବିଷ୍ୟତରେ ସେହି ଦକ୍ଷତା ଓ ସମର୍ପଣକୁ ବିନିଯୋଗ କରି ଉତ୍ତମ କାମ କରିବାକୁ ଇଚ୍ଛା ପ୍ରକାଶ କରନ୍ତି। ଅନେକ ଲୋକ ଏନ୍‌ଜିଓ କାର୍ଯ୍ୟ ସଂସ୍କୃତିର ଶିଡ଼ି ଦେଇ ବହୁତ କିଛି ହାସଲ କରିଛନ୍ତି ଓ ସମାଜକୁ ଅବଦାନ ଦେଇଛନ୍ତି। ଏନ୍‌ଜିଓର ତୃଣମୂଳସ୍ତରୀୟ ଗଭୀର ବା ସୂକ୍ଷ୍ମ କାର୍ଯ୍ୟ ସେମାନଙ୍କ କର୍ମଚାରୀଙ୍କ ଦକ୍ଷତାକୁ ତୀକ୍ଷ୍ଣ କରିଥାଏ, ଯାହା ଭଲ କରିବାକୁ ଏବଂ ଭବିଷ୍ୟତକୁ ଉନ୍ନତ କରିବାରେ ସାହାଯ୍ୟ କରେ। ପ୍ରକୃତରେ ଏହା ଏକ ପ୍ରେରଣା। ଯଦିଓ ଏନ୍‌ଜିଓଗୁଡ଼ିକ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରୁଛନ୍ତି, ଏହା ଉତ୍କର୍ଷ, ନବସୃଜନ, ପ୍ରେରଣା ଏବଂ କାର୍ଯ୍ୟ ଯୋଜନାର ଢାଞ୍ଚା ପ୍ରଦାନ କରେ। ଏହା ବ୍ୟତୀତ, ଏନ୍‌ଜିଓଗୁଡ଼ିକ ନାଗରିକମାନଙ୍କ ପ୍ରତି ସରକାର ପ୍ରତିକ୍ରିୟାଶୀଳ ହେବା ନିଶ୍ଚିତ କରିବା ସହିତ ସରକାରଙ୍କ ଦାୟିତ୍ୱକୁ ବ୍ୟାପକ କରିବା କ୍ଷେତ୍ରରେ କାର୍ଯ୍ୟକରନ୍ତି। ସେମାନେ ବାସିନ୍ଦାଙ୍କ ସମ୍ପୃକ୍ତି ମାଧ୍ୟମରେ ସ୍ଥାନୀୟ ସ୍ତରରେ ଅନେକ ସେବା ପ୍ରଦାନର ଦକ୍ଷତା ବୃଦ୍ଧି କରନ୍ତି। ଏନ୍‌ଜିଓଗୁଡ଼ିକ ଦ୍ୱାରା ସାମାଜିକ ଅଡିଟ୍ ହେଉଛି ଆର୍ଥିକ ଉପଯୁକ୍ତ ବ୍ୟବହାର, ଉତ୍ପାଦନ ସୂଚକ ସଫଳତା, ଜନସାଧାରଣଙ୍କ ଅଂଶଗ୍ରହଣ ସହିତ ସେବା ପ୍ରଦାନକାରୀଙ୍କ ଦାୟିତ୍ୱ ମାପିବା ପାଇଁ ତୃଣମୂଳ ସ୍ତରରେ କରାଯାଇଥିବା ସମସ୍ତ କାର୍ଯ୍ୟକଳାପକୁ ତଦାରଖ କରିବା ପାଇଁ ଏକ ପ୍ରକ୍ରିୟା।

ଜନସାଧାରଣଙ୍କୁ ସମସ୍ୟା ବିଷୟରେ ଗବେଷଣା, ବିଶ୍ଳେଷଣ ଏବଂ ସୂଚନା ପ୍ରଦାନ କରନ୍ତି। ଗଣମାଧ୍ୟମ ଅଭିଯାନ ଏବଂ ଅନ୍ୟାନ୍ୟ ପ୍ରକାରର ସକ୍ରିୟତା ମାଧ୍ୟମରେ ନାଗରିକ କାର୍ଯ୍ୟକୁ ସଂଗଠିତ କରନ୍ତି ଏବଂ ନୀତି ନିର୍ମାତାମାନଙ୍କ ସହିତ ମଧ୍ୟ କାମ କରନ୍ତି। ଅନେକ କ୍ଷେତ୍ରରେ ଏହି ସଂଗଠନଗୁଡ଼ିକ ନିମନ୍ତ୍ରିତ ଏବଂ ବିନା ନିମନ୍ତ୍ରିତ ଭାବରେ ସରକାର ଏବଂ କର୍ପୋରେଟ କାର୍ଯ୍ୟଦକ୍ଷତା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ନିମନ୍ତେ 'ୱାଚ୍‌ଡଗ୍' କିମ୍ବା ସ୍ୱାଧୀନ 'ଅଡିଟର' ଭାବରେ କାର୍ଯ୍ୟ କରନ୍ତି। ଏନ୍‌ଜିଓଗୁଡ଼ିକର ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସମାଜର କାରଣ ପାଇଁ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ପାଇଁ ଶୀର୍ଷ ସ୍ତରରେ ଏକ ସାମ୍ବିଧାନିକ ୟୁନିଟ୍ ଅତ୍ୟନ୍ତ ଆବଶ୍ୟକ। ଏହା ରାଷ୍ଟ୍ର ନିର୍ମାଣ ଦିଗରେ ସେବା କରୁଥିବା ଏନ୍‌ଜିଓକୁ ନିରନ୍ତର ସମର୍ଥନ ପାଇଁ ସହାୟକ ହେବ। ଏନ୍‌ଜିଓର ଅବଦାନ ବିନା, ଆମେ ପୂର୍ଣ୍ଣ ପ୍ରଗତି କଳ୍ପନା କରିପାରିବା ନାହିଁ। ସରକାରୀ ବେସରକାରୀ ଭାଗୀଦାରି ସବୁଠାରୁ ବେଶି ସଫଳ ହୋଇଥାଏ। ଏ କ୍ଷେତ୍ରରେ କେବଳ ସମ୍ପୃକ୍ତ କାର୍ଯ୍ୟ କ୍ଷେତ୍ରରେ ଦକ୍ଷ ଏନ୍‌ଜିଓର ନିରପେକ୍ଷ ଚୟନ ଆବଶ୍ୟକ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

# କହିଦେଉଥାଏ ପରକୁ



ମୀରା ବେଉରା

ଥରେ ଏକ ବିଦ୍ୟାଳୟରେ ସ୍ୱଚ୍ଛତା ସମ୍ପର୍କରେ ଗୋଟିଏ ଆଲୋଚନାଚକ୍ରରେ ଅତିଥି ଭାବରେ ଯୋଗଦେବାକୁ ମୁଁ ନିମନ୍ତ୍ରିତ ହୋଇଥିଲି। ଛାତ୍ରୀଛାତ୍ର କିଭଳି ବାହ୍ୟ ପରିଷ୍କାର ପରିଚ୍ଛନ୍ନ ଅର୍ଥାତ୍ ଆଖି, କାନ, ନାକ, ପାଟି ଶରୀର, ମୁଣ୍ଡ ଆଦି ପରିଷ୍କାର କରିବା ସହ ଅନ୍ତଃ ପରିଷ୍କାର ଅର୍ଥାତ୍ ହିଂସା ,ଈର୍ଷା ଘୃଣା ଆଦିକୁ ତ୍ୟାଗକରି ନିଜ ନିଜ ଭିତରେ କିପରି ସଦ୍‌ଭାବନା ,ଶ୍ରଦ୍ଧା ,ସଦିଚ୍ଛା ରକ୍ଷାକରିବେ ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଲି। ଏହାପରେ ଘରକୁ ଆସି ଦେଖେ ତ ନିଜ ଘରର ଜିନିଷପତ୍ର ସବୁ ଅସଜଡ଼ା ହୋଇ ସେମିତି ପଡ଼ିଛି। ଯେମିତି ଚାହୁଁଥିଲି ସେମିତି ଘରକୁ ସଜାଡ଼ିପାରୁ ନ ଥିଲି, ତେଣୁ ନିଜେ ଲଜ୍ଜିତ ଅନୁଭବକଲି। ଭାବିଲି ମୁଁ ନିଜେ କହୁଛି ଗୋଟେ କଥା କିନ୍ତୁ ତାହା କାର୍ଯ୍ୟରେ ପରିଣତ କରିପାରୁନାହିଁ। ମୋ ଭିତରେ ଯେ ହିଂସା, ଈର୍ଷା, ଘୃଣା କାହା ପ୍ରତି ନ ଥିଲା ତାହା ମୁଁ ସ୍ୱୀକାର କରିପାରିବି ନାହିଁ। ଥରେ ଜଣେ ବିଶିଷ୍ଟ ସାମାଜିକ କର୍ମୀଙ୍କୁ ଦେଖିଲି ସେ ସବୁବେଳେ ନିଜ ଶାଶୁଶଶୁରଙ୍କର ସେବା କରୁଥିବାର ସୁନ୍ଦର ସୁନ୍ଦର ଭିଡିଓ କରି ସୋସିଆଲ ମିଡିଆରେ ଛାଡୁଥିଲେ। କେବଳ ସେତିକି ନୁହେଁ, ସେ ବିଭିନ୍ନ ଜରାଶ୍ରମକୁ ଯାଇ ଲୋକକୁ କେମିତି କୋଳେଇ ନେଇ ଭଲ ପାଉଛନ୍ତି ତାକୁ ମଧ୍ୟ ସୁନ୍ଦର ଭିଡିଓକରି ଦେଖାଉଥିଲେ। ଏସବୁ ଦେଖି ମୁଁ ଭାବୁଥିଲି ସତରେ ଏତେ ଭଲ ମଣିଷ ଅଛନ୍ତି ଏ ସଂସାରରେ। ତା' ପରେ କିଛିଦିନ ପରେ ଦେଖିଲି ସେବା କରୁଥିବା ମହିଳା ଜଣକ ଯାହା ବାହାରକୁ ଦେଖାଉଛନ୍ତି ପ୍ରକୃତରେ ସେ ସେପରି ନୁହନ୍ତି। ଆଉ ମଧ୍ୟ ଜାଣିବାକୁ ପାଇଲି ଯେ ସେ ତାଙ୍କ ଶାଶୁଶଶୁରଙ୍କୁ ଘରୁ ସମ୍ପୂର୍ଣ୍ଣ ବାହାର କରିଦେଇ ନିଜେ ଅଲଗା ଗୋଟିଏ ସୁନ୍ଦର ଫ୍ଲାଟ୍‌ରେ ରହୁଛନ୍ତି। ଆଖିକୁ ବିଶ୍ୱାସ କରିପାରୁ ନ ଥିଲି ମୁଁ। ସତରେ ଯାହା ବାହାରକୁ ଦେଖାଯାଏ ତାହା କଦାପି ସତ ନୁହେଁ। ସେଦିନ ମୋର ଏହା ହୃଦ୍‌ବୋଧ ହେଲା।

ଆଉ ଦିନେ ଦେଖିଲି ଦୁର୍ନୀତି ନିବାରଣ ସପ୍ତାହ ଚାଲିଥାଏ। ଦୂରଦର୍ଶନ ଓ ଖବରକାଗଜରେ ଦେଖିଲି ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମସ୍ତ ଅଫିସର ଦୁର୍ନୀତିକୁ ବିରୋଧକରି ଶପଥ ପାଠ କରୁଥାନ୍ତି ଯେ ସେମାନେ ଦୁର୍ନୀତି କରିବେନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବେନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଦେଖିଲି, ଜଣେ ସର୍ବାଧିକ ନମ୍ବର ରଖି ଓଏଏସ୍ ଟପର ହୋଇଥିବା ଅଫିସର ମାତ୍ର କେଇଟା ଟଙ୍କା ଲାଞ୍ଚ ନେଇ ଶେଷରେ ଧରାପଡ଼ିଥିଲେ ଭିଜିଲାନ୍ସ ଜାଲରେ। କିନ୍ତୁ ସେହି ବ୍ୟକ୍ତି ଦିନେ ଶପଥ ନେଇଥିଲେ ଦୁର୍ନୀତି ନିବାରଣ କରିବା ପାଇଁ।

ଏଇଠି ମନେପଡୁଛି ଆଉ ଜଣେ ମହୀୟସୀ ମହିଳାଙ୍କ କଥା। ଜଣେ ମହିଳା କମିଶନର ଥିଲେ। ସେ ପ୍ରାୟ ସହରର ସବୁ ମଞ୍ଚରେ ଯୌତୁକ ନିର୍ଯାତନା ଅଭିଯୋଗ ବିରୋଧରେ ଓ ଲିଙ୍ଗଗତ ଅସମାନତା ତଥା ମହିଳାମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱଦେବା ସହ ଲମ୍ବା ଭାଷଣ ଦେଇ ଶ୍ରୋତାଙ୍କ ଆସ୍ଥାଭାଜନ ହୁଅନ୍ତି। କିନ୍ତୁ ବହୁଦିନ ବିତିଗଲା ପରେ ଦେଖିଲି, ସେ ନିଜେ ତାଙ୍କ ବୋହୂକୁ ଏତେ ମାତ୍ରରେ ନିର୍ଯାତନା ଦେଲେ ଯେ ବୋହୂ ଶେଷରେ ଆତ୍ମହତ୍ୟା କରିବାକୁ ଯାଇ ନଦୀକୁ ଡେଇଁପଡ଼ିଥିଲା। କିନ୍ତୁ ସ୍ଥାନୀୟ ଲୋକେ ତାକୁ ବଞ୍ଚାଇଥିଲେ। ଏମିତି ବି ଦେଖିବାକୁ ମିଳିଥିଲା ସଡ଼କ ସୁରକ୍ଷା ସପ୍ତାହ ଚାଲିଥିବା ସମୟରେ। ଏହା ଉପରେ ଲମ୍ବା ଲମ୍ବା ଭାଷଣ ଦେଉଥିବା ବ୍ୟକ୍ତି କିନ୍ତୁ ରାସ୍ତାରେ ଯିବା ସମୟରେ ନିଜେ ହେଲ୍‌ମେଟ୍ ନ ପିନ୍ଧି ଅନେକବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ମାସ ମାସ ମେଡିକାଲରେ ପଡ଼ିରହନ୍ତି। ଏଇଠି ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି, ସତରେ ଆମେ କହୁ ଗୋଟିଏ କଥା, କିନ୍ତୁ କାର୍ଯ୍ୟରେ ଏହାର ବିପରୀତ କାର୍ଯ୍ୟକରୁ। ଏ ବ୍ୟତିକ୍ରମ କାହିଁକି ? ଆମେ ପ୍ରାୟତଃ ସୋସିଆଲ ମିଡିଆରେ ନିଜକୁ ଯେତିକି ଖୁସି ରହିଥିବାର ଦେଖାଉ ପ୍ରକୃତରେ ଆମେ ସେତିକି ଖୁସି ନ ଥାଉ। ଆଉ ମଧ୍ୟ ଆମେ ନିଜକୁ ଯେତେ ଭଲ ମଣଷଟିଏ ବୋଲି ପ୍ରମାଣ କରିବାକୁ ଚାହୁଁ ପ୍ରକୃତରେ କିନ୍ତୁ ଠିକ୍ ଓଲଟା। ଆମେ କହୁଥିବା କଥା ଯଦି ନିଜେ କାର୍ଯ୍ୟରେ ପରିଣତ ନ କରିବା ତେବେ ସୁନାର ଭାରତ ଗଢ଼ିବା ପାଇଁ ଯେଉଁ ସ୍ୱପ୍ନ ଆମ ପୂର୍ବସୁରୀମାନେ ଦେଖିଥିଲେ ତାହା କଦାପି ସମ୍ଭବ ହେବନାହିଁ। ଉଚ୍ଚାରଣ ଓ ଆଚରଣ ଭିତରେ ଯଦି ପ୍ରାର୍ଥକ୍ୟ ରହେ ତେବେ ଆମେ ନିଜ ସହ ଛଳନା କରୁନାହୁଁ ତ ଆଉ କ'ଣ ?

**ଦେଉଳସାହି, ତୁଳସୀପୁର,କଟକ**
**ମୋ:୭୮୪୬୯୨୧୪୦୦**

## ଚିରନ୍ତନୀ

ବାତାୟନ ପଥେ ଉଡ଼ିଥିଲା ଚାରୁ ପଣତ
ଦେଖି ତାହା
ପରମ ପୁଲକେ ଏ ପରାଣ ହେଲା ଆନତ
ସେ କି ମାୟା !
–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକ ସମାଜ ଲାଗି କଳଙ୍କ

ମହାଶୟ,

କୁହାଯାଏ ଶିକ୍ଷକ ହେଉଛନ୍ତି ସିଏ, ଯିଏ ଅନ୍ଧକାରରୁ ଆଲୋକ ଆଡ଼କୁ ଛାତ୍ରୀଛାତ୍ରଙ୍କୁ ଘେନି ଯାଆନ୍ତି। ମାତାପିତାଙ୍କ ପରେ ଶିକ୍ଷକ ହିଁ ପିଲାଙ୍କୁ ଏ ଦୁନିଆରେ ମଥା ଉପରକୁ କରି ଭଲ ଭାବେ ଚାଲିବା ଶିଖାଇଥାନ୍ତି। ଗୁରୁ – ଶିଷ୍ୟ ପରମ୍ପରାର ଅନେକ ଉଜ୍ଜ୍ୱଳ ଉଦାହରଣ ପୂର୍ବର ରାମାୟଣ, ମହାଭାରତଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। କିନ୍ତୁ କେନ୍ଦ୍ରାପଡ଼ାରେ ସପ୍ତମ ଶ୍ରେଣୀର ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ କଲେ ଶିକ୍ଷକରୂପୀ ରାକ୍ଷସମାନେ। ଏଭଳି କଳଙ୍କିତ ଅଧ୍ୟାୟ ସାରା ଦେଶରେ ଓଡ଼ିଶାକୁ ନିନ୍ଦିତ କରିଛି। ଏହି ଘଟଣା ସମଗ୍ର ଶିକ୍ଷକ ସମାଜ ପାଇଁ ଲାଗି କଳଙ୍କ। ଏଥିରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଓ ପରୋକ୍ଷରେ ଦାୟୀ ସମସ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ। ଏଥିରେ ଆଉ ଗୋଟିଏ କଥା ସାମ୍ନାକୁ ଆସୁଛି। ତାହା ହେଉଛି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା। ଯେଉଁମାନେ ଶିକ୍ଷାଦାନକୁ ଚାକିରି ବା ବୃତ୍ତି ବୋଲି ନ ଭାବି ସେବା ଓ ସମର୍ପଣ ଭାବନା ରଖନ୍ତି, କେବଳ ସେହିମାନଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉ। ତେଣୁ ଶିକ୍ଷକ ମନୋନୟନ ଢାଞ୍ଚାରେ ପରିବର୍ତ୍ତନ ଲୋଡ଼ା।

**–ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମହିଳା କଂଗ୍ରେସ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ହରଦୀପଙ୍କ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର,୨୬।୨ (ରବିନାରାୟଣ ଜେନା)



ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲ୍କା ଲାମ୍ବାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକ ଏବଂ କୋରାପୁଟର ଜୟପୁରଠାରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହିଳା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରି ଏପ୍ଷ୍ଟିନଙ୍କ ସହ ତାଙ୍କର ପାପ ସମ୍ପର୍କକୁ ଘୋଡ଼ାଇବା ପାଇଁ ମିଥ୍ୟା କାହାଣୀ ରଚନା କରୁଛନ୍ତି। ଏପ୍ଷ୍ଟିନ ଫାଇଲରେ ବିଶ୍ୱର ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ନାମ ବାହାରିବା ପରେ ଯେଉଁମାନେ ସମ୍ପୃକ୍ତ ସରକାରୀ ବ୍ୟବସ୍ଥା ଭିତରେ ରହିଥିଲେ ସେମାନେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଉଥିବାବେଳେ ହରଦୀପ ସିଂ ପୁରି କାହିଁକି ଇସ୍ତଫା ଦେଉ ନାହାନ୍ତି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରୁନାହାନ୍ତି ବୋଲି ମିନାକ୍ଷୀ ପ୍ରଶ୍ନ କରିଛନ୍ତି। ଏହି ବିକ୍ଷୋଭରେ ଜୟଶ୍ରୀ ପଟ୍ଟନାୟକ, ପ୍ରଣତୀ ମିଶ୍ର, ସୁମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଶଳା ଭିଣୋଇ ମୃତ: ନାବାଳକ ଆହତ

## ଶୁଦ୍ଧିଘର ଯାଇ ଫେରୁଥିବା ବେଳେ ଅଘଟଣ

କଣ୍ଟାବାଞ୍ଜି/ଲାଠୋର, ୨୬।୨ (ଗୁରୁ ଦୟାଲ ହଂସ)

ଶୁଦ୍ଧିଘର କାର୍ଯ୍ୟରେ ଯୋଗଦେଇ ଘରକୁ ଫେରିବା ବେଳେ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହରେସ ମାଝି(୨୫) ଓ ବେଦ ପୂଝାରୀ (୩୫)। ଏହାଛଡ଼ା ଜଣେ ନାବାଳକ ଆହତ ହୋଇଛନ୍ତି। ଦୁଇ ମୃତକ ସମ୍ପର୍କରେ ଶଳା ଭିଣୋଇ ବୋଲି ଜଣାଯାଇଛି। ବଲାଙ୍ଗୀର ଜିଲା ତୁରେକେଲା ଥାନା ବୁଢୀବାହାଲ ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି।

ପ୍ରକାଶ ଯେ, କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗ୍ରାମର ହରେସ, ବେଦ ଏବଂ ବେଦଙ୍କ ୧୩ ବର୍ଷର ପୁଅ କୃଷ୍ଣ ଲାଠୋର ଥାନା ଅଧୀନ ବାଗଡିଆ ଗ୍ରାମକୁ ଶୁଦ୍ଧିଘର କାର୍ଯ୍ୟରେ ଯୋଗଦେବା ପାଇଁ ଯାଇଥିଲେ। ସେମାନେ ଅପରାହ୍ଣ ପ୍ରାୟ ୩ଟାରେ ଏକ ମୋଟର ସାଇକେଲରେ ଘରକୁ ଫେରୁଥିଲେ। ବାଟରେ ବୁଢୀବାହାଲ ଗ୍ରାମ ନିକଟରେ କୌଣସି କାରଣରୁ ମୋଟରସାଇକେଲଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ମୋଟରସାଇକେଲରେ ବସିଥିବା ୩ ଜଣ ଯାକ ପଡିଯାଇ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ହରେସ ଓ ବେଦଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ତୁରେକେଲା ପୋଲିସ ଏକ ଅପମୃତ୍ୟୁ ମାମଲା ( ନଂ.୩୯/୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ତୁରେକେଲା ଥାନା ଅଧିକାରୀ ରାକେଶ ବେହେରାଙ୍କଠାରୁ ପ୍ରକାଶ।

# ଉଦୟଭାନୁଙ୍କ ଗିରଫକୁ ନେଇ ରାଜ୍ୟ ଯୁବକଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର,୨୬।୨ (ରବିନାରାୟଣ ଜେନା)

ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍‌ଙ୍କୁ ଦିଲ୍ଲୀ ପୋଲିସର ଗିରଫ ପ୍ରତିବାଦରେ ରାଜ୍ୟ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଗୁରୁବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କର କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଛନ୍ତି। ଯୁବ କଂଗ୍ରେସ କର୍ମକର୍ତ୍ତାମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଞ୍ଚିବା ପରେ ଚିବ୍‌ଙ୍କ ଗିରଫଦାରିକୁ ବିରୋଧ କରି ମୋଦି ଓ ଶାହାଙ୍କ ବିରୋଧରେ ନାରାବାଜି କରିବା ସହିତ ଚିବ୍‌ଙ୍କୁ ମୁକ୍ତ କରିବାପାଇଁ ଦାବି କରିଥିଲେ। ଯଦି ମୋଦି ସରକାର ଏଭଳି ଆକ୍ରୋଶମୂଳକ ରାଜନୀତିରୁ କ୍ଷାନ୍ତ ନ ରୁହନ୍ତି ତାହାଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଯୁବ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ସୁରଜ ରାଉତ, ଅମରେଶ ପରିଡ଼ା, ବିଶ୍ୱଜିତ ସ୍ୱାଇଁ, ଶାହାରୁଖ ଖାନ ପ୍ରମୁଖ ସାମିଲ ଥିଲେ।

# ୩ଦିନରେ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୬।୨ (ବନ୍ଦନା ସେଠୀ)

ରାଜ୍ୟରେ ବୃଦ୍ଧି ପାଇବ ଦିନ ଓ ରାତି ତାପମାତ୍ରା। ଆସନ୍ତା ୩ଦିନ ମଧ୍ୟରେ ସର୍ବାଧିକ ବା ଦିନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ସେହିପରି ସର୍ବନିମ୍ନ ବା ରାତି ତାପମାତ୍ରା ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁବାର ବର୍ଷା ହୋଇଛି। ନୟାଗଡ଼ ଜିଲା ବାରମୂଲରେ ୫.୪ ମି.ମି. ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡ଼ା ମାର୍ଶାଘାଇରେ ୫ମି.ମି., ଡେରାବିଶରେ ୨.୫ମି.ମି., ଗରଦପୁରରେ ୨ମି.ମି., ଗଞ୍ଜାମ ଦିଗପହଣ୍ଡିରେ ୫ମି.ମି., ଯାଜପୁର ଜେନାପୁରରେ ୨.୨ ମି.ମି., ଜଗତ୍‌ସିଂହପୁର ପାରାଦୀପରେ ୧.୫ମି.ମି ଏବଂ ଗଜପତି ଜିଲା ମୋହନାଠାରେ ୦.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ଗତ ୨୪ଘଣ୍ଟାରେ ରାଜ୍ୟର ୯ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଏବଂ ଏହାଠାରୁ କମ୍ ରହିଥିଲା। ସର୍ବନିମ୍ନ ନିମ୍ନତମ ତାପମାତ୍ରା ସମତଳ ଅଞ୍ଚଳ ଭାବେ ରାଉରକେଲାଠାରେ ୧୨.୨ ଡିଗ୍ରୀ, ଜି.ଉଦୟଗିରିରେ ୯.୭ ଡିଗ୍ରୀ ଏବଂ ପାରଳାଖେମୁଣ୍ଡିଠାରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଥିଲା। କିନ୍ତୁ ଏବେ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାରୁ ଆସନ୍ତା ୭ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ।

## ଆବଶ୍ୟକ

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

## HDFC BANK
ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ
**ସଂଶୋଧନ ପତ୍ର**

ଦୈନିକ ଖବରକାଗଜ "ଧରିତ୍ରୀ"ରେ ତା ୨୬.୦୨.୨୦୨୬ରିଖରେ ପ୍ରକାଶିତ ଆମର "ଦଖଲ ନୋଟିସ୍"ରେ ରଣଗ୍ରହୀତାମାନେ: କ)ଶ୍ରୀ ସମିର କୁମାର ମଲ୍ଲିକ, ଖ) ଶ୍ରୀମତୀ ଶାନ୍ତିଲତା ମଲ୍ଲିକଙ୍କ ଡିମାଣ୍ଡ ନୋଟିସ୍ ତାରିଖକୁ ୧୩.୧୨.୨୦୨୪ ପରିବର୍ତ୍ତେ **୧୩.୧୧.୨୦୨୫** ପଢ଼ିବାକୁ ଅନୁରୋଧ । ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ଅଟେ।

ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ:୨୬.୦୨.୨୦୨୬ — ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CAR-FESTIVAL-546, ତା.20.02.2026ରିଖ

**କାର୍ଯ୍ୟର ନାମ :** "ରଥ ଯାତ୍ରା 2026" ପାଇଁ ଟେଲିକମ୍ ସମ୍ବନ୍ଧୀୟ କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (₹): 75,00,201.17, EMD (₹) : 1,50,000.00
ବିଡ୍ ଆରମ୍ଭ ହେବା ତାରିଖ : ତା.02.03.2026ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 16.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ** : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-1168/Q/25-26

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2026-07, ତା.19.02.2026ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର କଣ୍ଟାବାଞ୍ଜି ଏବଂ ଭବାନୀପାଟଣାରେ COA (କଣ୍ଟ୍ରୋଲ ଅଫିସ୍ ଆପ୍ଲିକେସନ) ସିଷ୍ଟମ୍‌ର ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ (₹): 19,82,154.36, EMD (₹) : 39,700.00
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 13.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ** : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-1167/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ; କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଏବଂ ଅମାନତ ରାଶି ଯଥାକ୍ରମେ: (୧); ଟି-ପିୟୁବି-ଜିଆରସି-୨୦୨୬-୪୨୩, ତାରିଖ: ୨୫।୦୨।୨୦୨୬; ଏଡିଇଏନ/ସେଟଲମେଣ୍ଟ/ଜିଆରସି, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍‌ଙ୍କ ଅଧୀନରେ ବିଲ୍ଡିଂ ନଂ. ୧୯ ଓ ୨୦ର ସୁଦୃଢ଼ୀକରଣ ଏବଂ ଉନ୍ନତୀକରଣ ସମେତ ଅନ୍ୟାନ୍ୟ ବିବିଧ କାର୍ଯ୍ୟ; ₹୪,୯୦,୫୬,୯୭୩.୯୬; ₹୩,୯୫,୩୦୦.୦୦; (୨); ଟି-ପିୟୁବି-ଜିଆରସି-୨୦୨୬-୪୨୪, ତାରିଖ: ୨୫।୦୨।୨୦୨୬; ଏଡିଇଏନ/ସେଟଲମେଣ୍ଟ/ଗାର୍ଡେନ ରିଚ୍, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାର ଅଧୀନରେ ନର୍ଥ କଲୋନୀ, ଗାର୍ଡେନ ରିଚ୍ କମ୍ପ୍ଲେକ୍ସଠାରେ ନୂଆ ଅଡିଟୋରିୟମ୍ (ଜି+ I) ନିର୍ମାଣ କରିବା; ₹୯,୨୩,୧୪,୦୦୪.୦୯; ₹୬,୧୧,୬୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ : ₹୦.୦୦ (କ୍ର.ସଂ. ୧ ଓ ୨ ପାଇଁ); ଖୋଲାଯିବା ତାରିଖ: ତା୨୪।୦୩।୨୦୨୬ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୧୮।୦୩।୨୦୨୬ରିଖ (କ୍ର.ସଂ. ୨ ପାଇଁ); କାର୍ଯ୍ୟର ସମାପ୍ତି ଅବଧି: ୧୨ (ବାର) ମାସ (କ୍ର.ସଂ. ୧ ପାଇଁ) ଏବଂ ୧୮ (ଅଠର) ମାସ (କ୍ର.ସଂ. ୨ ପାଇଁ) । ଟେଣ୍ଡର ଅନୁସୂଚୀରେ କୌଣସି ପରିବର୍ତ୍ତନ, ଶୁଦ୍ଧିପତ୍ର, ସଂଶୋଧନ, ଯଦି ଥାଏ, କେବଳ ଇ-ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ହେବ ଏବଂ ତାହା ଖବରକାଗଜରେ ପ୍ରକାଶିତ ହେବନାହିଁ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ; ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । ସହାୟତା ଡେସ୍କ ଯୋଗାଯୋଗ ନଂ.: ୦୩୩-୨୪୫୦-୩୭୮୩ । (PR-1239)

## NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for "Repair works for sports infrastructure" and "Repair works for Tennis & Basketball Courts" at NLUO Cuttack. Last date & time of receipt is **05.03.2026 at 11.00 A.M.** For details please visit website- https://nluo.ac.in/tenders/.

Sd/- Registrar

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
RURAL WORKS DIVISION-II, JAJPUR

No.25001/255/2526 rwdivision_jaraka@yahoo.co.in

**'E' PROCUREMENT NOTICE NO.RWD-II/JJPR-08/2025-26**

| | | |
|---|---|---|
| 1. Name of work | : | **Building and Road works** in the District of Jajpur for the year 2025-26 |
| 2. Total No. of Work | : | **5 nos.** of works |
| 3. Estimated Cost (Approx) | : | As indicated against each work in the NIT |
| 4. Period of Completion | : | As indicated against each work in the NIT |
| 5. Class of contractors | : | As indicated against each work in the NIT |

**Other details as follows :**

| | | |
|---|---|---|
| a) Procurement officer | : | Superintending Engineer, Rural Works Division-II, Jajpur at Jaraka |
| b) Availability of tender online & submission of bid | : | 26.02.2026 at 11.00 A.M. to 07.03.2026 upto 5.00 P.M. |
| c) Last date & time of seeking of tender clarification | : | 06.03.2026 upto 4.00 P.M. |
| d) Opening of Tender | : | 07.03.2026 at 05.30 P.M. |

Further details can be seen from the Govt. website www.tendersodisha.gov.in

Sd./- Superintending Engineer
Rural Works Division-II
Jajpur at Jaraka

OIPR-25001/25080/1/25-26/0027

## ନ୍ୟାୟମୂର୍ତ୍ତି (ଅବସରପ୍ରାପ୍ତ) ଆର୍.ଏମ୍. ଲୋଧା କମିଟି
(ପିଏସିଏଲ୍ ଲିଃ ମାମଲାରେ)

## ସର୍ବସାଧାରଣ ବିଜ୍ଞପ୍ତି

**ଓଡ଼ିଶା - ଖୋରଧା/ଖୋର୍ଦ୍ଧା, ହରିୟାଣା - ମହେନ୍ଦ୍ରଗଡ଼ ଓ ଫତେହାବାଦ ସ୍ଥିତ ପିଏସିଏଲ୍ ଲିଃର ସମ୍ପତ୍ତିଗୁଡ଼ିକର ଇ-ନିଲାମ**

୧. ମାନ୍ୟବର ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ସୁବ୍ରତ ଭଟ୍ଟାଚାର୍ଯ୍ୟ ବନାମ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ମାମଲା (ସିଭିଲ ଅପିଲ ସଂ. ୧୩୩୦୧/୨୦୧୫)ରେ ତଥା ଅନ୍ୟାନ୍ୟ ସମ୍ବନ୍ଧିତ ମାମଲାରେ, ୨ ଫେବୃଆରୀ ୨୦୧୬ ଦିନ ପାରିତ କରାଯାଇଥିବା ଆଦେଶ ଅଧୀନରେ, ପିଏସିଏଲ୍ ଲିଃ ଦ୍ୱାରା କ୍ରୟ କରାଯାଇଥିବା ସମ୍ପତ୍ତିଗୁଡ଼ିକ ବିକ୍ରି କରିବା ପାଇଁ ନ୍ୟାୟମୂର୍ତ୍ତି (ଅବସରପ୍ରାପ୍ତ) ଆର୍.ଏମ୍. ଲୋଧାଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା, ଯାହାଦ୍ୱାରା ବିକ୍ରୟରୁ ଲବ୍ଧ ଟଙ୍କା (ସେଲ୍ ପ୍ରୋସିଡ୍ସ)ରୁ ନିବେଶକମାନଙ୍କୁ ଦେୟ ପୈଠ କରାଯାଇପାରିବ । ଉପରୋକ୍ତ ମାମଲାରେ ମାନ୍ୟବର ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ହୋଇଥିବା ୮ ଅଗଷ୍ଟ, ୨୦୨୪ର ଆଦେଶ ଅନୁଯାୟୀ ଏହି କମିଟି ଓଡ଼ିଶା – ଖୋରଧା/ଖୋର୍ଦ୍ଧା, ହରିୟାଣା – ମହେନ୍ଦ୍ରଗଡ଼, ଫତେହାବାଦଠାରେ ଅବସ୍ଥିତ ପିଏସିଏଲ୍ ଲିଃର ସମ୍ପତ୍ତିଗୁଡ଼ିକର ଇ-ନିଲାମ ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ଏବଂ ସେହି ଅନୁଯାୟୀ "ପ୍ରସ୍ତାବ ପାଇଁ ଅନୁରୋଧ" (ଆର୍‌ଏଫ୍‌ପି) ଜାରି କରାଯାଇଛି ଯାହା ନିମ୍ନଲିଖିତ ଲିଙ୍କ୍‌ରେ ଉପଲବ୍ଧ: https://www.sebi.gov.in/notice-for-eoi-proposals.html, https://www.bankeauctions.com ।

୨. ଉପରୋକ୍ତ ସମ୍ପତ୍ତି ସମ୍ବନ୍ଧିତ ଦସ୍ତାବିଜ ନିମ୍ନଲିଖିତ ଲିଙ୍କ୍ ପରିଦର୍ଶନ କରି ଦେଖାଯାଇପାରିବ: https://sebipaclproperties.com, https://www.bankeauctions.com

୩. ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସମ୍ବନ୍ଧିତ ବିବରଣୀ ଆର୍‌ଏଫ୍‌ପିରେ ଉପଲବ୍ଧ । ଆର୍‌ଏଫ୍‌ପି ସମ୍ବନ୍ଧିତ ପ୍ରମୁଖ ତାରିଖଗୁଡ଼ିକ ନିମ୍ନ ଅନୁଯାୟୀ ଅଟେ:–

- ଆର୍‌ଏଫ୍‌ପି ପ୍ରକାଶନ ତାରିଖ - ୨୭ ଫେବୃଆରୀ, ୨୦୨୬
- ବିଡ୍ ଦାଖଲର ଆରମ୍ଭ ତାରିଖ: - ୨୭ ଫେବୃଆରୀ, ୨୦୨୬
- ବିଡ୍ ଦାଖଲ କରିବାର ଶେଷ ତାରିଖ ଓ ସମୟ - ୦୬ ଏପ୍ରିଲ, ୨୦୨୬ (୧୭.୦୦ ଘଟିକା)
- ଇ-ନିଲାମ ଆରମ୍ଭ ତାରିଖ - ୨୧ ଏପ୍ରିଲ, ୨୦୨୬ (୧୧.୦୦ ଘଟିକା)

**ପ୍ରଯୁଜ୍ୟ ସର୍ତ୍ତାବଳୀ:**

➢ ଏହି ସମ୍ପତ୍ତିଗୁଡ଼ିକୁ "ଯେଉଁଠି ଅଛି, ଯେମିତି ଅଛି ଓ ଯାହା ବି ଅଛି" ଭିତ୍ତିରେ ବିକ୍ରି କରାଯିବ ଏବଂ ଯଦି ଏହି ସମ୍ପତ୍ତି ବାବଦରେ କୌଣସି ଦାବିଦାରୀ ରହିଥାଏ କିମ୍ବା ସେଗୁଡ଼ିକ ଉପରେ କୌଣସି ଦେୟ ବକେୟା ରହିଥାଏ ଏବଂ/କିମ୍ବା ସେଗୁଡ଼ିକ ଉପରେ କୌଣସି ଋଣଭାର (ଏନ୍‌କମ୍ବରାନ୍ସ) ରହିଥାଏ, ତେବେ ତାହା କ୍ରେତାଙ୍କର ଦାୟିତ୍ୱ ହେବ ।
➢ ଏହି ନୋଟିସରେ ଏବଂ ଏହି ଟେଣ୍ଡର ଦସ୍ତାବିଜ ଅଧୀନରେ ଜାରି କରାଯାଇଥିବା ଆର୍‌ଏଫ୍‌ପିରେ ସମ୍ପତ୍ତିଗୁଡ଼ିକର ଯେଉଁ ବିବରଣୀ ପ୍ରଦାନ କରାଯାଇଛି ତାହା ବିକ୍ରେତାଙ୍କୁ ଉପଲବ୍ଧ କରାଯାଇଥିବା ବିବରଣୀ ଅନୁଯାୟୀ ଅଟେ ଏବଂ ଯଦି କୌଣସି କାରଣରୁ ଉକ୍ତ ବିବରଣୀରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେଥିପାଇଁ ବିକ୍ରେତା କିମ୍ବା ଏଜେନ୍ସି କୌଣସି ଉପାୟରେ ମଧ ଦାୟୀ ରହିବେ ନାହିଁ ।
➢ ଯଦି ସମ୍ପତ୍ତି/ତତ୍-ସମ୍ବନ୍ଧୀୟ ସ୍ୱତ୍ୱ କବଲା (ଟାଇଟଲ୍ ଡିଡ୍)ରେ କୌଣସି ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ, ତେବେ ସେଥିପାଇଁ କମିଟି କୌଣସି ଉପାୟରେ ମଧ ଦାୟୀ ରହିବ ନାହିଁ ଏବଂ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ସମ୍ପତ୍ତି ସମ୍ବନ୍ଧିତ ସ୍ୱତ୍ୱ କବଲା (ଟାଇଟଲ୍ ଡିଡ୍)ର ସତ୍ୟତା ସମ୍ପର୍କରେ ସ୍ୱାଧୀନ ଭାବେ ଯଥୋଚିତ ଅନୁସନ୍ଧାନ କରିବା ପରେ ହିଁ ନିଜର ବିଡ୍ ଦାଖଲ କରନ୍ତୁ ।

CBC 15204/11/0252/2526

## OFFICE OF THE PANCHAYAT SAMITI, BIJEPUR
AT/P.O. : BIJEPUR, DISTRICT : BARGARH-768032, ODISHA
No. 540 Date. 24.02.2026

**e-Procurement Notice**
Bid Identification No.- BDO/Bijepur/05/2025-26

**No.19001/56/2526** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website "www.tendersodisha.gov.in"

| | | |
|---|---|---|
| 1. Nature of work | : | Civil Works |
| 2. No. of Work | : | 1 (One) |
| 3. Estimated cost | : | As per NIT |
| 4. Period of completion | : | As per NIT |
| 5. Date and time of availability of the Documents in the Portal | : | From Dt.02.03.2026, 11A.M. to Dt.17.03.2026, 5.00 P.M. |
| 6. Last date/time for receipt of Bids in the portal | : | Dt.17.03.2026, 5.00 P.M. |
| 7. Bids received in the online will be opened on | : | Dt.18.03.2026, 11 A.M. |
| 8. Name and address of the Officer inviting Bid | : | Block Development Officer, Bijepur |

Further details can be seen from the procurement Portal www.tendersodisha.gov.in

Sd./- Block Development Officer
Bijepur

OIPR-19001/19129/1/25-26/0001

## OFFICE OF THE NOTIFIED AREA COUNCIL, BIJEPUR
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Phone No. 06685-274153, E_Mail ID:- bijepurnac2018@gmail.com

Letter No. 267 — **QUOTATION CALL NOTICE** — Date : 23.02.2026

**No.13001/392/2526** : Bijepur NAC invites EOI from experienced, competent and eligible Agencies/ Suppliers/ Bidders for supply and fixing of Prefabricated Bus Stop at Different places of Bijepur under Bijepur NAC as per the specifications given below.

**Each Prefabricated Bus Stop shall consist of the following materials.**

1) Roof size-Length 10ft, Height 8ft & Width 6ft.
2) Floor-Length 12ft & width 8ft.
3) Structure roof-50/50mm E shape rod & 50/50mm F shape curved Pipe.
4) Roof pipe- 50/50mm 4pc S shape & 50/25mm 5pc S shape pipe.
5) Side wall-5x2 ft Advertise Display Board, 6x4 ft M.S pipe
6) Roof sheet- Corrugated Galvanised Colour Sheet SS 12mm self-thread screw, Front Name plate 1.5mm sheet, Length 10ft, wide 1 ft.
7) Civil work- 2ft M-20 grade concrete foundation, 14mm MS Plate,16mm foundation Bolt & 10mm floor Tile.
8) Bench- 10ftX1.5ft with front wall, 4ftX1.5 ft with side wall, Electrification Display Board with 20wt LED Tube.
9) Colouring- 3 Coated Hamilton Colour.

The Quotation Paper will be available at Development Section of Bijepur NAC @ Rs.2000.00 (Rupees two thousand) only per each schedule from Dt.25.02.2026 10.00A.M to 5.00 P.M of Dt.05.03.2026 (within working days & Office hours). The Quotation Paper will be received up to 5.00 P.M of Dt.06.03.2026. The Quotation Paper will be opened on Dt.07.03.2026 at 11.00 A.M in presence of the Quotationers or their Authorised representatives. The Quotation documents can be seen in our Office Website www.bijepurnac.in

Any other clarifications regarding EOI may contact Development Section of Bijepur NAC. The Authority reserves the right to accept, reject or cancel any or all the Quotations without assigning any reason thereof.

OIPR-13001/13123/1/25-26/0002 — Sd./- Executive Officer, Bijepur NAC

## ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ନିମନ୍ତେ ଦୃଷ୍ଟି ଆକର୍ଷଣ

ଏତଦ୍ୱାରା ସମସ୍ତ ବନସୁରକ୍ଷା ସମିତି ଓ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ବିନୀତ ଅନୁରୋଧ।

୧. ଦୟାକରି ଜଙ୍ଗଲରେ ବା ଜଙ୍ଗଲ ନିକଟବର୍ତ୍ତୀ ଜାଗାରେ ନିଆଁ ଲଗାନ୍ତୁ ନାହିଁ। ସାମାନ୍ୟ ନିଆଁ ସମ୍ପୂର୍ଣ୍ଣ ଜଙ୍ଗଲକୁ ଧ୍ୱଂସ କରି ପାରେ ଓ ଏହା ଜୀବଜନ୍ତୁଙ୍କ ପାଇଁ ବିପଦ ଆଣିପାରେ। ଜଙ୍ଗଲ ନିଆଁର ପ୍ରାଦୁର୍ଭାବ ଅତି ଭୟାନକ ହୋଇପାରେ, ଏହା ଆପଣଙ୍କ ଅଞ୍ଚଳର ତାପମାତ୍ରା ବଢ଼ାଇବା ସହିତ ବର୍ଷାରେ ବିଳମ୍ବ କରିଥାଏ।
୨. ନିଆଁଲାଗିଥିବାର ଦେଖିଲେ ତାକୁ ଗାଁ ଲୋକ ମିଶି ଲିଭାଇ ଦିଅନ୍ତୁ ଓ ବନଖଣ୍ଡ କଣ୍ଟ୍ରୋଲ ରୁମ ନମ୍ବର ୯୪୩୭୧୧୮୪୩୮ରେ ସୂଚନା ଦେଇ ନିଆଁ ଲିଭାଇବାରେ ସାହାଯ୍ୟ କରନ୍ତୁ।
୩. ମହୁଲ ଗୋଟାଇବା ପାଇଁ ଗଛ ମୂଳରେ ନିଆଁ ନ ଲଗାଇ ଏହାକୁ ଝାଡୁ ଦ୍ୱାରା ସଫା କରି ମହୁଲ ସଂଗ୍ରହ କରନ୍ତୁ।
୪. ମଜା ଦେଖିବା ପାଇଁ ଜଙ୍ଗଲ ତଳ ଅଞ୍ଚଳରେ ନିଆଁ ଲଗାନ୍ତୁ ନାହିଁ। ଏହା ଜଙ୍ଗଲକୁ ବ୍ୟାପି କ୍ଷତି କରିପାରେ।
୫. ବନ୍ୟଜନ୍ତୁ ଶିକାର ପାଇଁ ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ। ବନ୍ୟଜନ୍ତୁ ଶିକାର ଏବଂ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଅଟେ।
୬. କୌଣସି ବ୍ୟକ୍ତି ନିଆଁ ଲଗାଉଥିବାର ଧରାପଡ଼ିଲେ ଜଙ୍ଗଲ ବିଭାଗକୁ ଖବର ଦିଅନ୍ତୁ।
୭. ବନ ସୁରକ୍ଷା ସମିତିର ଜାଗା ଓ ଏହାର ଆଖପାଖ ଅଞ୍ଚଳରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କଠାରୁ ଭି.ଏସ୍.ଏସ୍.ର ସଭ୍ୟମାନେ ଜୋରିମାନା ଆଦାୟ କରିପାରିବେ ଓ ଏହା ଆପଣଙ୍କ ଭି.ଏସ୍.ଏସ୍. ପାଣ୍ଠିରେ ଜମା କରିପାରିବେ।

ସ୍ୱା./– ବନଖଣ୍ଡ ଅଧିକାରୀ, ନୟାଗଡ଼ ବନଖଣ୍ଡ

No.25001/257/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, KUCHINDA
E-mail : eerw_kuchinda@yahoo.com
Identification No. Online Tender / 21 / RWD, Kuchinda / 2025-26

Letter No. — Date.

| | | | |
|---|---|---|---|
| 1 | The Superintending Engineer, Rural Works Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** only for Roads Work | | |
| 2 | No. of Work | : | 01 No. |
| 3 | Nature of Work | : | Road Repair |
| 4 | Class of Contractor | : | "D", "C" |
| 5 | Approx. Value of Work | : | 17.54 |
| 6 | Tender Cost | : | Rs.6000/- |
| 7 | Availability of Bid Documents in the Website | : | **27.02.2026 at 11 A.M. to 06.03.2026 at 5.00 P.M.** |
| 8 | Last date & time for seeking Clarification | : | **05.03.2026 at 5.00 P.M.** |
| 9 | Date of Opening of Bid | : | **07.03.2026 at 11.00 A.M.** |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

Sd./- Superintending Engineer
Rural Works Division, Kuchinda

OIPR-25001/25151/1/25-26/0019

Government of Jharkhand
## Department of Information Technology and e-Governance
Jharkhand Mantralaya, Dhurwa, Ranchi-834004

**Tender Notice**

On behalf of the Government of Jharkhand, the **Department of Information Technology & e-Governance** invites **reverse bids** (Technical and Commercial) from UIDAI empanelled ASA Service providers to provide Aadhaar Authentication Services to the Authentication User Agency (AUA)/e-KYC User Agency (KUA) - Department of IT & e-Governance, Government of Jharkhand.

**Only UIDAI approved and Live ASA Service Providers are allowed to participate in this bid. The list of UIDAI approved Live ASA Service Provider as on 19.11.2024 may be downloaded from UIDAI website** (https://uidai.gov.in//images/Live_ASA_List_19112024.pdf).

For the bidding process, the bidders shall follow the procedure described on e-Tendering website (**https://jharkhandtenders.gov.in**). Further details about the e-Tendering procedure & its requirements, refer manual available on e-Tendering website.

The tender document will be available on the e-Tendering website and may be downloaded by the interested bidders.

The bidders are required to submit the amount of EMD as per provisions of e-tendering Portal. Without submission of EMD, bid shall be considered incomplete & nonresponsive and shall not be considered.

The summary of tender notice is as follows:

| S.No. | Item | Particulars |
|---|---|---|
| 1 | Tender Reference No. | UIDAI/ASAService/1/2026-UID/001 |
| 2 | Project Description | Selection of UIDAI Empanelled Authentication Service Agency (ASA) for providing ASA Services |
| 3 | Bid Security (EMD) | Rupees Twenty Five Thousand Only (Rs.25,000/-) |
| 4 | Name & Address of Tender Issuing Authority | Joint Secretary, Department of IT & e-Governance, 3rd Floor, Project Bhawan, Dhurwa, Ranchi – 834004 |
| 5 | Pre-Bid Conference (Date, Time & Place) | 09.03.2026 at 16:00 hrs. Department of IT & e-Governance, 3rd Floor, Project Bhawan, Dhurwa, Ranchi – 834004 |
| 6 | Date & Time Availability of Tender Document | 26.02.2026 at 13:00 hrs. |
| 7 | Start Date of Bid Submission | 11.03.2026 at 16:00 hrs. |
| 8 | Last date and time for online submission of technical & financial bids | 18.03.2026 at 16:00 hrs. |
| 9 | Date & Time of opening of Technical Bid | 20.03.2026 at 16:30 hrs. |
| 10 | Date & Time of opening of Financial Bid | To be informed later |
| 11 | Phone | 0651 – 2970091 |
| 12 | Email Address for queries | uidcellpmu-doit@jharkhandmail.gov.in |
| 13 | Mode of bidder selection | L1 basis |

PR 373682 Information Technology (25-26)_D

Sd/-
Joint Secretary to Government

## बैंक ऑफ़ बड़ौदा Bank of Baroda
**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧

**ଦଖଲ ବିଜ୍ଞପ୍ତି** (ଅସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (୨ୟ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତା ରଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ଆକ୍ଟ ଧାରା ୧୩ ଉପଧାରା (୪) ସହିତ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷ କରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦାର ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ରଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ରଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଅସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ବସନ୍ତପୁର ଶାଖା /** **ରଣଗ୍ରହୀତା: ଶ୍ରୀ ବଳରାମ ବାରିକ,** ପିତା: ସ୍ୱ ହାଡିବନ୍ଧୁ ବାରିକ, ସା/ପୋ: ପଣ୍ଡାପଡା, କେନ୍ଦୁଝର - ୭୫୮୦୧୪ | ସ୍ୱ ହାଡିବନ୍ଧୁ ବାରିକଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୨୧, ପ୍ଲଟ୍ ନଂ.: ୨୪୧, କ୍ଷେତ୍ର: ଏକର ୦.୨୬ ଡିସିମିଲି, ମୌଜା: ପଣ୍ଡାପଡା, ଥାନା: ପଣ୍ଡାପଡା, ତହସିଲ: ଘଟଗାଁ, ଜିଲ୍ଲା: କେନ୍ଦୁଝର, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୦୫, ଦକ୍ଷିଣ: ପ୍ଲଟ୍ ନଂ.: ୪୮୮, ପୂର୍ବ: ପ୍ଲଟ୍ ନଂ.: ୨୪୨ ଏବଂ ପଶ୍ଚିମ: କାଳିଆ ବେହେରା | ୧୨.୦୬.୨୦୧୫ / ୨୬.୦୨.୨୦୨୬ | ତା.୨୫.୦୨.୨୦୨୬ ସୁଦ୍ଧା ଟ.୧୮,୩୯,୬୨୪.୩୭ ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **କେନ୍ଦୁଝର ଶାଖା /** **ରଣଗ୍ରହୀତା: ମେସର୍ସ ବିନାୟକ ଅଟୋ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅବିନାଶ ମିଶ୍ର,** ପିତା: ଅଜୟ କୁମାର ମିଶ୍ର, ଡିଏନ୍ ହାଇ ସ୍କୁଲ ପଛପାର୍ଶ୍ୱ, ଗ୍ରାମଶ୍ରୀ କଲୋନୀ, କେନ୍ଦୁଝର ଟାଉନ, କେନ୍ଦୁଝର, ଓଡ଼ିଶା, ପିନ୍ - ୭୫୮୦୦୧ | ତା.୧୭.୧୧.୨୦୨୨ରିଖରେ **ମେସର୍ସ ବିନାୟକ ଅଟୋ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅବିନାଶ ମିଶ୍ରଙ୍କ** ଦ୍ୱାରା ସମ୍ପାଦିତ ହୋଇଥିବା ହାଇପୋଥିକେସନ୍ ଚୁକ୍ତିନାମା ଅନୁଯାୟୀ ଷ୍ଟକ୍ ଏବଂ ବୁକ ଡେବ୍ଟ୍‌ର ବନ୍ଧକ ଏବଂ ସର୍ବଶେଷ ଷ୍ଟକ୍ ଷ୍ଟେଟ୍‌ମେଣ୍ଟ, **ଷ୍ଟକର ସ୍ଥାନ:** ଖାତା ନଂ.: ୮୦, ପ୍ଲଟ୍ ନଂ.: ୧୮୩, ନିଗମ ମୋଟର୍ସ ସମ୍ମୁଖ, ନାରଣପୁର, କେନ୍ଦୁଝର, ଓଡ଼ିଶା-୭୫୮୦୧୪ | ୦୧.୧୨.୨୦୨୫ / ୨୬.୦୨.୨୦୨୬ | ତା.୨୫.୦୨.୨୦୨୬ରିଖ ସୁଦ୍ଧା ଟ.୫୨,୩୮,୯୧୨.୭୫ ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **କେନ୍ଦୁଝର ଶାଖା /** **ରଣଗ୍ରହୀତା: ମେସର୍ସ ସିଦ୍ଧିବିନାୟକ ଅଟୋ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବିନଲ ପଟେଲ,** ସ୍ୱାମୀ: ଅବିନାଶ ମିଶ୍ର, ଡିଏନ୍ ହାଇ ସ୍କୁଲ ପଛପାର୍ଶ୍ୱ, ଗ୍ରାମଶ୍ରୀ କଲୋନୀ, କେନ୍ଦୁଝର ଟାଉନ, କେନ୍ଦୁଝର, ଓଡ଼ିଶା, ପିନ୍ - ୭୫୮୦୦୧ | ତା୩୦.୦୫.୨୦୨୩ରିଖରେ **ମେସର୍ସ ସିଦ୍ଧିବିନାୟକ ଅଟୋ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବିନଲ ପଟେଲଙ୍କ** ଦ୍ୱାରା ସମ୍ପାଦିତ ହୋଇଥିବା ହାଇପୋଥିକେସନ୍ ଚୁକ୍ତିନାମା ଅନୁଯାୟୀ ଷ୍ଟକ୍ ଏବଂ ବୁକ ଡେବ୍ଟ୍‌ର ବନ୍ଧକ ଏବଂ ସର୍ବଶେଷ ଷ୍ଟକ୍ ଷ୍ଟେଟ୍‌ମେଣ୍ଟ, **ଷ୍ଟକର ସ୍ଥାନ:** ୧ମ ମହଲା, ପ୍ରଦୀପ କୁମାର ପ୍ରଧାନ ଏବଂ ରାଜା ଯାଦବଙ୍କ ଗୃହ, ପ୍ଲଟ୍ ନଂ.: ୧୪୪/୧୨୧୮, ଖାତା ନଂ.: ୧୦୨/୮୨୮, ମୌଜା: ଜଗନ୍ନାଥପୁର, ୟୁନିଟ୍ ନଂ.: ୧୭, କେନ୍ଦୁଝର ମେନ୍ ରୋଡ୍, ଲକ୍ଷ୍ମୀ ମନ୍ଦିର ନିକଟ, କେନ୍ଦୁଝର, ଓଡ଼ିଶା-୭୫୮୦୦୧ | ୦୧.୧୨.୨୦୨୫ / ୨୬.୦୨.୨୦୨୬ | ତା.୨୫.୦୨.୨୦୨୬ରିଖ ସୁଦ୍ଧା ଟ.୪୨,୪୪,୭୬୧.୪୦ ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **କେନ୍ଦୁଝର ଶାଖା /** **ରଣଗ୍ରହୀତା: ମେସର୍ସ ଶ୍ରୀ ବିନାୟକ ଅଟୋ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବିନଲ ପଟେଲ,** ସ୍ୱାମୀ: ଅବିନାଶ ମିଶ୍ର, ଡିଏନ୍ ହାଇ ସ୍କୁଲ ପଛପାର୍ଶ୍ୱ, ଗ୍ରାମଶ୍ରୀ କଲୋନୀ, କେନ୍ଦୁଝର ଟାଉନ, କେନ୍ଦୁଝର, ଓଡ଼ିଶା, ପିନ୍ - ୭୫୮୦୦୧ | ତା୨୮.୦୯.୨୦୨୩ରିଖରେ **ମେସର୍ସ ଶ୍ରୀ ବିନାୟକ ଅଟୋ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବିନଲ ପଟେଲଙ୍କ** ଦ୍ୱାରା ସମ୍ପାଦିତ ହୋଇଥିବା ହାଇପୋଥିକେସନ୍ ଚୁକ୍ତିନାମା ଅନୁଯାୟୀ ଷ୍ଟକ୍ ଏବଂ ବୁକ ଡେବ୍ଟ୍‌ର ବନ୍ଧକ ଏବଂ ସର୍ବଶେଷ ଷ୍ଟକ୍ ଷ୍ଟେଟ୍‌ମେଣ୍ଟ, **ଷ୍ଟକର ସ୍ଥାନ:** ତଳ ମହଲା, ଅନୁରାଧା ସାହୁଙ୍କ ଗୃହ, ପ୍ଲଟ୍ ନଂ.: ୧୫୨/୪୭୫, ଖାତା ନଂ.: ୧୦୯/୪୭, କେନ୍ଦୁଝର ରେଡିଓ ଷ୍ଟେସନ୍ ନିକଟ, ମୌଜା: ମୁକ୍ତାପୁର, ଘୁଟୁର କେନ୍ଦୁଝର, ଓଡ଼ିଶା-୭୫୮୦୦୧ | ୦୧.୧୨.୨୦୨୫ / ୨୬.୦୨.୨୦୨୬ | ତା.୨୫.୦୨.୨୦୨୬ରିଖ ସୁଦ୍ଧା ଟ.୬୪,୦୭,୯୨୧.୨୮ ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ, ତାରିଖ : ୨୬.୦୨.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**ବୈଦ୍ୟନାଥ ପାଠାଗାର ଅଗ୍ନିକାଣ୍ଡ**

ରସୁଲପୁର,(ରଞ୍ଜିତ ରାଉତ): ରସୁଲପୁର ଦମକଳକେନ୍ଦ୍ର ଅଧୀନ ସାମନ୍ତରାପୁର ପଞ୍ଚାୟତ ବାଲୁଙ୍କେଶ୍ୱର ବଜାରରେ ଥିବା ବୈଦ୍ୟନାଥ ପାଠାଗାରରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପଠାଗାରରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ବୁଧବାର ରାତ୍ର ୨.୪୪ମିନିଟରେ ନିଆଁ ଲାଗିଥିବା ନେଇ ଦମକଳକେନ୍ଦ୍ରକୁ ଖବର ଆସିଥିଲା। ଅଗ୍ନିଶମ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ସହ ପାଠାଗାରରେ ଥିବା କେତେକ ମୂଲ୍ୟବାନ ସାମଗ୍ରୀକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ବିଦ୍ୟୁତ୍ ଶଟସର୍କିଟରୁ ନିଆଁ ଲାଗିଥିବା ନେଇ ଅଗ୍ନିଶମ ବାହିନୀ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛନ୍ତି।

# ସରକାରୀ ନିର୍ଦ୍ଦେଶକୁ ଫୁଁ: ରାସ୍ତା ଉପରେ ୨ ଇଞ୍ଚର ବାଲି

■ ଓଭର ଲୋଡିଂ ବାଲି ପରିବହନ ଯୋଗୁ ରାସ୍ତା ପାଲଟିଛି ଜରାଜୀର୍ଣ୍ଣ
■ ନିମ୍ନମାନର କାର୍ଯ୍ୟ ଯୋଗୁ ମାସକରେ ରାସ୍ତାରୁ ଉଠିଗଲା ପିଚୁ

**ଦଶରଥପୁର, ୨୬।୨ (ସୁଶାନ୍ତ କୁମାର ବେହୁରିଆ )**



ସରକାର ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଆଦି ଉତ୍ତୋଳନ ଓ ପରିବହନ ନିମନ୍ତେ ଏସଓପି ଜାରି କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ପ୍ରତ୍ୟେହ ବହୁ ଶହ ସଂଖ୍ୟାରେ ବାଲି ଟ୍ରକ୍ ବେଆଇନ ଭାବେ ଖରସ୍ରୋତା ନଦୀରୁ ଉତ୍ତୋଳନ ହୋଇ ଜିଲା ତଥା ଜିଲା ବାହାରକୁ ଚାଲାଣ ହେଉଛି। ଫଳରେ ଓଭର ଲୋଡିଂ ଯୋଗୁ ରାସ୍ତା ଜରାଜୀର୍ଣ୍ଣ ହେବା ସହିତ ୨ ଇଞ୍ଚର ବାଲି ବିଭିନ୍ନସ୍ଥାନରେ ଜମା ହୋଇ ଦୁର୍ଘଟଣାର କାରଣ ପାଲଟିଛି। ଏହା ବ୍ୟତୀତ ଅନୁମତିଠାରୁ ୨ ଗୁଣା ବାଲି ପରିବହନ କରୁଥିବା ହାଇୱାଗୁଡିକ ଯୋଗୁ ରାସ୍ତା ମଧ୍ୟ ବହୁ ଜାଗାରେ ଦବିଯିବା ସହିତ ଖାଲଖମା, ବହୁସ୍ଥାନରେ ଫାଟି ଆଁ କରିଥିବାର ଦେଖାଯାଇଛି। ଯାହାର ଉଦାହରଣ ବିଞ୍ଝାରପୁର ବ୍ଲକ ଛକଠାରୁ ଅଳକୁଣ୍ଡ ଥାନା ପର୍ଯ୍ୟନ୍ତ ଲମ୍ବିଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ଲକ୍ଷ୍ୟ କଲେ ଜଣାପଡ଼ିବ। ଏହି ରାସ୍ତାର ବିଭିନ୍ନ ଛକ ବଜାର ଓ ରାସ୍ତାର ଉଭୟପାର୍ଶ୍ୱରେ ବାଲି ଜମି ରହି ଯାତାୟାତରେ ବାଧା ସୃଷ୍ଟି କରୁଛି। ଏ ନେଇ ପୂର୍ତ୍ତ ବିଭାଗ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ୧୫. ୫ କିମି ଲମ୍ବ ବିଶିଷ୍ଟ ଏହି ରାସ୍ତାର ୮ କି.ମି. ରାସ୍ତା ମଙ୍ଗଳପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ବେଳେ ବାକି ୭.୫ କି.ମି. ରାସ୍ତା ବିଞ୍ଝାରପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତାକୁ ଲାଗି ଏକାଧିକ ସ୍କୁଲ, କଲେଜ, ହସ୍ପିଟାଲ ସମେତ ଶତାଧିକ ଗ୍ରାମ ରହିଛି। ଦୈନିକ ବହୁ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ବୌଲାଙ୍ଗ, ଛତ୍ରପଡା, ପ୍ରୀତିପୁର, ଅଳକୁଣ୍ଡ ବଜାର ଅତିକ୍ରମ କରି ଏହି ରାସ୍ତା ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାକୁ ବିଞ୍ଝାରପୁର ନିକଟରେ ସଂଯୋଗ କରିଛି। ଏହି ରାସ୍ତାରେ ବହୁ ଅର୍ଥ ଖର୍ଚ୍ଚ ସତ୍ତ୍ୱ ଅବସ୍ଥାର କୌଣସି ପରିବର୍ତ୍ତନ ଘଟୁନାହିଁ। ଅପରପକ୍ଷରେ ୨୦୨୫ ମସିହାରେ ଏହି ରାସ୍ତାର (ମଧୁପୁରରୁ କେରୁଣା ପର୍ଯ୍ୟନ୍ତ ) ୧ କିମିଠାରୁ ୩ କିମି ପର୍ଯ୍ୟନ୍ତ ରାସ୍ତା ମରାମତି ନିମନ୍ତେ ପୂର୍ତ୍ତ ବିଭାଗ ୩୦ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରିଥିଲା। ଯାହାର କାର୍ଯ୍ୟ ଏକ ମାସ ପୂର୍ବରୁ ସମାପ୍ତ ହୋଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ମାତ୍ର ମାସକ ମଧ୍ୟରେ ଏହି ରାସ୍ତାର ୭୦ ପ୍ରତିଶତ ଅଂଶ ଉଠି ଯାଇଛି। ଫଳରେ ବିଭାଗର କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବିଭାଗୀୟ ଏସ୍‌ଡିଓ ଦିଲୀପ ନାୟକଙ୍କୁ ପଚାରିବାରେ ଅଭିଯୋଗର ତଦନ୍ତ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଗୋମାଂସ ଜବତ, ଜଣେ ଗିରଫ

ଧର୍ମଶାଳା,୨୬।୨(ବଟକୃଷ୍ଣ ପରିଡ଼ା) ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦୁରିଆ ପଞ୍ଚାୟତର ଏକ ପୋଖରୀ ନିକଟରୁ ବେଆଇନ ଭାବେ ଗୋ ମାଂସ ନେଇ ଯାଉଥିବା ବ୍ୟବସାୟୀଙ୍କୁ ଗୁରୁବାର ସ୍ଥାନୀୟ ଲୋକେ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ନେଉଳପୁର ଅଞ୍ଚଳର ଏସ. କେ. ଅମିରୁଦ୍ଦିନ (୫୦) ଏକ ବ୍ୟାଗରେ ୧୦ କିଲୋରୁ ଅଧିକ ଗୋ ମାଂସକୁ ନେଇ ଯାଉଥିବାବେଳେ ବଜରଙ୍ଗ ଦଳର କର୍ମୀମାନେ ଅଟକ ରଖି ପଚରା ଉଚରା କରିବା ପରେ ସତ୍ୟତା ଜାଣିଥିଲେ। ଖବରପାଇ ଘଟଣାସ୍ଥଳରେ ଲୋକେ ଜମା ହେବା ସହ ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ନଂ. ୭୯/୨୬ରେ ମାମଲା ରୁଜୁ କରି ବ୍ୟବସାୟୀ ଅମିରୁଦ୍ଦିନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ, ଜଣେ ଗିରଫ

ଧର୍ମଶାଳା,୨୬।୨(ବଟକୃଷ୍ଣ ପରିଡ଼ା) ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଲବା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୨୪ ତାରିଖରେ ଦୁଇପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୋଲିସ ନଂ. ୧୮/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରହ୍ଲାଦ ବେହେରାକୁ ଗିରଫ କରିଛି। ଏଣ୍ଡଲବା ଗ୍ରାମର ଗୋବିନ୍ଦ ବେହେରାଙ୍କ ସ୍ତ୍ରୀ ମାମି ଥାନାରେ ଅଭିଯୋଗ କରିଛନ୍ତି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ସ୍ୱାମୀ ଗୋବିନ୍ଦ ଓ ଦିଅର ସନ୍ତୋଷଙ୍କୁ ସେହି ଗ୍ରାମର ପ୍ରହ୍ଲାଦ ବେହେରା ଏବଂ ଅନ୍ୟମାନେ ବାଡେଇ ମୁଣ୍ଡ ଫଟାଇ ଦେଇଥିଲେ। ଅଭିଯୋଗକ୍ରମେ ପୋଲିସ ପ୍ରହ୍ଲାଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ନିରୁପମା ଜେନା କହିଛନ୍ତି।

### ଧର୍ମପରାୟଣ ମହିଳାଙ୍କ ପରଲୋକ

ପାଣିକୋଇଲି,୨୬।୨(ବିକାଶ ଚନ୍ଦ୍ର ମଲ୍ଲିକ) ପାଣିକୋଇଲିଅଳତିରିଗ୍ରାମର ଧର୍ମପରାୟଣ ମହିଳା ଝରଣା ମଲ୍ଲିକ (୮୪)ଙ୍କ ଗୁରୁବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ପରଲୋକରେ ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ପାଣିକୋଇଲି ପୂର୍ବତନ ସରପଞ୍ଚ, ଜିଲାପରିଷଦ ସଭ୍ୟ, ପାଣିକୋଇଲି ବଜାର କମିଟି ଓ ମେଳଣ କମିଟିର ସଭାପତି ବ୍ୟବସାୟୀ କିଶୋର ଚନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ଥିଲେ। ତାଙ୍କ ମୃତଦେହ ବାସଗୃହରେ ପହଞ୍ଚିବା ପରେ ବହୁ ବ୍ୟବସାୟୀ, ଗ୍ରାମବାସୀ, ରାଜନେତା, ବୁଦ୍ଧିଜୀବୀ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ବଡପୁଅ ଗଣେଶ, ସାନପୁଅ କାର୍ତ୍ତିକ ଓ ତାଙ୍କ ୩ ଝିଅ, ଜ୍ୱାଇଁ, ବନ୍ଧୁବାନ୍ଧବ ପହଞ୍ଚିଥିଲେ। ମୃତଦେହକୁ ଏକ ଶୋଭାଯାତ୍ରାରେ ଗ୍ରାମ ଓ ବଜାର ପରିକ୍ରମା କରାଇ ଶେଷରେ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ସାନପୁଅ କାର୍ତ୍ତିକ ମୁଖାଗ୍ନି ଦେଇଥିଲେ।

### ପ୍ରତିଶ୍ରୁତି ଖିଲାପ: ବାଲେଶ୍ୱର ଆଲଏଜ ଖଣିରେ କାର୍ଯ୍ୟ ବନ୍ଦ

**କାଳିଆପାଣି, ୨୬।୨ (ଅସିତ ମହାନ୍ତ)** ବାଲେଶ୍ୱର ଆଲଏଜ୍ କ୍ରୋମାଇଟ୍ ଖଣିରେ କମ୍ପାନୀ ପ୍ରତିଶ୍ରୁତି ଖିଲାପ ଯୋଗୁ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନ ପକ୍ଷରୁ ପୁନଃ ଗୁରୁବାର ଦିନତମାମ କାର୍ଯ୍ୟ ବନ୍ଦ ହୋଇଥିବା ବେଳେ ସନ୍ଧ୍ୟାରେ ସମାଧାନ ହୋଇଛି। ଗତ ୧୦ ତାରିଖରେ ୧୪ଦଫା ଦାବିରେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୧୭ ତାରିଖରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସରକାରଙ୍କ ସମବାୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ବାଲେଶ୍ୱର ଆଲଏଜ କମ୍ପାନୀ ଏମ.ଡି. ଅନିଲ, କମ୍ପାନୀ ଖଣି ମୁଖ୍ୟ ବିଶ୍ୱରଞ୍ଜନ କୁମାର ପାଢ଼ୀ, ମାନବ ସମ୍ବଳ ମୁଖ୍ୟ ଗୁରୁପ୍ରୀତି ସିଂ ଓ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ଅମଲେନ୍ଦୁ ବେହୁରା ଓ ଖଣିର କମିଟି ପ୍ରତିନିଧି ଉପସ୍ଥିତିରେ ସମାଧାନ କରାଯାଇ ୧୪ଟି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେବେଠାରୁ ଖଣି କାର୍ଯ୍ୟ ଚାଲୁ ହୋଇଥିବା ବେଳେ ୨୫ ତାରିଖ ସୁଦ୍ଧା ଦାବି ପୂରଣ ନ କରିବାରୁ ଗୁରୁବାର ଖଣିର ସମସ୍ତ କାର୍ଯ୍ୟ ବନ୍ଦ କରାଯାଇଥିଲା। ସନ୍ଧ୍ୟାରେ ସଂଘ ସାଧାରଣ ସମ୍ପାଦକ ଅମଲେନ୍ଦୁ ବେହୁରାଙ୍କ ସହ କମ୍ପାନୀ ଖଣି ମୁଖ୍ୟ ପାଢ଼ୀ ବୈଠକ କରି ଲିଖିତ ପ୍ରତିଶ୍ରୁତି ଦେବା ପରେ କାର୍ଯ୍ୟ ଚାଲୁ କରିବାକୁ ସଂଘ ସାଧାରଣ ସମ୍ପାଦକ ବେହୁରା କମ୍ପାନୀ ଅଧିକାରୀଙ୍କୁ କଥାରେ ସହମତି ପ୍ରକାଶ କରିଛନ୍ତି।

# ରାଜ୍ୟସ୍ତରୀୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ



ପ୍ରତିଯୋଗିତା ଉଦ୍‌ଘାଘଟନୀ ଉତ୍ସବରେ ଯୋଗ ଦେଇଥିବା ପୋଲିସ।

**ଛତିଆ, ୨୬।୨(ସୌମ୍ୟ ରଞ୍ଜନ ସାହୁ)**

ଯାଜପୁର ଜିଲା ଅଧୀନ ବୈରୀ-ସୋଲର ରାଜ୍ୟ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ରାଜ୍ୟସ୍ତରୀୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜ୍ୟ ଗୁଇନ୍ଦା ବିଭାଗ ଆଇଜି ଆର.ପି. କୁଚେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ବିଭାଗରୁ ୧୬ଟି ଦଳରୁ ୧୬୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହା ୪ ଦିନ ଧରି ଚାଲିବ ବୋଲି ପୋଲିସ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାଦ୍ୱାରା ପୋଲିସ ସମସ୍ତଙ୍କ ପାଖରେ ପହଞ୍ଚି ବନ୍ଧୁପୂର୍ଣ୍ଣ ଅନୁଶାସନ, ଏକାଗ୍ରତା ସୃଷ୍ଟି କରିପାରିବ ବୋଲି ମୁଖ୍ୟ ଅତିଥି ଆଇଜି କୁଚେ ପ୍ରତିଯୋଗୀଙ୍କୁ ଅବଗତ କରିବା ସହ ଓଡ଼ିଶା ପୋଲିସର ଗୌରବ ରଖିପାରିବେ ବୋଲି କହିଥିଲେ। ପୋଲିସ ପ୍ରଶିକ୍ଷଣ ଶିବିରର କମାଣ୍ଡାଣ୍ଟ ଅଶୋକ କୁମାର ଦେହୁରୀ ସ୍ୱାଗତ ଭାଷଣ ଦେବା ସହିତ ପ୍ରତିଯୋଗିତା ଉପରେ ସମ୍ୟକ ସୂଚନା ଦେଇଥିଲେ। ଶେଷରେ ପ୍ରଶିକ୍ଷଣ ଶିବିରର ଡିଏସ୍‌ପି ସନାତନ ସାହୁ ପୋଲିସ ଅଧିକାରୀ, ପ୍ରତିଯୋଗୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ।

# ଶିକ୍ଷା ଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଦଶରଥପୁର,୨୬।୨ (ସୁଶାନ୍ତ କୁମାର ବେହୁରିଆ):**

ଯାଜପୁର ଜିଲା ଦଶରଥପୁର ଅଞ୍ଚଳର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଶିକ୍ଷା ଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ପ୍ରଥମ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା ଓ ସମ୍ମାନିତ ଅତିଥି ଭାବେ ଏବିଇଓ ସାବିତ୍ରୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତ ଜଗତର ଖ୍ୟାତନାମା ଗୀତିକାର ଶକ୍ତି ମିଶ୍ରଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶରଥପୁରର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା ଓ ବିଦ୍ୟାଳୟର ସମ୍ପାଦକ ଜଗବନ୍ଧୁ ଦାସ ପ୍ରମୁଖ ଯୋଗଦେଇ ପିଲାମାନେ ଚାକିରି ପଛରେ ନ ଗୋଡ଼ାଇ ଭଲ ମଣିଷ ହେବାକୁ ଉଦ୍ୟମ କରିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଓଲିଉଡର ଆଗଧାଡିର କଣ୍ଠଶିଳ୍ପୀ ତଥା ଅଭିନେତ୍ରୀ ଡ. ଅନୁରାଧା ପାଣିଗ୍ରାହୀ, ଗୀତିକାର ବିଜୟ କୁମାର ପାଢ଼ୀ, ଅଭିନେତା ସରୋଜ କୁମାର ନାୟକ ଗୋଟିଏ ପରେ ଗୋଟିଏ ଗୀତ ଗାଇ ଦର୍ଶକଙ୍କ ମନ୍ତ୍ର ମୁଗ୍ଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମଣ କୁମାର ମଲ୍ଲିକ, ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପଲାଇ, ଲେଲିନ କୁମାର ଦାସ, ଭକ୍ତବନ୍ଧୁ ପଣ୍ଡା, ଶିକ୍ଷୟିତ୍ରୀ ରଶ୍ମିରେଖା ବାରିକ, ପ୍ରିୟଦର୍ଶିନୀ ସାହୁ, ସୋଲେଖା ଖାତୁନ,ସୋନାଲି ବେହେରା, ଦୀପିକା ପଣ୍ଡା,ଶ୍ରଦ୍ଧାଞ୍ଜଳି ଜେନା, ସିଲି କର, ମମତା କୁଣ୍ଡୁ, ମାନସି ଓଝା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ପିଲାମାନେ।

# ଫାଇନାନ୍ସ କମ୍ପାନୀ କର୍ମଚାରୀ ୬ ଦିନ ହେଲା ନିଖୋଜ ଅଭିଯୋଗ

**ଚଣ୍ଡିଖୋଲ, ୨୬।୨(ପ୍ରଦୀପ୍ତ କୁମାର ପୃଷ୍ଟି)**

ବଡଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକ ନିକଟ ନୂଆ ସୁଙ୍ଗୁଡାସ୍ଥିତ ସ୍ପନ୍ଦନ ଫାଇନାନ୍ସ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଗତ ୨୦ ତାରିଖରୁ ନିଖୋଜ ଅଛନ୍ତି। ତାଙ୍କ ମୋବାଇଲ ସେହିଦିନରୁ ବନ୍ଦ ରହିଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ସାରୁଗଡିଆ ଗ୍ରାମର ବଳଭଦ୍ର ଭୋଇ (୩୦) ୮ବର୍ଷ ହେବ ସ୍ପନ୍ଦନ କମ୍ପାନୀରେ କାର୍ଯ୍ୟ କରି ଆସୁଥିଲେ। ତେବେ ନିଖୋଜ ବଳଭଦ୍ରଙ୍କ ପିତା ବାବୁଲାଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କ ମାମୁ ବେଣୁଧର ଭୋଇ ଭଣଜାକୁ କେହି ଅପହରଣ କରି ନେଇଥିବା ନେଇ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୨୦ ତାରିଖରେ ବଳଭଦ୍ର ତାଙ୍କ କମ୍ପାନୀ ମ୍ୟାନେଜର ହେମନ୍ତ କୁମାର ବେହେରାଙ୍କ ସହିତ ପଇସା ଆଦାୟ ପାଇଁ ଯାଇଥିଲେ। ମ୍ୟାନେଜର ଅର୍ଥ ଆଦାୟ କାର୍ଯ୍ୟ ସାରି କାର୍ଯ୍ୟାଳୟକୁ ଫେରି ଆସିଥିଲା ବେଳେ ବଳଭଦ୍ର କାର୍ଯ୍ୟାଳୟକୁ ଆସିବା ବିଳମ୍ବ ହେବାରୁ ମ୍ୟାନେଜର ତାଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିଥିଲେ। ହେଲେ ତାଙ୍କ ମୋବାଇଲ ବନ୍ଦ ଥିଲା। ପରେ ମ୍ୟାନେଜର ଏନେଇ ମୋବାଇଲ ଯୋଗେ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଇଥିଲେ ବୋଲି ମାମୁଁ ବେଣୁଧର ତାଙ୍କ ଏତଲା କପିରେ ଦର୍ଶାଇଛନ୍ତି। ଅପରପକ୍ଷରେ ବଳଭଦ୍ରଙ୍କ ନିଖୋଜ ନେଇ କମ୍ପାନୀ ପକ୍ଷରୁ ମଧ ଥାନାରେ ଲିଖିତ ଭାବେ ଜଣାଇ ଦିଆଯାଇଥିବା ନେଇ ମ୍ୟାନେଜର ସୂଚନା ଦେଇଛନ୍ତି। ଅଭିଯୋଗ ପାଇବା ପରେ ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାଯାଇଛି।

# ଶ୍ରୀକଳକୀରାମ ବିଶ୍ୱଶାନ୍ତି ମହାଯଜ୍ଞ



**ଜେନାପୁର, ୨୬।୨ (ଅଶୋକ ଦାସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମୁକୁନ୍ଦପୁର ଗ୍ରାମରେ ଶ୍ରୀ କଳକୀରାମ ବିଶ୍ୱଶାନ୍ତି ୧୮ତମ ବାର୍ଷିକ ମହାଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଯଜ୍ଞ ମୁକୁନ୍ଦପୁର ଗ୍ରାମଦେବୀଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ କରାଯାଉଛି। ଏହା ୬ଦିନ ଧରି ଅନୁଷ୍ଠିତ ହେବ। ପଣ୍ଡିତମାନଙ୍କ ଦ୍ୱାରା ବିଭିନ୍ନ ଦିବସରେ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଏହି ଯଜ୍ଞରେ ଭାଗନେଉଛନ୍ତି। ଏହି ଉତ୍ସବରେ ବିଭିନ୍ନ ଦିବସରେ ପାଲା, ପ୍ରବଚନ ଓ ଯାତ୍ରା ପରିବେଷଣର କାର୍ଯ୍ୟକ୍ରମ ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ସଦ୍‌ଗୁରୁ ଫିଲିଙ୍ଗ ଷ୍ଟେଶନ ଉଦ୍‌ଘାଟନ କଲେ ସମବାୟ ମନ୍ତ୍ରୀ





କଳିଙ୍ଗନଗର ୨୬।୨(ଶୁଭାଶିଷ ରାଉତ) କଳିଙ୍ଗନଗର ଶିଳ୍ପାଞ୍ଚଳ ପଙ୍କପାଳ ଛକ ନିକଟରେ ଖୋଲିଲା ଆଉ ଏକ ବିପିସିଏଲ ପେଟ୍ରୋଲ ପମ୍ପ ସଦଗୁରୁ ଫିଲିଙ୍ଗ ଷ୍ଟେଶନ ଖୋଲିଛି। ଏହାକୁ ସମବାୟ, ହସ୍ତତନ୍ତ୍ର ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ତାଙ୍କ ସହ ବିପିସିଏଲର ସୌରଭ କୁମାର ଏବଂ ପ୍ରୋପାଇଟର ଭାରତ ଭୂଷଣ ଦେଓ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଯୋଗ ବାରୁଣୀ ସ୍ନାନଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

**ଚଣ୍ଡିଖୋଲ,୨୬।୨ (ପ୍ରଦୀପ୍ତ କୁମାର ପୃଷ୍ଟି)** ବଡ଼ଚଣା ବ୍ଲକରେ ଯୋଗ ବାରୁଣୀ ସ୍ନାନ ଓ ଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ ଖଡଗପୁର ହାଟ ପଡିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଲିପଡିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରାଙ୍କ ଅଧକ୍ଷତା ଅନୁଷ୍ଠିତ ବୈଠକରେ ଦେଫୁରୀ ହରିହାଟ ମଠର ମଠାଧୀଶ ବାବା ହରିହର ଦାସ ଯୋଗଦେଇ କହିଛନ୍ତି, ବିରୁପା, ଗେଙ୍ଗୁଟି ଓ କେଲୁଅ ନଦୀର ମିଳନ ସ୍ଥଳ ହେଉଛି ଖଡଗପୁର। ଚୈତ୍ର ମାସ ଶୁକ୍ଲପକ୍ଷ ଷଷ୍ଠୀ ତିଥିରେ ଯୋଗ ବାରୁଣୀ ସ୍ନାନ ତିଥି ପଡୁଥିବାରୁ ଏଠାରେ ବହୁ ସଂଖ୍ୟାରେ ଲୋକ ବୁଡ ପକାଇବେ। ସେଥିପାଇଁ ମାର୍ଚ୍ଚ ୨୨ରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ୨୪ ତାରିଖରେ ପୂର୍ଣ୍ଣାହୁତି ହେବ। ପଣ୍ଡିତ ତଥା ମାଳିକା ଗବେଷକ ପ୍ରଦୀପ୍ତ କୁମାର ପାଣି ଯୋଗଦେଇ ମାଳିକା ବର୍ଣ୍ଣିତ ତ୍ରିବେଣୀ ସଙ୍ଗମରେ ମହାବାରୁଣୀ ସ୍ନାନ ଯୋଗ ଏକ ପୌରାଣିକ କିମ୍ବଦନ୍ତୀ। ଆଗାମୀଦିନରେ ଏଠାରେ ବହୁ ଲକ୍ଷ ସାଧୁସନ୍ଥମାନଙ୍କ ସମାଗମ ହେବ। ତେଣୁ ପବିତ୍ର ସ୍ନାନ ଯୋଗ ପଡୁଥିବାରୁ ଏହାର ନାମ ଯୋଗ ବାରୁଣୀ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଉମେଶ ଚନ୍ଦ୍ର ସାମଲ, ଚିନ୍ମୟ କୁମାର ଶାନ୍ତି, ଦିଲୀପ କୁମାର ସାମଲ, ପ୍ରଭାସ କୁମାର ଦାଶ, ଉତ୍କଳ କେଶରୀ ସାମଲ, ସୁଧାଂଶୁ ଶେଖର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଞ୍ଜୟ କୁମାର ଖୁଣ୍ଟିଆ ପୂର୍ବବର୍ଷର ବିବରଣୀ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଶ୍ରୀପୀଠରେ ଶିବ ଲିଙ୍ଗ, ଜଗନ୍ନାଥ ମୂର୍ତ୍ତି ସ୍ଥାପନ

ପାଣିକୋଇଲି,୨୬।୨(ବିକାଶ ଚନ୍ଦ୍ର ମଲ୍ଲିକ) ପାଣିକୋଇଲି ଅଳତିରିସ୍ଥିତ ଶ୍ରୀପୀଠରେ ଗୁରୁବାର ମନ୍ଦିର ପରିସରରେ ଶିବଲିଙ୍ଗ ସ୍ଥାପନା ସହ ମା' ଲକ୍ଷ୍ମୀଙ୍କ ନିକଟରେ ଜଗନ୍ନାଥ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି। କର୍ତ୍ତା ଭାବେ ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟ ଯୋଗ ଦେଇଥିବା ବେଳେ ପୂଜକ ଭାବେ କ୍ରୀଷ୍ଣା ନନା ଓ ସହଯୋଗୀ ଯୋଗଦେଇଥିଲେ। ସୁଦଶା ବ୍ରତ ଉପଲକ୍ଷେ ଶତାଧିକ ମହିଳାଙ୍କ ସମାଗମ ହୋଇଥିଲା। ଏହି ଅବସରରେ ସାଧୁସନ୍ଥ ସମ୍ମିଳନୀ ଓ ପ୍ରବଚନ, ନାମଯଜ୍ଞ, ସଂକୀର୍ତ୍ତନ ପ୍ରଭୃତି କାର୍ଯ୍ୟକ୍ରମ କରାଯାଇଥିଲା।

# ନୂତନ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଚଢେଇଧରା, ୨୬।୨ ( ଦିଲୀପ ପରିଡ଼ା) ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରଞ୍ଜିଆ ଗ୍ରାମରେ ପ୍ରଭୁ ସିଦ୍ଧେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୁହାରିଆ ନାଳରୁ କଳସରେ ଜଳକୁ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପରେ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋ ପୂଜା ଗାୟତ୍ରୀ ମନ୍ତ୍ର ପାଠ କରାଯାଇଥିଲା। ପଣ୍ଡିତମାନେ ବେଦ ପାଠ କରିବା ସହ ଯାଞ୍ଚ କରିଥିଲେ। ପ୍ରଭୁ ସିଦ୍ଧେଶ୍ୱର ମନ୍ଦିରକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶେଷ ହୋଇଥିଲା।



# ଯାଜପୁର ଜିଲା ଶୁଣ୍ଡି ସମାଜର ବୈଠକ

ଯାଜପୁର, ୨୬।୨(ହର୍ଷବର୍ଦ୍ଧନ ବେହେରା) : ପାଣିକୋଇଲିସ୍ଥିତ ମା' ତାରିଣୀଙ୍କ ପୀଠରେ ବୁଧବାର ଯାଜପୁର ଜିଲା ଶୁଣ୍ଡି ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳର ୨୮ ଭାଇ ଯୋଗ ଦେଇଥିଲେ। କେନ୍ଦ୍ରୀୟ ମଣ୍ଡଳ ସଭାପତି ଅକ୍ଷୟ କୁମାର ସାହୁ, ରାଜ୍ୟ ସମ୍ପାଦକ ପ୍ରଭାତ କୁମାର ସାହୁ, କେନ୍ଦୁଝର ଜିଲାର ସଭାପତି ଦୀପକ ମଣ୍ଡଳ, ଉପଦେଷ୍ଟା କୁଳମଣୀ ମଣ୍ଡଳ, ସମ୍ପାଦକ ବିନୋଦ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ସଂକଳ୍ପ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଗଲା। କରୁଣାକର ସାହୁ ସଭାପତି, ଜାନକୀ ବଲ୍ଲଭ ସାହୁ ଉପସଭାପତି, ଦୁଃଖିଶ୍ୟାମ ସାହୁଙ୍କୁ ସମ୍ପାଦକ ରୂପେ ମନୋନୀତ କରାଗଲା। ବାରବାଟି ସରପଞ୍ଚ ହୃଦାନନ୍ଦ ସାହୁ ଓ ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ସାହୁଙ୍କୁ ଉପଦେଷ୍ଟା ରୂପେ ମନୋନୀତ ହେଲେ। ଆଗାମୀ ମାର୍ଚ୍ଚ ୧୦ ତାରିଖ ବାରବାଟୀଠାରେ ପ୍ରସ୍ତୁତି ବୈଠକ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ସମୀକ୍ଷା କାର୍ଯ୍ୟ ଅଧାପନ୍ତରିଆ

**ବ୍ଲକ୍ ସାମାଜିକ ସମୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ପରେ ତତ୍ପରତା**

**ରସୁଲପୁର,୨୬।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକରେ କାର୍ଯ୍ୟରତ ବ୍ଲକ ସାମାଜିକ ସମୀକ୍ଷକ ଚିନ୍ମୁନ ସ୍ୱାଇଁଙ୍କୁ ଯାଜପୁର ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଯାଜପୁର ଜିଲାପରିଷଦ କାର୍ଯ୍ୟାଳୟ ପତ୍ର ସଂଖ୍ୟା- ୫୨୯୧/ ୧୫।୧୧।୨୫ରେ କାରଣ ଦର୍ଶାଅ ନୋଟିସ ଜାରିହୋଇଥିଲା। ଉକ୍ତ ଚିଠିପାଇବା ପରେ ବ୍ଲକ ସାମାଜିକ ସମୀକ୍ଷକ ସ୍ୱାଇଁଙ୍କ ପକ୍ଷରୁ ସମୀକ୍ଷାକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଏବେ ବି ଅନେକ ବିଦ୍ୟାଳୟରେ ସାମାଜିକ ସମୀକ୍ଷା କାର୍ଯ୍ୟ ଆରମ୍ଭ ହୋଇ ନ ପାରି ଅଧାପନ୍ତରିଆ ଭାବରେ ପଡି ରହିଛି। ଏହି କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଦିନ ଧାର୍ଯ୍ୟ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ସରକାରୀ କାର୍ଯ୍ୟରେ ବାରମ୍ବାର ଅବହେଳା ପ୍ରଦର୍ଶନ କରୁଥିବାରୁ ତାଙ୍କଠାରୁ କୈଫିୟତ ତଲବ କରାଯାଇଛି।

ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳିତ ହେଉଥିବା ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟର ଉନ୍ନୟନ ପାଇଁ ଆସୁଥିବା ସରକାରୀ ଅନୁଦାନର ବିନିଯୋଗକୁ ନେଇ ସାମାଜିକ ସମୀକ୍ଷା କରାଯାଉଛି। ଉକ୍ତ ସମୀକ୍ଷା ବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ସାମାଜିକ ସମୀକ୍ଷା କରାଯିବାକୁ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଚିଠି କରାଯାଇଥିଲା। ବ୍ଲକ ଅଞ୍ଚଳରେ ଥିବା ଶତାଧିକ ବିଦ୍ୟାଳୟରେ ହୋଇଥିବା କାର୍ଯ୍ୟର ବିଭିନ୍ନ ଦିଗ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା। ମାତ୍ର ସମୀକ୍ଷା ଅବଧି ଶେଷ ହେବାକୁ ବସିଲାଣି, ଏବେ ବି ଶତକଡା ୪୦ ଭାଗ ବିଦ୍ୟାଳୟରେ ଅଡିଟ୍ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାଛଡ଼ା ସମୀକ୍ଷାକୁ ନେଇ ଗ୍ରାମ୍ୟ ସମ୍ବଳ ବ୍ୟକ୍ତିମାନଙ୍କୁ ନେଇ ଚିଠା ପ୍ରସ୍ତୁତ କରାଯାଇ ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ପାରି ନ ଥିଲା। ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ଏହି ନିର୍ଦ୍ଦେଶକୁ ବ୍ଲକ ସାମାଜିକ ସମୀକ୍ଷକ ଅଣଦେଖା କରିଥିଲେ। ଠିକ୍ ସମୟରେ ସମୀକ୍ଷା କରିବା ପାଇଁ ସମୀକ୍ଷକମାନଙ୍କ ଚିଠା ପ୍ରସ୍ତୁତ କରିବାରେ ବିଫଳ ହୋଇଥିଲେ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନ୍ଧାରରେ ରଖି ଆସୁଥିଲେ। ଉକ୍ତ ସମୀକ୍ଷା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରି ତା'ର ରିପୋର୍ଟ ପ୍ରଦାନ ନ କରି ପାରିବା ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଫୋନ କଲକୁ ନ ଉଠାଇବା ଯୋଗୁ ଡିଆରଡିଏ-ଯାଜପୁର ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ କୈଫିୟତ ତଲବ କରାଯାଇଥିଲା। ଏ ସମ୍ପର୍କରେ ବ୍ଲକ ସାମାଜିକ ସମୀକ୍ଷକ ସ୍ୱାଇଁଙ୍କୁ ପଚାରିବାରୁ ବ୍ଲକରେ ପର୍ଯ୍ୟାପ୍ତ ମାନବ ସମ୍ବଳ ନିଯୁକ୍ତି ପାଇ ନ ଥିବାରୁ ଡ୍ୟୁଟି ଚାର୍ଟ ପ୍ରସ୍ତୁତ କରିବାରେ ବିଳମ୍ବ ହୋଇଥିଲା। ଏବେ ଏହି କାର୍ଯ୍ୟ ଜାରି ରହିଛି, ଖୁବ୍‌ଶୀଘ୍ର ସମୀକ୍ଷା କାର୍ଯ୍ୟ ସମ୍ପନ୍ନ ହୋଇ ରିପୋର୍ଟ ପ୍ରଦାନ କରାଯିବ। ଏହାଛଡା ତାଙ୍କୁ ଯାଜପୁର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପକ୍ଷରୁ ହୋଇଥିବା କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ସେ ଉତ୍ତର ଦେଇସାରିଛନ୍ତି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଉତ୍ତେଜନାରୁ ଅଧାରେ ଅଟକିଲା ବେଆଇନ ଇଟାଭାଟି ଉଚ୍ଛେଦ

## ବାଡ଼ପକାଇ ଜେସିବି ଓ ଅତିରିକ୍ତ ତହସିଲଦାରଙ୍କ ଗାଡ଼ି ଅଟକ

କୁଜଙ୍ଗ, ୨୬।୨(ମନୋଜ ପ୍ରଧାନ)



ଏରସମା ତହସିଲ ପକ୍ଷରୁ ବେଆଇନ ଇଟାଭାଟି ଭଙ୍ଗାଯାଉଛି ।

ରାଜସ୍ୱ ପ୍ରଶାସନ ପକ୍ଷରୁ ଗୁରୁବାର ଅପରାହ୍ନରେ ବେଆଇନ ଭାବେ ଗଢି ଉଠିଥିବା ଇଟା ଭାଟି ଉଚ୍ଛେଦବେଳେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରବଳ ବିରୋଧ ଯୋଗୁ ପ୍ରଶାସନ ଫେରିଯିବାକୁ ବାଧ ହୋଇଛି। ଅପରପକ୍ଷେ ଉତ୍ତ୍ୟକ୍ତ ଲୋକେ ଜେସିବି ଓ ଅତିରିକ୍ତ ତହସିଲଦାରଙ୍କ ଗାଡ଼ିକୁ ବାଡ ପକାଇ ଅଟକ ରଖିବା ଆଲୋଚନାର ବିଷୟ ପାଲଟିଛି। ପ୍ରକାଶ ଯେ, ଏରସମା ତହସିଲ ତଥା କୁଜଙ୍ଗ ଥାନା ଅନ୍ତର୍ଗତ ମାଣପୁର ଗ୍ରାମର ସର୍ବେଶ୍ୱର ସ୍ୱାଇଁ ଗୋଚର ଜମିରେ ବେଆଇନ ଭାବେ ଇଟା ଭାଟି କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ଗୁରୁବାର ଅପରାହ୍ନରେ ଏରସମାର ଅତିରିକ୍ତ ତହସିଲଦାର ରଞ୍ଜନ ମହାନ୍ତି ଓ ଅନ୍ୟ କର୍ମଚାରୀ ପୋଲିସ ସହ ଘଟଣାସ୍ଥଳରେ ଜେସିବି ନେଇ ପହଞ୍ଚି ଥିଲେ। ଏହି ସମୟରେ ଗୋଟିଏ ଭାଟିରେ ଇଟା ପୋଡ଼ା ଯିବା ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବେଳେ ଅନ୍ୟ ଏକ ଭାଟି ଖଞ୍ଜା ଚାଲିଥିଲା। ଏହି ସମୟରେ ପ୍ରଶାସନ ପହଞ୍ଚି ଭାଟି ଭାଙ୍ଗିବା ଆରମ୍ଭ କରିଥିଲେ। ଖବରପାଇ ଗ୍ରାମର କେତେଜଣ ଲୋକ ପହଞ୍ଚି ଇଟା ଭାଟି ଭଙ୍ଗାକୁ ବିରୋଧ କରିବା ସହ ବ୍ୟବହୃତ ଜେସିବି ଓ ଅତିରିକ୍ତ ତହସିଲଦାରଙ୍କ ଗାଡ଼ିକୁ ବାଡ ପକାଇ ଅଟକାଇଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟାରେ ଘଟଣାସ୍ଥଳରେ ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବାରେ ନିକଟସ୍ଥ ଅନ୍ୟ ଇଟା ଭାଟି ଭାଙ୍ଗିବାକୁ ବିତଣ୍ଡା ଯୁକ୍ତି କରିଥିଲେ। କେତେଜଣ ସ୍ଥାନୀୟ ଲୋକ ଓ ପୋଲିସ ବାଡ ଭାଙ୍ଗି ଜେସିବି ଓ ଅତିରିକ୍ତ ତହସିଲଦାରଙ୍କ ଗାଡ଼ିକୁ ବାହାର କରିବା ସମୟରେ ଭଙ୍ଗାକୁ ବିରୋଧ କରୁଥିବା ଲୋକେ ଠେଲାପେଲା କରିଥିଲେ। ଉପସ୍ଥିତ ପୋଲିସ ଉତ୍ତେଜନାକୁ ନିୟନ୍ତ୍ରଣ କରିବା ସହ ଜେସିବି ଓ ଗାଡ଼ିକୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ମୁକୁଳେଇବା ସକ୍ଷମ ହୋଇଥିଲା। ମାତ୍ର ଲୋକଙ୍କ ବିରୋଧ ଯୋଗୁ ଅଧା ଉଚ୍ଛେଦ କରି ପଳାଇ ଆସିଥିଲେ। ଏ ସମ୍ପର୍କରେ ଏରସମା ତହସିଲଦାର ବେହେରାଙ୍କୁ ପଚାରିବାରୁ ଉତ୍ତେଜନା ପ୍ରକାଶ ପାଇବା ଘଟଣାକୁ ସ୍ୱୀକାର କରିବା ସହ ପୋଲିସ ହସ୍ତକ୍ଷେପ ପରେ ଉତ୍ତେଜନା ପ୍ରଶମିତ ହୋଇଥିବା କହିଥିଲେ। ଭାଟି ଅଧା ଭାଙ୍ଗି ଫେରି ଆସିବା ସମ୍ପର୍କରେ କହିଥିଲେ, ଯେତିକି ଭାଙ୍ଗିବା କଥା ଭାଙ୍ଗିଛୁ। ଯେଉଁମାନେ ଭାଟି ଉଚ୍ଛେଦ ବେଳେ ସରକାରୀ କାର୍ଯ୍ୟରେ ବାଧା ଦେଇଥିଲେ ସେମାନଙ୍କ ବିରୋଧରେ ପୋଲିସ ଏତଲା ଦିଆଯିବ।

# ସ୍ୱଦେଶୀ ସାମଗ୍ରୀ ଆପଣାଇବାକୁ ଆହ୍ୱାନ



ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ମଞ୍ଚାସୀନ ଅତିଥିମାନେ।

## ସ୍ୱଦେଶୀ ମେଳା ଉଦ୍‌ଘାଟିତ

ପାରାଦୀପ ୨୬।୨(ଶରତ ରାଉତ)

ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ସ୍ଥାନୀୟ ବତିଘର ପାଖ କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହା ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ମେଳାକୁ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଆହ୍ୱାନ ଏବେ ଦେଶରେ ନୂଆ ଜାଗରଣ ସୃଷ୍ଟି କରିଛି। କମ୍ପ୍ୟୁଟରର ଚିପ୍ ଠାରୁ ଆରମ୍ଭ କରି ପଣ୍ୟବାହୀ ଜାହାଜ(ଶିପ)ପର୍ଯ୍ୟନ୍ତ ଦେଶରେ ନିର୍ମାଣ କରିବା ପାଇଁ ଖସଡ଼ା କରାଯାଇଛି। ଆମେ ନିଜେ ଉତ୍ପାଦିତ କରି ନିଜେ ବ୍ୟବହାର କଲେ ଆମର ଅର୍ଥ ଆଉ ବିଦେଶକୁ ଯିବ ନାହିଁ। ଏଣୁ ତୃଣମୂଳ ସ୍ତରରୁ ସମସ୍ତ କିଛି ନା କିଛି ତିଆରି କରିବା ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଏହାର ସୁଯୋଗ ନେଇ ସ୍ୱଦେଶୀ ସାମଗ୍ରୀ ଆପଣାଇବାକୁ ପାଇଁ ମନ୍ତ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ। ପରେ ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳନାରେ ତ୍ରୁଟି: କର୍ମୀ ପଦଚ୍ୟୁତ

ପାରାଦୀପ,୨୬।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳର ୧୬ନଂ. ୱାର୍ଡ ତେଲୁଗୁ ସାହି -୧ ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀ ଶୁମସ୍ମିତା ବିଶ୍ୱାଳଙ୍କୁ ଜିଲା ପ୍ରଶାସନ ବୁଧବାର ପଦଚ୍ୟୁତ କରିଛନ୍ତି। ସମ୍ପୃକ୍ତ କର୍ମୀ ଅଙ୍ଗନୱାଡ଼ି କେନ୍ଦ୍ର ଠିକ୍‌ଭାବେ ପରିଚାଳନା କରୁନାହାନ୍ତି ବୋଲି ସ୍ଥାନୀୟ କାଉନ୍‌ସିଲର ମନୋଜ କୁମାର ନାୟକ ୨୦୨୫ ଡିସେମ୍ବର ୧୦ରେ ଲିଖିତ ଅଭିଯୋଗ କରିଥିଲେ। ଏହା ପୂର୍ବରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ (ସିଡିପିଓ)କୁଜଙ୍ଗ ପକ୍ଷରୁ ମଧ୍ୟ ନୋଟିସ (ପତ୍ର ସଂଖ୍ୟା ୭୦୦/୮।୮।୨୫)ଜାରି କରାଯାଇଥିଲା। ଉକ୍ତ ୨ ଅଭିଯୋଗରେ ଦର୍ଶାଯାଇଥିଲା ଯେ, ସମ୍ପୃକ୍ତ କର୍ମୀ ବିଶ୍ୱାଳ ଅଙ୍ଗନୱାଡ଼ି କେନ୍ଦ୍ର ଠିକ୍ ସମୟରେ ଖୋଲୁନାହାନ୍ତି ଓ ସରକାରୀ କାର୍ଯ୍ୟ ସମ୍ପାଦନ କରୁନାହାନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ଉପଜିଲାପାଳ ତଥା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ନୋଟିସ (ପତ୍ର ସଂଖ୍ୟା ନଂ. ୪୭୭)ଜାରି କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ତେଲୁଗୁ ସାହି-୧ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ ଶୁମସ୍ମିତା ବିଶ୍ୱାଳଙ୍କୁ ପଦଚ୍ୟୁତ କରାଗଲା। ଏହି ନୋଟିସ ଗୁରୁବାର ସମ୍ପୃକ୍ତ କେନ୍ଦ୍ର ଆଗରେ ଲଗାଯାଇଛି। ଘଟଣା ସମ୍ପର୍କରେ କର୍ମୀ ବିଶ୍ୱାଳଙ୍କୁ ପଚାରିଲେ କୁହନ୍ତି, ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ଏ ସମ୍ପର୍କରେ ସେ ମଧ୍ୟ ଅନେକ ଥର ଜିଲା ପ୍ରଶାସନ ନିକଟରେ ତାଙ୍କ ଲିଖିତ ଉତ୍ତର ରଖିଛି। ଆଗକୁ ସ୍ଥିତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି।

# ବଳାତ୍କାର, ହତ୍ୟାର ଶିକାର ଯୁବତୀଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା




କଂଗ୍ରେସ କର୍ମୀମାନେ ମହମବତି ଶୋଭାଯାତ୍ରା କରୁଛନ୍ତି।

ତିର୍ତ୍ତୋଲ, ୨୬।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ପାରାଦୀପରେ ବଳତ୍କାର ପରେ ହତ୍ୟାର ଶିକାର ହୋଇଥିବା ତିର୍ତ୍ତୋଲ ଅଞ୍ଚଳର ଯୁବତୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଗୁରୁବାର ସନ୍ଧ୍ୟାରେ ଜିଲା କଂଗ୍ରେସ କମିଟି ଓ ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟିର ମିଳିତ ଉଦ୍ୟମରେ ମହମବତି ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରା କୁମାର ଉତ୍ସବ ପଡ଼ିଆରୁ ନେହେରୁ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏହି ସମ୍ବେଦନଶୀଳ ଘଟଣାର ଠିକ୍ ଭାବେ ତଦନ୍ତ କରି ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବାକୁ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଦାବି କରିଥିଲେ। ପାରାଦୀପ ଘଟଣାରେ ପୀଡ଼ିତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ତତ୍ପରତା ପ୍ରକାଶ କରି ନ ଥିଲା। ଏଥିଯୋଗୁ ଏହି ଦୁଃଖଦ ଘଟଣା ଘଟିଥିବା ଅଭିଯୋଗ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲା କଂଗ୍ରେସ କମିଟି ଉପସଭାପତି ଅଶ୍ୱିନୀ ସ୍ୱାଇଁ, ସାଧାରଣ ସମ୍ପାଦକ ଶୁଭନାରାୟଣ ନାୟକ, ସମ୍ପାଦକ ସରୋଜିନୀ ପରିଡ଼ା, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଝିଅର ମାଟ୍ରିକ୍ ପରୀକ୍ଷା ପାଇଁ ଆଜୀବନ କଏଦୀଙ୍କୁ ଅନ୍ତରୀଣ ଜାମିନ

ଜଗତ୍‌ସିଂହପୁର, ୨୬।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ଆଜୀବନ କଏଦୀଙ୍କୁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସାମୟିକ ଆଶ୍ୱସ୍ତି ମିଳିଛି। ତାଙ୍କ ଝିଅ ୨୦୨୬ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଦେବାର ଅଛି। ଏଥିଯୋଗୁ ଅସୁବିଧା ହେଉଥିବା କାରଣ ଦର୍ଶାଇ ଆବେଦନକାରୀ ଜାମିନ ଆବେଦନ କରିଥିଲେ। ଏହା ଉପରେ ଉଚ୍ଚ ନ୍ୟାୟାଳୟ ଆଜୀବନ କଏଦୀଙ୍କୁ ଆସନ୍ତା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ଦେବା ପାଇଁ ଜଗତ୍‌ସିଂହପୁର ଦୌରାଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ, ପରିସ୍ଥିତିକୁ ଦେଖି ଆବଶ୍ୟକ ନିୟମାବଳୀ ଓ ସର୍ତ୍ତାବଳୀ ଅନୁଯାୟୀ ଜାମିନ ଦେବାକୁ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ଅଛି। ଖିଲାପ ହେଲେ ଜାମିନ ନାମଞ୍ଜୁର ହୋଇଯିବ ବୋଲି ବିଚାରପତି ମାନସ ରଞ୍ଜନ ପାଠକ ଓ ଶିବ ଶଙ୍କର ମିଶ୍ର ସ୍ପଷ୍ଟ କରିଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ କଏଦୀ ତଥା ଜଗତ୍‌ସିଂହପୁର ଥାନା ଆଳିପିଙ୍ଗଳ ତ୍ରାକୋଣଗଡ଼ା ଗ୍ରାମର ଶ୍ରୀନିବାସ ପାତ୍ର ଓରଫ କୁନାଙ୍କ ଅନ୍ତରୀଣ ଜାମିନ ମଞ୍ଜୁର ହେବାପରେ ସେ ଗାଁକୁ ଫେରିଛନ୍ତି।

କୁନା ସ୍ଥାନୀୟ ଆଳିପିଙ୍ଗଳ ଜେଲରୁ ଘରକୁ ଫେରିବା ପରେ ଝିଅ ସମେତ ବୃଦ୍ଧ ମା'ଓ ବାପା କେତେକାଂଶରେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ନ୍ୟାୟାଳୟରେ ଶ୍ରୀନିବାସଙ୍କ ପକ୍ଷରୁ କରାଯାଇଥିବା ଆବେଦନରେ ଉଲ୍ଲେଖ କରାଯାଇଥିଲା କି ତାଙ୍କ ଝିଅ ମାଟ୍ରିକ୍ ପରୀକ୍ଷା ଦେବାରେ ଅସୁବିଧା ହେଉଛି। ତେଣୁ ତାଙ୍କୁ ଜାମିନ ଦିଆଯାଉ। ଏହା ଉପରେ ଜଗତ୍‌ସିଂହପୁର ଆଇଆଇସିଙ୍କ ପକ୍ଷରୁ ମଧ୍ୟ ୨୦୨୬ ଫେବୃଆରୀ ୨୦ରେ ରିପୋର୍ଟ ଦିଆଯାଇଥିଲା। ଏଥିରେ ଦର୍ଶାଯାଇଥିଲା କୁନାଙ୍କ ଝିଅ ତାଙ୍କ ୭୦ ବର୍ଷର ଜେଜେ ମା' ଓ ୭୬ ବର୍ଷର ଜେଜେ ବାପାଙ୍କ ସହ ଗାଁରେ ରହୁଛନ୍ତି। ଓଡ଼ିଶଗଡ଼ସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ତାଙ୍କ ଝିଅଙ୍କ ପରୀକ୍ଷା କେନ୍ଦ୍ର ପଡ଼ିଛି, ଯାହା ତାଙ୍କ ଘରଠାରୁ ୫ କିଲୋମିଟର ଦୂର। ଏହି କାରଣରୁ କୁନାଙ୍କ ଝିଅ ପରୀକ୍ଷା ଦେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଗତ୍‌ସିଂହପୁର ଥାନା ରେକର୍ଡ ଓ ସିସିଟିଏନ୍‌ଏସ୍ ପୋର୍ଟାଲ ଦେଖିଲେ କୁନାଙ୍କ ନାମରେ ବର୍ତ୍ତମାନର ମାମଲା ବ୍ୟତିରେକ ଅନ୍ୟ କୌଣସି ନକାରାତ୍ମକ ରିପୋର୍ଟ ପହଞ୍ଚିନାହିଁ। ପୋଲିସ ରିପୋର୍ଟକୁ ଗୁରୁତ୍ୱ ଦେଇ ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀନିବାସ ୧୦ ତାରିଖ ପରେ ଆତ୍ମ ସମର୍ପଣ ସାର୍ଟିଫିକେଟ୍ ସହ ବିଚାରପତିଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଏକ ହତ୍ୟା ମାମଲାରେ କୁନାଙ୍କ ନାମରେ ୨୦୧୦ ଡିସେମ୍ବର ୬ରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୨୫୮/୧୦) ରୁଜୁ ହୋଇଥିଲା। ଏହି ମାମଲାରେ କୁନା ଦୋଷୀ ସାବ୍ୟସ୍ତ ହେବାରୁ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଅବସରରେ କୁନା ପ୍ରତିକ୍ରିୟାରେ କହିଛନ୍ତି, ପରୀକ୍ଷା ସମୟରେ ତାଙ୍କ ଝିଅ ମାନସିକ ଦୁଶ୍ଚିନ୍ତାରେ ଥିଲା। ସେ ପହଞ୍ଚିଲା ପରେ ଝିଅର ମନୋବଳ ବଢ଼ିଛି। ଏଥିସହ ମା, ବାପା ମଧ୍ୟ ଆଶ୍ୱସ୍ତ ହୋଇଥିବା କହିଛନ୍ତି।

# ଚୋରି ଟ୍ରାକ୍ଟର ଉଦ୍ଧାର: ଅଭିଯୁକ୍ତ କୋର୍ଟ ଚାଲାଣ

ନାଉଗାଁ,୨୬।୨ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ହରିନବେଇ ଗ୍ରାମରୁ ଚୋରି ଯାଇଥିବା ଟ୍ରାକ୍ଟର ଉଦ୍ଧାର କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଗୁରୁବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ଜିଲା ଚାରିଛକ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଶଶିକାନ୍ତ ଲେଙ୍କା ଓ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଚିନ୍ମୟ ମୁଦୁଲି। ସେମାନଙ୍କ ପାଖରୁ ଚୋରି ଟ୍ରାକ୍ଟର ଓ ଟ୍ରେଲର ଉଦ୍ଧାର କରାଯିବା ସହ ଅପରାଧରେ ବ୍ୟବହୃତ ୨ ମୋଟର ସାଇକେଲ ଜବତ କରାଯାଇଛି।

ଉକ୍ତ ଗ୍ରାମର ଅନିଲ କୁମାର ମୁଦୁଲିଙ୍କ ଅଭିଯୋଗ ଅନୁଯାୟୀ, ୧୮ ଫେବୃଆରୀ ୨୦୨୬ ବିଳମ୍ବିତ ରାତିରେ ତାଙ୍କ ଘର ସମ୍ମୁଖରୁ କୌଣସି ଦୁର୍ବୃତ୍ତ ତାଙ୍କ ଟ୍ରାକ୍ଟର (ନଂ. ଓଆର ୨୧ ସି ୪୪୭୮) ଏବଂ ଟ୍ରେଲର ନଂ. ଓଆର ୨୧ସି ୪୪୭୯)କୁ ଚୋରି କରି ନେଇଯାଇଥିଲେ। ଅଭିଯୋଗକୁ ଭିତ୍ତି କରି ଥାନା ପକ୍ଷରୁ ନଂ.୫୬/୨୬ ରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିଲା। ଏସ୍‌ଆଇ ଜାକସନ ମାଝୀଙ୍କ ନେତୃତ୍ୱରେ ଏହି ମାମଲାର ତଦନ୍ତ କରାଯାଇଥିବା ଥାନାଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି।

# ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା: ୨ ଗିରଫ

## ଝାଡ଼ଖଣ୍ଡ ଯୁବକ ଓ ପ୍ରେମିକଙ୍କ ଡାକ୍ତରୀ ମାଇନା

ପାରାଦୀପ,୨୬।୨(ଶରତ ରାଉତ)

ପାରାଦୀପ ତାରିଣୀଗଡା ଅଞ୍ଚଳର ବହୁଚର୍ଚ୍ଚିତ ବଳାତ୍କାର ଓ ହତ୍ୟା ଘଟଣାରେ ଗୁରୁବାର ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟହେଲେ ଝାଡ଼ଖଣ୍ଡର ଯୁବକ ଶୁଭମ କୁମାର ସିଂହ ଓ ଯୁବତୀଙ୍କ ପୁରୁଷ ବନ୍ଧୁ(ପ୍ରେମିକ) ସୋମନାଥ ଓଝା। ସୋମନାଥଙ୍କ ଘର ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଡିଙ୍କିଆ ଗୋବିନ୍ଦପୁର ଗ୍ରାମରେ। ଏ ନେଇ ପାରାଦୀପ ଆଦର୍ଶ ଥାନାରେ ମାମଲା (ନଂ.୫୪/୨୬) ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କ ଗୁରୁବାର ଡାକ୍ତରୀ ମାଇନା କରାଯାଇଛି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଟକ ଥିବା ଅନ୍ୟମାନଙ୍କ ସମ୍ପର୍କରେ ତଦନ୍ତ ଚାଲିଛି।

ସୂଚନାଯୋଗ୍ୟ, ଗତ ୨୨ ତାରିଖ ରବିବାର ତିର୍ତ୍ତୋଲ ଥାନା ଅଞ୍ଚଳର ଯୁବତୀ ଜଣକ ତାଙ୍କ ପ୍ରେମିକ ସୋମନାଥଙ୍କ ସହ ଶାରଳା ମନ୍ଦିର ବୁଲି ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳେ ପ୍ରେମିକ ସୋମନାଥଙ୍କ ସହ କୌଣସି କାରଣରୁ ମନାନ୍ତର ହୋଇଥିଲା। ଏନେଇ ଯୁବତୀଙ୍କୁ ଅଧା ରାସ୍ତାରେ ଛାଡି ସୋମନାଥ ପଳାଇଯାଇଥିଲେ। ଯୁବତୀ ଜଣକ ରାସ୍ତାରେ ଥିବାବେଳେ ଝାଡ଼ଖଣ୍ଡ ଯୁବକ ଶୁଭମ ତାଙ୍କୁ ବାଇକ୍‌ରେ ଲିଫ୍ଟ ଦେଇ ପାରାଦୀପ ନେଇ ଆସିଥିଲେ। ଅଭିଯୁକ୍ତ ରହୁଥିବା ଭଡାଘରକୁ ନେଇ ଛାତ ଉପରେ ବଳାତ୍କାର କରିବା ପରେ ସମ୍ପୃକ୍ତ ଯୁବତୀଙ୍କୁ ଛାତ ତଳକୁ ଠେଲି ଦେଇଥିଲେ। ଯୁବତୀ ଜଣକ ଅର୍ଦ୍ଧନଗ୍ନ ଅବସ୍ଥାରେ ତଳେ ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

ସିସିଟିଭି ଆଧାରରେ ଶୁଭଙ୍କୁ ପୋଲିସ ଗିରଫ କରିଛି। ଯୁବତୀଙ୍କ ଭାଇ ତାଙ୍କ ପ୍ରେମିକ ସୋମନାଥଙ୍କ ନାମରେ ଅଭିଯୋଗ କରିଥିବାରୁ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ସିସିଟିଭି ଫୁଟେଜରେ ଯୁବତୀ ଜଣକ ସେହି ଭଡ଼ାଘରକୁ ଯିବା ପୂର୍ବରୁ ପ୍ରାୟ ୧୧ ମିନିଟ ସ୍ୱାଭାବିକ ଭାବେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ୪ ମହଲା ବିଶିଷ୍ଟ ଉପର ଘରେ ୭ ଜଣ ଅବିବାହିତ ଯୁବକ ରହୁଥିଲେ। ଅଭିଯୋଗରେ ଗଣ ବଳାତ୍କାର ଦର୍ଶାଯାଇଥିବା ବେଳେ ପୋଲିସ ସୂଚନା ହେଉଛି ଜଣେ ବଳାତ୍କାର କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶୁକ୍ରବାର ଏନେଇ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ପୋଲିସ କହିଛି।

# ନିଷ୍କାସନ ନ ହେବାରୁ ତାତିଲେ ବରିଷ୍ଠ ନାଗରିକ

## ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଜମିଛି ଡ୍ରେନ୍ ପାଣି

ଏରସମା, ୨୬।୨(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟର ଏରସମା ନାରଦିଆ ଗ୍ରାମ୍ୟ ଉନ୍ନୟନ (ଆରଡି) ରାସ୍ତାରେ ୨୦ ଦିନ ହେବ ଡ୍ରେନ୍ ପାଣି ଜମି ରହିଛି। ମାତ୍ର ଏପର୍ଯ୍ୟନ୍ତ ନିଷ୍କାସନ ହୋଇପାରିନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ବରିଷ୍ଠ ନାଗରିକମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଏରସମା ବ୍ଲକର ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତା ଏରସମା ମୁଖ୍ୟ ବଜାରରୁ ପୋଖରୀଆପଡା, ନାରଦିଆ, ଜାନକାଦେଇପୁର, ଗଡ଼ବିଶ୍ୱନିପୁର ଗୋଡ଼ା, ଗଡ଼ହରିଶପୁର, ପଏଦା ପଞ୍ଚାୟତକୁ ସଂଯୋଗ କରିଛି। ଏରସମା ସହ ଏହି ୮ ପଞ୍ଚାୟତର ୬୦ ଗ୍ରାମବାସୀ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏରସମାରେ ଥିବା ବ୍ଲକ, ତହସିଲ, କୋର୍ଟ, ଥାନା, ମେଡିକାଲ ସହ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ପ୍ରତିଦିନ ବହୁ ହଜାର ଲୋକ ଏହି ରାସ୍ତାରେ ଏରସମା ଆସିଥାନ୍ତି। ଏଥି ସହ ଏରସମାରୁ ବସ୍ କଟକ, ଭୁବନେଶ୍ୱର ଯାଇଥାଏ। ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସିହା ଗ୍ରାମର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ରାସ୍ତାରେ ସାଇକେଲରେ ଯାତାୟାତ କରନ୍ତି। ଏହି ରାସ୍ତାରେ ୨୦ଦିନ ହେବ ନର୍ଦ୍ଦମା ପାଣି ଜମି ପଚିବା ସହ କାଦୁଅ ହୋଇ ଦୁର୍ଗନ୍ଧ ହେଉଥିବାରୁ ସ୍ଥାନୀୟ ଲୋକେ ଅତିଷ୍ଠ ହେଲେଣି। ଏହା ବିରୋଧରେ ନିବାରଣ ନାୟକଙ୍କ ନେତୃତ୍ୱରେ ନରେନ୍ଦ୍ର କୁମାର ସ୍ୱାଇଁ, ଶଶୀଭୂଷଣ ସ୍ୱାଇଁ, ରବି ଦାସ, ଅକ୍ଷୟ କୁମାର ଦାଶ, ସତ୍ୟାନନ୍ଦ ଭୋଳ, ସୁକାନ୍ତ କୁମାର ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସଙ୍କୁ ପଚାରିବାରେ ଡ୍ରେନରେ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ କରାଯାଇଛି। ମାତ୍ର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଲାଟ୍ରିନ୍ ପାଇପ ସହ ସଂଯୋଗ କରି ମଇଳା ଛାଡ଼ିବାରୁ ଏପରି ସମସ୍ୟା ହେଉଛି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପରିଡ଼ାଙ୍କୁ ପଚାରିବାରେ ଲୋକେ ଲାଟିନ ପାଣି ଡ୍ରେନକୁ ଛାଡୁଥିବାରୁ ଦୁଇ ଗୁଣା ମଜୁରି ଯାଚିଲେ ମଧ୍ୟ ତାହାକୁ ସଫା କରିବା ପାଇଁ କେହି ରାଜି ହେଉ ନ ଥିବା ପ୍ରକାଶ କରିଛନ୍ତି।



ବରିଷ୍ଠ ନାଗରିକମାନେ ରାସ୍ତାରେ ଡ୍ରେନ୍ ପାଣି ଜମିଥିବା ସ୍ଥାନ ଦେଖାଉଛନ୍ତି।

# 'ଜିଲାରେ ମିଲର ଅଭାବ ଯୋଗୁ ଧାନକିଣା ମନ୍ଥର'

## ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା

- ବାହାର ଜିଲାରୁ ତ୍ୱରିତ ମିଲର ଯୋଗାଇ ଦେବାକୁ ପ୍ରତିଶ୍ରୁତି
- ଚାଷୀଙ୍କୁ ଭଲ ଅଖା ଯୋଗାଇବାକୁ ପରାମର୍ଶ
- ୧୯ ଲକ୍ଷ କୁଇଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ଉଠିଛି ମାତ୍ର ୬.୩୯ ଲକ୍ଷ କୁଇଣ୍ଟାଲ



ସମୀକ୍ଷା ବୈଠକରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ।

ଜଗତ୍‌ସିଂହପୁର, ୨୬।୨ (ପ୍ରମୋଦ କୁମାର ନାୟକ)

ଚଳିତ ବର୍ଷ କଟ୍‌ନିଛଟ୍‌ନି ପାଇଁ କୌଣସି ସହନଶୀଳତା ଗ୍ରହଣ କରାଯିବ ନାହିଁ। ଧାନ ସଂଗ୍ରହ ବେଳେ ମିଲରମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଆବଶ୍ୟକ। ଜିଲାରେ ମିଲର ଅଭାବ ଥିବାରୁ ଧାନ କିଣାରେ ମନ୍ଥରତା ହୋଇଛି। ତେଣୁ ବାହାର ଜିଲାରୁ ତ୍ୱରିତ ମିଲର ଯୋଗାଇ ଦିଆଯିବ। ଗୁରୁବାର ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ଏହା କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାରେ ଧାନମଣ୍ଡି ଖୋଲିବା ତଥା ଧାନ କିଣା ବିଷୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଏକଥା ମଧ୍ୟ କହିଥିଲେ, ଧାନର ଏଫ୍‌ଏକ୍ୟୁ ମାନ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀମାନେ ଉନ୍ନତ ମାନର ଧାନ ମଣ୍ଡିରେ ଦେଇ ସରକାରଙ୍କଠାରୁ ଧାର୍ଯ୍ୟ ମୂଲ୍ୟ ନେବାରେ କୌଣସି ବାଧା ନାହିଁ। ଏଥିସହିତ ଜିଲାର ଯୁବ ଉଦ୍ୟୋଗୀମାନେ ମିଲର ହେବା ପାଇଁ ଆଗେଇ ଆସନ୍ତୁ। ଏହି ଅବସରରେ ମନ୍ତ୍ରୀ ମଡେଲ ମଣ୍ଡିର ବ୍ୟବସ୍ଥା କରିବା ପାଇଁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ମନୋନୀତ ମିଲରମାନେ ସେମାନଙ୍କ ଜଣାଶୁଣାରେ ଥିବା ଅନ୍ୟ ମିଲରଙ୍କୁ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଧାନ ମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମ ସ୍ଥଳୀ, ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ସେବା ଆଦି ସୁବ୍ୟବସ୍ଥିତ ଭାବେ କରିବା ପାଇଁ ମନ୍ତ୍ରୀ ପାତ୍ର ଜିଲାପାଳ ତଥା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏମ୍‌ପି ବିଭୂ ତରାଇ ଯୋଗ ଦେଇଥିଲେ। ଜିଲାପାଳ ଜେ. ସୋନାଲ ଜିଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ୨୦୨୫-୨୬ ଖରିଫ ଋତୁ ପାଇଁ ମୋଟ ୪୯,୬୮୫ କୃଷକ ପଞ୍ଜୀକୃତ ହୋଇଛନ୍ତି। ଗତ ୨୫ ତାରିଖ ସୁଦ୍ଧା ଜିଲାରେ ମୋଟ ୧୧୩ଟି ମଣ୍ଡିରେ ୨୦ ଜଣ ମିଲର ଅଂଶଗ୍ରହଣ କରି ୬,୩୯,୩୨୨.୧୩ କୁଇଣ୍ଟାଲ ଧାନ ସଂଗ୍ରହ କରି ପାରିଛନ୍ତି। ୧୬,୫୦୨ ଜଣ ଚାଷୀ ଧାନ ବିକିଛନ୍ତି। ସେମାନଙ୍କ ମଧ୍ୟରୁ ୧୪,୪୫୯ ଜଣ ସରକାରଙ୍କ ନିର୍ଦ୍ଧାରିତ ଏମ୍‌ଏସ୍‌ପି ମୂଲ୍ୟ ପ୍ରାପ୍ତ କରି ସାରିଛନ୍ତି। ଗତ ବର୍ଷ ଜିଲାରେ ୧୭,୧୪,୯୦୩.୦୨ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ୧୮ରୁ ୧୯ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା କୁହାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲାପାଳ (ପାରାଦୀପ) ନିରଞ୍ଜନ ବେହେରା, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### କୁଳମଣି ସେଠୀ ପୁରୁଷୋତ୍ତମପୁରର ନୂଆ ଥାନାଧିକାରୀ



ପୁରୁଷୋତ୍ତମପୁର,୨୬।୨(ସବିତା ମିଶ୍ର): ପୁରୁଷୋତ୍ତମପୁରରେ ନୂତନ ଥାନା ଅଧିକାରୀ ଭାବେ କୁଳମଣି ସେଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଆସିକା ଥାନାରେ କାର୍ଯ୍ୟରତ ଥିଲେ। ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପକୁ ଦମନ କରିବା ସହ ମଦ,ଗଞ୍ଜେଇ ନିଶା କାରବାର ରୋକିବା ଓ ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା, ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଯୋଗାଇ ଦେବା ଓ ଥାନାକୁ ଆସୁଥିବା ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ନୂଆ ଥାନାଧିକାରୀ ସେଠୀ କହିଛନ୍ତି। ଉଚ୍ଚଶବ୍ଦର ଡିଜେ ସାଉଣ୍ଡ ଉପରେ ସେ କଟକଣା ଲଗାଇଛନ୍ତି। ପୋଲିସର ବିନା ଅନୁମତିରେ ସାଉଣ୍ଡ ବାଜିବନାହିଁ। ଏଥିରେ ଖିଲାପ କଲେ କାର୍ଯାନୁଷ୍ଠାନ ଗ୍ରହଣ କରାଯିବା ବୋଲି କହିଛନ୍ତି।

### ସମ୍ପେଦରବାସୀଙ୍କୁ ମିଳୁନି ପିଇବା ପାଣି

ଖଜୁରିପଡ଼ା, ୨୬।୨ (ବିଦୁର ବେହେରା) ଖଜୁରୀପଡ଼ା ବ୍ଲକ ସମ୍ପେଦର କଲୋନୀସାହି ଲୋକଙ୍କୁ ପିଇବା ପାଣି ମିଳୁନାହିଁ। ଏହି ସାହିର ଲୋକେ ୨ଟି ନଳକୂପ ଉପରେ ଲୋକେ ଭରସା କରି ଚଳନ୍ତି। ନଳକୂପରୁ ଯଥେଷ୍ଟ ପାଣି ମିଳୁ ନ ଥିବାରୁ କଲୋନୀ ସାହିବାସୀ ପିଇବା ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସାହିରେ ଥିବା ନଳକୂପରୁ ପାଣି ବିଳମ୍ବରେ ବାହାରିବା ସହିତ ଗୋଳିଆ ଆସୁଥିବାରୁ ଲୋକମାନେ ହଇରାଣ ହେଉଛନ୍ତି। ଆଜି ପର୍ଯ୍ୟନ୍ତ ବସୁଧା ଯୋଜନାରେ ଏହି ସାହିକୁ ସାମିଲ କରାଯାଇନାହିଁ। ଉଠାଜଳ ଯୋଗାଣ ପାଇପ ସଂଯୋଗ ହୋଇନାହିଁ। ଫଳରେ ପାନୀୟ ଜଳ ସମସ୍ୟା ଦେଖାଦେଉଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପିଇବା ପାଣି ସମସ୍ୟା ସମାଧାନ କଲେ ଗ୍ରୀଷ୍ମ ପ୍ରବାହ ବେଳେ ଗ୍ରାମବାସୀଙ୍କୁ ପାଣି ମିଳିପାରନ୍ତା।

### ଇଟାଭାଟି ବନ୍ଦ କରିବାକୁ ଗ୍ରାମବାସୀଙ୍କ ମେଳି

ଗଞ୍ଜାମ,୨୬।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତ ପିଏନଟିକଲୋନୀଠାରେ ଦୀର୍ଘବର୍ଷ ହେଲା ଆନ୍ଧ୍ରୀ ଜଣେ ବ୍ୟକ୍ତି ଇଟା ଭାଟି କରିଛନ୍ତି। ସେଠାରେ ଇଟା ପୋଡା ହେଉଥିବାରୁ ଶତ୍ରୁଶୋଳ ଓଡ଼ିଆ ସାହି, ଦଳିତ ସାହି ବାସିନ୍ଦାଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଶ୍ୱାସ ରୋଗରେ ପଡୁଥିବା ମଧ୍ୟ ଅଭିଯୋଗ ହେଉଛି। ଭାଟି ବନ୍ଦ ପାଇଁ ବିଭିନ୍ନ ସମୟରେ ପ୍ରତିବାଦ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏକ ବୈଠକ କରି ଜିଲାପାଳଙ୍କୁ ଅଭିଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଗକୁ ଗ୍ରୀଷ୍ମ ଆସୁଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି।

# ମୃତକଙ୍କ ପରିବାରକୁ ୧ କୋଟି ସହାୟତା, ଜଣଙ୍କୁ ଚାକିରି ଦାବି

ନୟାଗଡ଼,୨୬।୨(ଲୋକନାଥ ମିଶ୍ର)

**ବେଲପଡାପାଟଣା ସ୍କୁଲ ଛାତ୍ର ମୃତ୍ୟୁ ଘଟଣା**

**ନିଲମ୍ବିତ ୨ ଶିକ୍ଷୟିତ୍ରୀଙ୍କୁ ଗିରଫ କରିବାର ଦାବି ଦୋହରାଇଲା କଂଗ୍ରେସ**

ନୟାଗଡ଼ ଜିଲା ଗଣିଆ ବ୍ଲକ ବେଲପଡାପାଟଣା ସରକାରୀ ପ୍ରାଥମିକ ସ୍କୁଲର ୫ମ ଶ୍ରେଣୀର ଛାତ୍ର ଭୋଲାନାଥ ମଲ୍ଲିକଙ୍କ ମୃତଦେହ କୂଅରୁ ଉଦ୍ଧାର ଘଟଣା ପୋଲିସ ଓ ଜିଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି। ମୃତକ ଛାତ୍ରଙ୍କ ପରିବାରକୁ ନ୍ୟାୟ ଓ ୨ ନିଲମ୍ବିତ ଶିକ୍ଷୟିତ୍ରୀଙ୍କୁ ଗିରଫ ଦାବିରେ ଗତ ୨୩ ତାରିଖରେ ଚାଲିଥିବା ଆନ୍ଦୋଳନ, ଧାରଣା, ରାଜପଥ ଅବରୋଧ ଘଟଣାରେ ଆନ୍ଦୋଳନକାରୀ ଓ ମୃତକଙ୍କ ମା'ଙ୍କୁ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ ଓ ଉପଜିଲାପାଳ କର୍ଣ୍ଣଦେବ ସମାଦାର ଦେଇଥିବା ୨ଦିନ ସମୟ ଶେଷ ହୋଇଛି।

ଏପଟେ ଗଣିଆ ଛାତ୍ର ମୃତ୍ୟୁ ପ୍ରସଙ୍ଗରେ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନି ନୟାଗଡ଼ରେ ଗୁରୁବାର କରାଯାଇ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ ଓ ଜିଲା ସଭାପତି ରଣଜିତ ଦାଶ କହିଛନ୍ତି, ଗଣିଆ ଛାତ୍ର ମୃତ୍ୟୁ ମାମଲା ୩ ସପ୍ତାହ ବିତିଯାଇଛି। ତେବେ ଗଣିଆ ଥାନା ପୋଲିସ ପକ୍ଷରୁ ଏଯାବତ ୨ ନିଲମ୍ବିତ ଶିକ୍ଷୟିତ୍ରୀଙ୍କୁ ଗିରଫ କରାଗଲା ନାହିଁ। ଦାୟିତ୍ୱରେ ଅବହେଳା କରିଥିବା ପ୍ରଧାନଶିକ୍ଷୟିତ୍ରୀ ଓ ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ଜିଲା ଶିକ୍ଷା ବିଭାଗ ନିଲମ୍ବନ କରି ଦାୟିତ୍ୱ ଶେଷ କରି ଦେଇଛି। ଦୁଇ ନିଲମ୍ବିତ ଶିକ୍ଷୟିତ୍ରୀଙ୍କୁ ଗିରଫ କରାନଯିବା ପଛରେ ରାଜନୈତିକ ଅଭିସନ୍ଧି ରହିଛି। ଉଭୟ ଶିକ୍ଷୟିତ୍ରୀ ସ୍ଥାନୀୟ ସ୍କୁଲରେ ୧୫ରୁ ଊର୍ଦ୍ଧ୍ୱ ବର୍ଷ ଧରି ଅଛନ୍ତି। ଜଣେ ବ୍ଲକ ଉପାଧ୍ୟକ୍ଷଙ୍କ ସ୍ତ୍ରୀ ହୋଇଥିବାବେଳେ ଉଭୟଙ୍କର ବିଧାୟକ ଓ ଏମପିଙ୍କର ସହ ଘନିଷ୍ଠତା ରହିଛି। ଏଣୁ ପୋଲିସ ଗିରଫ କରିବାକୁ ସାହସ କରି ପାରୁନି। ସ୍କୁଲରେ ପାଇଖାନା ଥିବାବେଳେ ଛାତ୍ରଙ୍କୁ ବାହାରକୁ ପଠାଇବାରୁ କୂଆରେ ପଡି ଜୀବନ ଚାଲିଗଲା। ଏହା ପଛରେ ଛୁଆଁ ଅଛୁଆଁ ଭେଦଭାବ ରହିଛି। ଛାତ୍ର ଦଳିତ ବର୍ଗର ହୋଇଥିବାରୁ ତାଙ୍କୁ ଜାତି ଯୋଗୁ ଜୀବନ ଦେବାକୁ ପଡିଛି। ଏଭଳିସ୍ଥଳେ କଂଗ୍ରେସର ଏକ ଦଳ ମୃତ ଛାତ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷେ ମୃତକଙ୍କ ପରିବାରର ଭୋଲାନାଥ ଏକମାତ୍ର ପୁତ୍ର ହୋଇଥବବାରୁ ୧ କୋଟି ସହାୟତା, ଭଉଣୀକୁ ସରକାରୀ ଚାକିରି ପ୍ରଦାନ କରାଯାଉ ବୋଲି ଜିଲାପାଳ ମଧୁମିତା ରଥଙ୍କୁ ଭେଟି କଂଗ୍ରେସ ଦାବି କରିଛି। ସେହିପରି ଛାତ୍ର ମୃତ୍ୟୁ ପ୍ରସଙ୍ଗ ତାରକା ପ୍ରଶ୍ନ ମାଧ୍ୟମରେ ବିଧାନସଭାରେ ଉଠିବ ବୋଲି କୁହାଯାଇଛି। ପରବର୍ତ୍ତୀ କାର୍ଯ୍ୟପନ୍ଥା ପିସିସି ସଭାପତିଙ୍କ ନିର୍ଦ୍ଦେଶରେ କରାଯିବ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ କଂଗ୍ରେସ ଅନୁସନ୍ଧାନୀ ଦଳର ଅଧକ୍ଷା ବିନୋଦିନି ମହାନ୍ତି, ଜିଲା କଂଗ୍ରେସ ଉପସଭାପତି ଫକୀର ଚରଣ ମଲ୍ଲ ଓ ସାଧାରଣ ସମ୍ପାଦକ ଲଡୁକେଶ୍ୱର ଷଡଙ୍ଗୀ, କଂଗ୍ରେସ ନେତା ବିଭୁ ପ୍ରସାଦ ମିଶ୍ର, ଗଣିଆ ବ୍ଲକ ସଭାପତି ହାଲିମ ଖାଁ, ଜିଲା ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ ଉପସ୍ଥିତ ଥିଲେ। ପ୍ରକାଷଯ, ଗତ ୩ ତାରିଖରେ ୫ମ ଶ୍ରେଣୀ ଛାତ୍ର ଭୋଲାନାଥ ମଲ୍ଲିକ ଶୌଚ ହେବାକୁ ଯାଇ ସ୍କୁଲକୁ ଫେରି ନ ଥିଲେ। ଶିକ୍ଷୟିତ୍ରୀମାନେ ମଧ୍ୟ ସ୍କୁଲକୁ ନ ଆସିବାର କାରଣ ଖୋଜିନଥିଲେ। ଗତ ୪ ତାରିଖରେ ଛାତ୍ର ଭୋଲାନାଥଙ୍କ କୂଅରୁ ମୃତଦେହ ଜବତ ପରେ ଉତ୍ତେଜନା ସୃଷ୍ଟି ହେବା ସହ ସ୍କୁଲରେ ତାଲା ପକାଯାଇଥିଲା। ସେହିଭଳି ଗଣିଆ ଦଶପଲା ଓ ଗଣିଆ କଣ୍ଟିଲୋ ରାସ୍ତା ଅବରୋଧ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କର୍ତବ୍ୟରେ ଅବହେଳା ଅଭିଯୋଗରେ ଦୁଇ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଥିଲା। ଗତ ୪ ତାରିଖରୁ ସ୍କୁଲରେ ତାଲା ପଡିରହିଛି।



ଜିଲାପାଳଙ୍କ ସହ କଂଗ୍ରେସ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ସହରରେ ମାତିଲେ ମୁଖାପିନ୍ଧା ଚୋର

ନୟାଗଡ଼,୨୬।୨(ଲେକନାଥ ମିଶ୍ର)

**ଝରକା ଭାଙ୍ଗି ଚୋରି ଉଦ୍ୟମ**

ନୟାଗଡ଼ ଟାଉନଥାନା ସହରାଞ୍ଚଳରେ ମୁଖାପିନ୍ଧା ଚୋର ପୁଣି ମାତିଛନ୍ତି। ଝରକା ଭାଙ୍ଗି ଚୋରି ଉଦ୍ୟମ ପରେ ପୋଲିସର ପାଟ୍ରୋଲିଂ ଉପରେ ପ୍ରଶ୍ନ ଉଠିଛି। ଚୋର ଧରିବାକୁ ପୋଲିସ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଥିବା ବେଳେ ବାରମ୍ବାର ଚୋରି ଘଟଣା ସହରବାସୀଙ୍କୁ ଆତଙ୍କିତ କରୁଛି। ଗତବର୍ଷ ନୟାଗଡ଼ ଲକ୍ଷ୍ମଣନଗର ବାସିନ୍ଦା ଝିଲ୍ଲୀ ପ୍ରଧାନଙ୍କ ଭଡା ଘରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଚୋରି ଘଟଣାରେ ପୋଲିସ କାହାରିକୁ ଗିରଫ କରି ପାରିନଥିବା ବେଳେ ଏବେ ପୁଣି ଜଣେ ବ୍ୟକ୍ତିଙ୍କ ଘରୁ ଚୋରୀ ଉଦ୍ୟମ ହୋଇଛି। ଗତ ୨୪ ତାରିଖ ରାତି ୩ଟାରେ ୪ ଜଣ ମୁଖାଧାରୀ ବ୍ୟକ୍ତି ଚୋରି କରିବା ପାଇଁ ଲକ୍ଷ୍ମଣନଗରରେ ଘର ଝରକା ତାଡ଼ି ଦେଇଛନ୍ତି। ହେଲେ କିଛି ନେଇ ପରି ନାହାନ୍ତି।ଏନେଇ ଥାନାରେ ଅଭିଯୋଗ ହୋଇଥିବା ଉକ୍ତ ପରିବାର ପକ୍ଷରୁ ସୂଚନା ମିଳିଛି। ଗତବର୍ଷ ଝିଲ୍ଲୀଙ୍କ ଘରୁ ଯେଉଁ ଢଙ୍ଗରେ ଚୋରି ହୋଇଥିଲ। ସମାନ ଢଙ୍ଗରେ ସମାନ ଭାବେ ୪ ଜଣ ପୁଣି ଚୋରି କରିବାକୁ ଉଦ୍ୟମ କରିଛନ୍ତି। ଏହି ଘଟଣାର ସିସିଟିଭି ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି। ତେବେ ଚୋରି ନେଇ ଥାନାରେ ଅଭିଯୋଗ ହୋଇନଥିବା ଟାଉନଥାନା ଅଧିକାରୀ ରଶ୍ମୀରଞ୍ଜନ ପ୍ରଧାନ କହିଛନ୍ତି।

# ବିପର୍ଯ୍ୟୟ ପରିଚାଳନା କୌଶଳ ଶିଖିଲେ ଛାତ୍ରୀଛାତ୍ର

ଗଞ୍ଜାମ,୨୬।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତରେ ପୃଥକ ଭାବେ ବିଦ୍ୟାଳୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କୃତ୍ରିମ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରପଡା ପଞ୍ଚାୟତ ଲକ୍ଷ୍ମିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ୟାରିଟସ୍ ଇଣ୍ଡିଆ ଓ ଶିକ୍ଷାନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ପୁନି ମହାପାତ୍ର ଓ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ସାପ କାମୁଡା, ପାଣିରେ ବୁଡିଯିବା, ଅଂଶୁଘାତ, ଅଗ୍ନି ଲାଗିବା, ବଜ୍ରାଘାତ ବେଳେ କିପରି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସେହିପରି ପୋଇରାଶୀ ପଞ୍ଚାୟତର ବରପଲ୍ଲୀ ଋଷିକୁଲ୍ୟା ଉଚ୍ଚ ବିଦ୍ୟାପୀଠରେ ଛାତ୍ରୀଛାତ୍ରମାନଙ୍କୁ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ମୁକୁଳିବେ ସେ ସମ୍ପର୍କରେ ପୁରୁଷୋତ୍ତମପୁରପୁର ଅଗ୍ନିଶମ କର୍ମଚାରୀମାନେ ପ୍ରଶିକ୍ଷଣ ଦେଇଥିଲେ। କ୍ୟାରିଟସ ଇଣ୍ଡିଆର ସ୍ୱେଚ୍ଛାସେବୀ ପୁନି ମହାପାତ୍ର, ପୋଇରାଶି ସରପଞ୍ଚ ରବିନ୍ଦ୍ର ନାଥ ବେହେରା, ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା ଓ ସମାଜିକ କର୍ମୀ ମିନି ମହାପାତ୍ର ଉପସ୍ଥିତ ରହିଥିଲେ।


ଅଭ୍ୟାସ କାର୍ଯ୍ୟକ୍ରମ ଚାଲିଛି।

## ଧରାକୋଟ ବ୍ଲକ ଠିକାଦାର ସଂଘ ଗଠିତ

ଧରାକୋଟ,୨୬।୨
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଜଗମୋହନ ପଞ୍ଚାୟତ ଅନ୍ତର୍ଗତ ପୁଟୁ ଗ୍ରାମ ମୁକ୍ତେଶ୍ୱରଙ୍କ ପୀଠରେ ଧରାକୋଟ ବ୍ଲକର ଠିକାଦାରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଯୋଗେନ୍ଦ୍ର ଗୌଡ଼, ସମ୍ପାଦକ ଭାବେ ସୁଦାମ ଗୌଡ଼ ଓ କୋଷାଧକ୍ଷ ଭାବେ ପବିତ୍ର ମୁନିଙ୍କୁ ମନୋନୀତ କରାଯାଇଥିଲା। ବ୍ଲକର ସମସ୍ତ ସରକାରୀ ଟେଣ୍ଡର କାର୍ଯ୍ୟ କେବଳ ଏହି ବ୍ଲକର ଠିକାଦାରମାନଙ୍କୁ ସୁଯୋଗ ଦେବା, ଲେସ ଟେଣ୍ଡରରେ କାମ ନକରି ସେଡ୍ୟୁଲ ରେଟରେ କାମ କରିବା ସହ ରାଜ୍ୟ ସରକାରଙ୍କ ସଦ୍ୟ ଘୋଷିତ ଟେଣ୍ଡର ନୀତି ନିୟମକୁ ବିରୋଧ କରାଯାଇ ତୁରନ୍ତ ଏହାର ପୁନଃ ବିଚାର ପାଇଁ ବୈଠକରେ ଦାବି କରାଯାଇଥିଲା। ବୈଠକରେ ଠିକାଦାର ସୁରେନ୍ଦ୍ର ନାଥ ଗୌଡ଼, ଦେବରାଜ ଭୂୟାଁ, ଶିବରାମ ସୁଆର, କୃଷ୍ଣ ଚନ୍ଦ୍ର ଗୌଡ଼, ଶିବ ନାରାୟଣ ଗୌଡ଼,ଗିରିଜା ପ୍ରସାଦ ଦାସ ପ୍ରମୁଖଙ୍କ ସମେତ ପ୍ରାୟ ୫୦ ଠିକାଦାର ଉପସ୍ଥିତ ରହିଥିଲେ। ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୃଥକ୍ ସଡ଼କ ଦୁର୍ଘଟଣା: ୪ ମୃତ, ୫ ଗୁରୁତର



ବ୍ରହ୍ମପୁର,୨୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଗୁରୁବାର ଗୋଟିଏ ଦିନରେ ପୃଥକ୍ ୨ଟି ସଡ଼କ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ୫ ଜଣ ଗୁରୁତର ହୋଇଛନ୍ତି। ନିମଖଣ୍ଡି ଥାନା ଗୁରୁଣ୍ଡି କୁକୁଡ଼ା ଫାର୍ମ ନିକଟରେ ସନ୍ଧ୍ୟାରେ ଏକ ବୋର୍‌ୱେଲ୍ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେଥିରେ ବସିଥିବା ୮ ଜଣଙ୍କ ମଧ୍ୟରୁ ୨ ଜଣ ଶ୍ରମିକଙ୍କ ଗାଡି ତଳେ ଚାପି ହୋଇ ମୃତ୍ୟୁ ହୋଇଛି। ସେମାନେ ହେଲେ ଫୁଲବାଣୀର ଶିବାଜୀ କହଁର (୨୨) ଓ ମୟୂରଭଞ୍ଜର ରବି ନାୟକ (୨୪)। ଅନ୍ୟ ୫ ଜଣଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ସେମାନଙ୍କୁ ଏମ୍‌କେସିଜି ମେଡିକାଲକୁ ପଠାଇବା ବ୍ୟବସ୍ଥା କରାଯାଉଛି। ଡ୍ରାଇଭର ଚମ୍ପଟ ମାରିଥିବା ଜଣାପଡ଼ିଛି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ରାସ୍ତା ସ୍ୱାଭାବିକ କରିବା ପାଇଁ ପଲଟି ଯାଇଥିବା ବୋରୱେଲ ଗାଡିକୁ କ୍ରେନ୍ ଲଗାଇ ବାହାର କରୁଛି। ଜଣେ ସାଇକେଲ ଚାଳକ ଗୁରୁଣ୍ଡି ନିକଟ ଉକ୍ତ ଫାର୍ମହାଉସ ଛକ ଦେଇ ଯାଉଥିବା ବେଳେ ବ୍ରହ୍ମପୁର ଆଡକୁ ଦ୍ରୁତ ଗତିରେ ଆସୁଥିବା ବୋର୍‌ୱେଲ ଗାଡି ସହ ମୁହାଁମୁହିଁ ହୋଇଯାଇଥିଲେ। ବୋର୍‌ୱେଲ ଗାଡିଟି ସାଇକେଲ ଆରୋହୀଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ରାସ୍ତାକଡକୁ ଓଲଟି ପଡିଥିଲା। ବେପରୁଆ ଗାଡି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ସେହିପରି ରାତି ପ୍ରାୟ ସାଢ଼େ ୮ଟାରେ ୧୬ନଂ ଜାତୀୟ ରଜପଥ ଖଜୁରିଆଠାରେ ଦୁର୍ଘଟଣାରେ ୨ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ପରିଚୟ ମିଳିପାରି ନ ଥିବା ପୋଲିସ କହିଛି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ପୋଖରୀରୁ ଜବତ

ଓସ୍ତପାଳ ଫେକର ଖଣି ସଂଲଗ୍ନ କାଇଁଶିରା ଗାଁରେ ୨୦ ପରିବାର ବସବାସ କରୁଛନ୍ତି। ଖଣି ପରିସର ବଢ଼ି ଚାଲିଥିବା ବେଳେ ଖଣିରୁ ମାଟି କାଟିବାକୁ ବ୍ଲାଷ୍ଟିଂ କରିବାକୁ ପଡୁଛି। ହେଲେ ବ୍ଲାଷ୍ଟିଂ କରିବା ସମୟରେ ଘରଗୁଡ଼ିକର କାନ୍ଥ ଫାଟି ଯାଉଥିବା ଦେଖିବାକୁ ମିଳିଛି। ଖଣି ସଂଲଗ୍ନ ଗାଁଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଖଣି ଉତ୍ତୋଳନ କମ୍ପାନୀ ସବୁ ଲାଭ ଆଶାରେ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି କ୍ରୋମାଇଟ୍ ଉତ୍ତୋଳନ କରୁଛନ୍ତି। ହେଲେ ସ୍ଥାନୀୟ ସମସ୍ୟାକୁ ଅଣଦେଖା କରୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏପରି ଏକ ଘଟଣା କାଳିଆପାଣି ପଞ୍ଚାୟତ ଅନ୍ତର୍ଗତ କାଇଁଶିରା ଗାଁରେ ଫେକର କମ୍ପାନୀ ଓସ୍ତପାଳ ଖଣିର ବ୍ଲାଷ୍ଟିଂରେ ଗୋଟିଏ ଘରର ଆଜବେଷ୍ଟସ ଭାଙ୍ଗି ଘର ଭିତରେ ପଥର ପଡ଼ିଛି। ଏପରି ୧୫ରୁ ଊର୍ଦ୍ଧ୍ୱ ଘର କାନ୍ଥ ଫାଟି ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଗୁରୁବାର ସକାଳୁ କାଇଁଶିରା ଗାଁର ସମସ୍ତ ପରିବାର ଏକତ୍ରିତ ହୋଇ ଓସ୍ତପାଳ ଫେକର୍ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ପୂର୍ବାହ୍ନ ୧୦ଟାରେ ଖଣିର ଲଜେଷ୍ଟିକ ମୁଖ୍ୟ ଅଜୟ ପାତ୍ର ଧାରଣାରତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ତୁରନ୍ତ ଘର ମରାମତି କରିଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟି ଥିଲା। ୮ ଦିନ ଭିତରେ ଘର ମରାମତି ନ କଲେ ଖଣି କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥିସହ କାଇଁଶିରା ଗାଁ ସଂଲଗ୍ନ ଖଣିଠାରୁ ୫୦ ମିଟର ଦୂରରେ ରହିଥିବାବେଳେ ଏପରି ଗଭୀର ବ୍ଲାଷ୍ଟିଂ କିପରି କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଲଜେଷ୍ଟିକ୍ ମୁଖ୍ୟ ଅଜୟ ପାତ୍ରଙ୍କୁ ପଚାରିବାରେ ଆମକୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

# ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଚ୍ଛେଦ ବନ୍ଦ

**ଡେରାବିଶ,୨୬।୨(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ତହସିଲ ରଘୁଦେଇପୁର ପଞ୍ଚାୟତ ରଘୁଦେଇପୁର ଗ୍ରାମରେ ଥିବା ଖାତା ନମ୍ବର ୧, ପ୍ଲଟ ନଂ: ୧୪ ଜାଗାକୁ ଜବରଦଖଲ କରି ରହିଥିବା ସରକାରୀ ଜାଗାକୁ ଉଚ୍ଛେଦ କରିବା ପାଇଁ ଗୁରୁବାର ତହସିଲଦାର ସରୋଜ କାନ୍ତ ନାୟକ, ଡେରାବିଶ ବିଡିଓ ନମିତା ବାରିକଙ୍କ ସହ ପୋଲିସ ସେଠାରେ ପହଞ୍ଚିଥିଲେ। ମାତ୍ର ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଚ୍ଛେଦ ସମ୍ଭବ ହୋଇ ନ ଥିଲା। ଏ ସମ୍ପର୍କରେ ରଘୁଦେଇପୁର ଗ୍ରାମର ଲଲାଟେନ୍ଦୁ ସିଂହଙ୍କ କହିବା ଅନୁଯାଇ ୧୯୨୯ ମସିହାରୁ ଆଜି ଯାଏ ସମ୍ପୃକ୍ତ ସ୍ଥାନରେ ବାବନ ଯେନା, ଅକ୍ଷୟ ସିଂହ ଓ ଅଭୟ ସିଂହ ଏହି ଜାଗାକୁ ଲିଜ୍ ଆକାରରେ ନେଇ ଚାଷ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଡେରାବିଶ ବିଡିଓ ଯୋର ଜବରଦସ୍ତ ଉକ୍ତ ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟ କରିବା ପାଇଁ ମସୁଧା କରି ବିନା ନୋଟିସ୍‌ରେ ଡେରାବିଶ ତହସିଲଦାର ଜେସିବି ସହ ପୋଲିସ ସହାୟତାରେ ଏହାକୁ ଉଚ୍ଛେଦ କରିବା ପାଇଁ ଆସିଥିଲେ। ମାତ୍ର ଏପରି ବେଆଇନ କାର୍ଯ୍ୟକୁ ବିରୋଧ କରି ଗ୍ରାମର ଶତାଧିକ ମହିଳା ପୁରୁଷ ଗ୍ରାମବାସୀ ଏକାଠି ହୋଇ ମେଶିନ ଆଗରେ ବସିଥିଲେ। ଫଳରେ ପ୍ରଶାସନ ପଛକୁ ହଟି ଏହି ଉଚ୍ଛେଦ କାର୍ଯ୍ୟକୁ ବନ୍ଦ କରି ଫେରି ଆସିଥିଲେ ବୋଲି ଲଲାଟେନ୍ଦୁ କହିଛନ୍ତି। ସମ୍ପୃକ୍ତ ଜମିଟି ଆଳି ରାଜାଙ୍କ ମାଲିକାନାରେ


ଧାରଣାରେ ବସିଥିବା ଗ୍ରାମବାସୀ ।

## ଫେରିଲେ ପୋଲିସ ସହ ପ୍ରଶାସନିକ ଅଧିକାରୀ

ଥିବାବେଳେ ଏହି ଜମିକୁ ରାଜା ବାବନ, ଅକ୍ଷୟ ଓ ଅଭୟଙ୍କୁ ୧୯୬୨ରେ ହାତପଟ୍ଟା କରିଦେଇଥିଲେ । ପରେ ୧୯୯୨ରେ କେନ୍ଦ୍ରାପଡା ତହସିଲଦାରଙ୍କ ଅଧିନରେ ଥିବା ଏହି ଜମିକୁ ତହସିଲ ପ୍ରଶାସନ ଲିଜ ସୂତ୍ରରେ ଉକ୍ତ ତିନି ବ୍ୟକ୍ତିଙ୍କୁ ପ୍ରଦାନ କରିଥିଲେ। ସେହି ଦିନଠାରୁ ଏଯାଏ ଉକ୍ତ ୩ ବ୍ୟକ୍ତି ଜମିର ପାଉତି କାଟି ଆସୁଛନ୍ତି ବୋଲି ଲଲାଟେନ୍ଦୁ କହିଛନ୍ତି।

ତହସିଲଦାର ସରୋଜ କାନ୍ତ ନାୟକଙ୍କୁ ପଚାରିବାରୁ ସମ୍ପୃକ୍ତ ପ୍ଲଟରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ମାପଚୁପ କରାଯାଇ ଚିହ୍ନଟ କରାଯାଇଥିଲା। ଜବରଦଖଲ ଉଚ୍ଛେଦ ପାଇଁ ନିୟମ ଅନୁଯାଇ ପୂର୍ବରୁ ନୋଟିସ କରାଯାଇଥିଲା। ମାତ୍ର ଉକ୍ତ ଲିଜ୍‌ଧାରୀମାନେ ଏହି ନୋଟିସ ଗ୍ରହଣ କରିନଥିଲେ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ୍ ମରାଯାଇ ଆଜି ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟ ପାଇଁ ସେମାନେ ଯାଇଥିଲେ। ଗ୍ରାମବାସୀଙ୍କ ବିରୋଧ ହେତୁ ଏହି ଉଚ୍ଛେଦକୁ ସାମୟିକ ଭାବେ ବନ୍ଦ କରାଯାଇଛି ବୋଲି କହିଛନ୍ତି। ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଉଭୟ ରଘୁଦେଇପୁର ଓ ନୋଳସାହିର ମୂରବୀମାନଙ୍କ ସହ ଆଲୋଚନା କରାଯିବା ପରେ ଉକ୍ତ ଜାଗାକୁ ଚିହ୍ନିତ କରାଯାଇଥିଲା। ମାତ୍ର ଉନ୍ନୟନ କାର୍ଯ୍ୟକୁ କେତେକ ନିର୍ଦ୍ଦିଷ୍ଟ ବିରୋଧ କରୁଥିବାରୁ ଏହି କାର୍ଯ୍ୟ ବନ୍ଦ କରାଯାଇଛି ବୋଲି କହିଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଲଲାଟେନ୍ଦୁ ସାମିଲ



ପୁରସ୍କୃତ ଶିଶୁ ଲଲାଟେନ୍ଦୁ ସେନାପତି ।

**ପାଟକୁରା, ୨୬।୨(ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ପାଖଡ଼ ଗ୍ରାମର ଦୁଇ ବର୍ଷର ଶିଶୁ ଲଲାଟେନ୍ଦୁ ସେନାପତି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସାମିଲ ହୋଇଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ସାର୍ଟିଫିକେଟ, ସ୍ୱର୍ଣ୍ଣ ପଦକ, ଗୋଟିଏ ପୁସ୍ତକ ଓ ଗୋଟିଏ କଲମ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଲଲାଟେନ୍ଦୁ ଅନ୍‌ଲାଇନ୍ ମାଧ୍ୟମରେ ୨୦ଟି ପକ୍ଷୀର ନାମ, ଶରୀରର ୨୩ଟି ଅଂଶ, ୮ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ, ୧୬ଟି ମଟରଗାଡ଼ି, ୨୩ ଫୁଲର ନାମ, ୧୨ ପର୍ବ ପର୍ବାଣି, ୨୦ ପଶୁ, ଇଂଲିଶରେ ସମସ୍ତ ଅକ୍ଷର, ୩ ମନ୍ତ୍ର, ୬ ଋତୁ, ୧୨ ଜାତୀୟ ଚିହ୍ନ ଇତ୍ୟାଦି ପ୍ରକାଶ କରି ଏହି କୃତିତ୍ୱ ହାସଲ କରିଛନ୍ତି। ଲଲାଟେନ୍ଦୁ ହେଉଛନ୍ତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତିଙ୍କ ନାତି, କାନ୍ତଶକ୍ତି ଅଧିପତି ସେନାପତି ଓ ରଶ୍ମିରାଣୀ ସେନାପତିଙ୍କ ଏକମାତ୍ର ପୁତ୍ର ।

# ପରକୁଳାର ଟେରାକୋଟା ହସ୍ତଶିଳ୍ପୀଙ୍କ ବିଶ୍ୱ ରେକର୍ଡ

**ମାର୍ଶାଘାଇ, ୨୬।୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ବ୍ଲକ ପରକୁଳା ଗ୍ରାମର ଟେରାକୋଟା ହସ୍ତଶିଳ୍ପୀ ମକର କେତନ ସାହୁ ଭୁବନେଶ୍ୱରର ତୋଷାଳୀ ମେଳାର ମେଗା ମାଟିପାତ୍ର ପ୍ରସ୍ତୁତି ପ୍ରତିଯୋଗିତାରେ ରେକର୍ଡ ସଂଖ୍ୟକ ମାଟିପାତ୍ର ତିଆରି କରି ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱର (କଳାଭୂମି ପରିସରରେ ମଙ୍ଗଳବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧ ହଜାର ହସ୍ତଶିଳ୍ପୀ ଭାଗ ନେଇଥିଲେ। ୱାର୍ଲଡ ବୁକ୍ ଅଫ୍ ରେକର୍ଡରେ ପୂର୍ବରୁ ୧ ଘଣ୍ଟାରେ ୨୧୨ ମାଟିପାତ୍ର ପ୍ରସ୍ତୁତି ନେଇ ରେକର୍ଡ ଥିବା ବେଳେ ମକର ୧ ଘଣ୍ଟାରେ ୨୧୮ ମାଟିପାତ୍ର ପ୍ରସ୍ତୁତ କରି ପୁରୁଣା ରେକର୍ଡକୁ ଭାଙ୍ଗିବା ସହିତ ପ୍ରତିଯୋଗିତାରେ ସପ୍ତମ ସ୍ଥାନରେ ରହିଛନ୍ତି। ହସ୍ତତନ୍ତ ବୟନଶିଳ୍ପ, ହସ୍ତଶିଳ୍ପ ଏବଂ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ବିଭାଗୀୟ ସଚିବ ଗୁହାପୁନମ ତାପସ କୁମାର, ନିର୍ଦ୍ଦେଶିକା ଡ. ନିବେଦିତା ପୃଷ୍ଟି, ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ହସ୍ତଶିଳ୍ପ ବିକାଶ ଅଧିକାରୀ ବିଜୟ କେତନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା ହସ୍ତଶୀଳ୍ପ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, ହସ୍ତଶିଳ୍ପ ବିକାଶ ଅଧିକାରୀ ତାପସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୫୦ ଜଣ ହସ୍ତଶିଳ୍ପୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଶ୍ୱରେକର୍ଡରେ ସପ୍ତମ ସ୍ଥାନ ହାସଲ କରି ମାର୍ଶାଘାଇ ବ୍ଲକ ସମେତ କେନ୍ଦ୍ରାପଡ଼ା ଜିଲାକୁ ଗୌରାବାନ୍ୱିତ କରିଥିବା ହସ୍ତଶିଳ୍ପୀ ମକରଙ୍କୁ କେନ୍ଦ୍ରାପଡ଼ା ଜିଲା କୁମ୍ଭକାର ସଂଘ ସଭାପତି ରତ୍ନାକର ବେହେରା, ଉପ ସଭାପତି ବିଷ୍ଣୁଚରଣ ବେହେରା, ସମ୍ପାଦକ ବିଚିତ୍ରାନନ୍ଦ ବେହେରା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ମକରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଶିକ୍ଷାବିତ୍ କାହ୍ନୁଚରଣ ନାୟକଙ୍କ ସ୍ମୃତି ଚାରଣ ସଭା


ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ଅତିଥି ।

**ଡେରାବିଶ, ୨୬।୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ରତାଦିଆଖଣ୍ଡସାହି ପଞ୍ଚାୟତ ସୋରିଷିଆ ଗ୍ରାମ ନିବାସୀ ତଥା ଶିକ୍ଷାବିତ୍ ସ୍ୱର୍ଗତ କାହ୍ନୁଚରଣ ନାୟକଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସତ୍‌ସଙ୍ଗ ଓ ସ୍ମୃତି ଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଓଡ଼ିଶାର ପ୍ରାକ୍ତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଯୋଗଦେଇ ସ୍ୱର୍ଗତ କାହ୍ନୁଚରଣଙ୍କ ଜୀବନାଦର୍ଶ ଓ କର୍ମମୟ ଜୀବନ ଉପରେ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଶିଶିର ସାମଲ, ସମିତି ସଭ୍ୟ ନିତ୍ୟାନନ୍ଦ ଭଦ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ କାହ୍ନୁଚରଣଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଚାନ୍ଦୋଳ, କେନ୍ଦ୍ରାପଡା ଓ କୋରୁଆ ସତ୍‌ସଙ୍ଗ ବିହାରର ଜୟଗୁରୁ ଭାଇଭଉଣୀମାନଙ୍କ ଦ୍ୱାରା ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାକ୍ତର ପ୍ରକାଶ ପରିଡ଼ା, ବିଶ୍ୱ ରଞ୍ଜନ ବେହେରା ଓ ସୂର୍ଯ୍ୟମଣି ନାୟକ ପ୍ରମୁଖ ସତସଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବଡ଼ପୁଅ କ୍ରିଷ୍ଣାନନ୍ଦ ନାୟକ ଓ ସାନପୁଅ କୃତି ସୁନ୍ଦର ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ଆଜି ବି କଙ୍ଗାରୁ କୋର୍ଟ ପ୍ରଚଳିତ

**ରାଜକନିକା,୨୬।୨ (ସଞ୍ଜୟ କୁମାର ଦାଶ)**

- ୨ ହଜାର ଟଙ୍କା ପାଇଁ ବର୍ଷେ ହେଲାଣି ନିଆଁ ପାଣି ଅଟକ
- କଥାବାର୍ତ୍ତା ବନ୍ଦ, ଦୋକାନରୁ ସଉଦା ବନ୍ଦ, ମନ୍ଦିର ମନା

ମାତ୍ର ୨ ହଜାର ଟଙ୍କା ଜରିମାନା ନ ଦେବାରୁ ବର୍ଷେ ହେଲାଣି ଗାଁରୁ ନିଆଁପାଣି ଅଟକ ସାଙ୍ଗକୁ ଲୋକଙ୍କ ସହ କଥାବାର୍ତ୍ତା ବନ୍ଦ ଓ ଗାଁ ମନ୍ଦିର ଯିବାକୁ ମନା। ଏମିତି କି, ଗାଁ ଦୋକାନୀଙ୍କୁ ସଉଦା ଦେବାକୁ ବାରଣ କରାଯାଉଥିବା ଅଭିଯୋଗ ହୋଇଛି। କଙ୍ଗାରୁ କୋର୍ଟରେ ଏପରି ନିଷ୍ପତ୍ତି ପାଇଁ ବର୍ଷାଧିକକାଳ ହେବ ରାଜକନିକା ଥାନା ବଡ଼ପଙ୍କ ଗାଁର ସୋନାଲି ଦାଶଙ୍କ ପରିବାର ବହୁ କଷ୍ଟରେ ଜୀବନଯାପନ କରୁଥିବା ନେଇ ରାଜକନିକା ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଜୟନଗର ପଞ୍ଚାୟତ ବଡ଼ପଙ୍କର ଅମୂଲ୍ୟ ଦାଶ ରାଜ୍ୟ ବାହାରେ ରହି ପରିବାର ପ୍ରତିପୋଷଣ କରୁଥାନ୍ତି। ଘରେ ସ୍ତ୍ରୀ ସୋନାଲି ଦାଶଙ୍କ ସହ ଦୁଇ ଛୋଟ ଛୋଟ ପୁଅ ରହନ୍ତି। ବିଗତ ବର୍ଷ ଫେବୃଆରୀରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ନଡାଗଦାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ସୋନାଲିଙ୍କ ୭ ବର୍ଷର ପୁଅ ନଡାଗଦାରେ ନଆଁ ଲଗାଇ ଥିବା ନେଇ ଗାଁର ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ। ଏହାକୁ ନେଇ କଙ୍ଗାରୁ କୋର୍ଟରେ ନିଷ୍ପତ୍ତି କ୍ରମେ ସୋନାଲି ୨ ହଜାର ଟଙ୍କା ଜରିମାନା ଦେବା କଥା। ହେଲେ, ଅଭାବିଘରର ସ୍ୱାମୀ ବାହାର ରାଜ୍ୟରେ ରହି ଦାଦନ ଖଟୁଥିବାରୁ ସୋନାଲି ଟଙ୍କା ଦେଇପାରି ନ ଥିଲେ। ଏହାର ଠିକ୍ ମାସକ ପରେ ପରିବାରକୁ ଏକ ଘରିକିଆ କରି ନିଆଁ ପାଣି ସହ ଗାଁରୁ ସମସ୍ତ ସୁବିଧା ସୁଯୋଗ ଅଟକ କରି ଦିଆଯାଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି। ଦୁଇ ପରିବାର ମଧ୍ୟରେ ଲାଗି ରହିଥିବା ବିବାଦକୁ ଏକତରଫା ଭାବେ ସମାଧାନ କରିବା ପାଇଁ ଗ୍ରାମର କେତେକ ବ୍ୟକ୍ତି ଏଭଳି ନିଷ୍ପତ୍ତି ନେଇଥିବା ସୋନାଲି ଅଭିଯୋଗ କରିଛନ୍ତି। ଏହା ପରଠାରୁ ଗାଁରେ ଥିବା ଦୋକାନରୁ କୌଣସି ଜିନିଷ ଦିଆଯାଉ ନାହିଁ। କେହି କଥାବାର୍ତ୍ତା କରୁ ନାହାନ୍ତି। ଗାଁର କୌଣସି ଅନୁଷ୍ଠାନର ଭୋଜିରେ କେହି ସାମିଲ କରୁନାହାନ୍ତି। ପିଲାଙ୍କ ସହ କେହି ଖେଳୁ ନାହାନ୍ତି। ଗାଁ ମନ୍ଦିର ଯିବାକୁ ବାରଣ କରାଯାଇଥିବାରୁ ପୁଅ ବ୍ରତଘର ଅନ୍ୟ ଗାଁ ମନ୍ଦିରରେ କରାଯାଇଛି। ଏପରି ସ୍ଥିତିରେ ଛୋଟ ଛୋଟ ଦୁଇ ପିଲା ଅସହାୟ ହୋଇ କାନ୍ଦିଲେ, ସେ ଘରେ କବାଟ ବନ୍ଦ କରି ରଖୁଛନ୍ତି। କାହା ଘରକୁ ସାହାଯ୍ୟ ପାଇଁ ଗଲେ ୫୦୧ଟଙ୍କା ଜରିମାନା ଦେବାକୁ ଗାଁର କଙ୍ଗାରୁ କୋର୍ଟରେ ନିଷ୍ପତ୍ତି ହୋଇଛି ବୋଲି ରବିବାର ସୋନାଲି ଥାନାରେ ଲିଖିତ ଅଭିଯୋଗ କରିବାସହ ଥାନାର ଦ୍ୱାରସ୍ଥ ସୋଇ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକଙ୍କୁ ପଚାରିବାରେ, ଏତଲା ଅନୁଯାୟୀ ନଂ. ୬୬/୨୬ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁଚେତା


@ ଚିକୁନ୍


@ ମାନସ


@ ରଜତ


@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏବେ ବି ଉଜ୍ଜୀବିତ ୬ଶହ ବର୍ଷର ପରମ୍ପରା

**ରାଜକନିକା,୨୬।୨(ସଞ୍ଜୟ କୁମାର ଦାଶ)**

## କନିକା ପ୍ରସିଦ୍ଧ ରାଜମେଳଣ ଆରମ୍ଭ

କନିକା ପ୍ରସିଦ୍ଧ ରାଜମେଳଣ ଗୁରୁବାରରୁ ଆରମ୍ଭ ହୋଇଛି। କନିକାର ଆଧ୍ୟାତ୍ମିକ ମାନସିକତାରେ ରାଜମେଳଣ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରିଆସିଛି। ପ୍ରାୟ ୬ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହା ପାଳିତ ହୋଇ ଆସୁଥିବା ଏହି ଦେବ-ମାନବ ଫଗୁ ଉତ୍ସବ ରାଜମେଳଣ କେନ୍ଦ୍ରାପଡା ଜିଲା ସମେତ ପଡ଼ୋଶୀ ଭଦ୍ରକ ଓ ଯାଜପୁର ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଆସିଛି।


ମେଳଣରେ ଠାକୁରଙ୍କୁ ରଖାଯାଇଛି।

ସୂଚନାଯୋଗ୍ୟ, ତତ୍କାଳୀନ କନିକା ରାଣୀ ପାଟମହାଦେଈ ରାଧାକୃଷ୍ଣଙ୍କ ପ୍ରେମରେ ଭକ୍ତି ଭାବ ପରାକାଷ୍ଠା ସ୍ୱରୂପ ଶଗଡ଼ ଗାଡ଼ିରେ ବହୁ ଆଧ୍ୟାତ୍ମିକ ପୁସ୍ତକ ନେଇ କନିକା ରାଜପରିବାରକୁ ବୋହୂ ହୋଇ ଆସିଥିଲେ। ତାଙ୍କର ଏହି ଭକ୍ତି ଭାବକୁ ସ୍ଥାନୀୟ ଅଞ୍ଚଳରେ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଏକ ମଠ ନିର୍ମାଣ କରାଯାଇ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିର ଶ୍ରୀଜୀଉଙ୍କୁ ପ୍ରତିଷ୍ଠା କରାଯାଇ ବିଧି ମୁତାବକ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବଠାରୁ ଏବେ ପର୍ଯ୍ୟନ୍ତ ରାଜ ପରିବାରର ପିଢ଼ି ପରେ ପିଢ଼ି ପାରମ୍ପରିକ ଭାବେ ରାଜମେଳଣ ପାଳିତ ହୋଇଆସୁଛି। କନିକାରାଜ ଇଷ୍ଟେଟ(ଇଲାକା)ର ମେଳଣ ପର୍ଯ୍ୟାୟକ୍ରମେ କାଳିକାପୁର, ଆୟତନ, ଦେଉଳି, ଗିରିୟା ଓ ରାଜକନିକା ରାଜମେଳଣ ଆଦି ସ୍ଥାନରେ ଦୋଳ ମେଳଣ ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଶ୍ରଦ୍ଧାଳୁମାନେ କାନ୍ଧରେ ବୋହି ଗାଁ ଗାଁ ବୁଲି ଶ୍ରୀଜୀଉଙ୍କୁ ଭୋଗଲାଗି ହୋଇଥାଏ।

# ମନ୍ଦିର ନିକଟରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

## ଅଭିଯୋଗ କଲେ ଶୁଣୁନି ବିଭାଗ

**ଆଳି,୨୬।୨(ବନମାଳୀ ସେନାପତି)**

ଆଳି ଥାନା ପାଞ୍ଚଣପଡା ଗ୍ରାମରେ ଥିବା ଦଧିବାବନ ଜୀଉ ମନ୍ଦିର ନିକଟରେ ବିପଦ ସଂକୁଳ ଅବସ୍ଥାରେ ଏକ ଲୁହା ବିଦ୍ୟୁତ୍ ଖୁଣ୍ଟ ଥିବା ବେଳେ ଏହାକୁ ବଦଳାଇବା ନିମନ୍ତେ ଦାବି ହେଉଥିଲେ ମଧ୍ୟ ବିଭାଗ ଶୁଣୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାନମଙ୍ଗ ପଞ୍ଚାୟତ ପାଞ୍ଚଣପଡା ଗ୍ରାମରେ ଥିବା ଦଧିବାମନ ଜୀଉ ମନ୍ଦିର ସମ୍ମୁଖରେ ଏକ ଲୁହା ବିଦ୍ୟୁତ୍ ଖୁଣ୍ଟ ରହିଛି। ତାହା ନଷ୍ଟ ହେବାକୁ ବସିଲାଣି, କେତେବେଳେ ଯେ ଭାଙ୍ଗି ନ ପଡିବ ତାହା ମଧ୍ୟ କହି ହେବ ନାହିଁ। ଏହି ମନ୍ଦିର ସମ୍ମୁଖ ଦେଇ ଛାତ୍ରୀଛାତ୍ର ସ୍କୁଲ କଲେଜ ଯାଉଥିବା ବେଳେ ସାଧାରଣ ଲୋକମାନେ ମଧ୍ୟ ଯାତାୟାତ କରିଥାନ୍ତି। ବିପଦ ସଂକୁଳ ଅବସ୍ଥାରେ ଥିବା ଏହି ଖୁଣ୍ଟକୁ ବଦଳାଇବା ନିମନ୍ତେ ଗ୍ରାମବାସୀ ଭୂଇଁପୁର ବିଦ୍ୟୁତ୍ ସେକସନରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ କର୍ଣ୍ଣପାତ କରୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଯନ୍ତ୍ରୀ ଭବାନୀ ପ୍ରସାଦ ପୃଷ୍ଟିଙ୍କୁ ପଚାରିବାରୁ ମାର୍ଚ୍ଚରେ ଖୁଣ୍ଟ ବଦଳାଇଦେବେ ବୋଲି କହିଛନ୍ତି।

# ବିବାହ ଉତ୍ସବ ଲାଇଟ ଧରାରେ ନିୟୋଜିତ ହିନ୍ଦୁ ଦେବତା



**ପଟ୍ଟାମୁଣ୍ଡାଇ, ୨୬।୨(କଳ୍ପତରୁ ନାୟକ)**

ଭାରତୀୟ ସାମ୍ବିଧାନିକ ଆଇନ ଅନୁଯାଇ କୌଣସି ଧର୍ମ କିମ୍ବା ଦେବତାଙ୍କୁ ଅପମାନ କରିବା ଏକ ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହାକୁ ଉପେକ୍ଷା କରାଯାଇଛି। ବୁଧବାର ସହରରେ ହେଉଥିବା ଏକ ବିବାହ ଉତ୍ସବରେ ହିନ୍ଦୁ ଦେବତାମାନଙ୍କର ପ୍ରତିମୂର୍ତ୍ତିକୁ ଅପ୍ରାସଙ୍ଗିକ ଓ ଅନୁପଯୁକ୍ତ ଭାବେ ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଧାର୍ମିକ ଭାବନାକୁ ଆଘାତ କରିଛି। ଏପରି କୁସଂସ୍କାରୀ କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ହିନ୍ଦୁ ଧର୍ମରେ ଦେବତାଙ୍କୁ ଏପରି ଅପମାନ କରିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବା ବେଳେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୨୯୯ ଅନୁଯାୟୀ ମାମଲା ରୁଜୁ କରି ସେମାନଙ୍କ ଉପରେ ମାମଲା କରିବା କଥା। ମାତ୍ର ପୋଲିସ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଚୁପ୍ ବସିବା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଭାବାବେଗକୁ ଆଘାତ ଦେଇଛି।

## ଧାର୍ମିକ ଭାବନାକୁ ଆଘାତ

ହିନ୍ଦୁ ବିବାହ ସମୟରେ ଗଣେଶ ଗୌରୀଙ୍କୁ ଆବାହନ ଓ ଗଙ୍ଗା, ସପ୍ତସିନ୍ଧୁ, ଦୁର୍ଗା, ବିଷ୍ଣୁ ଲକ୍ଷ୍ମୀ, ଶିବ ପାର୍ବତୀ, ନବଗ୍ରହଙ୍କୁ ପୂଜା କରାଯାଇ ବିବାହର ସୁଗମ ସମାପନ ପାଇଁ ପ୍ରାର୍ଥନା କରାଯାଏ। ବୁଧବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ବଜାର ବାଇପାସ୍‌ଠାରୁ ଏକ ବିବାହ ରୋଶଣି ବାହାରି ଥିବା ବେଳେ ଡିଜେ ବାଜାରେ ଦୁଲୁକୁଥିଲା। ଆଗରେ ବରଯାତ୍ରୀ ନାଚୁଥିବା ବେଳେ ତାଙ୍କ ସମ୍ମୁଖରେ ବିଭିନ୍ନ ଦେବାଦେବୀ ମୂର୍ତ୍ତିକୁ ହାତରେ ଲାଇଟ ଲାଗାଇ ନିଆଯାଉଥିଲା। ଯାହା ସ୍ଥାନୀୟ ହିନ୍ଦୁ ଲୋକଙ୍କ ମନରେ ଏଭଳି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ବିରାଟ ହିନ୍ଦୁ ସମ୍ମିଳନୀ ହେଉଥିବା ବେଳେ ହିନ୍ଦୁ ଧର୍ମର ଦେବତାଙ୍କୁ ଏପରି ଅପମାନ କରିବା ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ସ୍ୱର ନ ଉଠାଇବା ଏକ ପରିତାପର ବିଷୟ ବୋଲି ସ୍ଥାନୀୟ ଜନସାଧରଣଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଡେପୁଟେଶନରେ ଥିବା ଶିକ୍ଷକ ସ୍କୁଲ ଆସୁ ନ ଥିବା ଅଭିଯୋଗ

ନୟାଗଡ଼,୨୬।୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବେଗୁନିଆପାଟଣା ପ୍ରାଇମେରି ସ୍କୁଲରେ ଡେପୁଟେଶନରେ ନିଯୁକ୍ତି ପାଇଥିବା ଶିକ୍ଷକ ବୀରେନ୍ଦ୍ର କୁମାର ସ୍ୱାଇଁ ସ୍କୁଲକୁ ନ ଆସି ଦରମା ଉଠାଉଥିବା ଅଭିଯୋଗ ହେଉଛି। ତେବେ ଏଭଳି ଅଭିଯୋଗର ସତ୍ୟତା କେତେ ତାହା ତଦନ୍ତ ସାପେକ୍ଷ ଥିବାବେଳେ କେଶରପୁର ଗ୍ରାମର ଲୋକ ଡେପୁଟେଶନକୁ ବାତିଲ କରି ଶିକ୍ଷକଙ୍କୁ ମୂଳ ସ୍କୁଲକୁ ଫେରାଅ ବୋଲି ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ କେଶରପୁରସ୍ଥିତ ନାଗମୁଣ୍ଡୁଳୀ କେଶରପୁର ସରକାରୀ ହାଇସ୍କୁଲ ଏକ ମର୍ଜର ହାଇସ୍କୁଲ। ଏଥିରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ପ୍ରାଇମେରୀ ସ୍କୁଲରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୯ ଛାତ୍ରୀଛାତ୍ର ପଢୁଛନ୍ତି । ଏଠାରେ ୫ ଶିକ୍ଷକ ରହିବାର ନିୟମ ରହିଛି । ତେବେ ୫ଜଣ ଶିକ୍ଷକଙ୍କ ମଧ୍ୟରୁ ବୀରେନ୍ଦ୍ର ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ନଂ ୧/୧।୧।୨୪ରେ ବେଗୁନିଆପାଟଣା ପ୍ରାଇମେରୀ ସ୍କୁଲକୁ ଡେପୁଟେଶନ କରାଯାଇଛି। ତାଙ୍କର ଡେପୁଟେଶନ ପରେ ପରେ ୩୦।୬।୨୦୨୫ରେ ଶିକ୍ଷୟିତ୍ରୀ ତାରାମଣି ଦେଇ ଅବସର ନେବା ପରେ ଶିକ୍ଷକ ସଂଖ୍ୟା ୩ରେ ପହଁଚିଛି। ୩ଜଣ ଶିକ୍ଷକ ବାଲବାଟିକା ଠାରୁ ୮ ମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି କ୍ଲାସରେ ପାଠ ପଢ଼ାଇବା କଷ୍ଟକର ହେଉଛି।

## ଡେପୁଟେଶନ ବାତିଲ କରିବାକୁ କେଶରପୁର ବାସିନ୍ଦାଙ୍କ ଅଭିଯୋଗ

ଏଣୁ ବୀରେନ୍ଦ୍ରଙ୍କୁ ମୂଳ ସ୍କୁଲ ନାଗମୁଣ୍ଡୁଳୀ କେଶରପୁର ସରକାରୀ ହାଇସ୍କୁଲକୁ ଫେରାଇ ଦିଆଯାଉ ବୋଲି କେଶରପୁର ଲୋକ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି।

ଅନ୍ୟପକ୍ଷେ ବୀରେନ୍ଦ୍ର ଡେପୁଟେଶନ ହୋଇଥିବା ବେଗୁନିଆପାଟଣା ପ୍ରାଇମେରୀ ସ୍କୁଲରେ ଶିକ୍ଷକ ସଂଖ୍ୟା ୩ । ଏଠାରେ ୫ ଶ୍ରେଣୀରେ ୨୨ ଛାତ୍ରୀଛାତ୍ର ଥିବା କୁହାଯାଉଛି। ୨୨ ଛାତ୍ରୀଛାତ୍ରରେ କିଭଳି ୩ଜଣ ଶିକ୍ଷକ ନିଯୁକ୍ତି ମିଳିଛି ତାହା ତଦନ୍ତସାପେକ୍ଷ ବୋଲି ମତ ପ୍ରକାଶ ପାଇଛି। ଅପରପକ୍ଷେ ଅଭିଯୋଗ ରହିଛି ବୀରେନ୍ଦ୍ର ବେଗୁନିଆପାଟଣା ସ୍କୁଲକୁ ନ ଆସି ଅଧିକାଂଶ ସମୟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ କୁହନ୍ତି ଶିକ୍ଷକ ବୀରେନ୍ଦ୍ର କୁମାର ସ୍ୱାଇଁ ଠିକ୍ ଭାବେ ଡ୍ୟୁଟି କରୁଛନ୍ତି । ସେ ଡ୍ୟୁଟି କରୁ ନ ଥିବା ଅଭିଯୋଗ ନାହିଁ । ସେ ଏବେ ତାଲିମ ପାଉଛନ୍ତି। ବେଗୁନିଆପାଟଣା ପ୍ରାଇମେରୀ ସ୍କୁଲର ପ୍ରଧାନଶିକ୍ଷକ ଦୁର୍ଗା ମାଧବ ମିଶ୍ର କୁହନ୍ତି, ଶିକ୍ଷକ ବୀରେନ୍ଦ୍ର ସ୍କୁଲକୁ ନିୟମିତ ଆସୁଛନ୍ତି । ସେ ଆସୁନଥିବାର ବେଗୁନିଆ ଗ୍ରାମବାସୀ ଅଭିଯୋଗ କରିଛନ୍ତି କି ବୋଲି ପ୍ରଶ୍ନ ପଚାରିଥିଲେ। କେଶରପୁର ଗାଁ ଉପସଭାପତି ତଥା ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ପ୍ରତାପ ପ୍ରଧାନ କୁହନ୍ତି, ଡେପୁଟେଶନରେ ଥିବ ଶିକ୍ଷକଙ୍କ ସମ୍ପର୍କରେ ଆରଟିଆଇରେ ତଥ୍ୟ ମାଗିଲେ ମିଳୁନି । ଘଟଣା ସମ୍ପର୍କରେ ବ୍ଲକ ଓ ଜିଲା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ କିଛି ସୁଫଳ ମିଳି ନ ଥିଲା। ଶେଷରେ ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ସ୍କୁଲରେ ଅନୁପସ୍ଥିତ ରହିବା ଓ ସବୁବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ କାହିଁକି ଯାଉଛନ୍ତି ସେ ସମ୍ପର୍କରେ ଜାଣିବା ପାଇଁ ଡେପୁଟେଶନରେ ନିଯୁକ୍ତି ପାଇଥିବା ଶିକ୍ଷକ ବୀରେନ୍ଦ୍ର କୁମାର ସ୍ୱାଇଁଙ୍କର ମୋବାଇଲ ୭୦୦୮୫୬୨୦୭୩ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ।

# ଯୁକ୍ତ ୨ କଳା, ବାଣିଜ୍ୟ, ଇଂରାଜୀ ପରୀକ୍ଷା ଶେଷ

ଖଣ୍ଡପଡା,୨୬।୨
(ଅଜୟ କୁମାର ମହାରଣା)

## ପରୀକ୍ଷା ଦେଲେ ୧୧୧୧ ଛାତ୍ରୀ ଛାତ୍ର ଅନୁପସ୍ଥିତ ୯

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ୧୯ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ଗୁରୁବାର ୬ଷ୍ଠ ଦିବସରେ କଳା ଓ ବାଣିଜ୍ୟ ବିଭାଗର ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଖଣ୍ଡପଡା ହବ୍‌କେନ୍ଦ୍ର ଅଧିନରେ ଥିବା ୫ ମହାବିଦ୍ୟାଳୟରେ ସମୁଦାୟ ୧୧୧୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବା ହବ୍ କେନ୍ଦ୍ର ଦାୟିତ୍ୱରେ ଥିବା ପଠାଣି ସାମ' ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କଠାରୁ ସୂଚନା ମିଳିଛି । ଗୁରୁବାର ଯୁକ୍ତ ୨ କଳାରେ ପଠାଣି ସାମନ୍ତ ମହାବିଦ୍ୟାଳୟରେ ୪୨୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ଥିବା ବେଳେ ନୀଳମାଧବ ମହାବିଦ୍ୟାଳୟ କେନ୍ଦ୍ରରେ ୨୮୪ ଜଣ ପରୀକ୍ଷାଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିଲେ । ସେହିପରି ଖଣ୍ଡପଡା ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ୧୯୭ ଜଣଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ, ଭାପୁର ଆଞ୍ଚଳିକ ମହାବିଦ୍ୟାଳୟରେ ୮୧ ଜଣଙ୍କ ମଧ୍ୟରୁ ଜଣେ ଓ ପଦ୍ମାବତୀ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କଳା ବିଭାଗରେ ୧୧୯ ଜଣଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ବାଣିଜ୍ୟ ବିଭାଗରେ ସମସ୍ତ ୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ହବ୍‌କେନ୍ଦ୍ର ଦାୟିତ୍ୱରେ ଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ରବୀନ୍ଦ୍ର ସାହୁଙ୍କଠାରୁ ପ୍ରକାଶ । ପଠାଣୀ ସାମନ୍ତ ମହାବିଦ୍ୟାଳୟ ହବ୍‌କେନ୍ଦ୍ର ଅଧିନରେ ଥିବା ଉକ୍ତ ୫ଟି ମହାବିଦ୍ୟାଳୟରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ସଂପନ୍ନ ହୋଇଛି ।

# ରାଜରାସ୍ତାରେ ୪୦ ବିସ୍ଥାପିତ ପରିବାର



ରାସ୍ତାରେ ବସିଥିବା ପରିବାର ଲୋକମାନେ ।

ଦଶପଲ୍ଲା,୨୬।୨(ପ୍ରକାଶ କୁମାର ପାଣି)

## ରେଳ ପ୍ରକଳ୍ପ କାର୍ଯ୍ୟରେ ବାଧା

ଦଶପଲ୍ଲା ବ୍ଲକ ବୁଗୁଡା କଲୋନୀଠାରେ କୁଆଁରିଆ ଜଳଭଣ୍ଡାର ନିର୍ମାଣ ସମୟରେ ବିସ୍ଥାପିତ ୪୦ ପରିବାର ଧାରଣା ଦେଇଛନ୍ତି। ଫଳରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଜଣାପଡଛି। ଉକ୍ତ ପ୍ରକଳ୍ପ ରାସ୍ତାରେ ୪ ଦିନ ହେଲା ୪୦ପରିବାର ଧାରଣା ଦେଇଛନ୍ତି। ୫୨ ପରିବାରକୁ ପ୍ରଶାସନ ବୁଗୁହା ଓ ବୁଗୁଡା କଲୋନୀ ଅଞ୍ଚଳରେ ଥଇଥାନ କରିଥିଲା । ଅସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଥିଲା,ତେବେ ୧୨ ପରିବାର ସ୍ଥାୟୀ ପଟ୍ଟା ପାଇଥିବା ବେଳେ ୪୦ ପରିବାର ଆଜି ପର୍ଯ୍ୟନ୍ତ ସ୍ଥାୟୀ ପଟ୍ଟା ପାଇଁ ନ ଥିବା ଜଣାଯାଇଛି। ସ୍ଥାୟୀ ପଟ୍ଟା ପାଇଁ ସେମାନେ ତହସିଲ ଅଫିସକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ବୋଲି ଅଭିଯୋଗ କରିଛନ୍ତି। ପୁଣି ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକ ପ୍ରକଳ୍ପ ପାଇଁ ସେମାନଙ୍କ ଘର ଘରଦ୍ୱାର ଯିବା ଜାଣିବା ପରେ ସେମାନେ ତୀବ୍ର ବିରୋଧ କରିଛନ୍ତି । ଉକ୍ତ ୪୦ପରିବାର ଏବେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ପ୍ରକଳ୍ପ ନିର୍ମାଣରେ ପ୍ରତିବନ୍ଧକ ଦେଖାଦେଇଛି। ଘଟଣାସ୍ଥଳରେ ଥାନାଧିକାରୀ ବିନୟ ରଞ୍ଜନ ପରିଡା ଓ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ରାସ୍ତାରୁ ହଟୁ ନାହାନ୍ତି। ଗୁରୁବାର ମଧ୍ୟ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବୁଝାଇଥିଲେ ମଧ୍ୟ ସେମାନେ ଏକା ଯିଦ ସ୍ଥାୟୀ ପଟ୍ଟା ମିଳୁ ବୋଲି ଦାବି କରିଛନ୍ତି।

# ଶ୍ରୀନୀଳମାଧବ ପୀଠରେ ଫଗୁ ଉତ୍ସବ

ଖଣ୍ଡପଡା,୨୬।୨
(ଅଜୟ କୁମାର ମହାରଣା

## ଠାକୁର ଦୟଣାଚୋରି ବଗିଚାକୁ ବିଜେ ହେଲେ

ଫାଲଗୁନ ଶୁକ୍ଳପକ୍ଷ ଦଶମୀ ତିଥି ଗୁରୁବାରଠାରୁ ଠାକୁରଙ୍କ ଦୋଳ ପର୍ବ ଆରମ୍ଭ ହୋଇଛି । ଏହି ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ସନ୍ଧ୍ୟା ଆଳତି ପରେ ମନ୍ଦିରରେ ଚଣା, ଖଜା ଓ ଆମ୍ବ ପୂଜା ପରେ ଫଗୁ ଖେଳ ହୋଇ ମନ୍ଦିର ସିଂହଦ୍ୱାର ଅନତି ଦୂରରେ ଥିବା ନୀଳମାଧବ ଜୀଉଙ୍କ ଦୟଣାଚୋରୀ ବଗିଚାକୁ ବିଜେ କରାଯାଇଥିଲା ।

ପ୍ରକାଶ ଯେ, ପରମ୍ପରା କ୍ରମେ ଫାଲଗୁନ ଶୁକ୍ଳ ଦଶମୀ ତିଥିଠାରୁ ଠାକୁରଙ୍କ ଦୋଳନୀତି ୭ଦିନ ବ୍ୟାପୀ ପାଳନ ହେବାର ପରମ୍ପରା ରହିଛି । ନୀଳମାଧବଜୀଉଙ୍କ ଚାଚେରୀ ବେଶ ସମ୍ପନ୍ନ ହୋଇ ସନ୍ଧ୍ୟା ଆଳତୀ ପରେ ଚଣା, ଖଜା ଓ ଆମ୍ବ ପୂଜା ହୋଇ ଠାକୁରଙ୍କ ପାଖରେ ଫଗୁ ଲାଗି ହୋଇଥିଲା । ଫଗୁ ଖେଳପରେ ଠାକୁରଙ୍କ ଚଳନ୍ତି ପ୍ରତିମା, ମଦନମୋହନଜୀଉଙ୍କୁ ଏକ ସୁସଜ୍ଜିତ ବିମାନରେ ନୀଳମାଧବଜୀଉଙ୍କ ଦୟଣାଚୋରୀ ବଗିଚାକୁ ବିଜେ କରାଯାଇଥିଲା। ତେବେ ପୂର୍ବ ପରମ୍ପରା କ୍ରମେ ପ୍ରତି ବର୍ଷ ଦୋଳ ଏବଂ ଚମ୍ପକ ଦ୍ୱାଦଶୀକୁ ଠାକୁର ଏହି ବଗିଚାକୁ ବିଜେ ହୋଇଥାନ୍ତି। ସନ୍ଧ୍ୟା ପ୍ରାୟ ୮ଟାରେ ବଗିଚାକୁ ବିଜେ ହେବା ପରେ ସେଠାରେ ପରମ୍ପରା ଅନୁଯାୟୀ ଠାକୁରଙ୍କ ଦୋଳ ନୀତି ଓ ଚଣା, ଖଜା ଓ ଆମ୍ବ ପୂଜା ସମ୍ପନ୍ନ ପରେ ଆଳତୀ ହୋଇଥିଲା । ପରେ ଠାକୁରଙ୍କୁ ଫଗୁରେ ଚନ୍ଦନ ମିଶ୍ରଣ କରାଯାଇ ପ୍ରଲେପ ଦିଆଯାଇଥିଲା । ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଦେହରେ ଫଗୁ ଛିଞ୍ଚା ଯାଇଥିଲା । ଫଗୁ ଖେଳପରେ ଶ୍ରୀ ଜୀଉଙ୍କୁ ବିମାନରେ ବିଜେ କରାଯାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଏହି ନୀତି ପରମ୍ପରାନୁସାରେ ୪ଦିନ ଧରି ଦୟଣାଚୋରୀ ବଗିଚାକୁ ଠାକୁର ସନ୍ଧ୍ୟା ଧୂପ ପରେ ବିଜେ କରାଯିବାର ପରମ୍ପରା ରହିଛି । ଠାକୁର ମନ୍ଦିରକୁ ବିଜେ ହେବାରେ ସନ୍ଧ୍ୟାଧୂପ, ବଡ ସିଂହାର, ଡମ୍ବରୁ ବିଜେ, ବିଡିଆ ଲାଗି ପରେ ପହଡ ଯାଇଥିଲେ ।

# ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ: ଫାଇନାଲରେ ବିଡ଼ାନାସୀ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

ଖଣ୍ଡପଡା,୨୬।୨(ଅଜୟ କୁମାର ମହାରଣା)

ଖଣ୍ଡପଡା ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମ ପରିସରରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ୫ମ ଦିବସ ତଥା ପ୍ରଥମ ସେମି ଫାଇନାଲରେ କଟକ ବିଡାନାସୀ ଫୁଟ୍‌ବଲ ଏକାଡେମୀ ଟାଇ ବ୍ରେକର ପଦ୍ଧତିରେ ୩-୨ ଗୋଲରେ ବାପୁଜୀ କ୍ଲବ କଟକକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ଉଭୟ ଦଳ ୪ଟି ଲେଖାଏ ଗୋଲ ସ୍କୋର କରିଥିଲେ । ଫଳରେ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା । ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ନ ଥିବା ବେଳେ ଜଟଣୀ ଟିମ୍ ମ୍ୟାଚର ଦ୍ୱିତୀୟାର୍ଦ୍ଧ ଶେଷ ୫ ମିନିଟରେ ଗୋଟିଏ ଗୋଲ ସ୍କୋର କରି ୧-୦ ଗୋଲରେ ବୌଦ୍ଧ ଟିମ୍‌କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ମୁଖ୍ୟ ଉନ୍ନୟନ ଅଧିକରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଖଣ୍ଡପଡା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଖଣ୍ଡପଡା ପଠାଣି ସାମନ୍ତ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା, ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର, ଭାପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଗୟାଧର ପରିଡା ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ଥିଲା । ଆଜିର ମୁଖ୍ୟ ରେଫରୀ ଭାବେ କ୍ରୀଡାବିତ୍ ରାଜୁ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସରେ ରମେଶ ପାଇକରାୟ ଓ ସଂତୋଷ କୁମାର ନାୟକ ସହାୟତା କରିଥିଲେ । ୪ର୍ଥ ରେଫରୀ ଭାବେ ପ୍ରସନ୍ନ ନାୟକ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ୨ୟ ସେମି ଫାଇନାଲରେ ପପୁଲାର କ୍ଲବ ଢେଙ୍କାନାଳ ଓ ଫ୍ରେଣ୍ଡସ୍ ପାରାଡାଇଜ କ୍ଲବ ଜଟଣୀ ମଧ୍ୟରେ ମୁକାବିଲା ହେବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଉଦ୍ୟୋକ୍ତା ତଥା ବିଶିଷ୍ଟ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କଠାରୁ ପ୍ରକାଶ।

![ସେଲ୍‌ଫି କର୍ଣ୍ଣର ଧରିତ୍ରୀ]

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଚେତା



@ ବିକୁନ୍



@ ମାନସ



@ ରଜତ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଗରବନ୍ଧ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶରଣକୁଳ, ୨୬।୨(ଦୀପକ କର)

ଶରଣକୁଳ ନିକଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଗରବନ୍ଧର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭକ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ସମ୍ମାନିତ ଅତିଥି ଭାବରେ ଦୀନବନ୍ଧୁ ମହାପାତ୍ର, ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ରାମକୃଷ୍ଣ ପରିଡ଼ା, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର କୁମାର ପ୍ରଧାନ, ସମିତି ସଭ୍ୟ ଭଗବାନ ପ୍ରଧାନ, ଶିକ୍ଷକ ରଞ୍ଜନ କୁମାର ଦାଶ ଓ ଆଞ୍ଚଳିକ ସିଆରସିସି ରାଜକୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଡ. ଭୋଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଞ୍ଜୟ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମହେନ୍ଦ୍ର ପଣ୍ଡା, ଜୟନ୍ତୀ ସାମନ୍ତରାୟ, ସୁଷମା ବେହେରା ଓ ମଞ୍ଜୁ ଦେଇ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

# ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ ନେଇ ତହସିଲ ପ୍ରଶାସନର ତତ୍ପରତା

ଖଣ୍ଡପଡ଼ା, ୨୬।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତ ଅଧୀନ ରତନପୁର ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଥିବା ଜବରଦଖଲକାରୀଙ୍କୁ ପ୍ରଶାସନ ତାଗିଦା କରିବା ପରେ ନିର୍ମାଣ ନେଇ ଆବଶ୍ୟକ ଜାଗା ମାପଚୁପ ଶେଷ ହୋଇଥିବା ଜଣାପଡିଛି। କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ଓ ବନପାଳଙ୍କ ରିପୋର୍ଟ ଆଧାରରେ ରାସ୍ତା ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜାଗାରୁ ଗଛ ଗୁଡିକ କାଟି ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ପତ୍ର ଜରିଆରେ ଅବଗତ କରାଯାଇଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ଚିହ୍ନଟ ଜାଗାରୁ ଗଛ କଟାଯିବା ପରେ ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ କାର୍ଯ୍ୟ ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହେବ ବୋଲି ଜଣାପଡିଛି। ଦୀର୍ଘ ବର୍ଷ ପରେ ଗ୍ରାମକୁ ରାସ୍ତା ନିର୍ମାଣ ନେଇ ତହସିଲ ଓ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ଥିବାରୁ ରତନପୁର ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।



ରତନପୁର ଗ୍ରାମ ରାସ୍ତା।

# ଗିରଫ ଖଣି ଉପନିର୍ଦ୍ଦେଶକଙ୍କ କଳାଚିଠା ମାଗିଲା ଇଡି

## ସମ୍ପତ୍ତି ମୂଲ୍ୟ ୧୦ କୋଟି ଟପିଲାଣି

ଭୁବନେଶ୍ୱର, ୨୬।୨ (ତ୍ରିନାଥ ମହାନ୍ତି)

ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା କୁବେର ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ସମ୍ପତ୍ତି ମୂଲ୍ୟ ୧୦ କୋଟି ଟପିଲାଣି। ବାବୁ ଜଣକ ନିଜ ଘରେ ଓ ଅଫିସରେ ୪ କୋଟି ୨୮ଲକ୍ଷ ୩୩ ହଜାର ୭୦୦ ଟଙ୍କା ଖଣି କରି ରଖିଥିଲେ। ଏଥିସହ ତାଙ୍କ ଘରୁ ୩୦୫.୪୦ ଗ୍ରାମ୍ ସୁନା ଓ ୬୦୦ ଗ୍ରାମ୍‌ର ରୁପା ଅଳଙ୍କାର ଜବତ କରିଥିଲା ଭିଜିଲାନ୍ସ ଟିମ୍। ସେହିପରି ପାହାଳରେ ତାଙ୍କ ନାମରେ ୨୪୦୦ ବର୍ଗଫୁଟର ଦୁଇମହଲା କୋଠା, ୩ କୋଟିରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଓ ଇନ୍ସୁରାନ୍ସ ଜମା ରହିଥିବାବେଳେ ତାଙ୍କ ପୁରା ସମ୍ପତ୍ତିର ଖୋଳତାଡ଼ କରୁଛି ଭିଜିଲାନ୍ସ। ଏଥିସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ବାବୁଙ୍କ କଳାଧନ ଖୋଜିବା ଆରମ୍ଭ କରିଛି। ଗୁରୁବାର ଇଡି ଏ ସମ୍ପର୍କରେ ଭିଜିଲାନ୍ସକୁ ତଥ୍ୟ ମାଗିଛି। ଦେବବ୍ରତ ଏତେ ଟଙ୍କା କେଉଁ ଉପାୟରେ ସଂଗ୍ରହ କଲେ, ତାଙ୍କ ଆକାଉଣ୍ଟ ଓ ପରିବାର ଆକାଉଣ୍ଟରେ କେତେ ଟଙ୍କା ଜମା ରହିଛି ସେନେଇ ଛାନଭିନ କରୁଛି ଇଡ଼ି। ଏଥିସହ ଆୟକର ବିଭାଗ ମଧ୍ୟ ଭିଜିଲାନ୍ସ ଅଫିସକୁ ଯାଇ ଛାନ୍‌ଭିନ୍ କରିବା ସହ ଦେବବ୍ରତଙ୍କ ସମ୍ପତ୍ତି ତଥ୍ୟ ଓ ଯୋଗ୍ୟ ମାଗିଛି। ତେଣୁ କଳାଧନର ଗୁମର ପାଇବାକୁ ଖଣି ଅଧିକାରୀ ଦେବବ୍ରତଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଗୁରୁବାର ଭିଜିଲାନ୍ସ ଆବେଦନ କରିଥିବା ଜଣାପଡ଼ିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଓ ଲାଞ୍ଚ ନେବା ଅଭିଯୋଗରେ ବୁଧବାର କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ଜଣେ ଲାଇସେନ୍ସପ୍ରାପ୍ତ କୋଇଲା ବେପାରୀଙ୍କଠାରୁ ମଙ୍ଗଳବାର ରାତିରେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଏହାପରେ ସେ ରହୁଥିବା ଭୁବନେଶ୍ୱରର ପଟିଆ ଶ୍ରୀବିହାରସ୍ଥିତ ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟର ୩୦୨ ନମ୍ବର ଫ୍ଲାଟ ସହିତ ଭଦ୍ରକ ମଠସାହିସ୍ଥିତ ପୈତୃକ ବାସଭବନ ଓ କଟକସ୍ଥିତ ତାଙ୍କ ଅଫିସ ଚାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ସହ ଯାଞ୍ଚ କରାଯାଇଥିଲା।



ଦେବବ୍ରତ ମହାନ୍ତି

- ଭିଜିଲାନ୍ସ ଅଫିସକୁ ଯାଇ ଆୟକର ବିଭାଗର ଛାନ୍‌ଭିନ୍
- ରିମାଣ୍ଡରେ ଆଣି କଳାଧନର ଗୁମର ଖୋଜିବ ଭିଜିଲାନ୍ସ
- ଘର, ଅଫିସରୁ ଜବତ ହୋଇଥିଲା ୪ କୋଟି ୨୮ଲକ୍ଷ ଟଙ୍କା

### ୮ ହଜାର ଟଙ୍କାରୁ କୁବେର ଅଫିସର

୧୯୬୮ରେ ଜନ୍ମହୋଇଥିବା ଦେବବ୍ରତ ମହାନ୍ତି ୨୦୦୪ ଅଗଷ୍ଟ ୯ରେ ଜଣେ କନିଷ୍ଠ ଖଣି ଅଧିକାରୀ (ଜୁନିୟର ମାଇନିଂ ଅଫିସର) ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା ବଲାଙ୍ଗିର ମାଇନିଂ ଅଫିସ୍‌ରେ। ଦରମା ପାଉଥିଲେ ୮ହଜାର ଟଙ୍କା। ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ବାରିପଦାରେ, ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ବ୍ରହ୍ମପୁରରେ ଓ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ କଟକରେ କାର୍ଯ୍ୟ କରିଥିଲେ। ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ସେ ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟାଳୟରେ କାର୍ଯ୍ୟ କରିଥିଲେ। ୨୦୧୮ ମାର୍ଚ୍ଚରେ ସେ ଆସିଷ୍ଟାଣ୍ଟ ମାଇନିଂ ଅଫିସର (ଡେପୁଟି ସର୍ଭେୟର) ଭାବେ ପଦୋନ୍ନତି ପାଇ ସମ୍ବଲପୁରରେ ଯୋଗଦେଇଥିଲେ। ୨୦୨୨ରୁ ୨୦୨୫ ପର୍ଯ୍ୟନ୍ତ ସେ ଫୁଲବାଣୀର ମାଇନିଂ ଅଫିସର ଭାବେ କାର୍ଯ୍ୟ କରିବା ସହ ଫୁଲବାଣୀ, ବୌଦ୍ଧ ଓ ନୟାଗଡ଼ ଦାୟିତ୍ୱରେ ଥିଲେ। ୨୦୨୫ ଜାନୁଆରୀ ୭ରେ ସେ କଟକ ମାଇନିଂ ସର୍କଲ (କଟକ ଓ କେନ୍ଦ୍ରାପଡ଼ା)ର ଉପନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ତେବେ ମାତ୍ର ୨୨ ବର୍ଷରେ ୮ ହଜାର ଟଙ୍କାରୁ କୁବେର ଅଫିସର ହେବା ପଛରେ ଲାଞ୍ଚ ଓ ଦୁର୍ନୀତି ରହିଥିବା ସନ୍ଦେହ କରାଯାଉଥିବାବେଳେ ଏବେ ଭିଜିଲାନ୍ସ, ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କିଭଳି ଏସବୁକୁ ପଦାକୁ ଆଣିବ ତାହା ଉପରେ ଏବେ ନଜର ରହିଛି।

ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟର ୩୦୨ ନମ୍ବର ଫ୍ଲାଟରୁ ଟ୍ରଲି ବ୍ୟାଗ ଓ ଆଲମିରାରେ ଥିବା ନଗଦ ୪ କୋଟି ୨୭ ଲକ୍ଷ ୧୩ ହଜାର ୬୦୦ ଟଙ୍କା, ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଥିଲା। ସେହିପରି ଦେବବ୍ରତଙ୍କ କଟକସ୍ଥିତ ଅଫିସ ଚାମ୍ବରର ଟେବୁଲ ଡ୍ରୟରରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ କରାଯାଇଥିଲା। ଏସବୁ ବାଦ୍ ପାହାଳରେ ୨୪ ଶହ ବର୍ଗଫୁଟର ଦୁଇମହଲା କୋଠା ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱାମୀ ଲିପନ ସାହୁଙ୍କୁ ଆଜୀବନ କାରାଦଣ୍ଡ

## ବହୁଚର୍ଚ୍ଚିତ ଅଭିନେତ୍ରୀ ନିକିତା ହତ୍ୟାକାଣ୍ଡ ମାମଲା

କଟକ, ୨୬।୨(କାର୍ତ୍ତିକ ସାହୁ)

ବହୁ ଚର୍ଚ୍ଚିତ ଅଭିନେତ୍ରୀ ନିକିତା ହତ୍ୟାକାଣ୍ଡ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। କଟକ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅଦାଲତ ମାମଲାର ବିଚାର କରି ନିକିତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟରେ ଅଧିକ ୨ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହ ମାମଲାରେ ଅଭିଯୁକ୍ତ ସ୍ୱାମୀ ଲିପନଙ୍କ ବାପା ଲିଙ୍ଗରାଜ ସାହୁ ଓ ମା' କୁନ୍ତଳା ସାହୁଙ୍କୁ ନିର୍ଦ୍ଦୋଷରେ ଅଦାଲତ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ରେ ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଓରଫ (ନିକିତା)ଙ୍କୁ ଲିପନ ସାହୁ ବିବାହ କରିଥିଲେ। କଟକ ମହାନଦୀବିହାରସ୍ଥିତ ସେଲିବ୍ରେଶନ ମଣ୍ଡପରେ ହିନ୍ଦୁ ରୀତିନୀତି ଅନୁଯାୟୀ ନିକିତାଙ୍କୁ ଲିପନ ବିବାହ କରିଥିଲେ।



ନିକିତା ଓ ସ୍ୱାମୀ ଲିପନ ସାହୁ

ସ୍ୱାମୀ ଲିପନ ବିବାହର କିଛି ଦିନ ପରେ ନିକିତାଙ୍କ ଉପରେ ଉଭୟ ଶାରୀରିକ ଓ ମାନସିକ ଅତ୍ୟାଚାର ଆରମ୍ଭ କରିଥିଲେ। ନିକିତାଙ୍କ ପିତ୍ରାଳୟରୁ ମିଳିଥିବା ପାରିଶ୍ରମିକ ଯେତିକି ରହିଥିଲା ତାହାଠୁ ଅଧିକ ଦେବାକୁ ଦାବି କରି ଶାଶୁଘର ଲୋକେ ତାଙ୍କୁ ଅତ୍ୟାଚାର କରୁଥିଲେ। ନିକିତା ଗର୍ଭବତୀ ହୋଇଥିବା ସମୟରେ ଶାନ୍ତି ପାଇବା ପାଇଁ ଭୁବନେଶ୍ୱରରେ ଏକ ଭଡ଼ାଘରେ ରହୁଥିଲେ। ୩ ମାସ ପରେ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଭଡ଼ା ଘର ଛାଡ଼ି ସେ ନିଜ ଘରକୁ ଫେରିଆସିଥିଲେ। କିନ୍ତୁ ତାଙ୍କ ଉପରେ ପୂର୍ବପରି ଅତ୍ୟାଚାର କମି ନ ଥିଲା ବରଂ ଅଧିକ ବଢ଼ିଥିଲା।

ନିକିତା ୨୦୧୯ରେ ଏକ ଶିଶୁପୁତ୍ର ଜନ୍ମ ଦେବା ପରେ ସ୍ୱାମୀଙ୍କ ସହ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ହଠାତ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ୨୦୧୯ ଜାନୁଆରୀ ୪ ତାରିଖ ସନ୍ଧ୍ୟାରେ ଉଭୟ ସ୍ୱାମୀସ୍ତ୍ରୀ ଛାତ ଉପରକୁ ଯାଇଥିଲେ। ଛାତ ଉପରୁ ନିକିତା ହଠାତ ତଳକୁ ଖସି ପଡ଼ି ଆହତ ହୋଇଥିଲେ। ନିକିତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପୁଣି ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୨୦୧୯ ଜାନୁଆରୀ ୫ରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ନିକିତାଙ୍କ ବାପଘର ଲୋକେ ସ୍ୱାମୀ ଓ ଶ୍ୱଶୁର ଘର ଲୋକମାନେ ଧକ୍କା ଦେଇ ହତ୍ୟା କରିଥିବା ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ।

# ଅର୍ଥ ହେରଫେର, ଜମି ଜାଲିଆତି: ୫ ସ୍ଥାନରେ ଇଡ଼ି ଚଢ଼ାଉ

ଭୁବନେଶ୍ୱର,୨୬।୨(ତ୍ରିନାଥ ମହାନ୍ତି)

ଅର୍ଥ ହେରଫେର ଏବଂ ଜମି ଜାଲିଆତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ( ଇଡ଼ି) ଗୁରୁବାର ଭୁବନେଶ୍ୱରର ୫ଟି ସ୍ଥାନରେ ଚଢ଼ାଉ କରିଛି। ଭାରତୀୟ ବିଜ୍ଞାନ ବିକାଶ ଚାରିଟେବୁଲ ଟ୍ରଷ୍ଟର ଶହୀଦନଗରସ୍ଥିତ କାର୍ଯ୍ୟାଳୟ ଉପରେ କୋଲକାତା ଇଡ଼ି ପକ୍ଷରୁ ରେଡ୍ କରାଯାଇଛି। ଭୁବନେଶ୍ୱରରେ ମୁମ୍ବାଇ ଲିଙ୍କ୍ ନେଇ ଖୋଳତାଡ଼ କରାଯାଉଛି। ବ୍ରହ୍ମପୁରରେ ସାହାରା ଇଣ୍ଡିଆ ଜମି ଜାଲିଆତି କରି ଜମି କିଣିଥିବା ନେଇ ଅଭିଯୋଗ ହେବା ପରେ ଇଡ଼ି ପକ୍ଷରୁ ଏହି ଚଢ଼ାଉ ଆରମ୍ଭ ହୋଇଛି। ତେବେ ଭାରତୀୟ ବିଜ୍ଞାନ ବିକାଶ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟାଳୟ ସମେତ ହାଇଟେକ ମେଡିକାଲ କଲେଜ ଉପରେ ମଧ୍ୟ ରେଡ୍ କରାଯାଉଛି। ଚଢ଼ାଉ ସମୟରେ ଇଡି ଅଧିକାରୀମାନେ ବିଭିନ୍ନ କାର୍ଯ୍ୟାଳୟରୁ ଦସ୍ତାବିଜ୍ ଜବତ କରି ଛାନ୍‌ଭିନ୍ କରୁଛି। ଏଥିସହ ସଂସ୍ଥାର କର୍ମଚାରୀଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ତେବେ ଏହି ଚଢ଼ାଉ ସମ୍ପର୍କରେ ଭାରତୀୟ ବିଜ୍ଞାନ ବିକାଶ ଚାରିଟେବୁଲ ଟ୍ରଷ୍ଟ ଓ ହାଇଟେକ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆକ୍ସନ ମୋଡ୍‌ରେ ପୋଲିସ, ୭୨ ଗିରଫ

## ପିଲାଚୋର ଭାବି ନିର୍ବାଚନ ଅଧିକାରୀଙ୍କୁ ଆକ୍ରମଣ ଘଟଣା

ଜଳେଶ୍ୱର, ୨୬।୨ (ନବୀନ ସାହୁ)

ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଞ୍ଚଳରେ ନିର୍ବାଚନ ଅଧିକାରୀ ଓ ପୋଲିସ ଉପରକୁ ହୋଇଥିବା ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏହି ମାମଲାରେ ପୋଲିସ ବୁଧବାର ବିଳମ୍ବିତ ରାତିରେ ଜଳେଶ୍ୱର ଏବଂ ରାଇବଣିଆ ପୋଲିସ ମିଳିତ ଚଢ଼ାଉ କରି ୭୨ ଜଣ ମହିଳା ଓ ପୁରୁଷଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ଅଞ୍ଚଳର ୨ଜଣ ନିର୍ବାଚନ ଅଧିକାରୀ ରାଇବଣିଆ ଥାନା ଓଲମରା ପଞ୍ଚାୟତର ରାଜନଗର ପାଟଣାରେ ଥିବା ସୁବର୍ଣ୍ଣରେଖା ନଦୀକୁ ବୁଲିବା ପାଇଁ ଆସିଥିଲେ। ତେବେ ଗାଧୋଇ ସାରି ଫେରୁଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ପିଲାଚୋର ସନ୍ଦେହ କରି ଅତର୍କିତ ଆକ୍ରମଣ କରିଥିଲେ। ରାଇବଣିଆ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲା। ମାତ୍ର ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ କେବଳ ନିର୍ବାଚନ ଅଧିକାରୀଙ୍କୁ ନୁହେଁ, ବରଂ ଉପସ୍ଥିତ ପୋଲିସ କର୍ମଚାରୀ ଏବଂ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ହିଂସାକାଣ୍ଡକୁ ଗମ୍ଭୀରତାର ସହ ନେଇ ଜଳେଶ୍ୱର ଓ ରାଇବଣିଆ ପୋଲିସ ମିଳିତ ଭାବେ ବୁଧବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଗ୍ରାମରେ ଚଢ଼ାଉ କରିଥିଲା। ୭୨ ଜଣ ଉଭୟ ମହିଳା ଓ ପୁରୁଷଙ୍କୁ ଉଠାଇ ଆଣି ଜଳେଶ୍ୱର ଥାନାରେ ପଚରାଉଚୁରା ପରେ ଗିରଫ କରାଯାଇଛି। ଗାଁ ପୁରୁଷଶୂନ୍ୟ ହୋଇଛି। ରାଇବଣିଆ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଏବଂ ଆକ୍ରମଣର ଶିକାର ହୋଇଥିବା ୨ ନିର୍ବାଚନ ଅଧିକାରୀ ସୁମିତ ହାଜରା ଏବଂ ସୋମ ହାଁସଦାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୩୨/୨୬) ଏବଂ (ନଂ. ୩୩/୨୬)ରୁଜୁ କରିଛି। ଜଳେଶ୍ୱର ଥାନାରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ଜଗି ରହିଛନ୍ତି। ଜଳେଶ୍ୱର ଏବଂ ରାଇବଣିଆ ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

# କନ୍ୟାଘରେ ବରଙ୍କୁ ଆକ୍ରମଣ, ୪ ଗିରଫ

## ମାରଣାସ୍ତ୍ର, ଗାଡ଼ି ଜବତ

ସମ୍ବଲପୁର/ରେଢ଼ାଖୋଲ, ୨୬।୨ (ପ୍ରମୋଦ ବହିଦାର/ ସନ୍ତୋଷ ବଘାର)

ସମ୍ବଲପୁର ଜିଲା ଚାରମାଳ ଥାନା ବଡ଼ବେର୍ଣ୍ଣା ଗ୍ରାମରେ ବୁଧବାର ଏକ ବିବାହ କାର୍ଯ୍ୟକ୍ରମରେ ବର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଚାରମାଳ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାରମାଳ ଥାନା ବଡ଼ମାଳ ମଝିପଡ଼ାର ମୁଖ୍ୟ ଅଭିଯୁକ୍ତ ଆଲୋକ କୁମାର ସାହୁ (୩୬), ଲିପୁନ ଥାପା (୧୯), ପ୍ରତାପ ଦେହୁରୀ (୨୭) ଏବଂ ଟିକିରାପଡ଼ାର ବାବୁଲାଲ ବାଗ(୨୮)। ସେମାନଙ୍କ ନିକଟରୁ ଗୋଟିଏ ବୋଲେରୋ, ଏକ ଖଣ୍ଡା, ଲୁହା ପାଇପ୍, ଦୁଇଟି ମୋବାଇଲ୍ ଫୋନ୍ ଏବଂ ନଗଦ ୧୨,୯୭୦ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ଚାରମାଲ ଥାନାରେ ଏକ ମାମଲା(ନଂ.୩୫/୨୬) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ସୁବର୍ଣ୍ଣପୁର ଜିଲା କଳାପଥର ଗ୍ରାମର ବିଶ୍ୱାମିତ୍ର ପ୍ରଧାନଙ୍କ ପୁଅ ରୋହିତଙ୍କ ବିବାହ ବଡ଼ବେର୍ଣ୍ଣା ଗ୍ରାମରେ ହେଉଥିଲା। ବୁଧବାର ଅପରାହ୍ନରେ କନ୍ୟାଘରେ ବର ପହଞ୍ଚିବା କ୍ଷଣି ଆଲୋକ ଓ ତାଙ୍କ ସହଯୋଗୀମାନେ ଏକ ବୋଲେରୋରେ ଆସି ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ଖଣ୍ଡା ଓ ଲୁହା ପାଇପ୍‌ରେ ବରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହି ସମୟରେ ସେଠାରେ ଥିବା ଲୋକେ ଅଟକାଇବାରୁ ବର ରୋହିତ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିଲେ। ଖବର ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।


**ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୩୧୮/୨୦୨୪

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାରିପଦା ଶାଖା .....ଆବେଦନକାରୀ
ବନାମ
ଶ୍ରୀ ମୁଚିରାମ କିସ୍କୁ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
ଶ୍ରୀ ମୁଚିରାମ କିସ୍କୁ, ପିତା: ରାଇସେନ କିସ୍କୁ, ସା: ଗୁଣ୍ଡୁରିଆ, ପୋ: ଅଁଳାଯୋଡି, ଥାନା: ବହଳଦା, ଭାୟା: ଗୋରୁମହିଷାଣି, ରାଇରଙ୍ଗପୁର, ମୟୂରଭଞ୍ଜ, ଓଡ଼ିଶା-୭୫୭୦୪୨
ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
**ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୩୧୮/୨୦୨୪ ଦ୍ୱାରା ଟ.୨୧,୪୪,୯୦୭.୫୯ ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଅଛନ୍ତି। ତେଣୁ ଏତଦ୍ଦ୍ୱାରା ଉପରିଲିଖିତ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍‌ର ଖବରକାଗଜ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୨୦.୦୫.୨୦୨୬ରିଖ ପୂର୍ବାହ୍ନ ୧୦:୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ଆପଣ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୧୯ ଫେବୃୟାରୀ, ୨୦୨୬ରେ ଆଦିଷ୍ଟ।
ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**OFFICE OF THE EXECUTIVE ENGINEER, PWD (B/R) DIVISION NO.1, SAGAR**
Phone No.: 07582-222296, E-mail: eepwdsagar@mp.nic.in
NIT No. 33/TC/2025-26 SAGAR Date: 20.02.2026
Online bids for the following works are invited from registered contractors and firms of repute fulfilling registration criteria:

| Sl. No. | Tender Portal No. | Name of Work | District | Probable Amount Contract (Rs. in) | Earnest Money Deposit (EMD) (in Rs.) | Cost of Bid Document (in Rs.) | Period of Completion (in months i/c Rainy Season) | Remark |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | 2026_PWDRB_483804_1 | Construction of road from Tikriya Tigdda to Dhultara Fourlane Road length - 2.00 Km. PAC 211.01 Lakh (4th Call) | Sagar | 21101000 | 211010 | 15000 | 06 Months i/c Rainy Season | 4th Call |
| | | | | 21101000 | | | | |

1. All details relating to the Bid document(s) can be viewed and downloaded free of cost from the website **http://mptenders.gov.in**.
2. Bid document(s) can be purchased after making online payment of portal fees through Credit/Debit/Cash Card/Internet Banking.
3. The Bid document(s) can be purchased only online from 20.02.2026 (time) 10.30 A.M. to 04.03.2026 time 17.30 P.M. Other key dates may be seen in Bid Data Sheet.
4. Amendment(s) to NIT, if any, shall be published on website only, and not in Newspaper.

G-26501/25 Sd./- Executive Engineer, PWD (B/R) Division No. 1, Sagar

**Bhubaneswar Development Authority**
Akash Shova Building, Sachivalaya Marg, Bhubaneswar-751001, Odisha Ph : 0674-2396437
Notice No. : 3701/BDA Dated : 18/02/2026
BDA-PPP-PLAN-0001-2026 (OSWAS)
Request for Proposal (RFP)
**COMPOSITE COMMUNITY MARKET & HIGH-END RESIDENTIAL/COMMERCIAL FACILITIES**
over Prime land at Jharpada, Bhubaneswar on Public Private Partnership (PPP) - Call 2

**No.13001/369/2526** : The **Bhubaneswar Development Authority (BDA)** invites Private Developers for the development of a Composite Project including a 'Community Market' and Residential and/or Commercial facilities over 0.7818 Ha (1.932 Ac) of prime freehold land at Bhubaneswar on PPP mode. The site enjoys a frontage on both the 24 meters wide Jail Road and 9 meters wide Jharpada road. Additionally, the proposed 60 meters wide Jharpada Canal Road (CDP Road) will add greater proximity to the site.
Interested agencies may participate in this tender through the e-procurement portal of the Government of Odisha. The RFP documents will be available from **20.02.2026 to 23.03.2026** and can be downloaded from www.odishatenders.gov.in. The completed proposal, as per instruction in the RFP document, should be uploaded in the portal latest by **23.03.2026 up to 1600 hrs**. The Pre-Bid meeting is on **06.03.2026 at 1600 hrs.** at the Office of the BDA. Please refer to the RFP document for further details.
*BDA reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BDA reserves the right to accept or reject any or all proposals without assigning any reason whatsoever.*
Sd./- Secretary-cum-Member Estate
Bhubaneswar Development Authority
OIPR-13001/13033/1/25-26/0037

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER; KENDRAPARA**
No.CDMPHOKDPR-FW-IMMUN-0001-2026-2351/2026 (Estt.Veh)
Dated 23.02.2026
**TENDER CALL NOTICE FOR HIRING OF PRIVATE VEHICLES**
**No.10001/86/2526:** Sealed tenders are invited from registered Travel Agencies/Tour Operators/Service providers or Private Individuals for providing of 04 (Four) Nos. of BS-VI commercial light vehicles (AC vehicles) (Bolero/TUV 300/Sumo Gold/Ertiga etc. or any other similar type of vehicles) having seating capacity minimum 07 (Seven), including driver on Monthly hire basis. Details regarding eligibility criteria, terms & conditions and the formats of submission of tender (Technical & Financial Bid) are mentioned in the tender document which may be downloaded from the website: [ i.e. https://kendrapara.odisha.gov.in/] Interested Travel Agencies/ Tour Operators/ Service Providers or Private Individuals may submit their tenders in a sealed envelope super-scribing on the top of the sealed envelope as **"Tender for Hiring of Vehicles on Monthly Basis in reference to Advertisement No............/ 2026 dtd......................**
The tenders should reach the office of the undersigned by dt.16.03.2026 (till 5.30 PM). The Tenders will be opened on dt.17.03.2026 at 03.00 PM. The undersigned reserves the right to reject any or all the tenders without assigning any reason thereof.
OIPR-10001/10018/1/25-26/0002 Sd./- Chief District Medical & Public Health Officer, Kendrapara

**OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA**
Phone / Fax : 0674-2540578 (O) / e-Mail : eephiiibbsr@gmail.com
Government of Odisha "e" procurement Notice
No.13001/372/2526 Bid Identification No. - 85/2025-26

| | | |
|---|---|---|
| 1. | Name of the Work | 01 No. of work |
| 2. | Estimated cost | 23.25 lakh |
| 3. | Period of completion | One month |
| 4. | Date & Time of availability of bid document in the portal | From 11.00 A.M. of 23.02.2026 to 12.00 Noon of 05.03.2026 |
| 5. | Last date/time for receipt of bids in the portal | 01.00 P.M. of 05.03.2026 |
| 6. | Name and address of the Officer inviting Bid | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd./- Superintending Engineer P.H. Division, Bhubaneswar
OIPR-13001/13258/1/25-26/0002

**ALL INDIA COORDINATED RESEARCH PROJECT ON INTEGRATED FARMING SYSTEMS**
Odisha University of Agriculture & Technology
Bhubaneswar-751003, Odisha
Mob:9437926890, Email: aicrp.ifs@ouat.ac.in, Website:www.ouat.ac.in
Circular No.46, dated 21.02.2026
**INDICATIVE ADVERTISEMENT**
**No.1001/35/2526:** A Walk-in-Interview for the post of two Young Professional-I (YP-I) in the Pilot Project for Crop Diversification under AICRP on Integrated Farming Systems, OUAT will be held on 06.03.2026 at 10.00 AM in the Directorate of Research, OUAT, Bhubaneswar. The engagement is purely contractual and coterminous with the project with consolidated emoluments of Rs.30,000/- per month (fixed). The engagement will be upto 31st March, 2026 which may be extended upto one more year subject to satisfactory performance and approval from the funding agency. The details of the eligibility, age limit, terms of engagement and other relevant information are available in the OUAT website: www.ouat.ac.in.
OIPR-1001/1036/1/25-26/0011 Sd./- Chief Agronomist

**OFFICE OF THE DEAN & PRINCIPAL SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**
At- Bhangabari, PO- Uditnarayanpur, Bhawanipatna Dist- Kalahandi, Pin-766002
Email: bptmedicalcollege@gmail.com, Website : https://srmmch.odisha.gov.in/
Advt.No. 541 Date: 20.02.2026
**TENDER CALL NOTICE FOR MEDICAL BOOKS**
**No.10001/82/2526** : Sealed bids as per the prescribed format Agencies/Individuals for engagement / Tender Call Notice for Medical Books for by the office of SRM MCH, Bhawanipatna, Kalahandi as and when required Details Eligibility criteria, TOR, format for submission of bid etc. are available in SRM MCH, Bhawanipatna Kalahandi during office hour.
The detail terms and conditions may be down loaded from the website: https://srmmch.odisha.gov.in/ The bids (Superscripted bids for Tender Call Notice for Medical Books) through Speed Post/ Courier only on or before **13.03.2026 at 05:00 PM to the Office of the SRM Medical College & Hospital, Bhawanipatna, Kalahandi Pin code-766002**. The bids will be opened on **18.03.2026 at 11:30 AM.** The undersigned reserves the right to reject any or all the bids without assigning any reason thereof.
Sd./- Dean & Principal SRM MCH, Bhawanipatna, Kalahandi
OIPR-10001/10229/1/25-26/0020

**BRAHMAPUR MUNICIPAL COPORATION, GANJAM INVITATIONS FOR BIDS (IFB)**
Letter No.4195/ Date:21.02.2026
Invitation for Bids
COMPETITIVE BIDDING THROUGH E-PROCUREMENT
Bid Identification No.BMC (BAM)/ 2025-2026
No.13001/379/2526

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ON-LINE MODE only, as per annexure "A" | |
| 2 | Nature of Work | Works 03 |
| 3 | No. of Work | Nos.03 |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/ Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid documents in the website | From 15.05 hrs. of Dt.24.02.26 to 17.00 hrs. of 10.03.2026 |
| 8 | Date & Time of Opening of the Bids | 11.30 hrs. onwards on Dt.11.03.26 |
| 9 | Mode of Submission of tender | Tender should submitted Online in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation, Berhampur, Odisha
OIPR-13001/13035/1/25-26/0003

**GOVERNMENT OF ODISHA**
**ST & SC Development Department**
**OFFICE OF THE PROJECT ADMINISTRATOR, ITDA, NILGIRI**
e-Procurement Notice
e-Procurement Notice Bid Identification No.ITDANGR-02/2025-26
Notice No.95/ITDA, Date:23.02.2026
**No.26001/4/2526:** The Project Administrator, ITDA, Nilgiri on behalf of Governor of Odisha invites Percentage Rate bids in online mode for construction of the work detailed below:
1.Nature of the Work: Const. of 1st floor of Auditorium Building of SCSTRTI, Bhubaneswar & 2nd & 3rd Floor of PVTG building of SCSTRTI, Bhubaneswar., etc.
2. Total No. of Work: 2 (Two) Nos. (Approximately)
3. Estimated Cost: Rs.1,49,61,400/- to Rs.2,99,96,400/- (Approximately)
4. Class of Contractor: "B" Class & "B" & "A" Class.
5. Period of Completion: Eleven Calendar Months
6. Availability of Bids: 10.00 AM of 02.03.2026 to 5.00 PM of 16.03.2026
7. Date of Opening & Scrutiny to Technical Bid: 11.00 AM of 17.03.2026
The bidders have to participate in ONLINE bidding only. The details will be available in the website www.tendersorissa.gov.in from 10.00 AM of 02.03.2026 to 5.00 PM of 16.03.2026.
Sd./- Project Administrator ITDA, Nilgiri
OIPR-26001/26055/1/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER PUBLIC HEALTH DIVISION, BALANGIR**
13001/376/2526
Email ID- eephbgr@yahoo.co.in, Ph.No.-(06652-234647)
NOTICE INVITING TENDERS
NATIONAL COMPETITIVE BIDDING THROUGH e-PROCUREMENT
Bid Identification No. ACEPHBGR 19/2025-26, Dt.18.02.2026

| | | |
|---|---|---|
| 01. | Name of the Work | 06 No. |
| 02. | Estimated Cost | Approx Rs.11.28 Lakhs to 688.91 Lakhs |
| 03. | Period of Completion | 1 Month to 12 Months |
| 04. | Date & Time of availability of bid document in the portal | From 11.00 AM of dt.26.02.2026 to 5.00 PM of dt.12.03.2026 |
| 05. | Last date/time of receipt of bids in the Portal | 5 PM of dt.12.03.2026 |
| 06. | Date & Time of opening of bids | At 11.00 AM of dt.13.03.2026 |
| 07. | Name and Address of the Officer Inviting Bid | The Superintending Engineer Office of the Superintending Engineer, Public Health Division Balangir, At-Tulasinagar, Po/Dist-Balangir, Pin-767001, Odisha Phone:06652-234647 E-mail:eephbgr@yahoo.co.in |

Further details can be seen from the website **https://tenders.ori.nic.in or www.tendersodisha.gov.in**
Sd./- Addl. Chief Engineer, P.H. Division, Balangir
OIPR-13001/13005/1/25-26/0002

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE: C/2, NAYAPALLI, BHUBANESWAR- 751012
CIN: U51211OR1980SGC000894
Tel.No.:0674-239539, Fax No.0674-2395291, website:www.oscsc.in
Tender No.3737/P-II/25/2025/PDS Dt.25.02.26
No.7001/14/2526:Managing Director, Odisha State Civil Supplies Corporation Ltd, invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of Transport Contractor for inter-district transportation of Custom Milled Rice (CMR) from source districts Puri to receipient districts Cuttack in the State of Odisha. |
| 2 | Availability of bid document in the portal | From 27.02.2026 |
| 3 | Last Date/Time for receipt of bids in the portal | Dt.10.03.2026 upto 5.00 PM |
| 4 | Date/Time of Opening of Technical Bid | Dt.11.03.2026 at 11.00 AM |
| 5 | Name and address of the Officer Inviting Tender | Managing Director, OSCSC Ltd, C/2, Nayapalli, Bhubaneswar. |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments/Corrigendum/Cancellation/ retenders etc. if any shall be published only in above websites.
By Order of Managing Director
Sd./- General Manager (Distribution)
OIPR-7001/7002/1/25-26/0006

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାରାଦୀପରେ ହେବ ୭୯୭ କୋଟିର ଗ୍ରୀନ୍ ହାଇଡ୍ରୋଜେନ୍ ଜେଟି ପ୍ରକଳ୍ପ

■କେନ୍ଦ୍ରର ଅନୁମୋଦନ
■୨୪ ମାସରେ ସରିବ କାର୍ଯ୍ୟ

ଭୁବନେଶ୍ୱର/ପାରାଦୀପ, ୨୬।୨ (ଅନୁରାଧା ମହାରଣା/ଶରତ ରାଉତ)

ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ, ଆମୋନିଆ ଓ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଏକ ଜେଟି ଓ ଆନୁଷଙ୍ଗିକ ସୁବିଧା ବିକାଶ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ପ୍ରକଳ୍ପର ଆନୁମାନିକ ମୂଲ୍ୟ ୭୯୭.୧୭ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପକୁ ପାରାଦୀପ ବନ୍ଦର ପ୍ରାଧିକରଣ ବିଲ୍ଡ-ଅପରେଟ-ଟ୍ରାନ୍ସଫର୍ (ବିଓଟି) ଆଧାରରେ କାର୍ଯ୍ୟକାରୀ କରିବ। ଏହି ସୁବିଧାର ବାର୍ଷିକ ହ୍ୟାଣ୍ଡଲିଂ ସାମର୍ଥ୍ୟ



୪.୦ ମିଲିୟନ ଟନ (୪ ଏମ୍‌ଟିପିଏ) ହେବ। ଏହା ପାରାଦୀପ ବନ୍ଦରକୁ ଗ୍ରୀନ୍ ଏନର୍ଜି କାର୍ଗୋର ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପନ କରିବ। ପ୍ରକଳ୍ପରେ ନିବେଦିତ ଜେଟି, ଷ୍ଟୋରେଜ ସିଷ୍ଟମ, ପାଇପଲାଇନ, ହ୍ୟାଣ୍ଡଲିଂ ଇକ୍ୱିପମେଣ୍ଟ ଓ ଅନ୍ୟାନ୍ୟ ସମ୍ପୂର୍ଣ୍ଣ ସୁବିଧା ଅନ୍ତର୍ଭୁକ୍ତ ହେବ। କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଆମ ବନ୍ଦରଗୁଡ଼ିକ ଗ୍ରୀନ୍ ଗ୍ରୋଥ୍, ନବପ୍ରବର୍ତ୍ତନ ଓ ଦୃଢ଼ତର ଲଜିଷ୍ଟିକ୍ସର ଦ୍ୱାର ଭାବେ ପରିଣତ ହେଉଛି। ପ୍ରକଳ୍ପ ନିର୍ମାଣ ପର୍ଯ୍ୟାୟରେ ପାରାଦୀପ ବନ୍ଦର ପ୍ରାଧିକରଣ ୨୦% ଅର୍ଥାତ୍ ୧୫୯.୪୩ କୋଟି ଟଙ୍କା ପୁଞ୍ଜି ସହାୟତା ପ୍ରଦାନ କରିବ। ଏହି ପ୍ରକଳ୍ପ ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି। ମନ୍ତ୍ରୀ ସୋନୱାଲ ଆହୁରି କହିଛନ୍ତି , ଏହି ଗ୍ରୀନ୍ ହାଇଡ୍ରୋଜେନ୍ ଜେଟି ରପ୍ତାନି ଲଜିଷ୍ଟିକ୍ସକୁ ସୁଦୃଢ଼ କରିବ ଏବଂ ଓଡ଼ିଶାରେ ଗ୍ରୀନ୍ ହାଇଡ୍ରୋଜେନ ଉତ୍ପାଦନ କ୍ଲଷ୍ଟରଗୁଡ଼ିକୁ ବିଶ୍ୱ ବଜାର ସହ ସଂଯୋଜନ କରିବ। ଏହି ପ୍ରକଳ୍ପ କେବଳ କାର୍ଗୋ ସାମର୍ଥ୍ୟ ବୃଦ୍ଧି କରିବ ନାହିଁ, ବରଂ ନିବେଶ ଆକର୍ଷଣ, ନିଯୁକ୍ତି ସୃଷ୍ଟି ଓ ପୂର୍ବ ଭାରତରେ ଏକ ଦୃଢ଼ ଗ୍ରୀନ୍ ଏନର୍ଜି ଇକୋସିଷ୍ଟମ ଗଠନରେ ସହାୟକ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗ୍ରୀନ୍ ହାଇଡ୍ରୋଜେନ କ୍ଷେତ୍ରର ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସୁବିଧାରେ ଅନ୍ୟାନ୍ୟ ତରଳ କାର୍ଗୋ ହ୍ୟାଣ୍ଡଲିଂର ବ୍ୟବସ୍ଥା ରହିବ, ଯାହା ବନ୍ଦରର କାର୍ଗୋ ବିବିଧତାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

## ୯୦ ଉପଭୋକ୍ତାଙ୍କୁ ପୁରସ୍କୃତ କଲା ଟିପିସିଓଡିଏଲ୍

ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରରେ 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭୁବନେଶ୍ୱର ସର୍କଲ-୧ ର ୯୦ ଜଣ ଉପଭୋକ୍ତାଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରର ବିସିଡିଡି ୧ , ବିସିଡିଡି ୨ ଏବଂ ବିଇଡି ଡିଭିଜନରୁ ଚୟନ ହୋଇଥିବା ଏହି ବିଜେତାମାନଙ୍କୁ ଏକ ଲକି ଡ୍ର' ମାଧ୍ୟମରେ ବଛାଯାଇଥିଲା। ପୁରସ୍କାର ସ୍ୱରୂପ ସେମାନଙ୍କୁ ମୋବାଇଲ ଫୋନ୍ ସମେତ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଛି। ଉପଭୋକ୍ତାମାନଙ୍କୁ ଡିଜିଟାଲ୍ ମାଧ୍ୟମରେ ଠିକ୍ ସମୟରେ ନିୟମିତ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଉତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ମାଧ୍ୟମରେ ଆମେ ଉପଭୋକ୍ତାମାନଙ୍କ ସହ ସମ୍ପର୍କ ସୁଦୃଢ଼ କରିବା ସହିତ ସେମାନଙ୍କୁ ଠିକ୍ ସମୟରେ ଡିଜିଟାଲ ପେମେଣ୍ଟ କରିବା ପାଇଁ ଉତ୍ସାହିତ କରୁଛୁ।

# ଏପ୍ରିଲରୁ ଇ୨୦ ପେଟ୍ରୋଲ ବିକ୍ରି ଅନିବାର୍ଯ୍ୟ

ଭୁବନେଶ୍ୱର,୨୫।୨(ଅନୁରାଧା ମହାରଣା)

ଏପ୍ରିଲ ପହିଲାରୁ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କେବଳ ଇ୨୦ ପେଟ୍ରୋଲ (୨୦% ଇଥାନଲ ମିଶ୍ରିତ) ବିକ୍ରିହେବ। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଅଧିସୂଚନା ଅନୁଯାୟୀ ତେଲ ବିପଣନ କମ୍ପାନୀଗୁଡ଼ିକ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ୍ସ (ବ୍ରାଇଏସ୍) ମାନକ ଅନୁସାରେ ସର୍ବାଧିକ ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି କରିବେ ଏବଂ ଏହାର ନ୍ୟୁନତମ ରିସର୍ଚ୍ଚ ଅକ୍ଟେନ ନମ୍ବର (ଆର୍‌ଓଏନ୍) ୯୫ ରହିବ। ଏହି ନିୟମ କେବଳ ଇଥାନଲ ମିଶ୍ରଣ ନୁହେଁ, ବରଂ ପ୍ରଥମ ଥର ପାଇଁ ପେଟ୍ରୋଲର ଗୁଣବତ୍ତା ପାଇଁ ଏହି କଡ଼ା ମାନକ ନିର୍ଦ୍ଧାରଣ କରାଯାଇଛି। ଆର୍‌ଓଏନ୍ ୯୫ ଇନ୍ଧନର ନକିଂ ପ୍ରତିରୋଧ କ୍ଷମତାକୁ ମାପେ, ଯାହା ଇଞ୍ଜିନ ଭିତରେ ଅସମାନ ଦହନ କମ୍‌କରି ଇଞ୍ଜିନ କ୍ଷମତା ହ୍ରାସ ଓ ଦୀର୍ଘକାଳୀନ କ୍ଷମତାକୁ ପ୍ରତିରୋଧ କରିଥାଏ। ଏହି ଉଚ୍ଚ ଅକ୍ଟେନ ମାନକ ଆଧୁନିକ ଓ ଉଚ୍ଚ-ପରଫର୍ମାନ୍ସ ଇଞ୍ଜିନ ପାଇଁ ଅଧିକ ସୁରକ୍ଷିତ ଓ ଉତ୍ତମ ପ୍ରଦର୍ଶନ ପ୍ରଦାନ କରିବ। ଇଥାନଲ ଏକ ନବୀକରଣୀୟ ଇନ୍ଧନ ଯାହା ଆଖୁ, ମକା ଆଦିରୁ ଉତ୍ପାଦନ ହୁଏ ଏବଂ ଦେଶୀୟ ଉତ୍ପାଦନ ହେତୁ କଞ୍ଚାତେଲ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହା ଶୁଦ୍ଧ ପେଟ୍ରୋଲ ଅପେକ୍ଷା ଅଧିକ ସ୍ୱଚ୍ଛ ଜଳେ, ଯାନବାହନରୁ କାର୍ବନ ନିର୍ଗମନ କମାଇବ ଏବଂ ଆଖୁ ଓ ମକା ଚାଷୀଙ୍କୁ ଅଧିକ ଆୟ ପ୍ରଦାନ କରିବ। ୨୦୨୩-୨୫ ପରେ ନିର୍ମିତ ଅଧିକାଂଶ ଆଧୁନିକ ଯାନ ଇ୨୦ ପାଇଁ ପ୍ରସ୍ତୁତ ହୋଇଥିବାରୁ ସେମାନଙ୍କରେ କୌଣସି ସମସ୍ୟା ହେବ ନାହିଁ। ତେବେ ୨୦୨୩ରୁ ପୂର୍ବର କିଛି ପୁରୁଣା ଯାନର ରବର ଓ ପ୍ଲାଷ୍ଟିକ ଭାଗରେ ସାମାନ୍ୟ ପ୍ରଭାବ ପଡ଼ିପାରେ, ତଥାପି ୨୦% ମିଶ୍ରଣ ଅଧିକାଂଶ ଇଞ୍ଜିନ ପାଇଁ ସୁରକ୍ଷିତ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଭାରତ ତେଲର ୮୫%ରୁ ଅଧିକ ଆମଦାନୀ କରୁଥିବାରୁ ଇ୨୦ ମିଶନ ସଫଳ ହେଲେ ବିଦେଶୀ ମୁଦ୍ରା ବହୁଳ ସଞ୍ଚୟ ହେବ ଏବଂ ଇଥାନଲ ଡିଷ୍ଟିଲେରି ଓ ଏଗ୍ରୋ-ପ୍ରକ୍ରିୟାକରଣ ୟୁନିଟ୍ରେ ଲକ୍ଷାଧିକ ନିଯୁକ୍ତି ସୃଷ୍ଟି ହେବ। ବିଶେଷ ପରିସ୍ଥିତିରେ ସରକାର କିଛି ଅଞ୍ଚଳ ଓ ସମୟ ପାଇଁ ନିୟମ କୋହଳ କରିପାରନ୍ତି।

## ମନେ ପଡ଼ନ୍ତି

॥ ଓଁ ଗଙ୍ଗା ॥




ଂ ରଜତ ଚନ୍ଦ୍ର ଗଜେନ୍ଦ୍ର ଦେଓ
ପାଲୁରଗଡ଼, ଗଞ୍ଜାମ
ଆବିର୍ଭାବ : ୨୬/୦୯/୧୯୬୭
ତିରୋଧାନ : ୧୬/୦୨/୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ବନ୍ଧୁବାନ୍ଧବ ।
ଧ-୩୪୯୨

# ୧୦ ସହରରେ ଅରୁନ୍ଧତୀ ଫାଉଣ୍ଡେଶନର ରକ୍ତଦାନ ଶିବିର

## ରାମମନ୍ଦିରରେ ପାନୀୟଜଳ ପ୍ରକଳ୍ପ

ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ବୁଧବାର ରାଜ୍ୟର ୧୦ଟି ପ୍ରମୁଖ ସହର ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଭବାନୀପାଟଣା ଏବଂ ଅନୁଗୋଳରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଗତବର୍ଷ ଅରୁନ୍ଧତୀ ଦ୍ୱାରା ଆୟୋଜିତ ଶିବିରରେ ୧୦୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ଚଳିତ ବର୍ଷ ୧୫୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।




ଏହାସହ ଭୁବନେଶ୍ୱରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ଏକ ଶୁଦ୍ଧ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମନ୍ଦିରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଏବଂ ଜନପଥରେ ଯାତାୟାତ କରୁଥିବା ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟରେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଅତିଥି ଭାବେ ଯୋଗଦେଇ ଲୋକାର୍ପିତ କରିଥିଲେ। ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ରକ୍ତଦାନ ହେଉ କିମ୍ବା ପାନୀୟଜଳ ପ୍ରକଳ୍ପ ସବୁଥିରେ ଅରୁନ୍ଧତୀ ଫାଉଣ୍ଡେଶନ ସବୁବେଳେ ସମାଜ କଲ୍ୟାଣର ବିଭିନ୍ନ ଦିଗରେ ସକ୍ରିୟ ଯୋଗଦାନ ଦେଇଆସିଛି।

# ୮୭୧ କୋଟିର ପ୍ରକଳ୍ପକୁ ଭାରତୀୟ ରେଳପଥର ମଞ୍ଜୁରୀ

ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ଉତ୍ତର, ଦକ୍ଷିଣ ଓ ପୂର୍ବ ରେଳ ଜୋନ୍‌ରେ ୮୭୧ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ରଣନୈତିକ ପ୍ରକଳ୍ପକୁ ଭାରତୀୟ ରେଳପଥ ମଞ୍ଜୁର କରିଛି। ଏହି ପ୍ରକଳ୍ପଗୁଡ଼ିକ କୋଚିଂ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ଆଧୁନିକୀକରଣ, ଭିଡ଼ ହ୍ରାସ, ପରିଚାଳନାଗତ ବାଧକ ଦୂରୀକରଣ ଏବଂ ଯାତ୍ରୀ ତଥା ମାଲବାହୀ ପରିବହନ ସାମର୍ଥ୍ୟକୁ ବହୁଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ରାଜସ୍ଥାନରେ ଆଧୁନିକ ରୋଲିଂ ଷ୍ଟକ୍ ଯଥା ଏଲ୍‌ଏଚ୍‌ବି ଓ ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ ପାଇଁ ରକ୍ଷଣାବେକ୍ଷଣ ସୁବିଧା ବୃଦ୍ଧିକରିବା ନିମନ୍ତେ ଦୁଇଟି ପ୍ରକଳ୍ପ ମଞ୍ଜୁର ହୋଇଛି। ଶ୍ରୀଗଙ୍ଗାନଗର ଷ୍ଟେଶନରେ ଫେଜ୍-୧ ଅଧୀନରେ କୋଚ ରକ୍ଷଣାବେକ୍ଷଣ ସୁବିଧା ବିକାଶ ପାଇଁ ୧୭୪.୨୬ କୋଟିର ପ୍ରକଳ୍ପ ଅନୁମୋଦିତ ହୋଇଛି। ସେହିପରି ଲାଲଗଡ଼ରେ ଫେଜ୍-୨ ଅଧୀନରେ କୋଚିଂ ରକ୍ଷଣାବେକ୍ଷଣ ସୁବିଧା ବୃଦ୍ଧି ପାଇଁ ୧୩୯.୬୮ କୋଟିର ପ୍ରକଳ୍ପ ମଞ୍ଜୁର ହୋଇଛି, ଯାହା ବନ୍ଦେ ଭାରତ ଓ ଏଲ୍‌ଏଚ୍‌ବି ସେବାର ବୃଦ୍ଧିକୁ ସମର୍ଥନ କରିବ। କେରଳରେ ଯାତ୍ରୀ ଓ ମାଲବାହୀ ପରିବହନ ବୃଦ୍ଧିକରିବା ପାଇଁ ଦକ୍ଷିଣ ରେଳର ଏର୍ନାକୁଲମ ଆଲାପ୍ପୁଝା କାୟଙ୍କୁଲମ କରିଡରରେ ୨୧.୧୦ କିଲୋମିଟର ତୁରାଭୁରମାରାରିକୁଲମ ଖଣ୍ଡର ଡବଲିଂ ପ୍ରକଳ୍ପକୁ ୪୫୦.୫୯ କୋଟିର ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଶେଷ ହେଲେ ପ୍ରତିଦିନ ପ୍ରତ୍ୟେକ ଦିଗରେ ୯ଟି ଅତିରିକ୍ତ ଯାତ୍ରୀ ଟ୍ରେନ୍ ଚଳାଚଳ ସମ୍ଭବ ହେବ ଏବଂ ବାର୍ଷିକ ପ୍ରାୟ ୨.୮୮ ମିଲିୟନ ଟନ ଅଧିକ ମାଲବାହୀ ପରିବହନ ହେବ। ପଶ୍ଚିମବଙ୍ଗରେ ଆସାନସୋଲ ଅଞ୍ଚଳରେ ପରିଚାଳନାଗତ ଅସୁବିଧା ଦୂରକରିବା ପାଇଁ ପୂର୍ବ ରେଳରେ ୪.୭୫ କିଲୋମିଟର କାଳିପାହାଡ଼ି ବାଇପାସ୍ ଲାଇନ ନିର୍ମାଣ ପାଇଁ ୧୦୭.୧୦ କୋଟି ମଞ୍ଜୁର ହୋଇଛି। ଏହାଦ୍ୱାରା ଦକ୍ଷିଣ ପୂର୍ବ ଓ ପୂର୍ବ ରେଳ ମଧ୍ୟରେ ଟ୍ରେନ୍‌ଗୁଡ଼ିକୁ ଆସାନସୋଲ ୟାର୍ଡରେ ଇଞ୍ଜିନ ରିଭର୍ସାଲ କରିବାର ଆବଶ୍ୟକତା ଦୂର ହେବ। ଫଳରେ ପ୍ରତିଦିନ ପ୍ରାୟ ୯ଟି ମାଲବାହୀ ଟ୍ରେନ୍ ପାଇଁ ୯୦ ମିନିଟ୍ ଓ ୮ଟି ଯାତ୍ରୀବାହୀ ଟ୍ରେନ୍ ପାଇଁ ୩୦ ମିନିଟ୍ ସମୟ ବଞ୍ଚିବ ।

# ରେଲ୍‌ଟେକ୍ ପୋର୍ଟାଲ ଓ ଇ-ଆର୍‌ସିଟିର ଶୁଭାରମ୍ଭ

ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ଭାରତୀୟ ରେଳପଥର ୫୨ ସପ୍ତାହରେ ୫୨ ସଂସ୍କାର କାର୍ଯ୍ୟକ୍ରମ ଅଧୀନରେ ତୃତୀୟ ଓ ଚତୁର୍ଥ ସଂସ୍କାର ଭାବେ ରେଲ୍‌ଟେକ୍ ନୀତି ଏବଂ ରେଳପଥ ଦାବି ଟ୍ରିବ୍ୟୁନାଲ (ଆର୍‌ସିଟି)ର ସମ୍ପୂର୍ଣ୍ଣ ଡିଜିଟାଇଜେଶନ ଘୋଷଣା କରାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଲ୍‌ଟେକ୍ ନୀତି ଅଧୀନରେ ଏକ ରେଲ୍‌ଟେକ୍ ପୋର୍ଟାଲ ଉଦ୍‌ଘାଟନ କରିଛନ୍ତି। ଏହି ପୋର୍ଟାଲ ଷ୍ଟାର୍ଟଅପ୍, ଉଦ୍ଭାବକ, ଶିଳ୍ପ ଓ ଅନୁଷ୍ଠାନଗୁଡ଼ିକୁ ରେଳପଥରେ ନବପ୍ରବର୍ତ୍ତନ ପାଇଁ ସଂଯୋଜିତ କରିବ। ଏହି ପୋର୍ଟାଲ ମାଧ୍ୟମରେ ଯେକୌଣସି ବ୍ୟକ୍ତି ଡିଜିଟାଲ ଭାବେ ପ୍ରସ୍ତାବ ଦାଖଲ କରିପାରିବେ। ନୀତି ଅନୁଯାୟୀ ସ୍କେଲ୍-ଅପ୍ ଗ୍ରାଣ୍ଟ ୩ଗୁଣରୁ ଅଧିକ ବୃଦ୍ଧି ପାଇଛି ଏବଂ ପ୍ରୋଟୋଟାଇପ ବିକାଶ ପାଇଁ ଗ୍ରାଣ୍ଟ ୨ଗୁଣ ହୋଇଛି। ଏଆଇ-ଆଧାରିତ ହାତୀ ନିର୍ଦ୍ଦେଶ, ଅଗ୍ନି ନିର୍ଦ୍ଦେଶ, ଡ୍ରୋନ୍-ଆଧାରିତ ରେଳ ଭଙ୍ଗ ନିରୀକ୍ଷଣ ଆଦି ଅନେକ କ୍ଷେତ୍ରରେ ନବପ୍ରବର୍ତ୍ତନକୁ ପ୍ରୋତ୍ସାହନ ମିଳିବ। ଚତୁର୍ଥ ସଂସ୍କାରରେ ଆର୍‌ସିଟି ଇ-ଆର୍‌ସିଟି ବ୍ୟବସ୍ଥା ପ୍ରଚଳନ ହେବ, ଯାହା ଦେଶର ୨୩ଟି ବେଞ୍ଚକୁ ଏକ ଡିଜିଟାଲ ପ୍ଲାଟ୍‌ଫର୍ମରେ ଯୋଡ଼ିବ। ଯାତ୍ରୀମାନେ ଯେକୌଣସି ସ୍ଥାନରୁ ୨୪ ଘଣ୍ଟିଆ ଇ-ଫାଇଲିଂ କରିପାରିବେ, ଅନ୍‌ଲାଇନ ହିୟରିଂ, ରିୟଲ-ଟାଇମ ଟ୍ରାକିଂ ଓ ପେପରଲେସ୍ କୋର୍ଟ ସୁବିଧା ମିଳିବ। ଆଗାମୀ ୧୨ ମାସ ମଧ୍ୟରେ ସମସ୍ତ ବେଞ୍ଚ ସମ୍ପୂର୍ଣ୍ଣ ଡିଜିଟାଇଜ ହେବ। ଏହି ସଂସ୍କାରଗୁଡ଼ିକ ରେଳପଥକୁ ଅଧିକ ଆଧୁନିକ, ନବପ୍ରବର୍ତ୍ତନମୂଳକ ଓ ନାଗରିକକେନ୍ଦ୍ରିକ କରିବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ସଂସ୍କାର ଭାବେ କୋଚ ସଫେଇ ଓ ଗତିଶକ୍ତି କାର୍ଗୋ ବିସ୍ତାର କରାଯାଇଥିବାବେଳେ ବର୍ତ୍ତମାନ ଏହି ସଂସ୍କାର କରାଯାଇଛି।

# ଓଡ଼ିଶାର ୧,୦୦୦ କେନ୍ଦ୍ରରେ ଇଣ୍ଟର୍ନଶିପ ସୁଯୋଗ



ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ରାଉରକେଲାସ୍ଥିତ ବୈଷୟିକ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଓ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଅଧୀନରେ କାର୍ଯ୍ୟରତ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ଗୁରୁବାର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିଅମରେ ଅନୁଷ୍ଠିତ ବିପିୟୁଟି ଟେକ୍ କାର୍ନିଭାଲର ପୁରସ୍କାର ବିତରଣ ଅବସରରେ ବିପୁଟର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ ଓ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ଅନୁସାରେ, ବିପିୟୁଟି ତାହାର ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରମାନେ ଏବେ ଓଡ଼ିଶାରେ ୧,୦୦୦ରୁ ଅଧିକ ଓକେସିଏଲ୍ ଅଧିକୃତ କେନ୍ଦ୍ରରେ ଇଣ୍ଟର୍ନଶିପ କରିପାରିବେ। ଏହି ଅବସରରେ କୁଳପତି ପ୍ରଫେସର ରଥ କହିଥିଲେ, ଏହି ବୁଝାମଣା ଛାତ୍ରୀଛାତ୍ରଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ସହିତ ଆଗାମୀ କ୍ୟାରିୟର ସୁଯୋଗ ପାଇଁ ସଜାଗ ଓ ପ୍ରସ୍ତୁତ କରିବ। ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ପୁଥାଳ କହିଥିଲେ, ଏହି ଚୁକ୍ତି ଅନୁସାରେ ଛାତ୍ରୀଛାତ୍ରମାନେ କୃତ୍ରିମ ମେଧା ସାଇବର ସୁରକ୍ଷା, ଡାଟା ସାଇନ୍ସ, ସଫ୍ଟୱେର ଇଞ୍ଜିନିୟରିଂ , ଡିଜିଟାଲ ମାର୍କେଟିଂ, ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା , ରିଟେଲ ପ୍ରବନ୍ଧନ ଓ ଅନ୍ୟାନ୍ୟ ଡିଜିଟାଲ କ୍ଷେତ୍ରରେ ଇଣ୍ଟର୍ନଶିପ ଓ ସାର୍ଟିଫିକେଶନ ପ୍ରୋଗ୍ରାମ କରିପାରିବେ। ଏହି ସହଯୋଗ ପ୍ରତିବର୍ଷ ୧ ଲକ୍ଷ ୫୦ ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଲାଭାନ୍ୱିତ କରିବ ବୋଲି ଆଶା କରାଯାଉଛି।

# Classified Everyday
0674-2580101, 9692975378



## REAL ESTATE
### SALE

**Land near Balasore Town for sale. Residential plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore-Baripada National Highway suitable for Farmhouse, Apartment, Institute. Please contact immediately-7656861995.** D-75864

## GENERAL
### SALE

Welding works contact for any type of roof sheds, Gril gates, Shutters, 7809525452, 9937507638. D-245

## AFFIDAVIT

I, Shreeja Kumari, D/o- Anjani Kumar Tiwari, Resident of Gayatri Colony, Malipada, Jharsuguda, P.O.- Jharsuguda, DIST.- Jharsuguda, Odisha-768201, declare by this affidavit No.- 16AA 271230, date- 23.02.2026. That now onwards I shall be known as SHREEJA TIWARI for all future purposes. D-3490

By virtue of an affidavit sworn before Narendra Kumar Sahoo, Notary, Bhubaneswar, dated 23rd August, 2025 vide Sl No.- 430, dated 23rd August, 2025, I, Tanmaya Prasad Dalai, S/o- Ranjan Kishore Dalai, resident of At/P.O.- Anlo, P.S.- Niali, Via- Bairoi, Dist.- Cuttack, Odisha- 754010 declare that I have changed my daughter's name from SRISHTI SAANVI DALAI to TANISHKA DALAI. Henceforth, she shall be known as TANISHKA DALAI for all purposes.
Tanmaya Prasad Dalai
D-3491

By virtue of an affidavit sworn before Executive Magistrate, Bonai, Sundargarh, Dated 24.02.2026, I, SUMAN MONIKA HORO, Address: At- Tamparkela, P.O.- Kansar, P.S.- Gurundia, Dist.- Sundargarh, Odisha- 770043. Declare that I have changed my name from Kajal Horo to Suman Monika Horo. Henceforth, I shall be known as Suman Monika Horo for all purposes.
(Suman Monika Horo)
D-3487

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Uditnagar, Rourkela Dated 21.02.2026, I, MANGAL SINGH MUNDARI, Address: Dhanghar Birtola, P.O.- Darjing, P.S.- Chandiposh, Dist.-Sundargarh, Odisha- 770040. Declare that I have changed my Daughter's name from NINDUMATI MUNDARI to INDUMATI MUNDARI. Hence forth, she shall be known as INDUMATI MUNDARI for all purposes.
(MANGAL SINGH MUNDARI)
D-3488

I, Sarat Kumar Maharana, S/o- Late Patitapaban Maharana, resident of Village- Srichandanpur, of BANKI NAC, P.O./P.S.- Banki, Dist.- Cuttack, PIN- 754008, Odisha declare by this affidavit No.- 446, dt.- 20.02.2026 that now onwards I shall be known as SARAT KUMAR MAHARANA for all future purposes. D-3489

By virtue of an affidavit No.1518/ Dt. 19.02.2026 sworn before Executive Magistrate, Bhadrak, I, Sulochana Bal, W/o- Sadananda Bal, Vill: Uttakuda, P.O.-Ugratara, P.S.- Chandabali, Dist.- Bhadrak, declare that I have changed my name in my LIC Policy bearing No.- 588433222 from Kanchana Bal to Sulochana Bal for all futurepurposes. D-3486

## LEGAL NOTICE

PR-35, Dtd- 24.02.26

ମାନନୀୟ ଶ୍ରୀଯୁକ୍ତ ଆୟୁକ୍ତ ଚକବନ୍ଦୀ ଏବଂ ବନ୍ଦୋବସ୍ତଙ୍କ ଅଦାଲତ
ଶ୍ରୀଆଶୁତୋଷ ସାମଲ (ଓଡ଼ିଶା ପ୍ରଶାସନିକ ସେବା), (ଏସ୍.ଏ.ଜି.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ରିଭିଜନ୍
କେସ୍ ନଂ. ୬୯/୨୦୨୪
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅଭିମନ୍ୟୁ ସାହୁ ଓଗେର ..... ବାଦୀ
ବନାମ
ଉମାମଣୀ ପଣ୍ଡା ଓଗେର ..... ପ୍ରତିବାଦୀ
ପ୍ରାପ୍ତେଷୁମାନଙ୍କ ନାମ ଓ ଠିକଣା :
ପ୍ରତିବାଦୀ ନଂ.୩- ହେମନ୍ତ କୁମାର ପଣ୍ଡା, ବୟସ ୬୨ ବର୍ଷ, ପ୍ରତିବାଦୀ ନଂ.- ୪ - ସଂଯୁକ୍ତା ପଣ୍ଡା, ବୟସ ୫୭ବର୍ଷ, ପ୍ରତିବାଦୀ ନଂ.- ୫- କୃଷ୍ଣ ଚନ୍ଦ୍ର ପଣ୍ଡା, ବୟସ ୫୦ବର୍ଷ, ପ୍ରତିବାଦୀ ନଂ.- ୭ - କାର୍ତ୍ତିକ କୁମାର ପଣ୍ଡା, ବୟସ ୪୨ବର୍ଷ ଏମାନଙ୍କ ପିତା : ଜୟକୃଷ୍ଣ ପଣ୍ଡା,
ପ୍ରତିବାଦୀ ନମ୍ବର ୮- କ୍ଷେତ୍ରମଣି ଓରଫ ଗାୟତ୍ରୀ ଆଚାର୍ଯ୍ୟ, ବୟସ ୬୭ବର୍ଷ, ସ୍ୱା- ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରତିବାଦୀ ନମ୍ବର ୯- ପୁଷ୍ପମଞ୍ଜରୀ ମହାପାତ୍ର ଓରଫ ପଣ୍ଡା, ବୟସ ୫୫ବର୍ଷ, ସ୍ୱା: ଯଶୋବନ୍ତ ମହାପାତ୍ର
ଉଭୟଙ୍କ ପିତା ଜୟକୃଷ୍ଣ ପଣ୍ଡା।
ପ୍ରତିବାଦୀ ନମ୍ବର ୧୪- ପ୍ରତିମା ପାଢ଼ି, ବୟସ ୬୨ବର୍ଷ, ସ୍ୱା- ଗୋବର୍ଦ୍ଧନ ପାଢ଼ି, ପି- ବାସୁଦେବ ପଣ୍ଡା ଏ ସମସ୍ତଙ୍କ ଗ୍ରାମ/ପ୍ରତାପ ଶାସନ (ସିରିଆ ଦେଇ ସାହି), ପୋ: ବାଲକାଟି, ଥା: ବାଲିଅନ୍ତା, ଜି: ଖୋର୍ଦ୍ଧା।
ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ବାଦୀମାନେ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଚକବନ୍ଦୀ ଏବଂ ବନ୍ଦୋବସ୍ତ ଆୟୁକ୍ତଙ୍କ ଅଦାଲତରେ ମୋକଦ୍ଦମା ଦାଖଲ କରିଛନ୍ତି। ଉପରୋକ୍ତ ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲେ ସୁଦ୍ଧା ନୋଟିସଗୁଡ଼ିକ ଫେରି ଆସିଛି। ଉପରୋକ୍ତ ପ୍ରତିବାଦୀମାନଙ୍କର ବର୍ତ୍ତମାନ ଠିକଣା ଆମ୍ଭଙ୍କୁ ଜଣାନାହିଁ। ଉପରୋକ୍ତ ରିଭିଜନ ମୋକଦ୍ଦମାର ଶୁଣାଣି ତା୩୦।୦୩।୨୬ରିଖ ପୂର୍ବାହ୍ନ ୧୧:୩୦ ସମୟରେ କରାଯିବା ପାଇଁ ଉପରୋକ୍ତ ଅଦାଲତ ଦ୍ୱାରା ସ୍ଥିରୀକୃତ ହୋଇଅଛି। ଏଣୁ ତୁମ୍ଭେମାନେ ନିଜେ କିମ୍ବା କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ଉକ୍ତ ତାରିଖ ଓ ସମୟରେ ଉପରୋକ୍ତ ଅଦାଲତ ପରିସରରେ ହାଜର ହୋଇ ପକ୍ଷ ରଖିବେ। ନଚେତ୍, ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।
ଜମିର ବିବରଣୀ
ମୌଜା- କଣ୍ଟିଲୋ, ଥାନା- ଭୁବନେଶ୍ୱର (ବର୍ତ୍ତମାନ- ଜଟଣୀ), ତହସିଲ- ଭୁବନେଶ୍ୱର (ବର୍ତ୍ତମାନ ଜଟଣୀ), ଜିଲ୍ଲା- ପୁରୀ, (ବର୍ତ୍ତମାନ ଖୋର୍ଦ୍ଧା)
ହାଲ୍ ଖାତା ନଂ.-୧୪
ଚକ ନମ୍ବର ୧୯, ଚକ ପ୍ଲଟ୍ ନମ୍ବର ୨୧, ଏ.୧.୨୫୪ଡିସିମିଲ୍, ଚକ ନମ୍ବର ୩୩୭, ଚକ ପ୍ଲଟ୍ ନମ୍ବର ୫୦୯, ଏ.୧.୬୮୨ଡିସିମିଲ୍, ଚକ ନମ୍ବର ୧୧୮, ଚକ ପ୍ଲଟ୍ ନମ୍ବର ୧୨୯, ଏ.୦.୪୬୧ଡିସିମିଲ୍, ସାବକ ଖାତା ନମ୍ବର ୧୯୦, ସାବକ ପ୍ଲଟ୍ ନମ୍ବର ୫୮୬- ଏ୦.୧୨୦ଡି.
ତା: ୨୪।୦୨।୨୦୨୬
ଭୁବନେଶ୍ୱର
ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ ଅନୁମୋଦନକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୪୮୦

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଭାରତ



ନିର୍ମଳ କୁମାର ମିଶ୍ର

**ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ଶ ସଂସ୍କରଣ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ସହରରେ ଅନୁଷ୍ଠିତ ହେବ। ୨୦୩୦ରେ ଏହାର ପରବର୍ତ୍ତୀ ସଂସ୍କରଣ ଆୟୋଜନ ଅଧିକାର ଭାରତକୁ ପ୍ରଦାନ କରାଯାଇଛି। ୨୦୧୦ପରେ ଦ୍ୱିତୀୟଥର ପାଇଁ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ସୁଯୋଗ ପାଇବ...**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବିଶ୍ୱର ଅନ୍ୟତମ ବହୁ ଇଭେଣ୍ଟବିଶିଷ୍ଟ ପ୍ରତିଯୋଗିତାର ମାନ୍ୟତା ବହନ କରୁଛି। ଅଲିମ୍ପିକ୍ସ ପରେ ଏହି ପ୍ରତିଯୋଗିତାର ଏକ ସ୍ୱତନ୍ତ୍ରତା ରହିଛି। ବିଶ୍ୱର ଅନ୍ୟତମ ମେଗା ସ୍ପୋର୍ଟ୍ସ ଇଭେଣ୍ଟଭାବେ ପରିଚିତ ହେଉଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବିଶ୍ୱର ବହୁ ନାମୀଦାମୀ କ୍ରୀଡ଼ାବିତ୍ ଭାଗ ନେଇଥାନ୍ତି। ଏହି ପ୍ରତିଯୋଗିତାକୁ ଆୟୋଜନ କରିବା ମଧ୍ୟ ବେଶ୍ ସମ୍ମାନର ପ୍ରଶ୍ନ। ଏକାଧିକ ସ୍ପୋର୍ଟ୍ସ ଇଭେଣ୍ଟଗୁଡ଼ିକୁ ନେଇ ୧୯୩୦ରେ ଏହାର ପ୍ରଥମ ସଂସ୍କରଣ କାନାଡାରେ ଅନୁଷ୍ଠିତ ହୋଇଥିଲା। ପ୍ରତି ୪ ବର୍ଷରେ ଥରେ ହେଉଥିବା ଏହି ସମ୍ମାନଜନକ କ୍ରୀଡା ପ୍ରତିଯୋଗିତାରେ ୫୬ ସଦସ୍ୟ ଦେଶର ପାଖାପାଖି ୭୪ଟି କମନୱେଲ୍‌ଥ ଗେମ୍ସ ଆସୋସିଏଶନ୍ ଅଂଶଗ୍ରହଣ କରିଥାଏ। ୨୦୨୨ରେ ଏହାର ୨୨ତମ ସଂସ୍କରଣ ଇଂଲଣ୍ଡର ବର୍ମିଂହାମଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏହାର ୨୩ତମ ସଂସ୍କରଣ ଚଳିତ ବର୍ଷ ୨୦୨୬ରେ ସ୍କଟ୍‌ଲାଣ୍ଡ, ଇଂଲଣ୍ଡରେ ଅନୁଷ୍ଠିତ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସଂସ୍କରଣ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବା କଥା, ମାତ୍ର ଏହାକୁ ଆୟୋଜନ କରିବା ପାଇଁ ଅଷ୍ଟ୍ରେଲିଆ ସରକାର ଆର୍ଥିକ ସମସ୍ୟା କାରଣ ଦର୍ଶାଇ ଶେଷ ମୁହୂର୍ତ୍ତରେ ଓହରି ଯିବାପରେ ଗ୍ଲାସଗୋକୁ ଅଧିକାର ପ୍ରଦାନ କରାଯାଇଥିଲା। ଭାରତ ଏହାକୁ ଆୟୋଜନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛି। ଫଳରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତରେ ହେବାଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ଏବଂ କେନ୍ଦ୍ର ସରକାର ଏବେଠାରୁ ବଜେଟର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଗୁଜରାଟର ଅହମଦାବାଦ ସହରରେ ଏହି ପ୍ରତିଯୋଗିତା ହେବ। ଦ୍ୱିତୀୟ ଥର ପାଇଁ ଭାରତକୁ ଏହି ସୁଯୋଗ ମିଳିଛି। ରାଜ୍ୟାଗାଷ୍ଠୀ କ୍ରୀଡ଼ାର ଏକ ଶହ ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭାରତକୁ ଏହି ସୁଯୋଗ ମିଳିବା ବେଶ୍ ଗୌରବର କଥା। ୨୦୨୨ ସଂସ୍କରଣରେ ଭାରତୀୟ ଆଥଲେଟମାନେ ୬୧ଟି ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୨୨ ସ୍ୱର୍ଣ୍ଣ, ୧୬ ରୌପ୍ୟ ଏବଂ ୨୩ଟି ବ୍ରୋଞ୍ଜ ପଦକ ସାମିଲ। ଭାରତ ପଦକ ତାଲିକାର ୪ର୍ଥ ସ୍ଥାନରେ ରହିଥିଲା।

୨୦୧୦ରେ ଭାରତ ପ୍ରଥମଥରପାଇଁ ମଧ୍ୟ ଏହି ମେଗା ପ୍ରତିଯୋଗିତା ଆୟୋଜନ ସୁଯୋଗ ପାଇଥିଲା। ୨ୟ ଥର ପାଇଁ ଏହି ପ୍ରତିଯୋଗିତା ଏସିଆ ମହାଦେଶରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ୧୯୯୮ରେ ପଞ୍ଚଦଶତମ ସଂସ୍କରଣ ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ହୋଇଥିଲା। ୨୦୧୦ରେ ଭାରତରେ ହୋଇଥିବା ଏହି ପ୍ରତିଯୋଗିତାରେ ବ୍ୟାପକ ଅବ୍ୟବସ୍ଥା ଓ ଆର୍ଥିକ ଅନିୟମିତତା ହୋଇଥିବାରୁ ଭାରତର ଛବି ବିଶ୍ୱଦରବାରରେ ନିନ୍ଦିତ ହୋଇଥିଲା। ଖେଳାଳିମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ମିଳି ନ ଥିବା ବେଳେ ଖାଦ୍ୟପେୟ, ସୁରକ୍ଷା ଏବଂ ନିର୍ମାଣ ହୋଇଥିବା କୋଠା ଗୁଡିକରେ ବର୍ଷା ପାଣି ଗଳିବା ପରି ଅନେକ ଅସୁବିଧା ଆମକୁ ଦୀର୍ଘଦିନ ପାଇଁ ପୁନର୍ବାର ଏହାକୁ ଆୟୋଜନ କରିବା ସୁଯୋଗରୁ ବଞ୍ଚିତ କରିଥିଲା। ଏହି ପ୍ରତିଯୋଗିତାରେ ଭାରତ ମୋଟ ୧୦୧ଟି ପଦକ ଜିତି ତାଲିକାର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହା ମଧ୍ୟରେ ୩୮ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ପଦକ ସାମିଲଥିଲା। ରାଜ୍ୟଗୋଷ୍ଠୀ କ୍ରୀଡା ଇତିହାସରେ ଏହା ଏପର୍ଯ୍ୟନ୍ତ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି। ଅଷ୍ଟ୍ରେଲିଆ, କାନାଡା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ସ୍କଟଲାଣ୍ଡ ଏବଂ ୱେଲସ ଏପର୍ଯ୍ୟନ୍ତ ସମସ୍ତ ସଂସ୍କରଣରେ ଭାଗ ନେଇ ଆସିଛନ୍ତି।

ଖୁସିର କଥା ଭାରତରେ ଏହି ଶତକୀୟ ସଂସ୍କରଣ ଅନୁଷ୍ଠିତ ହେବ। ଏହି ଐତିହାସିକ ସଫଳତା ଆମ ଦେଶର କ୍ରୀଡାକ୍ଷେତ୍ରରେ ଏକ ମାଇଲଖୁଣ୍ଟ ରୂପେ ଆମର ଯୁବ କ୍ରୀଡାବିତମାନଙ୍କୁ ପ୍ରେରଣା ଦେବା ସହିତ ବେଶ ଉତ୍ସାହିତ କରିବ। ଏହାର ସଫଳ ଆୟୋଜନ ଉପରେ ସମଗ୍ର ବିଶ୍ୱବାସୀଙ୍କ ନଜର ରହିବ। ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ସଫଳତାର ସହ ଆୟୋଜନ କରିପାରିଲେ ଭାରତ ଦେଖିଥିବା ୨୦୩୬ ଅଲମ୍ପିକ୍ସ ଆୟୋଜନ ସ୍ୱପ୍ନ ସାକାର ହେବା ସମ୍ଭାବନା ବଢ଼ିବ। ରାଜ୍ୟଗୋଷ୍ଠୀ କ୍ରୀଡା ହେଉଛି ଏକ ବହୁ ଖେଳ ସମନ୍ୱିତ ଅନ୍ତର୍ଜାତୀୟ ପ୍ରତିଯୋଗିତା। କିନ୍ତୁ ଅଲିମ୍ପିକ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡା ମଧ୍ୟରେ ବେଶ ଫରକ ରହିଛି। ଅଲିମ୍ପିକ୍ସ କ୍ରୀଡାରେ ବିଶ୍ୱର ଯେକୌଣସି ଦେଶ ଭାଗ ନେଇ ପାରୁଥିବା ବେଳେ ରାଜ୍ୟଗୋଷ୍ଠୀ କ୍ରୀଡାରେ କେବଳ ବ୍ରିଟିଶ ସାମ୍ରାଜ୍ୟାଧିନ ଦେଶ ଗୁଡିକ ଭାଗ ନେଇଥାନ୍ତି। ଏହାକୁ ବ୍ରିଟିଶ ଏମ୍ପାୟାର ଗେମ୍ସ ମଧ୍ୟ କୁହାଯାଉଥିଲା। ବର୍ତ୍ତମାନ ରାଜ୍ୟଗୋଷ୍ଠୀ ସଙ୍ଗଠନରେ ଭାରତ ସମେତ ୭୪ଟି ଦେଶ ସଦସ୍ୟ ରହିଛନ୍ତି। ଏହି ସଙ୍ଗଠନରେ ଭାରତର ଯୋଗଦାନକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଅନେକ ସମାଲୋଚନା ମଧ୍ୟ କରାଯାଇଛି। ମାତ୍ର କ୍ରୀଡ଼ା ସର୍ବଦା ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହୁଥିବା କଥା କହି ଭାରତ ଏହି ପ୍ରସଙ୍ଗକୁ ଅଣଦେଖା କରିଆସୁଛି। ୧୯୩୪ରେ ଇଂଲଣ୍ଡରେ ଅନୁଷ୍ଠିତ ଗେମ୍ସରେ ଭାରତର ମାତ୍ର ୬ ଜଣିଆ ଟିମ୍ ରେସଲିଂ ଏବଂ ଆଥଲେଟିକ୍ସ ପ୍ରତିଯୋଗିତାରେ ଭାଗନେଇଥିଲା। ଏହି ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ରସିଦ ଅନୱର ହାସଲ କରିଥିଲେ। ପ୍ରାରମ୍ଭିକ ସଂସ୍କରଣରେ ଭାରତ ଯୋଗଦେଇ ନ ଥିଲା।

ଏବେ ଭାରତ ଅନେକ ମେଗା ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିବା ପାଇଁ ସଙ୍କଳ୍ପବଦ୍ଧ। ଅର୍ଥନୀତି କ୍ଷେତ୍ରରେ ଆମେ ଆତ୍ମନିର୍ଭରଶୀଳ। ଆମ କ୍ରୀଡାବିତ୍‌ମାନେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କ୍ରୀଡାକୁ ପ୍ରୋତ୍ସାହନ ଦେବା ଏବଂ ଅନ୍ତର୍ଜାତୀୟ କ୍ରୀଡା ଆୟୋଜନ କରିବାକୁ ଆଗଭର। ଏବେ କ୍ରୀଡାକ୍ଷେତ୍ରରେ ଆମର ଅଗ୍ରଗତି ବେଶ୍ ଉଲ୍ଲେଖନୀୟ। ଏହା ବିଗତ ଅଲିମ୍ପିକ୍ସ ସଫଳତାରୁ ପ୍ରମାଣିତ ହେଉଛି। ଆମେ କ୍ରୀଡା, ଶାନ୍ତି, ମୈତ୍ରୀ ଏବଂ ଆତ୍ମନିର୍ଭର ହୋଇ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ଦେବାକୁ ଚାହୁଁ। ଆମେ ଚାହୁଁ ଯେ ଆମ ଖେଳାଳିମାନେ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରନ୍ତୁ। ଏଥିରେ ସଫଳ ହେବା ସହିତ ଦେଶର ନାମକୁ ଗର୍ବିତ କରନ୍ତୁ। ଆମ ଦେଶରେ ପ୍ରତିଭାର ଅଭାବ ନାହିଁ। ସେମାନଙ୍କୁ ଉପଯୁକ୍ତ ସୁଯୋଗ ଦିଆଯିବା ଆବଶ୍ୟକ। ଫଳରେ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି ହୋଇପାରିବେ।

ଘରୋଇ ମାଟିରେ ହେଉଥିବା ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନପରେ ପୋଡିୟମ ଉପରେ ଠିଆହୋଇ ପଦକ ପାଇବାର ଆନନ୍ଦ କିଛି ଅଲଗା ଓ ନିଆରା ଅନୁଭୂତି ଆଣିଥାଏ। ଏଥି ସହିତ ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ନିଜ ଦେଶର ଜାତୀୟ ପତାକା ସହ ଜାତୀୟ ସଙ୍ଗୀତର ଧ୍ୱନି ଏକ ଆବେଗଭରା ଏକ ହୃଦୟସ୍ପର୍ଶୀ ଅନୁଭବ ଆଣିଥାଏ। ତେବେ ଏପରି ମେଗା ପ୍ରତିଯୋଗିତା ଆୟୋଜନ କରିବାରେ ଆମର ଆତ୍ମବିଶ୍ୱାସ ରହିବା ଆବଶ୍ୟକ। କେବଳ ହକି ବିଶ୍ୱକପ୍, କ୍ରିକେଟ ବିଶ୍ୱକପ୍ ଆୟୋଜନ କରିଦେଲେ ହେବ ନାହିଁ। ଅନ୍ୟକ୍ରୀଡାକୁ ପ୍ରୋତ୍ସାହିତ କରିବା ସହିତ ବିଶ୍ୱସ୍ତରୀୟ ଆଥ୍‌ଲେଟିକ୍ସ ମିଟ୍ ଏବଂ ଅଲିମ୍ପିକ୍ସ ପରି ମେଗା ଇଭେଣ୍ଟ ଆୟୋଜନ କରି କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କୁ ଉଚିତ ନ୍ୟାୟ ଦେବା ଆମ ସରକାରଙ୍କ ଦାୟିତ୍ୱବୋଧ ହେବା ଆବଶ୍ୟକ।





# ମହିଳା ଟି୨୦ ବିଶ୍ୱକପ୍ ପ୍ରସ୍ତୁତି

ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଜୁନ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ଏହି ମେଗା ଇଭେଣ୍ଟଲାଗି କାର୍ଯ୍ୟସୂଚୀ ଘୋଷଣା ହେବାପରେ ଅଂଶଗ୍ରହଣକାରୀ ଦଳଗୁଡ଼ିକର ପ୍ରସ୍ତୁତି ଜୋରଦାର ହୋଇଛି। ୨୦୨୫ ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ ଚାମ୍ପିୟନ ଭାରତ ଟି୨୦ ଫର୍ମାଟ୍‌ରେ କେବେହେଲେ ଟାଇଟଲ ହାସଲ କରି ପାରିନାହିଁ। ୨୦୨୦ରେ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ ହେଁ ଅଷ୍ଟ୍ରେଲିଆଠାରୁ ହାରି ରନରଅପ୍ ହୋଇଥିଲା। ଦିନିକିଆ ବିଶ୍ୱକପ ବିଜୟ ପରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ମନୋବଳ ଏବେ ବହୁ ଉପରେ ରହିଛି। ତାରକା ଓପନିଂ ବ୍ୟାଟର ସ୍ମୃତି ମନ୍ଧାନା ଓ ନିର୍ଭରଯୋଗ୍ୟ ଜେମିମା ରୋଡ୍ରିଗ୍ସ ଚମତ୍କାର ଫର୍ମରେ ଅଛନ୍ତି। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ଭାରତ ସେହି ସଫଳତାକୁ ଦୋହରାଇବା ନେଇ ଆଶା ରଖିଛନ୍ତି କ୍ରିକେଟପ୍ରେମୀ। ଜୁନ ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ମ୍ୟାଚଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହା ପରେ ୧୭ରେ ନେଦରଲାଣ୍ଡ୍ସ, ୨୧ରେ ଦକ୍ଷିଣ ଆଫ୍ରିକା, ୨୫ରେ ବାଂଲାଦେଶ ଓ ୨୮ରେ ଅଷ୍ଟ୍ରେଲିଆ ସହିତ ଖେଳି ଲିଗ୍ ପର୍ଯ୍ୟାୟ ଶେଷ କରିବ। ନେପାଳରେ ଅନୁଷ୍ଠିତ କ୍ୱାଲିଫାଇଂ ଟୁର୍ନାମେଣ୍ଟ ମାଧ୍ୟମରେ ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ନେଦରଲାଣ୍ଡ୍ସ ଯୋଗ୍ୟତା ହାସଲ କରିଛନ୍ତି। ୬ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ସର୍ବାଧିକ ସଫଳ ଦଳର ମାନ୍ୟତା ବହନ କରୁଛି।

## କାର୍ଯ୍ୟସୂଚୀ

ଗ୍ରୁପ୍-ଏ: ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ନେଦରଲାଣ୍ଡ୍ସ।

ଗ୍ରୁପ୍-ବି: ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଆୟର୍ଲାଣ୍ଡ,ସ୍କଟ୍‌ଲାଣ୍ଡ।

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ଜୁନ ୧୨ | ଇଂଲଣ୍ଡ-ଶ୍ରୀଲଙ୍କା | ଏଜବାଷ୍ଟନ | ସନ୍ଧ୍ୟା ୬.୩୦ |
| ଜୁନ ୧୩ | ସ୍କଟଲାଣ୍ଡ-ଆୟର୍ଲାଣ୍ଡ | ଓଲ୍ଡ ଟ୍ରାଫୋର୍ଡ | ସକାଳ ୧୦.୩୦ |
| ଜୁନ ୧୩ | ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ନ ୨.୩୦ |
| ଜୁନ ୧୩ | ୱେଷ୍ଟଇଣ୍ଡିଜ୍-ନ୍ୟୁଜିଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୧୪ | ବାଂଲାଦେଶ-ନେଦରଲାଣ୍ଡ୍ସ | ଏଜବାଷ୍ଟନ | ସକାଳ ୧୦.୩୦ |
| **ଜୁନ ୧୪** | **ଭାରତ-ପାକିସ୍ତାନ** | **ଏଜବାଷ୍ଟନ** | **ଅପରାହ୍ନ ୨.୩୦** |
| ଜୁନ ୧୬ | ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା | ହାମ୍ପଶାୟାର | ଅପରାହ୍ନ ୨.୩୦ |
| ଜୁନ ୧୬ | ଇଂଲଣ୍ଡ-ଆୟର୍ଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୧୭ | ଅଷ୍ଟ୍ରେଲିଆ-ବାଂଲାଦେଶ | ହେଡିଂଲେ | ସକାଳ ୧୦.୩୦ |
| **ଜୁନ ୧୭** | **ଭାରତ-ନେଦରଲାଣ୍ଡ୍ସ** | **ହେଡିଂଲେ** | **ଅପରାହ୍ନ ୨.୩୦** |
| ଜୁନ ୧୭ | ଦକ୍ଷିଣ ଆଫ୍ରିକା-ପାକିସ୍ତାନ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୧୮ | ୱେଷ୍ଟଇଣ୍ଡିଜ୍-ସ୍କଟଲାଣ୍ଡ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୧୯ | ନ୍ୟୁଜିଲାଣ୍ଡ-ଆୟର୍ଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୨୦ | ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ସ | ହାମ୍ପଶାୟାର | ସକାଳ ୧୦.୩୦ |
| ଜୁନ ୨୦ | ପାକିସ୍ତାନ-ବାଂଲାଦେଶ | ହାମ୍ପଶାୟାର | ଅପରାହ୍ନ ୨.୩୦ |
| ଜୁନ ୨୦ | ଇଂଲଣ୍ଡ-ସ୍କଟ୍‌ଲାଣ୍ଡ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୨୧ | ୱେଷ୍ଟଇଣ୍ଡିଜ-ଶ୍ରୀଲଙ୍କା | ବ୍ରିଷ୍ଟଲ | ସକାଳ ୧୦.୩୦ |
| **ଜୁନ ୨୧** | **ଭାରତ-ଦକ୍ଷିଣ ଆଫ୍ରିକା** | **ଓଲ୍ଡ ଟ୍ରାଫୋର୍ଡ** | **ଅପରାହ୍ନ ୨.୩୦** |
| ଜୁନ ୨୩ | ନ୍ୟୁଜିଲାଣ୍ଡ-ସ୍କଟ୍‌ଲାଣ୍ଡ | ବ୍ରିଷ୍ଟଲ | ସକାଳ ୧୦.୩୦ |
| ଜୁନ ୨୩ | ଅଷ୍ଟ୍ରେଲିଆ-ପାକିସ୍ତାନ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୨୪ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ | ଲର୍ଡ୍ସ | ସନ୍ଧ୍ୟା ୬.୩୦ |
| **ଜୁନ ୨୫** | **ଭାରତ-ବାଂଲାଦେଶ** | **ଓଲ୍ଡ ଟ୍ରାଫୋର୍ଡ** | **ଅପରାହ୍ନ ୨.୩୦** |
| ଜୁନ ୨୫ | ଦକ୍ଷିଣ ଆଫ୍ରିକା-ନେଦରଲାଣ୍ଡ୍ସ | ବ୍ରିଷ୍ଟଲ | ସନ୍ଧ୍ୟା ୬.୩୦ |
| ଜୁନ ୨୬ | ଶ୍ରୀଲଙ୍କା-ସ୍କଟ୍‌ଲାଣ୍ଡ | ଓଲ୍ଡ ଟ୍ରାଫୋର୍ଡ | ସନ୍ଧ୍ୟା ୬.୩୦ |
| ଜୁନ ୨୭ | ପାକିସ୍ତାନ-ନେଦରଲାଣ୍ଡ୍ସ | ବ୍ରିଷ୍ଟଲ | ସକାଳ ୧୦.୩୦ |
| ଜୁନ ୨୭ | ୱେଷ୍ଟଇଣ୍ଡିଜ-ଆୟର୍ଲାଣ୍ଡ | ବ୍ରିଷ୍ଟଲ | ଅପରାହ୍ନ ୨.୩୦ |
| ଜୁନ ୨୭ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | ଦି ଓଭାଲ | ସନ୍ଧ୍ୟା ୬.୩୦ |
| ଜୁନ ୨୮ | ଦକ୍ଷିଣ ଆଫ୍ରିକା-ବାଂଲାଦେଶ | ଲର୍ଡ୍ସ | ସକାଳ ୧୦.୩୦ |
| **ଜୁନ ୨୮** | **ଭାରତ-ଅଷ୍ଟ୍ରେଲିଆ** | **ଲର୍ଡ୍ସ** | **ଅପରାହ୍ନ ୨.୩୦** |
| ଜୁନ ୩୦ | ପ୍ରଥମ ସେମିଫାଇନାଲ | ଓଭାଲ | ଅପରାହ୍ନ ୨.୩୦ |
| ଜୁଲାଇ ୨ | ଦ୍ୱିତୀୟ ସେମିଫାଇନାଲ | ଓଭାଲ | ସନ୍ଧ୍ୟା ୬.୩୦ |
| ଜୁଲାଇ ୫ | ଫାଇନାଲ | ଲର୍ଡ୍ସ | ଅପରାହ୍ନ ୨.୩୦ |

# ଭାରତୀୟ ମହିଳା ହକିର ବିୟୁଟି



ବିୟୁଟି ଡୁଙ୍ଗଡୁଙ୍ଗ

ବିୟୁଟି ଡୁଙ୍ଗଡୁଙ୍ଗ ଭାରତୀୟ ମହିଳା ହକିରେ ଏକ ପରିଚିତ ନାମ। ତାଙ୍କ ନାମ ଯେମିତି ପଡ଼ିଆରେ ଖେଳ ହେଉ କିମ୍ବା ବ୍ୟକ୍ତିଗତ ଜୀବନର କାମ, ସବୁକିଛି ସେମିତି ସୁନ୍ଦର। ବାପାଙ୍କୁ ହରାଇବା, ଆହତ ସମସ୍ୟା ସହିତ ଯୁଝିବା ଆଦି ତାଙ୍କୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇଥିଲେ ମଧ୍ୟ ପଥରୋଧ କରି ପାରିନାହିଁ। ମାତ୍ର ୨୨ ବର୍ଷର ହୋଇଥିଲେ ହେଁ ତାଙ୍କ ଉପରେ ଏବେ ପରିବାରର ଗୁରୁଦାୟିତ୍ୱ। ୨୦୨୩ରେ ଆଣ୍ଠୁରେ ଗୁରୁତର ଆଘାତ ପାଇଥିଲେ ବିୟୁଟି। ସେ ଆଉ କେବେ ଭାରତୀୟ ଦଳକୁ ଫେରି ପାରିବେ ବୋଲି ବିଶ୍ୱାସ ରଖି ନ ଥିଲେ। ତେବେ ବାପାଙ୍କୁ ହରାଇବା ଜନିତ ହୃଦୟ ବିଦାରକ ଘଟଣା ତୁଳନାରେ ତାଙ୍କ ଶାରୀରିକ ଯନ୍ତ୍ରଣା ତୁଚ୍ଛ ହୋଇଥିଲା। ପାଖାପାଖି ୨ ବର୍ଷ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଏବେ ବେଙ୍ଗାଲୁରୁରେ ଚାଲିଥିବା ଭାରତୀୟ କ୍ୟାମ୍ପରେ ଯୋଗ ଦେଇଛନ୍ତି ଏହି ପ୍ରତିଭାବାନ ହକି ତାରକା। ପୂର୍ବରୁ ୨୦୨୪ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ଓ ୨୦୨୫ ଏସିଆ କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ରହିଥିଲେ।

"ମୁଁ ଆହତ ସମସ୍ୟାରେ ଥିବାବେଳେ ବାପାଙ୍କ ପରିଲୋକ ଘଟିଲା। ତେଣୁ ରିହାବରେ ମାତ୍ର ୪ ମାସ ରହିବା ପରେ ବାଧହୋଇ ଘରକୁ ଫେରିଥିଲି। ଏକାବେଳେକେ ଅନେକ କିଛି ଘଟିଗଲା। ତେଣୁ ପୁଣିଥରେ କ୍ୟାମ୍ପକୁ ଫେରି ପାରିବା ନେଇ ସନ୍ଦେହରେ ଥିଲି" ବୋଲି ପ୍ରକାଶ କରିଛନ୍ତି ବିୟୁଟି। ବିୟୁଟିଙ୍କ ପାଇଁ ତାଙ୍କ ବାପାଥିଲେ ସବୁଠାରୁ ବଡ଼ ସମର୍ଥକ।

ଝାଡ଼ଖଣ୍ଡର ଏକ ଛୋଟ ଗାଁ ସିମ୍‌ଡେଗାସ୍ଥିତ କରଙ୍ଗଗୁରିରେ ପିଲାଦିନ କାଟିଥିବା ଏହି ହକି ପ୍ରତିଭାଙ୍କ ପାଇଁ ଆର୍ଥିକ ଅସୁବିଧା ସବୁବେଳେ ଲାଗିରହିଥିଲା। ଝିଅର ଖେଳପ୍ରତି ଆଗ୍ରହକୁ ଠିକ୍‌ଭାବେ ପଢ଼ି ପାରିଥିଲେ ବାପା ଆମ୍ବ୍ରୋସ। ୫ ବର୍ଷର ହୋଇଥିବାବେଳେ ଝିଅକୁ ବାଉଁଶରେ ଏକ ହକି ବାଡ଼ି ତିଆରି କରି ଖେଳିବାକୁ ଦେଇଥିଲେ। କାରଣ ହକି ଷ୍ଟିକ୍ କିଣିବାକୁ ତାଙ୍କ ନିକଟରେ ସମ୍ବଳ ନ ଥିଲା। ପରେ ଝିଅର ଖେଳ ସ୍ୱପ୍ନକୁ ସାକାର କରିବା ପାଇଁ ସେ ବାହାର ରାଜ୍ୟକୁ ଯାଇ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥିଲେ। ବାପାଙ୍କ ପରଲୋକ ପରେ ଏବେ ବିୟୁଟି ହିଁ ହେଉଛନ୍ତି ତାଙ୍କ ପରିବାରର ମୁଖ୍ୟ ସ୍ତମ୍ଭ। ଇଣ୍ଡିଆନ ଅଏଲରେ ଚାକିରି କରିଥିବାରୁ ସେ ପରିବାରର ଯତ୍ନ ନେଇ ପାରୁଛନ୍ତି ଏବଂ ଭାଇ ମାନଙ୍କ ପରିବାରକୁ ମଧ୍ୟ ସାହାଯ୍ୟ କରୁଛନ୍ତି। ସେମାନଙ୍କ ଛୋଟ ପିଲାଙ୍କ ପାଠପଢ଼ା ପାଇଁ ମଧ୍ୟ ସହଯୋଗ କରୁଛନ୍ତି। ବିୟୁଟିଙ୍କର ୩ ଭାଇ ଜୁଏଲ, ଶକ୍ତି ଓ ସଚିନ। ଏମାନେ ସମସ୍ତେ ହକି ଖେଳାଳି। ସବୁଠାରୁ ବଡ଼ କଥା ହେଲା ତାଙ୍କ ମା' ନିଳିମା ଆଂଶିକ ପକ୍ଷାଘାତରେ ପୀଡ଼ିତ ଏବଂ ସ୍ମୃତି ଶକ୍ତି ହରାଇଛନ୍ତି। ତେଣୁ ସେ ତାଙ୍କ ଯତ୍ନ ମଧ୍ୟ ନେଉଛନ୍ତି। "ମା ଆଂଶିକ ପକ୍ଷାଘାତରେ ପୀଡ଼ିତ ହେବା ସହ ଅନେକ କଥା ଭୁଲି ଯାଉଛନ୍ତି। ଗୋଟିଏ କଥା ମନେ ପକାଇବା ପାଇଁ ବାରମ୍ବାର ବୁଝାଇବାକୁ ପଡୁଛି। ମୁଁ ତାଙ୍କ ପାଖରେ ସବୁବେଳେ ରୁହେ ବୋଲି ସେ ଚାହାନ୍ତି। ତେଣୁ ମୁଁ ଯେତେବେଳେ ମଧ୍ୟ ବାହାରେ ଥାଏ ସବୁବେଳେ ତାଙ୍କ ପାଖରେ ମନ ରହିଥାଏ। ତେଣୁ ଘରର ଭାବପ୍ରବଣ ଦୁଃଖ ଏବଂ ଅନ୍ତର୍ଜାତୀୟ ହକିର ଚାପ ସହିତ ସନ୍ତୁଳନ ରକ୍ଷା କରିବା ସହଜ ନୁହେଁ। ତେବେ ଖେଳ ଉପରେ ଫୋକସ କରି ପରିବାରର ଆର୍ଥିକ ବୋଝ ହାଲୁକା କରିବା ତାଙ୍କର ଲକ୍ଷ୍ୟ" ବୋଲି ବିୟୁଟି କହିଛନ୍ତି। ଧୀରେଧୀରେ ବିୟୁଟି ହକିରେ ନିଜ ରିଦମ ଫେରି ପାଇଛନ୍ତି। ଜାତୀୟ କ୍ୟାମ୍ପରେ କଠିନ ପରିଶ୍ରମ କରୁଛନ୍ତି। ଆଗକୁ ୨୦୨୬ ବିଶ୍ୱକପ କ୍ୱାଲିଫାୟର୍ସ ରହିଛି। ନିଜ ଦକ୍ଷତା ବଳରେ ଭାରତକୁ ଆଗକୁ ନେବାକୁ ସେ ପ୍ରତିଶ୍ରୁତିବଦ୍ଧ ଥିବା କହିଛନ୍ତି।



ଅଭ୍ୟାସ ଅବସରରେ ସାଥୀ ଖେଳାଳିଙ୍କ ସହ ବିୟୁଟି (ବାମ)।

# ଧାୱନଙ୍କୁ ଆଶ୍ୱସ୍ତି



ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଶିଖର ଧାୱନ ତାଙ୍କ ପୂର୍ବତନ ସ୍ତ୍ରୀ ଆୟେଶା ମୁଖାର୍ଜୀଙ୍କ ବିରୋଧରେ କରିଥିବା ମକଦ୍ଦମାରେ ବୁଧବାର ତାଙ୍କୁ ଆଶ୍ୱସ୍ତି ମିଳିଛି। ପଟିଆଲା ହାଉସ୍ କୋର୍ଟଙ୍କ ଫ୍ୟାମିଲି କୋର୍ଟ ଧାୱନଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ବିଦେଶୀ ଅଦାଲତଙ୍କ ଆଦେଶର କାର୍ଯ୍ୟକାରିତା ଉପରେ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବା ସହ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈବାହିକ ବିବାଦରେ ଅଷ୍ଟ୍ରେଲିଆନ ଫ୍ୟାମିଲି କୋର୍ଟ ଦେଇଥିବା ଆଦେଶ ଭାରତରେ ଧାୱନଙ୍କ ଲାଗି ବାଧ୍ୟତାମୂଳକ ନୁହେଁ। ସମ୍ପତ୍ତି ସମାଧାନ ସମ୍ପର୍କିତ ବିବାଦରେ ବିଦେଶୀ ଅଦାଲତଙ୍କ ରାୟକୁ ଖାରଜ କରିବା ସହ ଦେଶ ଭିତରେ ତାଙ୍କ ବିରୋଧରେ ସେଗୁଡ଼ିକୁ ଲାଗୁ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଏଥିସହିତ ଧାୱନ ସ୍ୱାକ୍ଷର କରିଥିବା ଆର୍ଥିକ ଚୁକ୍ତିନାମା ଓ ଏଥି ସମ୍ପର୍କିତ ତଥ୍ୟକୁ ବିଚାରପତି ଅବୈଧ ବୋଲି ଘୋଷଣା କରିଛନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ଅଷ୍ଟ୍ରେଲିଆରେ ଥିବା ସମ୍ପତ୍ତିର ବିକ୍ରି ବାବଦକୁ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବେରିୱିକ ସମ୍ପତ୍ତିରୁ ମଧ୍ୟବର୍ତ୍ତିକାଳୀନ ସମ୍ପତ୍ତି ସମାଧାନ ବାବଦକୁ ମିଳିଥିବା ପ୍ରାୟ ୫.୭ କୋଟି ସହ କ୍ଲାଇଡ୍ ନର୍ଥରେ ଥିବା ୮୨ ହଜାର ଅଷ୍ଟ୍ରେଲିଆନ୍ ଡଲାରର ଅନ୍ୟ ଏକ ସମ୍ପତ୍ତି ସାମିଲ ରହିଛି। ଏଥିସହିତ ମକଦ୍ଦମା ଦାଏର ହେବା ଦିନଠାରୁ ସମ୍ପୂର୍ଣ୍ଣ ଟଙ୍କା ମିଳିବା ପର୍ଯ୍ୟନ୍ତ ସୁଧ ହାର ୯ପ୍ରତିଶତ ରହିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀ DHARITRI 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୭/୨୦୨୬ Bhubaneswar, Friday, February 27/ 2026

# ରାଜ୍ୟ ରାପିଡ୍, ବ୍ଲିଜ୍ ଚେସ୍ ୨୮ରୁ

ଭୁବନେଶ୍ୱର, ୨୬।୨ (ତପନ ସ୍ୱାଇଁ)

ରାଜ୍ୟର ଅଗ୍ରଣୀ ଚେସ୍ ସଙ୍ଗଠନ ଟ୍ରିପଲ ସି ଚେସ୍ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨୮ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ରାପିଡ୍ ଏବଂ ବ୍ଲିଜ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଫୁଲନଖରାସ୍ଥିତ ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସରରେ ଏହି ପ୍ରତିଯୋଗିତା ୨ ଦିନଧରି ଖେଳାଯିବ। ଏହି ପ୍ରତିଯୋଗିତାରେ ରାଜ୍ୟର ଯେ କୌଣସି ଖେଳାଳି ଭାଗ ନେଇପାରିବେ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଟ୍ରିପଲ ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ କିମ୍ବା ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବା ନିମନ୍ତେ କ୍ଲବ୍ ସଭାପତି ବିଶ୍ୱଜିତ ରାୟ ପରାମର୍ଶ ଦେଇଛନ୍ତି। ମାର୍ଚ୍ଚ ୧୧ରୁ ୧୩ ଝାଡ଼ଖଣ୍ଡର ରାଞ୍ଚିଠାରେ ଜାତୀୟ ରାପିଡ ଏବଂ ବ୍ଲିଜ ଚେସ୍ ଅନୁଷ୍ଠିତ ହେବ। ତେଣୁ ରାଜ୍ୟ ପ୍ରତିଯୋଗିତାରୁ ଉଭୟ ବିଭାଗର ଶ୍ରେଷ୍ଠ ୨ ଜଣ ଖେଳାଳି ଜାତୀୟ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ବିଶ୍ୱଜିତ ପ୍ରକାଶ କରିଛନ୍ତି।

# ଭାରତର ସେମି ଆଶା ଉଜ୍ଜୀବିତ

ଚେନ୍ନାଇ, ୨୬।୨

ବ୍ୟାଟରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଟି୨୦ ବିଶ୍ୱକପ୍‌ରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ସୁପର-୮ ମ୍ୟାଚ୍‌ରେ ଭାରତ ୭୨ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ପ୍ରଥମେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୫୬ ରନ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଭାରତ ପାଇଁ ସର୍ବାଧିକ ଓ ଚଳିତ ସଂସ୍କରଣର ସର୍ବାଧିକ ଦଳଗତ ସ୍କୋର। ଏହି ବିଜୟ ସହ ଭାରତୀୟ ଦଳ ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଥିବା ବେଳେ ଦକ୍ଷିଣ ଆଫ୍ରିକା ଅନ୍ତିମ-୪ରେ ସ୍ଥାନ ପକ୍କା କରିଛି। ଭାରତକୁ ବର୍ତ୍ତମାନ ସେମିଫାଇନାଲରେ ସ୍ଥାନ ନିଶ୍ଚିତ କରିବା ପାଇଁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌କୁ ଜିତିବାକୁ ପଡ଼ିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ୪୮ ରନର ଆରମ୍ଭ ଦେଇଥିଲେ। ସାମସନ ୧୫ ବଲରେ ୨୪ (୧ ଚୌକା ଓ ୨ ଛକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ନଂ-୩ ପୋଜିଶନରେ ଆସିଥିବା ଇଶାନ କିଶନଙ୍କ ସହ ଅଭିଷେକ ମିଶି ଦ୍ୱିତୀୟ ଉଇକେଟରେ ୭୨ ରନ ଯୋଡ଼ିଥିଲେ। ଇଶାନ ୨୪ ବଲରେ ୩୮ (୪ ଚୌକା ଓ ୧ ଛକା) ଓ ଅଭିଷେକ ୩୦ ବଲରେ ୫୫ (୪ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧୩ ବଲରେ ୩୩ (୩ ଚୌକା ଓ ୨ ଛକା) ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଶେଷ ଆଡ଼କୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଲକ ବର୍ମା ଅବିଭାଜିତ ପଞ୍ଚମ ଉଇକେଟରେ ୩୧ ବଲରେ ଦ୍ରୁତ ୮୪ ରନ ଯୋଡ଼ିଥିଲେ। ଫଳରେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୫୬ ରନ କରିଥିଲା, ଯାହାକି ଟୁର୍ନାମେଣ୍ଟ ଇତିହାସରେ ଦ୍ୱିତୀୟ ସର୍ବାଧିକ। ତିଲକ ବର୍ମା ୧୬ ବଲରେ ୪୪ (୩ ଚୌକା ଓ ୪ ଛକା) ଓ ହାର୍ଦ୍ଦିକ ୨୩ ବଲରେ ୫୦ (୨ ଚୌକା ଓ ୪ ଛକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଜିମ୍ବାୱେ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୬ ଉଇକେଟ ହରାଇ ୧୮୪ ରନ କରିପାରିଥିଲା। ଦଳ ପାଇଁ ବ୍ରାଏନ ବେନେଟ ୫୯ ବଲରେ ଅପରାଜିତ ୯୭ (୮ ଚୌକା ଓ ୬ ଛକା) ଓ ଅଧିନାୟକ ସିକନ୍ଦର ରଜା ୩୧ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଭାରତ ପାଇଁ ଅର୍ଶଦୀପ ସିଂ ୩ ଉଇକେଟ ନେଇଥିଲେ।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଅଭିଷେକ ଶର୍ମା।

**ଟି୨୦ ବିଶ୍ୱକପ୍**
(ଆଜିର ମ୍ୟାଚ୍)
**ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୫୬/୪ (ଅଭିଷେକ ଶର୍ମା-୫୫, ହାର୍ଦ୍ଦିକ ପାଣ୍ଡ୍ୟା-୫୦*, ତିଲକ ବର୍ମା-୪୪*, ଇଶାନ କିଶନ-୩୮, ସୂର୍ଯ୍ୟକୁମାର ଯାଦବ-୩୩, ସିକନ୍ଦର ରଜା-୧/୨୯)। ଜିମ୍ବାୱେ: ୨୦ ଓଭରରେ ୧୮୪/୬ (ବ୍ରିଆନ ବେନେଟ-୯୭*, ସିକନ୍ଦର ରଜା-୩୧; ଅର୍ଶଦୀପ ସିଂ-୩/୨୪, ବରୁଣ ଚକ୍ରବର୍ତ୍ତୀ-୧/୩୫)।

# ସୁରକ୍ଷା ମାଗିଲେ ଶନକା

କଲମ୍ବୋ, ୨୬।୨ (ପି.ଟି.)

ଚଳିତ ଟି୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି କେବଳ ଖେଳାଳିଙ୍କ ଫିଟ୍‌ନେସ ଓ ଫର୍ମ ଦାୟୀ ନୁହେଁ, ବରଂ ଦଳ ବାହାରେ ସୃଷ୍ଟି ହୋଇଥିବା ନକାରାତ୍ମକ ପରିବେଶ ମଧ୍ୟ ଦାୟୀ। ସେମିଫାଇନାଲ ଦୌଡ଼ରୁ ଶ୍ରୀଲଙ୍କା ବିଦାୟ ନେବା ପରେ ଅଧିନାୟକ ଦାସୁନ ଶନକା ଏହା କହିଛନ୍ତି। ଏଥିସହିତ ତାଙ୍କ ଖେଳାଳିଙ୍କୁ ସମାଲୋଚନାଠାରୁ ସୁରକ୍ଷା ଦେବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଜଣେ ଖେଳାଳି ଭାବେ ଆମ ପାଇଁ ବାହ୍ୟ ସମାଲୋଚନାକୁ ନିୟନ୍ତ୍ରଣ କରିବା କଷ୍ଟକର। ଏଣୁ ପ୍ରାୟତଃ ସମୟରେ ଆମେ ମୁଖ୍ୟତଃ ନକାରାତ୍ମକ ସମାଲୋଚନା ହିଁ ଶୁଣୁ। ଏଣୁ ଜଣେ ଖେଳାଳି ଭାବେ ଆମେ ଯେତେ ସକାରାତ୍ମକ ଥିଲେ ବି, ବାହାରୁ ଦଳ ମଧ୍ୟରେ ଏକ ନକାରାତ୍ମକ ପରିବେଶ ସୃଷ୍ଟି କରାଯାଇଛି। ଏହା ଶ୍ରୀଲଙ୍କା କ୍ରିକେଟର କ୍ଷତି କରୁଛି। ଆମେ ବିଶ୍ୱକପ୍ ହାରିଗଲୁ। ଆମକୁ କାରଣ ଜଣାଅଛି ଏବଂ ଆମେ ସମସ୍ତେ ଚିନ୍ତିତ। ଆମକୁ ଗୋଟିଏ ମ୍ୟାଚ୍ ଖେଳିବାର ଅଛି। ଆମେ ଖେଳିବୁ ଓ ଯିବୁ। କିନ୍ତୁ ସମାଲୋଚନା ବନ୍ଦ ହେବ ନାହିଁ। ଯଦି ସରକାର ହସ୍ତକ୍ଷେପ କରନ୍ତି, ତେବେ ଅତିକମ୍‌ରେ ଭବିଷ୍ୟତରେ ଆସିବାକୁ ଥିବା ଖେଳାଳିଙ୍କ ଲାଗି ଭଲ ହେବ। ମୋ ମତରେ ତାହା ଖେଳାଳିଙ୍କ ମାନସିକ ସ୍ୱାସ୍ଥ୍ୟ ଲାଗି ଭଲ ହେବ ବୋଲି ଶନକା କହିଛନ୍ତି। ଏଥିସହିତ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ସେ ଦେଶବାସୀଙ୍କୁ କ୍ଷମା ମାଗିଛନ୍ତି।

# ସିମୋନ ବାଇଲ୍ସ ଲୌରିଅସ୍ ଆମ୍ବାସାଡର

ନୂଆଦିଲ୍ଲୀ, ୨୬।୨ (ପି.ଟି.)

ସାତ ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଆମେରିକୀୟ ଜିମ୍ନାଷ୍ଟ ସିମୋନ ବାଇଲ୍ସଙ୍କୁ ଲୌରିଅସ୍ ଆମ୍ବାସାଡର କରାଯାଇଛି। ସେ ଷ୍ଟାର ଖେଳାଳିଙ୍କୁ ନେଇ ଗଠିତ ଏକ ଗ୍ରୁପ୍‌ରେ ଯୋଗଦେଇଛନ୍ତି, ଯେଉଁଥିରେ ଭାରତୀୟ ଜାଭେଲିନ୍ ଥ୍ରୋ ଆଇକନ ନୀରଜ ଚୋପ୍ରା ଏବଂ ବିଶ୍ୱକପ୍ ବିଜୟୀ ପୂର୍ବତନ କ୍ରିକେଟର ଯୁବରାଜ ସିଂ ମଧ୍ୟ ସ୍ଥାନ ପାଇଛନ୍ତି।

# ଦ. ଆଫ୍ରିକା ସେମିଫାଇନାଲରେ

ଅହମଦାବାଦ, ୨୬।୨

ପ୍ରଥମେ ପେସରଙ୍କ ଘାତକ ବୋଲିଂ ଓ ପରେ ଅଧିନାୟକ ଏଡେନ ମାରକ୍ରମଙ୍କ ଅପରାଜିତ ୮୧ ରନର ଇନିଂସ ବଳରେ ଗୁରୁବାର ଅପରାହ୍ନରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୯ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଧାର୍ଯ୍ୟ ୧୭୭ ରନର ଟାର୍ଗେଟକୁ ଦ. ଆଫ୍ରିକା ମାତ୍ର ୧୬.୧ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜର ଶୋଚନୀୟ ପରାଜୟ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳକୁ ଏକ ସୁଯୋଗ ପ୍ରଦାନ କରିଛି। ଏହି ମ୍ୟାଚ୍‌ରେ ଜାସନ ହୋଲ୍ଡର ଓ ରୋମାରିଓ ଶେଫର୍ଡ ଅଷ୍ଟମ ଉଇକେଟରେ ୮୯ ରନ ଯୋଡ଼ିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ଅଷ୍ଟମ ଉଇକେଟ ପାଇଁ ସର୍ବାଧିକ।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ମାରକ୍ରମ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ କାଗିସୋ ରାବାଡା (୨/୨୨) ଓ ଲୁଙ୍ଗି ଏନ୍‌ଗିଡି (୩/୩୦) ଉଚିତ ସାବ୍ୟସ୍ତ କରିଥିଲେ। ୱେଷ୍ଟଇଣ୍ଡିଜ୍ ୧୦.୨ ଓଭରରେ ୮୩ ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଜାସନ ହୋଲ୍ଡର ୩୧ ବଲରେ ୪୯ (୪ ଚୌକା ଓ ୩ ଛକା) ଓ ରୋମାରିଓ ଶେଫର୍ଡ ୩୭ ବଲରେ ଅପରାଜିତ ୫୨ (୩ ଚୌକା ଓ ୪ ଛକା) ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦୁହେଁ ୮ମ ଉଇକେଟରେ ରେକର୍ଡ ୮୯ ରନ ଯୋଡ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକାକୁ ଅଧିନାୟକ ମାରକ୍ରମ ଓ କ୍ୱିଣ୍ଟନ ଡି କକ୍ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୮ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୯୫ ରନରେ ପହଞ୍ଚାଇଥିଲେ। ଅଷ୍ଟମ ଓଭରରେ ଡି କକ୍‌ଙ୍କୁ ଆଉଟ୍ କରି ରୋଷ୍ଟନ ଚେଜ ୱେଷ୍ଟଇଣ୍ଡିଜ୍‌କୁ ବହୁ ପ୍ରତୀକ୍ଷିତ ବ୍ରେକ ଥ୍ରୁ ଆଣି ଦେଇଥିଲେ। ହେଲେ ଡି କକ୍ ଆଉଟ୍ ହେବା ପୂର୍ବରୁ ୨୪ ବଲରେ ୪ ଲେଖାଏ ଚୌକା ଓ ଛକା ବଳରେ ୪୭ ରନ କରିଥିଲେ। ଏହାପରେ ମାରକ୍ରମ ଓ ରିଆନ ରିକଲଟନ ଦଳକୁ ଜିତିବା ପାଇଁ ଆବଶ୍ୟକ ଥିବା ରନ ସଂଗ୍ରହ କରି ନେଇଥିଲେ। ଦୁଇ ବ୍ୟାଟର ଅବିଭାଜିତ ଦ୍ୱିତୀୟ ଉଇକେଟରେ ୮୨ ରନ ଯୋଡ଼ିଥିଲେ। ଫଳରେ ଦ. ଆଫ୍ରିକା ୧୬.୧ ଓଭରରେ ୧୭୭ ରନ କରି ନେଇଥିଲା। ମାରକ୍ରମ ୪୬ ବଲରେ ୮୨ (୭ ଚୌକା ଓ ୪ ଛକା) ଓ ରିକଲଟନ ୨୮ ବଲରେ ୪୫ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଏଡେନ୍ ମାରକ୍ରମ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍: ୨୦ ଓଭରରେ ୧୭୬/୮(ରୋମରିଓ ଶେଫର୍ଡ-୫୨*, ଜାସନ ହୋଲ୍ଡର-୪୯, ବ୍ରାଣ୍ଡନ କିଙ୍ଗ-୨୧; ଲୁଙ୍ଗି ଏନ୍‌ଗିଡି-୩/୩୦, କାଗିସୋ ରାବାଡା-୨/୨୨, କର୍ବିନ ବୋଶ୍-୨/୩୧)। ଦ. ଆଫ୍ରିକା: ୧୬.୧ ଓଭରରେ ୧୭୭/୧(ଏଡେନ ମାରକ୍ରମ-୮୧*, କ୍ୱିଣ୍ଟନ ଡି କକ୍-୪୭, ରିଆନ ରିକଲଟନ-୪୫*, ରୋଷ୍ଟନ ଚେଜ-୧/୪୬)।

**ଟି୨୦ ବିଶ୍ୱକପ ସୁପର-୮ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ୍‌ହାର |
|---|---|---|---|---|---|---|
| **ଗ୍ରୁପ୍-୧** | | | | | | |
| ଦ.ଆଫ୍ରିକା | ୨ | ୨ | ୦ | ୦ | ୪ | +୨.୮୯୦ |
| ୱେଷ୍ଟଇଣ୍ଡିଜ୍ | ୨ | ୧ | ୧ | ୦ | ୨ | +୧.୭୯୧ |
| ଭାରତ | ୨ | ୧ | ୧ | ୦ | ୨ | -୦.୧୦୦ |
| ଜିମ୍ବାୱେ | ୨ | ୦ | ୨ | ୦ | ୦ | -୪.୪୭୫ |
| **ଗ୍ରୁପ୍-୨** | | | | | | |
| ଇଂଲଣ୍ଡ | ୨ | ୨ | ୦ | ୦ | ୪ | +୧.୪୯୧ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ | +୩.୦୫୦ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | -୦.୪୬୧ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | ୦ | -୨.୮୦୦ |

# ସମଲେଶ୍ୱରୀ ସ୍ପୋର୍ଟିଂକୁ ହରାଇଲା କେରଳ


ପ୍ରଥମ ସେମିଫାଇନାଲ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ**

ସମ୍ବଲପୁର, ୨୬।୨ (ବି.ଶଙ୍କର)

ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ୧୪ତମ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ବିଜୟୀ ହୋଇଛି। ଏଥିସହ କେରଳ ଦଳ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲ ମ୍ୟାଚ କେରଳ ବନାମ ସମଲେଶ୍ୱରୀ ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା। ମ୍ୟାଚର ୩୮ତମ ମିନିଟରେ କେରଳ ଦଳର ଶ୍ରୀରାଜ.କେ ଏକ ଦର୍ଶନୀୟ ଗୋଲ ସ୍କୋର କରିଥିଲେ । ଏହାପରେ ସମଲେଶ୍ୱରୀ ସ୍ପୋର୍ଟିଂ ଖେଳାଳିମାନେ ଯୋଜନାବଦ୍ଧ ଭାବେ ବିପକ୍ଷ କେରଳ ଗୋଲ ପୋଷ୍ଟ ଉପରେ ତୁହାକୁ ତୁହା ଆକ୍ରମଣ ଜାରି ରଖିଥିଲେ । କିନ୍ତୁ ଫିନିଶିଂ ଅଭାବରୁ ଦଳ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲା । କେରଳ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା । ରେଫରୀ ସୁବ୍ରତ କୁମାର ପୁରୋହିତ ମଝି ପଡିଆରେ ମ୍ୟାଚ ପରିଚାଳନା କରିଥିଲେ । ତାଙ୍କୁ ଲାଇନରେ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଅରୁଣ ନାୟକ ସହଯୋଗ କରିଥିଲେ । ଆଶୀର୍ବାଦ କାନୁନ୍‌ଗୋ ଚତୁର୍ଥ ରେଫରୀ ଏବଂ ଶ୍ରୀକାନ୍ତ ବହିଦାର ମ୍ୟାଚ କମିଶନର ଥିଲେ । ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ପାଦକ ଅତନୁ ଘୋଷଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଅତିଥି ସ୍ୱାଗତ କରିଥିଲେ । ସମ୍ବଲପୁର ଏମ୍‌ପି ପ୍ରତିନିଧି ନାଉରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଦୂରଦର୍ଶନ ଅଫିସିଆଲ ବ୍ରଡ୍‌କାଷ୍ଟିଂ ପାର୍ଟନର

ନୂଆଦିଲ୍ଲୀ, ୨୬।୨ (ପି.ଟି.)

ଇଣ୍ଡିଆ ଫୁଟ୍‌ବଲ ଲିଗ୍ (ଆଇଏଫ୍‌ଏଲ୍) ୨୦୨୫-୨୬ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ବେଳେ ଦୂରଦର୍ଶନ ଏହାର ଅଫିସିଆଲ ପାର୍ଟନର ହୋଇଛି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ଗୁରୁବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଆଇଏଫ୍‌ଏଲ ଡିଡି ସ୍ପୋର୍ଟ୍ସରେ ପ୍ରସାରିତ ହେବ। ଏହା ପ୍ରସାର ଭାରତୀର ଷ୍ଟ୍ରିମିଂ ପ୍ଲାଟଫର୍ମ ୱେଭ୍ସ ଆପ୍‌ରେ ମଧ୍ୟ ପ୍ରସାରିତ ହେବ। ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ଆଇଏଫ୍‌ଏଲ୍‌ର ଉଦ୍‌ଘାଟନୀ ମ୍ୟାଚ ଲୁଧିଆନାରେ ନାମଧାରୀ ଏଫ୍‌ସି ଓ ଆଇଜଲ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ଆଇଜଲରେ ଦ୍ୱିତୀୟ ମ୍ୟାଚ ଚାନମାରି ଏଫ୍‌ସି ଓ ଗୋକୁଲମ କେରଳ ଏଫ୍‌ସି ମଧ୍ୟରେ ହେବ।

# ଶୁଭମ, ରୋହିତଙ୍କୁ ୫ ଉଇକେଟ ସଫଳତା

**କଳାହାଣ୍ଡି କପ୍**

କଟକ, ୨୬।୨ (କୁମାରଶ୍ରୀ)

ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଗଜପତିର ଶୁଭମ ରାଉତ ଏବଂ ଗଞ୍ଜାମର ରୋହିତ ସାଗରଙ୍କୁ ୫ ଉଇକେଟ ସଫଳତା ମିଳିଛି। ଅଡ଼ଶପୁର ଗ୍ରାଉଣ୍ଡରେ ଗଜପତି ଏବଂ ରାୟଗଡା ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡ଼ା ୧୩୧ରନରେ ଅଲଆଉଟ ହୋଇଥିଲା। ଶୁଭମ ୧୯ରନ ବ୍ୟୟରେ ରାୟଗଡ଼ାର ୫ ବ୍ୟାଟରଙ୍କୁ ପ୍ୟାଭିଲିୟନ ଫେରାଇ ଦଳର ବିପର୍ଯ୍ୟୟ ଘଟାଇଥିଲେ। ଜ୍ଞାନରଞ୍ଜନ ଜେନାଙ୍କ ଅପରାଜିତ ୬୧ରନ ବଳରେ ଗଜପତି ୯ ଉଇକେଟରେ ବିଜୟ ହାସଲ କରିଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଗଞ୍ଜାମ ୯୪ରନରେ କିଟ୍‌କୁ ପରାସ୍ତ କରିଛି। ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ୬୩ରନ ଏବଂ ବି. ସନ୍ତୋଷ କୁମାରଙ୍କ ୫୦ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ସମସ୍ତ ଉଇକେଟ ହରାଇ ୨୧୦ରନ ସଂଗ୍ରହ କରିଥିଲା। ୨୧୧ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କିଟ୍ ୧୧୬ରନରେ ଅଲଆଉଟ ହୋଇଥିଲା। ଗଞ୍ଜାମର ରୋହିତ ସାଗର ୧୧ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବୁଧବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ କଟକ-ଏ ୧୫୨ରନରେ ଝାରସୁଗୁଡାକୁ, କନ୍ଧମାଳ ୪ଉଇକେଟରେ ନୂଆପଡାକୁ, କଳାହାଣ୍ଡି ୬୨ରନରେ ଜଗତ୍‌ସିଂହପୁରକୁ, କେନ୍ଦୁଝର ୬ଉଇକେଟରେ ବାଲେଶ୍ୱରକୁ, ବରଗଡ ୬ ଉଇକେଟରେ ମୟୂରଭଞ୍ଜକୁ, ପୁରୀ ୭ ଉଇକେଟରେ ଭୁବନେଶ୍ୱର-ବି'କୁ, ଅନୁଗୋଳ ୯ ଉଇକେଟରେ ଭଦ୍ରକକୁ ପରାସ୍ତ କରିଛି।


ରୋହିତ ସାଗର


ଶୁଭମ ରାଉତ

# ଜମ୍ମୁ କଶ୍ମୀର ୫୮୪; କର୍ଣ୍ଣାଟକ ୨୨୦/୫

**ରଣଜୀ ଟ୍ରଫି ଫାଇନାଲ**
**ମୟଙ୍କଙ୍କ ଶତକ**

ହୁବଲି, ୨୬।୨

ସ୍ଥାନୀୟ କେଏସ୍‌ସିଏ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ଗୁରୁବାର ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଦୁଇ ଦିନ ନିରନ୍ତର ବ୍ୟାଟିଂ କରିଥିବା ଜମ୍ମୁ କଶ୍ମୀର ତୃତୀୟ ଦିନ ପ୍ରଥମ ଇନିଂସରେ ୫୮୪ ରନରେ ଅଲଆଉଟ୍ ହୋଇଥିଲା। ଜବାବରେ କର୍ଣ୍ଣାଟକ ମୟଙ୍କ ଅଗ୍ରୱାଲଙ୍କ ଅପରାଜିତ ଶତକ ବଳରେ ତୃତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୫ ଉଇକେଟ ହରାଇ ୨୨୦ ରନ କରିଛି। ମ୍ୟାଚ୍‌ରେ ଆହୁରି ଦୁଇ ଦିନ ଥିବା ବେଳେ ଶୁକ୍ରବାର ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି। କାରଣ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ କର୍ଣ୍ଣାଟକକୁ ୩୬୪ ରନ ଦରକାର ଥିବା ବେଳେ ଦଳ ହାତରେ ୫ ଉଇକେଟ ସୁରକ୍ଷିତ ରହିଛି।

ଗୁରୁବାର ଜମ୍ମୁ କଶ୍ମୀର ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୫୨୭/୬ରୁ ବ୍ୟାଟିଂ ଆରମ୍ଭ କରି ୫୭ ରନ ମଧ୍ୟରେ ବଳକା ୪ ଉଇକେଟ ହରାଇଥିଲା। ଫଳରେ ପ୍ରଥମ ଥର ରଣଜୀ ଟ୍ରଫି ଟାଇଟଲ ଲକ୍ଷ୍ୟରେ ଥିବା ଜମ୍ମୁ କଶ୍ମୀର ୫୮୪ ରନରେ ଅଲଆଉଟ୍ ହୋଇଥିଲା। ପୂର୍ବଦିନ ଅପରାଜିତ ଥିବା ସାହିଲ ଲୋତ୍ରା ୭୨, ଆବିଦ ମୁସ୍ତାକ ୨୮, ଯୁଧବୀର ସିଂ ଚରକ ୩୦ ରନ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୫ ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମରେ ନ ଥିବା ମୟଙ୍କ ଗୋଟିଏ ପଟେ ଛିଡ଼ା ହୋଇଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଘଟିଥିଲା। ଦଳ ମାତ୍ର ୫୭ ରନ ମଧ୍ୟରେ ଇନ ଫର୍ମ ଲୋକେଶ ରାହୁଲ (୧୩), ଅଧିନାୟକ ଦେବଦତ୍ତ ପାଡିକଲ (୧୧), ଭେଟେରାନ କରୁନ ନାୟାର (୦) ଓ ସମରନ ରବିଚନ୍ଦ୍ରନ (୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ମୟଙ୍କଙ୍କ ସହ ଶ୍ରେୟସ ଗୋପାଲ ମିଶି ଦଳୀୟ ସ୍କୋରରେ ୧୦୫ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୬୨/୪ ଥିବା ବେଳେ ଶ୍ରେୟସ ୨୭ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ ମୟଙ୍କ ଓ କୃଥିକ କ୍ରିଷ୍ଣା ଧୈର୍ଯ୍ୟର ସହ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଦୁହେଁ ଅବିଭାଜିତ ଷଷ୍ଠ ଉଇକେଟରେ ୫୮ ରନ ଯୋଡ଼ିଛନ୍ତି। ଏଥିମଧ୍ୟରେ ମୟଙ୍କ କ୍ୟାରିୟରର ୨୦ତମ ଫାଷ୍ଟ କ୍ଲାସ ଶତକ ପୂରଣ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ଅଗ୍ରୱାଲ ୧୩୦ ଓ କୃଥିକ କ୍ରିଷ୍ଣା ୨୭ ରନରେ ଅପରାଜିତ ରହିଛନ୍ତି। ଜମ୍ମୁ କଶ୍ମୀର ପକ୍ଷରୁ ଅକିବ ନବି ଦାର ୩ ଉଇକେଟ ନେଇଥିବା ବେଳେ ସୁନୀଲ କୁମାର ଓ ଯୁଧବୀର ସିଂ ଚରକ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଶତକ ହାସଲକାରୀ ମୟଙ୍କ ଅଗ୍ରୱାଲ।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୫୮୪/ଅଲଆଉଟ୍ (ଶୁଭମ ପୁଣ୍ଡିର-୧୨୧, ୟାୱେର ହାସନ-୮୮, ସାହିଲ ଲୋତ୍ରା-୭୨; ପ୍ରସିଦ୍ଧ କ୍ରିଷ୍ଣା-୫/୯୮)। କର୍ଣ୍ଣାଟକ ପ୍ରଥମ ଇନିଂସ: ୨୨୦/୫(ମୟଙ୍କ ଅଗ୍ରୱାଲ-୧୩୦*, କୃଥିକ କ୍ରିଷ୍ଣା-୨୭*, ଅକିବ ନବିଦାର-୩/୩୨)।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ